ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର,ରବିବାର, ସେପ୍ଟେମ୍ବର ୧୭/୨୦୨୩ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 17/2023 Page 20 ₹ 7.00 | SAMBALPUR

୪୯ଶ ଭାଗ ୨୯୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 293 ମୂଲ୍ୟ₹୭/-





ବିଶ୍ୱକର୍ମା ଜୟନ୍ତୀ ଉପଲକ୍ଷେ ହାର୍ଦ୍ଦିକ ଶୁଭକାମନା

## ନୂଆ ଭାରତରେ ବିଶ୍ୱକର୍ମାମାନଙ୍କ ଦକ୍ଷତାକୁ ସମ୍ମାନ

# ପିଏମ୍ ବିଶ୍ୱକର୍ମା

ଶୁଭାରମ୍ଭ କରିବେ

## ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

୧୭ ସେପ୍ଟେମ୍ବର, ୨୦୨୩, ପୂର୍ବାହ୍ନ ୧୧.୩୦ ଘଟିକା, ଯଶୋଭୂମି, ଦ୍ୱାରକା, ନୂଆଦିଲ୍ଲୀ

### ଯୋଜନାର ଲାଭ

- ବିଶ୍ୱକର୍ମା ଭାଇ ଓ ଭଉଣୀମାନଙ୍କ ପାଇଁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧକବିହୀନ ଋଣ
- ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ସାଜ ସରଞ୍ଜାମ
- ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଏବଂ ଦିନ ପିଛା ୫୦୦ ଟଙ୍କାର ଷ୍ଟାଇପେଣ୍ଡ
- ପ୍ରସ୍ତୁତ ଉତ୍ପାଦଗୁଡ଼ିକର ଗୁଣବତ୍ତା ପ୍ରମାଣନ, ବ୍ରାଣ୍ଡିଂ ଓ ବିଜ୍ଞାପନ ପାଇଁ ବିପଣନ ସହାୟତା

### ୧୮ ପ୍ରକାର ପାରମ୍ପରିକ କାରିଗର ଏବଂ ଶିଳ୍ପୀମାନେ ଲାଭାନ୍ୱିତ ହେବେ



ବଢ଼େଇ । ଡଙ୍ଗା ନିର୍ମାତା । ଅସ୍ତ୍ରନିର୍ମାତା । କମାର । ଝୁଡ଼ି/ମସିଣା/ଝାଡୁ ନିର୍ମାତା/କତା ବୁଣାକାର ।

କଣ୍ଢେଇ ଓ ଖେଳନା ନିର୍ମାତା (ପାରମ୍ପରିକ) । ସ୍ୱର୍ଣ୍ଣକାର । କୁମ୍ଭାର । ମୋଚି/ଜୋତା/ଚପଲ କାରିଗର । ହାତୁଡ଼ି ଓ ସରଞ୍ଜାମ ନିର୍ମାତା ।

ଭାସ୍କର୍ଯ୍ୟ ଶିଳ୍ପୀ (ପଥର ଖୋଦନକାରୀ), ପଥର ଭାଙ୍ଗୁଥିବା ବ୍ୟକ୍ତି । ରାଜମିସ୍ତ୍ରି । ଭଣ୍ଡାରୀ । ଫୁଲମାଳ ନିର୍ମାତା । ଧୋବା । ଟେଲର

। ମାଛଧରା ଜାଲ ନିର୍ମାତା ।

CBC 25101/13/0002/2324

**ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ**

## ସେନା ଗୁଳିରେ ୩ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର ବରମୁଲା ଜିଲା ନିୟନ୍ତ୍ରଣ ରେଖା(ଏଲ୍‌ଓସି) ନିକଟରେ ଶନିବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୩ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ୩ ଆତଙ୍କବାଦୀ ପିଓକେ ଦେଇ ଭାରତ ସୀମାରେ ଅନୁପ୍ରବେଶ କରିବା ପାଇଁ ଉଦ୍ୟମ କରୁଥିଲେ। ତେବେ ମୃତ ଆତଙ୍କବାଦୀମାନଙ୍କ ସହ କେଉଁ ଆତଙ୍କବାଦୀ ସଂଗଠନର ସମ୍ପର୍କ ଥିଲା ସେ ନେଇ କୌଣସି ସୂଚନା ମିଳିପାରିନାହିଁ।

### ସଂକ୍ଷେପରେ

#### ପ୍ରଶ୍ନପତ୍ର ପ୍ରଘଟ ମାମଲା

## ଅନିଲ ମୀନା, ବାବୁଲାଲ୍ କଟାରା ଗିରଫ

**ନୂଆଦିଲ୍ଲୀ,୧୬।୯(ପି.ଟି.):** ରାଜସ୍ଥାନରେ ପ୍ରଶ୍ନପତ୍ର ଲିକ୍ ମାମଲାରେ ସମ୍ପୃକ୍ତି ନେଇ ରାଜସ୍ଥାନ ଲୋକ ସେବା ଆୟୋଗ (ଆର୍‌ପିଏସ୍‌ସି) ସଦସ୍ୟ ବାବୁଲାଲ୍ କଟାରା ଏବଂ ଅନିଲ କୁମାର ମୀନାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। କଟାରା ଏବଂ ମୀନାଙ୍କୁ ମନିଲଣ୍ଡରିଂ ପ୍ରତିକାର ଆଇନର ବ୍ୟବସ୍ଥା ଅନୁଯାୟୀ ଗିରଫ କରାଯାଇଥିବା ଇଡି ଅଧିକାରୀମାନେ କହିଛନ୍ତି। ସ୍ୱତନ୍ତ୍ର ନିର୍ଦ୍ଦେଶାଳୟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ୩ ଦିନ ପାଇଁ ଇଡି ହାଜତକୁ ପଠାଯାଇଛି। ଆର୍‌ପିଏସ୍‌ସି ପରିଚାଳନାରେ ବରିଷ୍ଠ ଶିକ୍ଷକ ଗ୍ରେଡ୍-୨ ନିଯୁକ୍ତି ଲାଗି ୨୦୨୨ ଡିସେମ୍ବର ୨୨ ଓ ୨୪ ତାରିଖରେ ପରୀକ୍ଷା ହୋଇଥିଲା। ଏହି ପରୀକ୍ଷା ପୂର୍ବରୁ ସାଧାରଣ ଜ୍ଞାନ ପ୍ରଶ୍ନପତ୍ର ଲିକ୍ ନେଇ ରାଜସ୍ଥାନ ପୋଲିସ ମାମଲା ରୁଜୁ କରିଥିଲା। ଇଡି ପକ୍ଷରୁ ଏହାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚାଲିଛି। ଅଭିଯୋଗ ଅନୁଯାୟୀ କଟାରା ପ୍ରଶ୍ନପତ୍ର ଲିକ୍ କରି ଏହାକୁ ଏକ ସିଣ୍ଡିକେଟ୍ ଜରିଆରେ ମୀନାଙ୍କୁ ବିକ୍ରି କରିଥିଲେ। ପ୍ରାର୍ଥୀମାନଙ୍କ ଠାରୁ ୮ରୁ ୧୦ଲକ୍ଷ ଲେଖାଏ ଟଙ୍କା ସଂଗ୍ରହ କରାଯାଇ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିଲା। ଜୁନ୍ ୫ରେ ଇଡି ଅଭିଯୁକ୍ତମାନଙ୍କ ୧୫ଟି ସ୍ଥାନରେ ଚଢ଼ାଉ କରାଯାଇ ବିଭିନ୍ନ ଦସ୍ତାବିଜ୍, ଡିଜିଟାଲ ରେକର୍ଡ ଆଦି ଜବତ ହୋଇଥିଲା। ଗତ ମାସ ୧୮ରେ କଟାରା ଏବଂ ମୀନାଙ୍କ ସମେତ ଅନ୍ୟମାନଙ୍କର ୩.୧୧ କୋଟି ଟଙ୍କାର ସ୍ଥାବର, ଅସ୍ଥାବର ସମ୍ପତ୍ତିକୁ ଇଡି ବାଜ୍ୟାପ୍ତ କରିଥିଲା।

## ୨୩ ନୂଆ ସୈନିକ ସ୍କୁଲ ପ୍ରତିଷ୍ଠା ହେବ

**ନୂଆଦିଲ୍ଲୀ,୧୬।୯:** ଦେଶରେ ଆଉ ୨୩ଟି ନୂଆ ସୈନିକ ସ୍କୁଲ ପ୍ରତିଷ୍ଠା ଲାଗି ଶନିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅନୁମୋଦନ କରିଛନ୍ତି। ଏଗୁଡ଼ିକର ନିର୍ମାଣ ଭାଗୀଦାରି ମୋଡ୍ ହେବ ବୋଲି କୁହାଯାଉଛି। ଏନ୍‌ଜିଓ, ଘରୋଇ ସ୍କୁଲ ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ସହଭାଗିତାରେ ୧୦୦ଟି ନୂଆ ସୈନିକ ସ୍କୁଲ ନିର୍ମାଣ ଲାଗି ଅନୁମୋଦନ କରିଛନ୍ତି। ଏହି ଯୋଜନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଦେଶର ବିଭିନ୍ନ ଅଞ୍ଚଳରେ ୨୩ଟି ସୈନିକ ସ୍କୁଲ ପ୍ରତିଷ୍ଠା ଲାଗି ଚୁକ୍ତି ସ୍ୱାକ୍ଷର ହୋଇଛି। ଜାତୀୟ ଶିକ୍ଷାନୀତି ଅନୁସାରେ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ସହ ଭଲ କ୍ୟାରିୟର ଗଠନ କରିବା ଏବଂ ସାମରିକ ବାହିନୀରେ ଯୋଗଦେବାକୁ ପିଲାଙ୍କୁ ଉତ୍ସାହିତ କରିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ। ଏହା ସହ ସହଭାଗିତାରେ କାମ କରାଯାଉଥିବାରୁ ଦେଶ ଗଠନ କ୍ଷେତ୍ରରେ ଘରୋଇ ଅନୁଷ୍ଠାନଗୁଡ଼ିକ ସରକାରଙ୍କ ସହ ମିଶି କାମ କରିବାର ସୁଯୋଗ ପାଇବେ ବୋଲି କୁହାଯାଇଛି।

## ରୁଷିଆର ବମ୍ଫର, ଯୁଦ୍ଧଜାହାଜ ଦେଖିଲେ କିମ୍



କିମ୍ ଜଙ୍ଗ ଉନ୍ ରୁଷିଆର ମିଶାଇଲ ସିଷ୍ଟମ ଦେଖୁଛନ୍ତି।

**ସିଓଲ,୧୬।୯:** ରୁଷିଆ ଗସ୍ତରେ ଥିବା ଉତ୍ତର କୋରିଆ ନେତା କିମ୍ ଜଙ୍ଗ ଉନ୍ ଶନିବାର ସେଠାରେ ଆଣବିକ ଶକ୍ତିସମ୍ପନ୍ନ ବୋମାବର୍ଷୀ ବିମାନ, ହାଇପର୍‌ସୋନିକ୍ କ୍ଷେପଣାସ୍ତ୍ର ଏବଂ ଅତ୍ୟାଧୁନିକ ଯୁଦ୍ଧଜାହାଜ ଦେଖିଛନ୍ତି। ସେ ରୁଷିଆର ଦୂରପ୍ରାଚ୍ୟ ଅଞ୍ଚଳ ପରିଦର୍ଶନ କରିଥିଲେ। ଟ୍ରେନ୍ ଯୋଗେ ଆର୍ଟ୍ୟୋମ୍ ସହରରେ ପହଞ୍ଚିବା ପରେ କିମ୍ ସେଠାରୁ ବନ୍ଦର ସହର ଭ୍ଲାଡିଭୋଷ୍ଟୋକ ବାହାରେ ଥିବା ବିମାନବନ୍ଦରକୁ ଯାଇଥିଲେ। ସେଠାରେ ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଏବଂ ଅନ୍ୟ ବରିଷ୍ଠ ସାମରିକ ଅଧିକାରୀମାନେ କିମ୍‌ଙ୍କୁ ବମ୍ଫର ଓ ଅନ୍ୟ ଯୁଦ୍ଧବିମାନ ଦେଖାଇଥିଲେ। ୟୁକ୍ରେନ୍ ଯୁଦ୍ଧରେ ଏହିସବୁ ଯୁଦ୍ଧବିମାନ ଏବଂ ବମ୍ଫରକୁ ନିୟୋଜିତ କରାଯାଇଛି। ଗତ ଜୁଲାଇରେ ଶୋଇଗୁ ଉତ୍ତର କୋରିଆ ଯାଇଥିବାବେଳେ ସେଠାରେ କିମ୍‌ଙ୍କୁ ରୁଷିଆର ସଦ୍ୟତମ ମିଶାଇଲ୍ ହାଇପରସୋନିକ୍ କିଞ୍ଜାଲ ଦେଖାଇଥିଲେ।



ହିମାଚଳ ପ୍ରଦେଶର କୁଲ୍ଲୁରେ ପର୍ଯ୍ୟଟକମାନେ ନୌଚାଳନା ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

# 'ହିଂସା ଯୋଗୁ ଭାରତର ଛବି ଖରାପ ହେଉଛି'

### ସିଡବ୍ଲ୍ୟୁସିର ବୈଠକରେ ଖାର୍ଗେଙ୍କ ଅଭିଯୋଗ

**ହାଇଦ୍ରାବାଦ,୧୬।୯(ପି.ଟି.)**

ଦେଶ ଅନେକ ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହେଉଥିବାବେଳେ ହିଂସାତ୍ମକ ଘଟଣା ଭାରତର ପ୍ରଗତିଶୀଳ ଏବଂ ଧର୍ମନିରପେକ୍ଷ ଛବିକୁ ମଳିନ କରୁଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶନିବାର କହିଛନ୍ତି। ଏଥିସହିତ ଭାଜପା ନିଆଁରେ ଘିଅ ଢାଳୁଥିବା ସେ ଅଭିଯୋଗ କରିଛନ୍ତି। ନବଗଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ପ୍ରଥମ ବୈଠକରେ ଉଦ୍‌ଘାଟନୀ ଭାଷଣ ଦେଇ ଖାର୍ଗେ କହିଥିଲେ, ସମାଜର ଅବହେଳିତ ବର୍ଗଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି ଏବଂ ଖାଦ୍ୟ ସୁରକ୍ଷା ଅଧିକାରକୁ ସୁରକ୍ଷିତ କରିବାକୁ ହେଲେ ଏକ ଜାତିଭିତ୍ତିକ ସର୍ଭେ ସହ ଜନଗଣନା ପ୍ରକ୍ରିୟା ତୁରନ୍ତ ଆରମ୍ଭ ହେବା ତାଙ୍କ ଦଳ ଦାବି କରୁଛି। ଗୁରୁତ୍ୱପୂର୍ଣ୍ଣ ମୌଳିକ ପ୍ରସଙ୍ଗଗୁଡ଼ିକ ଉପରେ ଇଣ୍ଡିଆ ବ୍ଲକ୍‌ର ୨୭ଟି ଦଳ ଏକାଠି ଛିଡ଼ାହୋଇଛନ୍ତି। ଏହି ମେଣ୍ଟର ୩ଟି ସଫଳ ବୈଠକ ପରେ ଦେଶର ଜନବିରୋଧୀ ଏବଂ ଗଣତନ୍ତ୍ର ବିରୋଧୀ ଭାଜପା ସରକାର ବିରୋଧରେ ଏକାଠି ଲଢ଼ିବା ପାଇଁ ବିରୋଧୀ ମେଣ୍ଟ ଆଗେଇ ଆସିଛି। ଏଥିରେ ଭୟଭୀତ ହୋଇ ଭାଜପା ନେତାମାନେ ବିରୋଧୀ ଦଳଗୁଡ଼ିକ ବିରୋଧରେ ପ୍ରତିରୋଧାତ୍ମକ କାର୍ଯ୍ୟ ଆରମ୍ଭ କରିଥିବା ଖାର୍ଗେ ଅଭିଯୋଗ କରିଛନ୍ତି। ପାର୍ଲାମେଣ୍ଟରେ ବିରୋଧୀଙ୍କ ସ୍ୱର ଚାପିଦେବା ଲାଗି ସରକାରଙ୍କ ଉଦ୍ୟମକୁ ଖାର୍ଗେ ଦୃଢ଼ ନିନ୍ଦା କରିଛନ୍ତି। ପାର୍ଲାମେଣ୍ଟର ଆଗାମୀ ସ୍ୱତନ୍ତ୍ର ଅଧିବେଶନରେ ଶାସକ ଦଳର ଉଦ୍ଦେଶ୍ୟକୁ ନେଇ ଚିନ୍ତା ବଢ଼ୁଥିବା ସେ କହିଛନ୍ତି।

ଅନେକ ଗମ୍ଭୀର ଆଭ୍ୟନ୍ତରୀଣ ପ୍ରସଙ୍ଗର ସମ୍ମୁଖୀନ ହୋଇଥିବା ଦେଶ ଏବେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବାବେଳେ ଦରଦାମ୍ ବୃଦ୍ଧି, ବେରୋଜଗାରି, ମଣିପୁର ହିଂସା, ବଢ଼ୁଥିବା ଅସମାନତାକୁ ନିୟନ୍ତ୍ରଣ କରିବାରେ ନରେନ୍ଦ୍ର ମୋଦି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା କଂଗ୍ରେସ ଅଧ୍ୟକ୍ଷ ଅଭିଯୋଗ କରିଛନ୍ତି। ମଣିପୁରର ଦୁଃଖଦ ଘଟଣାକୁ ସାରା ଦେଶ ଦେଖିଥିବାବେଳେ ମୋଦି ସରକାର ଏହି ନିଆଁକୁ ହରିୟାଣାର ନୁହରେ ପହଞ୍ଚାଇବାକୁ ଅନୁମତି ଦେଇଥିବା ଖାର୍ଗେ କହିଛନ୍ତି। ଏହିସବୁ ଘଟଣା ଦେଶର ଆଧୁନିକ,ପ୍ରଗତିଶୀଳ ତଥା ଧର୍ମନିରପେକ୍ଷ ଭାବମୂର୍ତ୍ତିକୁ ମଳିନ କରିଛି। ଏଭଳି ସ୍ଥିତିରେ ଶାସକ ଦଳ, ସାମ୍ପ୍ରଦାୟିକ ସଂଗଠନ ଏବଂ ଗଣମାଧ୍ୟମର ଗୋଟିଏ ଗୋଷ୍ଠୀ ନିଆଁରେ ଘିଅ ଢାଳୁଥିବା ଖାର୍ଗେ ଅଭିଯୋଗ କରିଥିଲେ।

ସିଡବ୍ଲ୍ୟୁସିର ପ୍ରଥମ ବୈଠକରେ ୫ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଏବଂ ୨୦୨୪ ଲୋକ ସଭା ନିର୍ବାଚନରେ କଂଗ୍ରେସର ବିଜୟ ପାଇଁ ବିସ୍ତୃତ ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଉପରେ ଆଲୋଚନା ହେବ। ତେଲଙ୍ଗାନାରେ ବିଆର୍‌ଏସ୍ ସରକାରକୁ କ୍ଷମତାରୁ ହଟାଇବା ନିମନ୍ତେ ଦଳ ପକ୍ଷରୁ ବାର୍ତ୍ତା ପଠାଯିବ। ବୈଠକରେ ଖାର୍ଗେଙ୍କ ସମେତ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ, କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଜୟରାମ ରମେଶ ପ୍ରମୁଖ ଯୋଗଦେଇଛନ୍ତି।



ହାଇଦ୍ରାବାଦରେ ସିଡବ୍ଲ୍ୟୁସି ବୈଠକ ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଅନ୍ୟ ନେତାମାନେ।

## ସବୁ ଅନାଥ ପିଲାଙ୍କୁ କୋଭିଡ୍ ଯୋଜନା ସୁବିଧା ମିଳୁ

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

**ନୂଆଦିଲ୍ଲୀ,୧୬।୯(ପି.ଟି.):** କୋଭିଡ୍-୧୯ ମହାମାରୀ ସମୟରେ ଅନାଥ ପିଲାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ପିଏମ୍ କେୟାର୍ସ ଫଣ୍ଡ ସମେତ ଅନ୍ୟାନ୍ୟ ଯୋଜନାର ସୁବିଧା ଯେପରି ସବୁ ଅନାଥ ପିଲାଙ୍କୁ ମିଳିପାରିବ, ତାହା ଦେଖିବା ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ମାଆବାପା ଯେପରି ମରିଥାନ୍ତୁ ନା କାହିଁକି ଅନାଥ ହିଁ ଅନାଥ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। କୋଭିଡ୍‌ରେ ପ୍ରାଣ ହରାଇଥିବା ଲୋକଙ୍କ ଅନାଥ ପିଲାମାନଙ୍କ ପାଇଁ ସରକାରୀ ନୀତିରେ କ'ଣ ସବୁ ନିର୍ଦ୍ଦେଶ ରହିଛି, ଜଣାଇବା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ୍ ବାନାର୍ଜୀଙ୍କୁ କହିଛନ୍ତି। କୋଭିଡ୍‌ରେ ଅନାଥ ହୋଇଥିବା ପିଲାମାନଙ୍କୁ ଶିକ୍ଷା ଅଧିକାର ଆଇନରେ ସୁବିଧା ମିଳୁଛି। କୋର୍ଟଙ୍କ ନିର୍ଦ୍ଦେଶରେ ଅନ୍ୟ ଅନାଥ ପିଲାମାନଙ୍କୁ ମଧ୍ୟ ଅନୁରୂପ ସୁବିଧା ଦିଆଯାଇପାରିବ ବୋଲି ଆବେଦନକାରୀ ପୁଲୋମି ପାଭିନି ଶୁକ୍ଲା ଅଦାଲତଙ୍କୁ କହିଥିଲେ। ଦିଲ୍ଲୀ ଓ ଗୁଜରାଟ ସରକାର ଶିକ୍ଷା ଅଧିକାର ଆଇନରେ ସୁବିଧା ଦେଉଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ତାହା କରିପାରିବେ ବୋଲି ଶୁକ୍ଲା କହିଥିଲେ।

## ଆଇଏସ୍ ନିଯୁକ୍ତି ଅଭିଯାନକୁ ଭଣ୍ଡୁର କରିବା ପାଇଁ ୩୧ ସ୍ଥାନରେ ଏନ୍‌ଆଇଏ ଚଢ଼ାଉ

**ନୂଆଦିଲ୍ଲୀ,୧୬।୯(ପି.ଟି.):** ବିଶ୍ୱ ଆତଙ୍କବାଦୀ ସଂଗଠନ ଆଇଏସ୍ ପକ୍ଷରୁ ଚାଲିଥିବା ମୌଳବାଦ ଓ ନିଯୁକ୍ତି ଅଭିଯାନକୁ ଭଣ୍ଡୁର କରିବା ଲାଗି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ତାମିଲନାଡୁ ଓ ତେଲଙ୍ଗାନାର ୩୧ଟି ସ୍ଥାନରେ ଚଢ଼ାଉ କରିଛି। ଏହି ଚଢ଼ାଉ ବେଳେ ଡିଜିଟାଲ ଉପକରଣ, ଦସ୍ତାବିଜ୍, ସ୍ଥାନୀୟ ଭାଷା ଓ ଆରବିକ୍ ଭାଷାରେ ଆପରାଧିକ ପୁସ୍ତକ, ନଗଦ ୬୦ ଲକ୍ଷ ଟଙ୍କା ଏବଂ ୧୮,୨୦୦ ଡଲାର ଜବତ ହୋଇଛି। ଜବତ ହୋଇଥିବା ମୋବାଇଲ୍ ଫୋନ୍, ଲାପ୍‌ଟପ୍ ଏବଂ ହାର୍ଡ ଡିସ୍କଗୁଡ଼ିକର ତଥ୍ୟକୁ ଏନ୍‌ଆଇଏ ଯାଞ୍ଚ କରୁଛି। ତାମିଲନାଡୁର କୋଏମ୍ବାଟୁରର ୨୨ ସ୍ଥାନ, ଚେନ୍ନାଇର ୩ ଏବଂ ଟେଙ୍କାସି ଜିଲାର ଗୋଟିଏ ସ୍ଥାନରେ ଚଢ଼ାଉ ହୋଇଥିବାବେଳେ ହାଇଦ୍ରାବାଦର ୫ ସ୍ଥାନରେ ଚଢ଼ାଉ କରାଯାଇଥିଲା।

## ଲିବ୍ୟା ବନ୍ୟା: ମୃତ୍ୟୁସଂଖ୍ୟା ୧୧ ହଜାର

### ୨ ନଦୀବନ୍ଧ ଭାଙ୍ଗିବା ଘଟଣାର ତଦନ୍ତ ଆରମ୍ଭ

**ଡେର୍ନା,୧୬।୯**

ଲିବ୍ୟାରେ ପ୍ରଳୟଙ୍କରୀ ବନ୍ୟାଜନିତ ମୃତ୍ୟୁସଂଖ୍ୟା ଶନିବାର ୧୧ ହଜାର ଟପିଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦୁଇଟି ନଦୀବନ୍ଧ କିପରି ଭାଙ୍ଗିଲା ଲିବ୍ୟା କର୍ତ୍ତୃପକ୍ଷ ତାହାର ତଦନ୍ତ ଆରମ୍ଭ କରିଛନ୍ତି। ଭୂମଧ୍ୟ ସାଗରୀୟ ଝଡ଼ ଡାନିଏଲ୍ ପ୍ରଭାବରେ ପ୍ରବଳ ବର୍ଷା ହେବାରୁ ଗତ ସପ୍ତାହରେ ପୂର୍ବ ଲିବ୍ୟାରେ ଭୟଙ୍କର ବନ୍ୟା ଆସିଥିଲା। ବହୁ ଉଚ୍ଚରେ ବନ୍ୟାପାଣି ମାଡ଼ିଆସିବାରୁ ହଜାର ହଜାର ଲୋକ ସମୁଦ୍ରକୁ ଭାସିଯାଇଥିଲେ। ଲିବ୍ୟାର ରେଡ୍ କ୍ରିସେଣ୍ଟ ସୂଚନା ଅନୁଯାୟୀ ଏବେ ବି ୧୦ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି। ବନ୍ୟା ଯୋଗୁ ମାଡ଼ିଯାଇଥିବା ମାଟି ଖୋଳି ମୃତଦେହ ଖୋଜାଯାଉଛି। ମୃତ୍ୟୁସଂଖ୍ୟା ୧୧,୩୦୦ରେ ପହଞ୍ଚିଥିବା ରେଡ୍ କ୍ରିସେଣ୍ଟ କହିଛି।



## ଛାତ ଭୁଶୁଡ଼ି ୫ ମୃତ

**ଲକ୍ଷ୍ନୌ,୧୬।୯**

ଉତ୍ତର ପ୍ରଦେଶର ଆନନ୍ଦ ନାଗ ଅଞ୍ଚଳରେ ଶନିବାର ଏକ ପୁରୁଣା ଘର ଛାତ ଭୁଶୁଡ଼ି ଗୋଟିଏ ପରିବାରର ୩ ଶିଶୁଙ୍କ ସମେତ ୫ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଆଲମ ବାଗ୍ ଥାନା ଅନ୍ତର୍ଗତ ରେଲୱେ କଲୋନିରେ ଏହି ଘଟଣା ଘଟିଛି। ସଦସ୍ୟ ସତୀଶ ଚନ୍ଦ୍ରଙ୍କ ପରିବାର ଲୋକେ ଶୋଇଥିବାବେଳେ ଛାତ ଭୁଶୁଡ଼ି ପଡିଥିଲା। ସକାଳୁ ପରିମଳ କର୍ମଚାରୀ ଘଟଣା ସମ୍ପର୍କରେ ସ୍ଥାନୀୟ ପୋଲିସ ଓ ଏନ୍‌ଡିଆର୍‌ଏଫ୍‌କୁ ଜଣାଇଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମସ୍ତ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଜି ସର୍ବଦଳୀୟ ବୈଠକ

**ନୂଆଦିଲ୍ଲୀ,୧୬।୯(ପି.ଟି.)**

ସୋମବାରଠାରୁ ପାର୍ଲାମେଣ୍ଟର ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ କେନ୍ଦ୍ର ସରକାର ରବିବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ସରକାର ଅଧିବେଶନ ସମ୍ପର୍କରେ ବିଭିନ୍ନ ଦଳର ନେତାମାନଙ୍କୁ ସୂଚନା ଦେବା ସହ ସେମାନଙ୍କ ମତାମତ ଶୁଣିବେ। ଅସମୟରେ ଅଧିବେଶନ ଡକାଯିବାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ରହିଛନ୍ତି। ସମ୍ବିଧାନ ସଭା ଆରମ୍ଭଠାରୁ ପାର୍ଲାମେଣ୍ଟର ୭୫ ବର୍ଷର ଯାତ୍ରା ଉପରେ ଅଧିବେଶନରେ ସ୍ୱତନ୍ତ୍ର ଆଲୋଚନା ହେବ ବୋଲି କୁହାଯାଉଛି। ଏହା ବ୍ୟତୀତ ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କୁ ନିଯୁକ୍ତି ସମ୍ପର୍କିତ ବିଲ୍ ଉପରେ ଆଲୋଚନା କରି ଏହାକୁ ଉକ୍ତ ଅଧିବେଶନରେ ଗୃହୀତ କରାଇବାକୁ ସରକାର ଉଦ୍ୟମ କରିପାରନ୍ତି।

GANDHI INSTITUTE
B.Ed
BALANGIR
Rajendra University Chowk, Near Look At Me
Call No. 9777988852, 9777988870
www.gandhiinstitute.in
DIRECT ADMISSION NO DONATION
For
ARTS & SCIENCE
IMPERIAL PRESIDENCY (+2 COLLEGE)
HIGHER SECONDARY SCHOOL
Admission- 8th Sept. to 18 Sept.
For Arts- 15,000/- Per Year
For Science- 20,000/- Per Year
100% RESULT
Hostel Facility available for (Boys & Girls)
Contact- 8249908311, 9556711974

# ଭାରତ-କାନାଡ଼ା ବାଣିଜ୍ୟ ଆଲୋଚନା ସ୍ଥଗିତ

**ନୂଆଦିଲ୍ଲୀ,୧୬।୯**

ଜି୨୦ ସମ୍ମିଳନୀରେ ଯୋଗଦେବାକୁ ନୂଆଦିଲ୍ଲୀ ଆସିଥିବା କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିସ୍ ଟ୍ରୁଡୋଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାରେ ବିଚ୍ଛିନ୍ନତାବାଦୀ କାର୍ଯ୍ୟ ବଢ଼ିବା ସହ ଭାରତୀୟ କୂଟନୈତିକ ମିଶନ ଉପରେ ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରୁଥିବା ପ୍ରସଙ୍ଗ ଉଠାଇ ଏହାର ନିନ୍ଦା କରିଥିଲେ। ଫଳରେ ଅକ୍ଟୋବରରେ ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଆଲୋଚନାକୁ କାନାଡ଼ା ସ୍ଥଗିତ ରଖିଛି। ଚଳିତ ବର୍ଷ ପ୍ରାରମ୍ଭିକ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପୂର୍ବରୁ ଦୁଇ ଦେଶ କହିଥିଲେ। ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟକୁ ନେଇ ହେବାକୁ ଥିବା ବୁଝାମଣାକୁ ରୋକିଦିଆଯାଇଛି।



ଏହି ବାଣିଜ୍ୟ ମିଶନ କାନାଡ଼ାର ଇଣ୍ଡୋ-ପାସିଫିକ୍ ରଣନୀତି ସହ ଜଡ଼ିତ। ଟିମ୍ କାନାଡ଼ା ଟ୍ରେଡ୍ ମିଶନ ପାଇଁ ଭାରତ ଏକ ଆଦର୍ଶ ଲକ୍ଷ୍ୟସ୍ଥଳ ବୋଲି କୁହାଯାଉଥିଲା। ବାଣିଜ୍ୟିକ ସମ୍ପର୍କ ଏବଂ ଉଭୟ ଦେଶର ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧିରେ କାନାଡ଼ା ଏବଂ ଭାରତର ପାରସ୍ପରିକ ସ୍ୱାର୍ଥ ଜଡ଼ିତ ରହିଥିବା କାନାଡ଼ା ପୂର୍ବରୁ କହିଥିଲା। ତେବେ ଖଲିସ୍ତାନୀ କାର୍ଯ୍ୟକଳାପକୁ ନେଇ ଭାରତ ଏବଂ ଦ୍ୱିତୀୟ ସର୍ବାଧିକ ଶିଖ୍ ରହୁଥିବା କାନାଡ଼ା ମଧ୍ୟରେ ସମ୍ପର୍କ ଖରାପ ହୋଇଛି। ସେଠାରେ ଉଗ୍ରପନ୍ଥୀମାନଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପ ଜାରି ରହିଥିବାରୁ ଭାରତ ଏହାକୁ କଡ଼ା ଭାଷାରେ ନିନ୍ଦା କରିଥିଲା। ଉଗ୍ରପନ୍ଥୀମାନେ ଭାରତୀୟ କୂଟନୀତିଜ୍ଞ, କୂଟନୈତିକ ମିଶନ ବିରୋଧରେ ବିଚ୍ଛିନ୍ନତାବାଦ ଏବଂ ହିଂସା ବଢ଼ାଉଥିବା ଏବଂ ସେଠାରେ ଥିବା ଭାରତୀୟ ଏବଂ ସେମାନଙ୍କ ଉପାସନା ସ୍ଥଳ ପ୍ରତି ବିପଦ ବଢ଼ାଉଥିବା ପ୍ରଧାନମନ୍ତ୍ରୀ ମୋଦି ତାଙ୍କ କାନାଡ଼ା ପ୍ରତିପକ୍ଷଙ୍କୁ ଜଣାଇଥିଲେ। ସଂଗଠିତ ଅପରାଧ, ନିଶାଦ୍ରବ୍ୟ ଚୋରା କାରବାର ଏବଂ ମାନବ ଚାଲାଣ ସହ ସମ୍ପୃକ୍ତ ଶକ୍ତି ସହ ସମ୍ପର୍କକୁ ନେଇ କାନାଡ଼ା ଉଦ୍‌ବେଗ ପ୍ରକାଶ କରିବା ଆବଶ୍ୟକ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଥିଲା। ତେବେ ଜି୨୦ ସମିଟ୍ ପୂର୍ବରୁ ଟ୍ରୁଡୋଙ୍କ ସରକାର ଭାରତ ସହ ବାଣିଜ୍ୟ କଥାବାର୍ତ୍ତା ବନ୍ଦ ରଖିବାକୁ ଅନୁରୋଧ କରିଥିବା ନେଇ ଏକ ବିଦେଶୀ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଏହା ପଛର କାରଣ ସମ୍ପର୍କରେ କିଛି ଉଲ୍ଲେଖ କରାଯାଇ ନ ଥିଲା। ସୂଚନାଯୋଗ୍ୟ, ୧୩ ବର୍ଷ ପୂର୍ବରୁ ୨୦୧୦ରେ ଭାରତ ଓ କାନାଡ଼ା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ନେଇ ପ୍ରଥମ ବୁଝାମଣା ଆରମ୍ଭ ହୋଇଥିଲା। କିଛି ବର୍ଷର ନୀରବତା ପରେ ୨୦୨୨ରେ ବିସ୍ତୃତ ଅର୍ଥନୈତିକ ସହଭାଗିତା ରାଜିନାମା ଉପରେ ପୁନଃ ବୁଝାମଣା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଦୁଇ ଦେଶ ମଧ୍ୟରେ ୬ରୁ ଅଧିକ ଥର ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ହୋଇଛି। ଉଭୟେ ସେମାନଙ୍କର କେତେକ ସାମଗ୍ରୀ ଉପରୁ ଶୁଳ୍କ ହ୍ରାସ କିମ୍ବା ଉଚ୍ଛେଦ କରିଥିଲେ। ଏଥିସହିତ ସେବା କ୍ଷେତ୍ରରେ ବାଣିଜ୍ୟ ବଢ଼ାଇବା ଏବଂ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଲାଗି ନିୟମାବଳୀକୁ କୋହଳ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୭/୨୦୨୩
Bhubaneswar, Sunday, September 17/2023

DSPL - 235

ODISHA
INDIA'S BEST KEPT SECRET.



# ଓଡ଼ିଶା ଭାରତର ଉଦୀୟମାନ କ୍ରୀଡ଼ା ହବ୍

"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ ଭବିଷ୍ୟତ ପାଇଁ ବଡ଼ ଶକ୍ତି"

## ମେଗା କ୍ରୀଡ଼ା ପ୍ରତିଯୋଗିତା



### ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାଗୁଡିକର ଓଡ଼ିଶା ପ୍ରମୁଖ ଆୟୋଜକ

- ପୁରୁଷ ହକି ବିଶ୍ୱକପ୍ (୨୦୧୮ ଓ ୨୦୨୩)
- ଫିଫା ୧୭ ବର୍ଷରୁ କମ ମହିଳା ବିଶ୍ୱକପ୍ ୨୦୨୨
- ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ୨୦୧୯
- ବିଡବ୍ଲ୍ୟୁଏଫ-ଓଡ଼ିଶା ଓପନ ୨୦୨୨
- ୨୦ ବର୍ଷରୁ କମ୍ ସାଫ୍ ଚମ୍ପିୟାନସିପ୍
- ଇଣ୍ଟରକଣ୍ଟିନେଣ୍ଟାଲ କପ୍ ୨୦୨୩
- ଆଇଟିଏଫ୍ ଏସିଆ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚମ୍ପିୟାନସିପ୍ସ ୨୦୨୩
- ଏସିଆନ୍ ଆଥଲେଟିକ୍ସ ଚମ୍ପିୟାନସିପ୍ସ ୨୦୧୭






## ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି







ହକି, ଫୁଟବଲ, ଭାରୋତ୍ତୋଳନ, ଟେନିସ୍, ସନ୍ତରଣ ଓ ଆଥଲେଟିକ୍ସ ଆଦି ବିଭିନ୍ନ କ୍ରୀଡ଼ା ପାଇଁ ଅତ୍ୟାଧୁନିକ ଭିତ୍ତିଭୂମି



## ଉତ୍କୃଷ୍ଟ ପ୍ରଶିକ୍ଷଣ

କର୍ପୋରେଟ୍ ଓ କ୍ରୀଡ଼ା ସଂସ୍ଥାଗୁଡ଼ିକ ସହ ଏକ ଅନନ୍ୟ ଭାଗୀଦାରି ମଡେଲରେ ଉତ୍କର୍ଷ କେନ୍ଦ୍ରଗୁଡ଼ିକର ଏକ ହବ୍ ପ୍ରତିଷ୍ଠା କରିବାରେ ଏକମାତ୍ର ରାଜ୍ୟ









- ଆଥଲେଟିକ୍ସ
- କ୍ରୀଡ଼ା ବିଜ୍ଞାନ
- ଶୁଟିଂ
- ଭାରୋତ୍ତୋଳନ
- ଜିମ୍ନାଷ୍ଟିକ୍ସ
- କ୍ରୀଡ଼ା ପରିଚାଳନା
- ସନ୍ତରଣ
- ହକି
- ବ୍ୟାଡମିଣ୍ଟନ୍

OIPR-29001/13/0060/2324

"କ୍ରୀଡ଼ା ଦୃଶ୍ୟପଟର ରୂପାନ୍ତରଣ, କ୍ରୀଡ଼ାବିତ୍‌ଙ୍କ ସଶକ୍ତିକରଣ"

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୭ ସେପ୍ଟେମ୍ବର, ୨୦୨୩

**ଆଜିର ମନ୍ତବ୍ୟ**

"ଦେଶ ଅନେକ ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାବେଳେ ହିଂସାତ୍ମକ ଘଟଣା ଭାରତର ପ୍ରଗତିଶୀଳ ଏବଂ ଧର୍ମନିରପେକ୍ଷ ଛବିକୁ ମଳିନ କରିଛି। **-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚନ୍ଦାମୁଣ୍ଡେ ମାରି ଚନ୍ଦନ ଚିତା**
**ଚର ଚର କରି ଲେଖନ୍ତି ଗୀତା**
**ଚତୁର ପଣକୁ ଦେଖ**
**ଅଧଲା ଗୋଟାକୁ ଭାଜନ ନୁହନ୍ତି**
**ସେହି ବୋଲାନ୍ତି ନାହାକ।**

ନିଜକୁ ଚିତା ଚଇତନରେ ସଜେଇ ସମସ୍ତଙ୍କୁ ନାନା କଥା କହି ପ୍ରଭାବିତ କରୁଥିବା ବ୍ୟକ୍ତି ଧୂର୍ତ୍ତ ବୋଲାଇଥାନ୍ତି। ପରୋକ୍ଷରେ ଠାକୁରଙ୍କ ନାମରେ ବା ଧର୍ମର ଦ୍ୱାହି ଦେଇ ମିଛସତ କହି ବୋକା ବନାଉଥିବା ଭଣ୍ଡ ନାହାକ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଚୋରି ଗଲା ଲୋକର**
**ଭାତ ହାଣ୍ଡିକୁ ଅପତିଆରା।**

ସାଧାରଣତଃ ଯାହାର ଚୋରି ହୋଇଥାଏ, ସେ ବହୁ ଲୋକଙ୍କୁ ଅଯଥାରେ ସନ୍ଦେହ କରିଥାଏ। ଚୋରି ଯାଇଥିବା ବ୍ୟକ୍ତିର ବିଶ୍ୱସ୍ତ ଲୋକ ପ୍ରତି ମନରେ ସନ୍ଦେହ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ହେଲ୍‌ମେଟ୍ ପିନ୍ଧି ନ ଥିଲେ ଏବେ ସାଧାରଣ ଲୋକ ଫଟୋ ଉଠାଇ ପଠାଇବେ




# ଗ୍ରାମାଞ୍ଚଳ ପାଇପ ଜଳ ଯୋଗାଣ ଯୋଜନା ପାଇଁ ଏସ୍‌ସିଏଡିଏ କାର୍ଯ୍ୟକାରୀ ହେବ

**ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମୀକ୍ଷା**

**୪ ବ୍ଲକରେ ପାନୀୟ ଜଳ ସମସ୍ୟାର ସମାଧାନ**

ଭୁବନେଶ୍ୱର, ୧୬।୯
(ଅନିଲ ଦାସ)

ସାରା ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ଗ୍ରାମାଞ୍ଚଳ ପାଇପ ଜଳ ଯୋଗାଣ ଯୋଜନାଗୁଡ଼ିକରେ ତ୍ରୁଟି ଚିହ୍ନଟ ଓ ତୁରନ୍ତ ସମାଧାନ ପାଇଁ ସୁପରଭାଇଜରି କଣ୍ଟ୍ରୋଲ ଆଣ୍ଡ ଡାଟା ଆକ୍ୟୁଜିଶନ (ଏସ୍‌ସିଏଡିଏ) କାର୍ଯ୍ୟକାରୀ କରାଯିବ। ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ କର୍ମଚାରୀ ଯୋଗାଇଦେବା ସହିତ ସମସ୍ତ ପ୍ରକଳ୍ପକୁ ବିଦ୍ୟୁତ୍ ଯୋଗାଣ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକରେ ବିଦ୍ୟୁତ୍ ବିଲ୍ ଆଦାୟଜନିତ ସମସ୍ୟାର ସମାଧାନ ଲାଗି ଏକ ଫଳପ୍ରଦ ପଦ୍ଧତି ବିକାଶ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ରାଜ୍ୟର ବିଭିନ୍ନ ଜିଲା ଗସ୍ତ କରିବା ସମୟରେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଅନେକ ଆପତ୍ତି ଅଭିଯୋଗ ଆସିଥିଲା। ବୈଠକରେ ଆଠଗଡ଼, ନରସିଂହପୁର, ପିପିଲି ଓ ଆଠମଲ୍ଲିକ ବ୍ଲକର ପାନୀୟ ଜଳ ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିଷ୍ପତ୍ତି ହୋଇଛି। ନରସିଂହପୁର ଓ ଆଠଗଡ଼ରେ ନିର୍ମାଣାଧୀନ ସମସ୍ତ ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ଉପଯୁକ୍ତ ତଦାରଖ ସହିତ ପ୍ରକଳ୍ପଗୁଡ଼ିକର ଉଚ୍ଚମାନ ବଜାୟ ରଖିବା ଓ ପ୍ରକଳ୍ପକୁ ଠିକ୍ ସମୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ପିପିଲିରେ ଚାଲୁଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ବିଭିନ୍ନ ସମସ୍ୟାଗୁଡ଼ିକ ଦୂର କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଶେଷକରି ପ୍ରକଳ୍ପଗୁଡ଼ିକର ଉପରମୁଣ୍ଡରେ ବେଆଇନ ଭାବେ ପାଣି ଚୋରି ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ସ୍ୱାସ୍ଥ୍ୟକର୍ମୀଙ୍କୁ ହତ୍ୟା ଅଭିଯୋଗ




ବସନ୍ତ ସାହୁ

■ ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍‌ର ଛାନ୍‌ଭିନ୍
■ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ସମ୍ମୁଖରେ ଧାରଣା

ଧାମନଗର, ୧୬।୯
(ଦେବେନ୍ଦ୍ର ଆଦିଆ/ ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ବସନ୍ତ ସାହୁ (୪୦)ଙ୍କ ମୃତଦେହ ଶନିବାର ସକାଳେ ଏକ ପୋଖରୀ ହୁଡ଼ାରୁ ପୋଲିସ ଜବତ କରିଛି। ମୃତ ବସନ୍ତଙ୍କ ଘର ଏହି ବ୍ଲକର ଗୋବିନ୍ଦପୁର ଗ୍ରାମରେ। ତାଙ୍କ ସାନଭାଇଙ୍କୁ ହତ୍ୟା କରାଯାଇଥିବା ନେଇ ମୃତ ବସନ୍ତଙ୍କ ବଡ଼ଭାଇ ସନ୍ତୋଷ ସାହୁ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ଛାନ୍‌ଭିନ୍ ଆରମ୍ଭ କରିବା ସହ ବାଲେଶ୍ୱରରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିଛି। ଅସୁରାଳି ଅଞ୍ଚଳର ଜଣେ ମହିଳାଙ୍କ ସହ ବସନ୍ତଙ୍କ ସମ୍ପର୍କକୁ ନେଇ ଏପରି ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସନ୍ତୋଷ ଏତଲାରେ ଦର୍ଶାଇଛନ୍ତି ଯେ, ଉକ୍ତ ମହିଳାଙ୍କ ସ୍ୱାମୀ ଓ ବସନ୍ତଙ୍କ ମଧ୍ୟରେ ପୂର୍ବରୁ ବହୁବାର ପାଟିଗୋଳ ହୋଇଥିଲା। ପରେ ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ସମାଧାନ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶୁକ୍ରବାର ଘଟଣାର ସମାଧାନ ପାଇଁ ବସନ୍ତ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ଶନିବାର ବସନ୍ତଙ୍କ ବାଇକ୍ ଓ ପାଣି ବୋତଲ ମୁସ୍ତାଫାପୁରସ୍ଥିତ ଏଏନ୍‌ଏମ୍ ସେଣ୍ଟର ସାମ୍ନାରେ ଥିବା ଦେଖି ଏଏନ୍‌ଏମ୍ ଦିଦି ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ଖୋଜାଖୋଜି କରି ଧାମନଗର କଲେଜ ନିକଟସ୍ଥ ଜରାନିବାସ ସମ୍ମୁଖ ରାଣୀପୋଖରୀ ହୁଡ଼ାଠାରେ ବସନ୍ତଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୩୮/୨୩) ରୁଜୁ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଅପରପକ୍ଷେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଗୋବିନ୍ଦପୁର ଗ୍ରାମର ଶତାଧିକ ଲୋକ ଶନିବାର ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଘଟଣାର ତଦନ୍ତ ଜାରି ରହିଛି ଏବଂ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

# ଘରୁ ଡାକି ନେଇ ହତ୍ୟା, ଠେଙ୍ଗାରେ ପିଟି ମାରିଦେଲେ


କାଙ୍ଗୁଲାରେ ହତ୍ୟାକାଣ୍ଡ ପରେ ଉତ୍ତ୍ୟକ୍ତ ଲୋକେ ଅନୁଗୋଳ-ମହୀଧରପୁର ରାସ୍ତା ଅବରୋଧ କରିଛନ୍ତି।

■ ଅନୁଗୋଳର କାଙ୍ଗୁଲାରେ ଜଣେ, ଅଙ୍ଗାରବନ୍ଧରେ ଜଣଙ୍କୁ ହତ୍ୟା ଅଭିଯୋଗ
■ ଘଟଣାସ୍ଥଳରେ ଉତ୍ତେଜନା, ୫ ଘଣ୍ଟା ରାସ୍ତା ଅବରୋଧ

ଅନୁଗୋଳ, ୧୬।୯
(ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା ଅଞ୍ଚଳରେ ୨ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। କାଙ୍ଗୁଲା ଗ୍ରାମର ସଂଗ୍ରାମ ବେହେରା(୨୨)ଙ୍କୁ ଘରୁ ଡାକି ନେଇ କେହି ହତ୍ୟା କରିଥିବା ବେଳେ ଅଙ୍ଗାରବନ୍ଧ ଗାଁର ସୌମ୍ୟରଞ୍ଜନ ବେହେରାଙ୍କୁ ଠେଙ୍ଗାରେ ପଟି ହତ୍ୟା କରାଯାଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ନେଇ କାଙ୍ଗୁଲା ଗ୍ରାମରେ ସକାଳେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ଅନୁଗୋଳ-ମହୀଧରପୁର ରାସ୍ତାକୁ ୫ ଘଣ୍ଟା ଅବରୋଧ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ଛେଳିଆପଡା ଗାଁରେ ଏକ ଘର ନିର୍ମାଣ ହେଉଛି। ନିର୍ମାଣ କାର୍ଯ୍ୟ କରୁଥିବା ମିସ୍ତ୍ରି ଓ ଶ୍ରମିକମାନଙ୍କ ଖାଇବା କଥା ବୁଝିସାରି ସଂଗ୍ରାମ ଶୁକ୍ରବାର ରାତିରେ ଘରକୁ ଫେରିଥିଲେ। ଏହାପରେ ଗାଁର କେହି ଜଣେ ତାଙ୍କୁ ମଣ୍ଡପରେ ଶୋଇବାକୁ ଡାକିବାରୁ ସେ ଘରୁ ଚାଲିଯାଇଥିଲେ। ହେଲେ ଶନିବାର ତାଙ୍କ ମୃତଦେହ ଛେଳିଆପଡା ଛକ ନିକଟ ଏକ ବାଲିଗଦା ଉପରେ ପଡ଼ିଥିବା ଦେଖାଯାଇଥିଲା। ତାଙ୍କୁ କେହି ହତ୍ୟା କରି ବାଲିଗଦା ଉପରକୁ ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ମୃତଦେହରେ କ୍ଷତ ଚିହ୍ନ ଥିବା ପୋଲିସ ଦେଖିବା ସହ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରାଯାଇଛି। ସେହିପରି ସାମାନ୍ୟ କଥାକୁ ନେଇ ଅଙ୍ଗାରବନ୍ଧର ସୌମ୍ୟ ରଞ୍ଜନଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ସୌମ୍ୟରଞ୍ଜନ ଘର ନିକଟ ରାସ୍ତାରେ ବୁଲାବୁଲି କରୁଥିବା ବେଳେ ସୁଶାନ୍ତ ସାହୁଙ୍କ ସହ କୌଣସି କଥାକୁ ନେଇ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁଶାନ୍ତ ଏକ ଠେଙ୍ଗାରେ ସୌମ୍ୟଙ୍କ ମୁଣ୍ଡକୁ ପଟିଦେଇଥିଲେ। ଏହାପରେ ନିକଟରେ ଥିବା ପୋଖରୀକୁ ଠେଲି ଦେଇ ପଳାଇ ଯାଇଥିଲେ। ଗାଁର ୨ ଜଣ ଯୁବକ ସୌମ୍ୟରଞ୍ଜନଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ପରିବାର ପକ୍ଷରୁ ଏ ନେଇ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ସଦର ଥାନା ପକ୍ଷରୁ କୁହାଯାଇଛି।

# ଅସୁସ୍ଥ ଛୁଆହାତୀକୁ ଛାଡ଼ି ପଳାଇଲା ମା’


ବନ କାର୍ଯ୍ୟାଳୟରେ ଛୁଆହାତୀର ଚିକିତ୍ସା ଚାଲିଛି।

କରଞ୍ଜିଆ, ୧୬।୯
(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡର ବଡଦେଉଳୀ ନିକଟରୁ ଏକ ୧୮ ଦିନର ହାତୀଛୁଆକୁ ବନ ବିଭାଗ ଉଦ୍ଧାର କରିଛି। ଛୁଆହାତୀଟି ଅସୁସ୍ଥ ଥିବାରୁ ତା’ ମା’ ଛାଡ଼ି ଚାଲିଯାଇଛି। ଡାକ୍ତର ଟିମ୍ ସହାୟତାରେ ଚିକିତ୍ସା ଚାଲିଥିବା ବନ ବିଭାଗ ସୂଚନା ଦେଇଛି। ଶୁକ୍ରବାର ସକାଳୁ ଝାଡ଼ଖଣ୍ଡୀ ହାତୀପଲ ଦେଓନଦୀ ଅତିକ୍ରମ କରି କେନ୍ଦୁଝର ବନଖଣ୍ଡରୁ କରଞ୍ଜିଆ ବନଖଣ୍ଡର ବଡ଼ଦେଉଳି ନିକଟରେ ପହଞ୍ଚିଥିଲେ। ପଲରେ ୫ ଦନ୍ତା, ୯ ମାଈ ଓ ୮ ଛୁଆହାତୀ ରହିଛନ୍ତି। ସେଥିରେ ୧୮ ଦିନ ପୂର୍ବରୁ ଜନ୍ମ ହୋଇଥିବା ଗୋଟିଏ ହାତୀଛୁଆର ଦେହ ଅସୁସ୍ଥ ହେବାରୁ ହାତୀପଲ ଓ ମା’ ତାକୁ ଭୁଅଁରା ହୁଡିସାହି ନିକଟରେ ବିଲରେ ଛାଡ଼ି ଦେଇ ବଡ଼ଦେଉଳି ସଂରକ୍ଷିତ ଜଙ୍ଗଲକୁ ଚାଲି ଯାଇଥିଲେ। ଖବରପାଇ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକଙ୍କ ନିର୍ଦ୍ଦେଶମତେ ସହକାରୀ ବନ ସଂରକ୍ଷକ ମଦନମୋହନ ମହାନ୍ତ, କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ, ବନ ସୁରକ୍ଷା ବାହିନୀ ସଦସ୍ୟ ସମରା ହୋ, ରୁଦ୍ର ପ୍ରସାଦ ଲୋହାର, କେଦାର ସୋଏ, ଚନ୍ଦନ ମହାନ୍ତ, ସୁକୁମାର ନାଏକ, ନୀଳକଣ୍ଠ ହେମ୍ବ୍ରମ, ଶଙ୍କର ପାତ୍ର, ଲକ୍ଷ୍ମଣ ଗିରି, ସୁଶାନ୍ତ ସୋଏ, ମିଥୁନ ନାଏକ, ବଳିଆ ପାଲିତା ଓ ଗୁରୁଚରଣ ବଦ୍ରା ପ୍ରମୁଖ ପହଞ୍ଚି ହାତୀଛୁଆକୁ ଉଦ୍ଧାର କରି କରଞ୍ଜିଆ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ଚିକିତ୍ସା କରାଯାଉଥିବା କରଞ୍ଜିଆ ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଅତ୍ୟଧିକ ଥଣ୍ଡା ଓ ଜ୍ୱର ଯୋଗୁ ଅବସ୍ଥା ଉଦ୍‌ବେଗଜନକ ରହିଛି। କରଞ୍ଜିଆ ପ୍ରାଣୀ ଚିକିତ୍ସାଳୟ ଡାକ୍ତର ପ୍ରଦୀପ କୁମାର ସାହୁ ଓ ଡ. ଆଶିଷ କୁମାର ଛୁଆହାତୀର ଚିକିତ୍ସା କରୁଥିବା ବେଳେ ପ୍ରାଣୀ ନିରୀକ୍ଷକ ପୁଷ୍ପାଞ୍ଜଳି ମହାନ୍ତ ଓ ତାପସ ମଲ୍ଲିକ ସେମାନଙ୍କୁ ସହଯୋଗ କରୁଛନ୍ତି।

# ୧୧ ଜିଲାରେ ଶତପ୍ରତିଶତ ପାଠପଢ଼ା : ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ

ଭୁବନେଶ୍ୱର, ୧୬।୯
(ଅସମାପିକା ସାହୁ)

ରାଜ୍ୟର ୧୧ଟି ଜିଲାର ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶତପ୍ରତିଶତ ପାଠପଢ଼ା ଚାଲିଛି। ବାକି ଜିଲାଗୁଡ଼ିକରେ ପ୍ରାୟତଃ ୬୦ ପ୍ରତିଶତ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟ କରୁଛି। ସେହିପରି ରାଜ୍ୟର ପ୍ରାୟ ୬୦ ପ୍ରତିଶତ ଶିକ୍ଷକ ନିଜ କାର୍ଯ୍ୟରେ ଯୋଗଦାନ କରି ଅଧ୍ୟୟନ ଜାରି ରଖିଛନ୍ତି ବୋଲି ଶନିବାର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏଥିସହ ବିଭିନ୍ନ ପ୍ରାଥମିକ ଶିକ୍ଷକ ସଂଘଙ୍କ ସହ ବାରମ୍ବାର ଆଲୋଚନାକୁ ଦୃଷ୍ଟିରେ ରଖି ସମସ୍ତ ଶିକ୍ଷକଙ୍କୁ ନିଜ ନିଜ କାର୍ଯ୍ୟରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଥିବା ସେ କହିଛନ୍ତି। ଅପରପକ୍ଷେ ରାଜ୍ୟ ପ୍ରାଥମିକ ଶିକ୍ଷକ(ଏକ୍ସ-କ୍ୟାଡର) ମହାସଂଘର ଏକ ୬ଜଣିଆ କର୍ମକର୍ତ୍ତା ଶନିବାର ବିଭାଗୀୟ ସବ୍‌କମିଟି ସଦସ୍ୟଙ୍କ ସହିତ ୫ଦଫା ଦାବି ଉପରେ ଆଲୋଚନା କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ମହାସଂଘର ନିଷ୍ପତ୍ତିକ୍ରମେ ସରକାରଙ୍କ ସମସ୍ତ ନୀତି ନିୟମ ମାନି ଏକ୍ସ-କ୍ୟାଡର ଶିକ୍ଷକମାନେ ପୂର୍ବଭଳି ନିୟମିତ ବିଦ୍ୟାଳୟ ପରିଚାଳନା କରିବେ। ଆମେ ସରକାର ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପରେ ଆସ୍ଥା ଓ ବିଶ୍ୱାସ ରଖିଛୁ। ଖୁବ୍‌ଶୀଘ୍ର ସରକାର ଆମ ଦାବିଗୁଡ଼ିକ ସମାଧାନ କରିବେ ବୋଲି ମହାସଂଘ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆନୁଷ୍ଠାନିକ, ସଭାସମିତି, ଧର୍ମକାର୍ଯ୍ୟ, ବନ୍ଧୁ ମିଳନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ବନ୍ଧୁଙ୍କ ସହ ମନାନ୍ତରଜନିତ ମାନସିକ ଅଶାନ୍ତିର ଆଶଙ୍କା ମଧ୍ୟ ରହିଛି। ତଥାପି ଆପଣ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହୋଇପାରିବେ। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅନ୍ୟମାନଙ୍କୁ ସାମୟିକ ସହଯୋଗ ଦେଇ ପରୋକ୍ଷରେ ପ୍ରଶଂସିତ ହେବେ। ନୂତନ ଯାନବାହନ, ଜମିଜମା, କ୍ରୟ, ବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ** ସାମାଜିକ ସ୍ତରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ ; କିନ୍ତୁ ହୁଏତ ଆପଣ ତାହାକୁ ଅସ୍ୱୀକାର କରି ଦେଇପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ନିଜର ଦକ୍ଷତା ଓ ଦୃଢ଼ତା ବଳରେ ଅସାଧ୍ୟ ସାଧନ କରିବେ।

**କର୍କଟ** ଯେକୌଣସି କାମ କରନ୍ତୁନା କାହିଁକି, ବିଶେଷ ଭାବେ ଖର୍ଚ୍ଚ କରିବାକୁ ପଡ଼ିପାରେ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଦୀର୍ଘଦିନାନ୍ତେ ଆସିଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** ଆଜି ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହେବ ନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। କଠିନ ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ତୀର୍ଥଭ୍ରମଣ ଯୋଗ ଅନୁକୂଳ।

**ତୁଳା** ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଏଜେନ୍‌ସିପ୍, ସାହିତ୍ୟାଲୋଚନା, ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ। ଘରୋଇ ସମସ୍ୟା ସମାଧାନ ସକାଶେ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବିଛା** ଆକସ୍ମିକ ଭାବେ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ** ସମସ୍ୟା ଯଦିଓ ଆସିବ ତଥାପି ବେଶୀ ସମୟ ତିଷ୍ଠି ରହିବ ନାହିଁ ଓ ପରକ୍ଷଣରେ ସବୁକିଛି ଠିକ୍ ହୋଇଯିବ। ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ଅଫିସରେ କୌଣସି ସମସ୍ୟାଜନିତ କିଛିଟା ଅସୁବିଧାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

**ମକର** ଯେତେ ଭଲ କାମ କଲେ ମଧ୍ୟ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ଘରୋଇ ଆଲୋଚନା ମଧ୍ୟରେ ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଅଭାବବୋଧ ଲାଗି ରହିବା କାରଣରୁ ବ୍ୟସ୍ତତା ବଢ଼ି ବଢ଼ି ଯିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପ୍ରକାଶନ, ପ୍ରଶାସନ ଓ ପରିବହନ ସମସ୍ୟା ସମାଧାନର ରାସ୍ତା ଖୋଲିଯିବ। ପ୍ରଥମେ କାମଟି କରିସାରିବା ପରେ ମନସ୍ତାପ କରିବାକୁ ପଡ଼ିପାରେ।

**ମୀନ** ଆଜି ସାମାଜିକ ସ୍ତରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ବନ୍ଧୁଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

ଆଜି କନ୍ୟା ସଂକ୍ରାନ୍ତି ଓ ବିଶ୍ୱକର୍ମା ପୂଜା, ଶ୍ରୀମନ୍ଦିରରେ ନିକୁଳୀଳା, ଭାଦ୍ରବ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ରବିବାର, ସେପ୍ଟେମ୍ବର ୧୭ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୧୦।୦୧ ଗତେ ଚିତ୍ରା/କନ୍ୟା ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୬ ଗତେ ଘ.୦୮।୫୧ ମଧ୍ୟେ, ଘ.୦୧।୧୨ ଗତେ ଘ.୦୩।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୩ ଗତେ ଘ.୦୫।୪୪ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୭/୨୦୨୩ | Bhubaneswar, Sunday, September 17/2023 | ପୃଷ୍ଠା-୧



**ଅକ୍ଷରଙ୍କ ସ୍ଥାନରେ ୱାଶିଂଟନ**

ଶ୍ରୀଲଙ୍କା ବିପକ୍ଷ ଏସିଆ କପ୍ କ୍ରିକେଟ ଫାଇନାଲ ପାଇଁ ଭାରତୀୟ ଦଳରେ ଅକ୍ଷର ପଟେଲଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦର ସ୍ଥାନ ପାଇଛନ୍ତି।

୦୮

୦୫

**ନୀତୀଶଙ୍କ ପାଇଁ ଭାଜପାର ଦ୍ୱାର ବନ୍ଦ: ଶାହା**

ବିହାର ମୁଖ୍ୟମନ୍ତ୍ରୀ ନୀତାଶ କୁମାରଙ୍କ ପାଇଁ ଭାଜପାର ଦ୍ୱାର ସବୁଦିନ ଲାଗି ବନ୍ଦ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି।





ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ୮ ତାରିଖରୁ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବାବେଳେ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଧାରଣାସ୍ଥଳରେ ଶିକ୍ଷୟିତ୍ରୀଶିକ୍ଷକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ପ୍ରାଥମିକ ସ୍କୁଲରେ ମାଧ୍ୟମିକ ଶିକ୍ଷକ ପଢ଼ାଇବାକୁ ବିରୋଧ

**ଭୁବନେଶ୍ୱର, ୧୬।୯ (ଅସମାପିକା ସାହୁ)**

ରାଜ୍ୟରେ ପ୍ରାଥମିକ ଶିକ୍ଷକ କାର୍ଯ୍ୟବନ୍ଦ କରି ଆନ୍ଦୋଳନରେ ବସିଥିବାରୁ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଗୁରୁତର ବାଧାପ୍ରାପ୍ତ ହୋଇଛି। କେଉଁଠି ସ୍କୁଲରେ ପୂରା ତାଲା ପଡ଼ିଛି ତ' ଆଉ କେଉଁଠି ଜଣେ ଦୁଇଜଣ ଶିକ୍ଷକ ପିଲାଙ୍କୁ ଜଗିବା ଭଳି କାମ ଚଳାଉଛନ୍ତି। ତେଣୁ ଏଭଳି ସ୍ଥିତିରେ ପିଲାଙ୍କ ପାଠପଢ଼ା ପାଇଁ ଏବେ ମାଧ୍ୟମିକ ଶିକ୍ଷକଙ୍କୁ ଡେପୁଟେଶନରେ ପ୍ରାଥମିକ ବିଦ୍ୟାଳୟକୁ ନେବା ପାଇଁ ଯୋଜନା ହେଉଛି। କେତେକ ଜିଲାରେ ଡିଇଓମାନେ ବିଇଓଙ୍କୁ ଚିଠି କରି ଏହି ନିର୍ଦ୍ଦେଶ ଦେଇଥିବାବେଳେ ବିଶେଷକରି ତାଲା ପଡିଥିବା ସ୍କୁଲ୍‌ରେ ଏଭଳି ପଦକ୍ଷେପ ନିଆଯାଇଥିବା ଦେଖିବାକୁ ମିଳିଛି। ତେବେ ଏହାକୁ ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକମାନେ ତୀବ୍ର ବିରୋଧ କରୁଥିବାବେଳେ ମାଧ୍ୟମିକ ଶିକ୍ଷକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସେମାନଙ୍କ କହିବାନୁସାରେ, ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନେ ଚଳିତ ଶିକ୍ଷାବର୍ଷରେ ସାହିତ୍ୟ ସୃଜନୀ, କୌଶଳୀ, କ୍ରୀଡ଼ାଙ୍ଗନ, ଜିଜ୍ଞାସା ଭଳି ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଶିବିର, ବିଜ୍ଞାନ ଓ ପରିବେଶଭିତ୍ତିକ କାର୍ଯ୍ୟକ୍ରମ, ଅଭିଭାବକ ଓ ପରିଚାଳନା କମିଟି ବୈଠକ ଇତ୍ୟାଦି କାର୍ଯ୍ୟକ୍ରମରେ ବ୍ୟସ୍ତ ରହି ଛାତ୍ରୀଛାତ୍ରଙ୍କ ପାଠପଢ଼ା ସାରିପାରିନାହାନ୍ତି। ତେଣୁ ଦଶମ ଶ୍ରେଣୀର ଅର୍ଦ୍ଧବାର୍ଷିକ ବୋର୍ଡ ପରୀକ୍ଷାକୁ ମାଧ୍ୟମିକ ଶିକ୍ଷା ପରିଷଦ ଅକ୍ଟୋବର ୪ ତାରିଖକୁ ଘୁଞ୍ଚାଇଦେଇଛି। ଏହା ଭିତରେ ଅକ୍ଟୋବର ୪ରୁ ମଧ୍ୟ ନବମ ଶ୍ରେଣୀର ଏଫ୍‌ଏ୨ ଆସେସ୍‌ମେଣ୍ଟ ଆରମ୍ଭ ହେବ। ରାଜ୍ୟରେ ୮ହଜାରରୁ ଉର୍ଦ୍ଧ୍ୱ ମାଧ୍ୟମିକ ବିଦ୍ୟାଳୟରେ ପ୍ରାୟ ୬ଲକ୍ଷ ଛାତ୍ରୀଛାତ୍ର ପାଠ ପଢୁଛନ୍ତି ଓ ବହୁ ସ୍କୁଲ୍‌ରେ ଶିକ୍ଷକ ଅଭାବ ଲାଗି ରହିଛି। ଯଦି ମାଧ୍ୟମିକ ଶିକ୍ଷକମାନେ ଡେପୁଟେଶନରେ ପ୍ରାଥମିକ ବିଦ୍ୟାଳୟକୁ ଯାଆନ୍ତି, ତେବେ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଠପଢ଼ା କ୍ଷତିଗ୍ରସ୍ତ ହେବ। ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ଶେଷ ହୋଇପାରିବ ନାହିଁ। ତେଣୁ କେତେକ ବିଦ୍ୟାଳୟର ପରିଚାଳନା କମିଟି ମାଧ୍ୟମିକ ଶିକ୍ଷକଙ୍କୁ ଡେପୁଟେଶନରେ ଛାଡ଼ିବା ପାଇଁ ନ ଚାହିଁବା ସହ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିର ପ୍ରତିବାଦ କରୁଛନ୍ତି।

ଏ ସମ୍ପର୍କରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ପ୍ରାଥମିକ ଶିକ୍ଷାରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିବାବେଳେ ସରକାର ମାଧ୍ୟମିକ ଶିକ୍ଷାରେ ମଧ୍ୟ ବାଧା ଉପୁଜାଉଛନ୍ତି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କରାଯାଇଥିବା ଦାବିଗୁଡ଼ିକ ଯଥାର୍ଥ ଓ ଏହାକୁ ଅବିଳମ୍ବେ ସରକାର ପୂରଣ କରିବା ଉଚିତ। ଏଥିସହିତ ମାଧ୍ୟମିକ ଶିକ୍ଷକମାନଙ୍କୁ ଡେପୁଟେଶନରେ ପ୍ରାଥମିକ ବିଦ୍ୟାଳୟକୁ ପଠାଇବା ପାଇଁ ସରକାର ନେଉଥିବା ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ଆମେ ସରକାରଙ୍କୁ ଅନୁରୋଧ କରିଛୁ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ମହସଚିବ ଚାରୁଲତା ମହାପାତ୍ର କହିଛନ୍ତି, ଗଞ୍ଜାମ ଜିଲାର ୪ଟି ବ୍ଲକରେ ଏଭଳି ଚିଠି ହୋଇଥିବା ଆମେ ଖବର ପାଇଛୁ। ତେବେ ସରକାର ଏହା ଠିକ୍ କରୁନାହାନ୍ତି। ଆମେ ଏହାକୁ ବିରୋଧ କରୁଛୁ। ଏଥିସହିତ ସରକାର ଆମ ନ୍ୟାଯ୍ୟ ଦାବି ପୂରଣ ନିମନ୍ତେ ପଦକ୍ଷେପ ନ ନେଲେ ଆମେ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ଚାରୁଲତା କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ପ୍ରାଥମିକ ସ୍କୁଲ ଶିକ୍ଷକମାନେ ଗ୍ରେଡ୍ ପେ ବୃଦ୍ଧି, ପ୍ରାଥମିକ ଶିକ୍ଷାରେ ଠିକା ଶିକ୍ଷକ ନିଯୁକ୍ତି ଉଚ୍ଛେଦ ☞ପୃଷ୍ଠା-୪

# କଟକ ସହର ପାଇଁ ଉତ୍ସବର ଦିନ: ମୁଖ୍ୟମନ୍ତ୍ରୀ



କଟକ ନେତାଜୀ ବସ୍ ଟର୍ମିନାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି।

## ସିଏନ୍‌ବିଟି ଲୋକାର୍ପିତ

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**କଟକ, ୧୬।୯ (ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ମୋର ପ୍ରିୟ ସହର। ମୋର ଜନ୍ମଭୂମି। କଟକ ସବୁବେଳେ ମୋ ପାଇଁ ସ୍ୱତନ୍ତ୍ର ହୋଇ ରହିଛି ଓ ରହିବ ବୋଲି ଖାନ୍‌ନଗରଠାରେ ଅନୁଷ୍ଠିତ କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି) ଲୋକାର୍ପଣ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଶନିବାର ଅପରାହ୍ନରେ ସନ୍‌ସାଇନ ପଡ଼ିଆସ୍ଥିତ ହେଲିପ୍ୟାଡ଼ରେ ମୁଖ୍ୟମନ୍ତ୍ରୀ ଅବତରଣ କରିବା ପରେ ବସ୍ ଟର୍ମିନାଲରେ ପହଞ୍ଚି ବୁଲି ଦେଖିଥିଲେ। ଏହାପରେ ବସ୍ ଟର୍ମିନାଲ ଲୋକାର୍ପଣ କରି କହିଥିଲେ, ଆଜି ଆମ କଟକ ସହର ପାଇଁ ଏକ ଉତ୍ସବର ଦିନ। କଟକ ସହରର ଗମନାଗମନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଏବଂ ରାଜ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ୯୦ କୋଟି ଟଙ୍କା ବ୍ୟୟରେ ସିଏନ୍‌ବିଟି ନିର୍ମାଣ କରାଯାଇଛି। ଏହା ସମସ୍ତଙ୍କ ପାଇଁ ଖୁସିର କଥା। ଏଥିସହ କଟକ ସହର ପାଇଁ ୫୪୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କଟକ ଓଡ଼ିଶାବାସୀଙ୍କ ପ୍ରିୟ ସହର। କଟକର ପୂଜା, ବାଲିଯାତ୍ରା, ବାରବାଟୀ କ୍ରିକେଟ ମ୍ୟାଚ, ଏସ୍‌ସିବି ମେଡିକାଲ କଲେଜ ସବୁବେଳେ ଓଡ଼ିଶାର ବଡ଼ ପରିଚୟ ହୋଇ ରହିଛି। ଏହି ପରିଚୟକୁ ଆମକୁ ଆହୁରି ଗୌରବମୟ କରିବାକୁ ପଡ଼ିବ। ହଜାର ବର୍ଷର ସହର କଟକ ଏବେ ନୂଆ ରୂପ ନେଉଛି। ରୂପାନ୍ତର ପର୍ବ ଆଗେଇ ଚାଲିଛି। ଓଡ଼ିଶାର ଗର୍ବ ରେଭେନ୍‌ଶା କଲେଜ ଏବେ ୟୁନିଭର୍ସିଟି ହୋଇଛି। ଏସ୍‌ସିବି ମେଡିକାଲ କଲେଜକୁ ଏମ୍ସ ପ୍ଲସ୍‌ରେ ରୂପାନ୍ତର କରିବା ପାଇଁ କାର୍ଯ୍ୟ ଜାରି ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଓ ଭିତ୍ତିଭୂମି ଭଳି ବିଭିନ୍ନ କ୍ଷେତ୍ରରେ ☞ପୃଷ୍ଠା-୪

# ୨୨ରେ ବାଚସ୍ପତି ନିର୍ବାଚନ

**ଭୁବନେଶ୍ୱର, ୧୬।୯ (ଅନିଲ ଦାସ)**

ଓଡ଼ିଶା ବିଧାନସଭା ବାଚସ୍ପତି ନିର୍ବାଚନ ସେପ୍ଟେମ୍ବର ୨୧ ପରିବର୍ତ୍ତେ ୨୨ ତାରିଖରେ ଅନୁଷ୍ଠିତ ହେବ। ଭାଜପା ଓ କଂଗ୍ରେସ ବାଚସ୍ପତି ନିର୍ବାଚନକୁ ବର୍ଜନ କରିବାକୁ ଘୋଷଣା କରିବା ପରେ ଶନିବାର ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୦ ତାରିଖରେ ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଖାଇ ପାଳିତ ହେବ। ଏହା ପରଦିନ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ଉଭୟ କଂଗ୍ରେସ ଓ ଭାଜପା ବିରୋଧ କରିଥିଲେ। ଉଭୟ ଦଳ ଅଭିଯୋଗ କରିଥିଲେ ଯେ ରାଜ୍ୟ ସରକାର ପଶ୍ଚିମ ଓଡିଶାକୁ ସାବତ ମାଆ ଭଳି ଆଚରଣ କରୁଛନ୍ତି। ନିର୍ବାଚନ ତାରିଖ ନ ଘୁଞ୍ଚାଇଲେ ବାଚସ୍ପତି ନିର୍ବାଚନରେ କଂଗ୍ରେସ ଯୋଗ ଦେବ ନାହିଁ ବୋଲି ପ୍ରଥମେ ଘୋଷଣା କରିଥିଲା। ଏହା ପରେ ଭାଜପା ମଧ୍ୟ ଅନୁରୂପ ଘୋଷଣା କରିଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବତନ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଇସ୍ତଫା ଦେଇ ମନ୍ତ୍ରୀ ମଣ୍ଡଳରେ ସାମିଲ ହୋଇଥିବାରୁ ବାଚସ୍ପତି ପଦବୀ ଖାଲି ରହିଛି।

**ଆଜିର ସମ୍ପାଦକୀୟ**

**ବିରୋଧୀଙ୍କ ପଦକ୍ଷେପ**

# ଗୀତା ମେହେଟ୍ଟାଙ୍କ ପରଲୋକ



**ନୂଆଦିଲ୍ଲୀ, ୧୬।୯**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଏକମାତ୍ର କନ୍ୟା ତଥା ବିଶିଷ୍ଟ ଲେଖିକା ଗୀତା ମେହେଟ୍ଟାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଶନିବାର ରାତିରେ ପରଲୋକ ହୋଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା।

ଗୀତା ଏକାଧାରରେ ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖିକା, ଚଳଚ୍ଚିତ୍ର ପ୍ରଯୋଜିକା ଏବଂ ସାମ୍ବାଦିକା ଥିଲେ। ସେ ଆମେରିକାର ବିଶିଷ୍ଟ ପ୍ରକାଶକ ସୋନୀ ମେହେଟ୍ଟାଙ୍କୁ ୧୯୬୫ରେ ବିବାହ କରିଥିଲେ। ୨୦୧୯ରେ ସୋନୀଙ୍କ ପରଲୋକ ହୋଇଥିଲା। ତାଙ୍କର ଗୋଟିଏ ପୁଅ ଆଦିତ୍ୟ ସିଂ ମେହେଟ୍ଟା ଅଛନ୍ତି। ଗୀତା ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ ଭଉଣୀ। ଗୀତା ୧୯୪୩ରେ ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ବ୍ରିଟେନର କ୍ୟାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଉଚ୍ଚ ଶିକ୍ଷାଲାଭ କରିଥିବା ଗୀତା ୫ଟି ପୁସ୍ତକର ରଚୟିତା। ସେଗୁଡ଼ିକ ହେଲା 'କର୍ମ କୋଲା', 'ସ୍ନେକ୍ ଆଣ୍ଡ୍ ଲାଡର୍ସ', 'ଏ ରିଭର ସୂତ୍ର', 'ରାଜ୍' ଏବଂ 'ଦି ଇଣ୍ଟରନାଲ ଗଣେଶ'। ଇଂଲିଶ୍‌ରେ ଲିଖିତ ଏହି ପୁସ୍ତକଗୁଡ଼ିକ ପାଠକୀୟ ମହଲରେ ବେଶ୍ ଆଦୃତି ଲାଭ କରିଥିଲା। ଏହି ଉପନ୍ୟାସଗୁଡ଼ିକ ୨୧ଟି ଭାଷାରେ ଅନୁଦିତ ହୋଇ ଭାରତ ସମେତ ଆମେରିକା ଏବଂ ୟୁରୋପରେ ବେଷ୍ଟ ସେଲର ତାଲିକାରେ ସ୍ଥାନ ପାଇଥିଲା। ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ପ୍ରଯୋଜିତ ୧୪ଟି ଟେଲିଭିଜନ ବୃତ୍ତଚିତ୍ର ବ୍ରିଟେନ, ୟୁରୋପ ଓ ଆମେରିକାର ବିଭିନ୍ନ ଚ୍ୟାନେଲଗୁଡ଼ିକର ପ୍ରଦର୍ଶିତ ହୋଇଥିଲା। ୧୯୭୦-୭୧ରେ ସେ ଆମେରିକୀୟ ଟେଲିଭିଜନ ନେଟ୍‌ୱର୍କ ଏନ୍‌ବିସି ପାଇଁ ୱାର କରସ୍‌ପେଣ୍ଡେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସଂଯୋଜନାରେ ବାଂଲାଦେଶ ମୁକ୍ତି ସଂଗ୍ରାମ ଉପରେ ଆଧାରିତ ଚଳଚ୍ଚିତ୍ର ସଂକଳନ ଦେଶ ଏବଂ ବିଦେଶର ସିନେମା ହଲ୍‌ଗୁଡ଼ିକରେ ପ୍ରଦର୍ଶିତ ହୋଇଥିଲା। ଗୀତାଙ୍କ ପରଲୋକରେ ରାଜ୍ୟପାଳ ଗଣେଶୀ ଲାଲ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଇଂଲିଶ ଲେଖିକା ଗୀତା ମେହେଟ୍ଟାଙ୍କ ବିୟୋଗରେ ସେ ଶୋକ ସନ୍ତପ୍ତ ପରିବାର ଓ ସମ୍ପର୍କୀୟଙ୍କୁ ସମବେଦନା ଜଣାଇଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୭ ସେପ୍ଟେମ୍ବର, ୨୦୨୩

ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି। ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ଚୂଡ଼ାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡିବ। ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଉ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ। —ଶ୍ରୀମା



# ବିରୋଧୀଙ୍କ ପଦକ୍ଷେପ



**ଆକାର ପଟେଲ**

ବିରୋଧୀ ବ୍ଲକ୍ ଇଣ୍ଡିଆ ୧୪ଜଣ ଆଙ୍କର ବା ଉପସ୍ଥାପକଙ୍କ ନାମ ଘୋଷଣା କରିଛି ଯାହାଙ୍କ କାର୍ଯ୍ୟକ୍ରମକୁ ସେମାନଙ୍କ ମୁଖପାତ୍ରମାନେ ବର୍ଜନ କରିବେ। ଆଙ୍କରମାନଙ୍କ ତାଲିକା ପ୍ରକାଶ କରାଯାଇଥିଲାବେଳେ ଏଭଳି ପଦକ୍ଷେପର କୌଣସି କାରଣ ଦର୍ଶାଯାଇନାହିଁ। କିନ୍ତୁ ବିରୋଧୀ ଦଳର ବିଭିନ୍ନ ନେତା କହିଛନ୍ତି, ଏହା ହେଉଛି 'ଭାଜପା ମିଡିଆ ସେଲ୍‌ର ହ୍ୱାଟ୍ସଆପ୍ ଗ୍ରୁପ୍'। ତେବେ କେଉଁ ଆଙ୍କର ସରକାରୀ ସପକ୍ଷବାଦୀ ଏବଂ କେଉଁ ଟିଭି ଷ୍ଟେଶନ ସରକାରୀ ଶାଖା ଭାବେ କାର୍ଯ୍ୟ କରିଛନ୍ତି ତାହା ଦେଖିବା। ୧୯ ଜୁନ୍ ୨୦୨୦ରେ, ଚାଇନାର ଅନୁପ୍ରବେଶ ଉପରେ ଏକ ସର୍ବଦଳୀୟ ବୈଠକ ପରେ ସରକାର ସାମ୍ବାଦିକମାନଙ୍କୁ ଆଲୋଚନାର ବିଷୟ ଉପରେ ଯେଉଁ ଲେଖା ଦେଇଥିଲେ ତାହାକୁ ଏନ୍‌ଡିଟିଭି ଖବରଦାତା ଅରବିନ୍ଦ ଗୁନାସେକର ଟୁଇଟ୍ କରିଥିଲେ। ଚାଇନା କୌଣସି ଅନୁପ୍ରବେଶ କରି ନ ଥିଲା ବୋଲି ଏହି ବୈଠକରେ ମୋଦି ଦାବି କରିଥିଲେ। ବୈଠକର ଆଲୋଚନାର ବିଷୟକୁ ଗଣମାଧ୍ୟମ ସେମାନଙ୍କ ଶୀର୍ଷକରେ ଗୁରୁତ୍ୱ ଦେବା ଲାଗି ସରକାର ଚାହିଁଥିଲେ। ଶୀର୍ଷକଗୁଡ଼ିକ ଥିଲା ଏହିପରି,'ପ୍ରଧାନମନ୍ତ୍ରୀଙ୍କ ପଛରେ ଭାରତ ଦୃଢ଼ ଭାବରେ ଠିଆ ହୋଇଛି। ମୋଦି ସରକାର ଏହି ପରିସ୍ଥିତିକୁ କିପରି ନିୟନ୍ତ୍ରଣ କରିଛନ୍ତି ସେ ନେଇ ଅଧିକାଂଶ ନେତା ନିଜର ଆତ୍ମବିଶ୍ୱାସ ବ୍ୟକ୍ତ କରିଛନ୍ତି' ଏବଂ 'କେସିଆର୍, ସିକ୍କିମ କ୍ରାନ୍ତି ମୋର୍ଚ୍ଚା ମଧ୍ୟରେ ଅସନ୍ତୋଷ ସୃଷ୍ଟିକରି ନଷ୍ଟ କରିଦେବାକୁ କଂଗ୍ରେସ ଉଦ୍ୟମ କରୁଛି'। ଚ୍ୟାନେଲଗୁଡ଼ିକ ବି ଏହି ନିର୍ଦ୍ଦେଶକୁ ପାଳନ କରିଥିଲେ। ଏହାର କିଛି ଘଣ୍ଟା ପରେ ଟାଇମ୍ସ ନାଓର ପ୍ରାଇମ୍ ଟାଇମ୍ ଡିବେଟର ଶୀର୍ଷକ ଥିଲା– 'ସମସ୍ତ ଦଳ ଭାରତ ପଛରେ ଏକାଠି ଠିଆ ହୋଇଥିବାବେଳେ ସୋନିଆ ଗାନ୍ଧୀ ଚାଇନାକୁ ସମାଲୋଚନା କରୁନାହାନ୍ତି?' ୧୯ ଜୁନ୍‌ରେ ରିପବ୍ଲିକ୍ ଟିଭି ବିତର୍କର ଶୀର୍ଷକ ଥିଲା– 'ବାସ୍ତବତା ବିନା କଂଗ୍ରେସ ସେନାକୁ ଅପମାନିତ କରିଛି'; 'କଂଗ୍ରେସ ଏବଂ ଚାଇନା ମଧ୍ୟରେ ଏକ ସ୍ୱତନ୍ତ୍ର ସମ୍ପର୍କ ଅଛି କି?' ଏହି ସମୟରେ ଅର୍ଥାତ୍ ମେ, ଜୁନ୍ ଓ ଜୁଲାଇରେ ଚାଇନା ଅନୁପ୍ରବେଶ ଓ ଲକ୍‌ଡାଉନ ଯୋଗୁ ଅର୍ଥ ବ୍ୟବସ୍ଥା ନିମ୍ନଗାମୀ ହେଉଥିଲାବେଳେ ଟାଇମ୍ସ ନାଓ ବିରୋଧୀଙ୍କୁ ଦୋଷ ଦେଇ ୩୩ଟି ଡିବେଟ କରିଥିଲା। ଏଥିରେ ମୋଦି ସରକାରଙ୍କୁ ସମାଲୋଚନାର ସ୍ଥାନ ନ ଥିଲା। ଆର୍ଥିକ ମାନ୍ଦାବସ୍ଥା ଉପରେ ବି ବିତର୍କ ହୋଇ ନ ଥିଲା। ଏହି ୩ ମାସରେ ବିରୋଧୀଙ୍କ କାର୍ଯ୍ୟକଳାପକୁ ସମାଲୋଚନାକରି ରିପବ୍ଲିକ ଟିଭି ୪୭ଟି ବିତର୍କ କରିଥିଲା। ଏସବୁ ମଧ୍ୟ ମୋଦି ସରକାରଙ୍କ କାର୍ଯ୍ୟକଳାପକୁ ସମାଲୋଚନା କିମ୍ବା ଆର୍ଥିକ ମାନ୍ଦାବସ୍ଥା ବିଷୟରେ ଡିବେଟ କରି ନ ଥିଲା। ଏହାସହ ଜୁନ୍ ୭ ରୁ ୨୭ ମଧ୍ୟରେ ପେଟ୍ରୋଲ / ଡିଜେଲ ମୂଲ୍ୟ ୨୧ ଦିନ ଧରି ପ୍ରତିଦିନ ବୃଦ୍ଧି ପାଇଥିଲା। ୧୬ ଜୁନ୍‌ରେ ଭାରତ ଘୋଷଣା କରଥିଲା ଯେ, ଲଦାଖରେ ଚାଇନା ସହ ମୁହାଁମୁହିଁ ସଂଘର୍ଷରେ ୨୦ ଜଣ ଯବାନ ନିହତ ହୋଇଛନ୍ତି। ଦୈନିକ କୋଭିଡ୍ ସଂକ୍ରମଣ ମେ ୧ରେ ୨୩୦୦ରୁ ବୃଦ୍ଧି ପାଇ ଜୁଲାଇ ୩୧ରେ ଦୈନିକ ୫୭,୦୦୦ରୁ ଅଧିକ ହୋଇଥିଲା। କିନ୍ତୁ 'ବିତର୍କ' ଏସବୁ ଉପରେ ଗୁରୁତ୍ୱ ଦେଇ ନ ଥିଲା।

କିଛିଦିନ ପରେ,ଇଣ୍ଡିଆନ ଜର୍ନାଲିଜମ୍ ରିଭ୍ୟୁ ପ୍ରକାଶ କରିଥିଲା ଯେ, ଚ୍ୟାନେଲଗୁଡ଼ିକ କାହା ଉପରେ ଗୁରୁତ୍ୱ ଦେବେ ସେ ବିଷୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ନିର୍ଦ୍ଦେଶ ଦେଇଥିଲା। ଏହା ଉଲ୍ଲେଖ କରିଥିଲା, 'ମୋଦିଙ୍କ ପ୍ରଭାବ ଅଧିକ ଏବଂ ସ୍ପଷ୍ଟ। ବିସ୍ତାରବାଦୀ ଚାଇନାକୁ ନିୟନ୍ତ୍ରଣ କରିବା ହେଉଛି ଏକ କଠିନ କାର୍ଯ୍ୟ, କିନ୍ତୁ ଠିକ୍ ରଣନୀତି ଏବଂ ପଦକ୍ଷେପ ଉଲ୍ଲେଖନୀୟ ଫଳାଫଳ ଦେଇପାରେ। ଚାଇନା ପଛକୁ ଫେରିନାହିଁ, ବରଂ ଆଗରେ ଥିବା ଜଣେ ନେତାଙ୍କ ନେତୃତ୍ୱରେ ଏକ ସଂଗଠିତ ଦେଶ ଚାଇନାକୁ ପଛକୁ ହଟାଇଦେଇଛି। ସାମରିକ, ଅର୍ଥନୈତିକ ଏବଂ ରଣନୀତିକ ପଦକ୍ଷେପ ଗ୍ରହଣକରି ପ୍ରଧାନମନ୍ତ୍ରୀ ମୋଦି ଚାଇନକୁ ପଛରେ ପକାଇ ଦେଇଛନ୍ତି।' ଟାଇମ୍ସ ନାଓ ବିତର୍କର ଶୀର୍ଷକ ଥିଲା: 'ପ୍ରଧାନମନ୍ତ୍ରୀ ମୋଦି ବିସ୍ତାରବାଦୀ ଚାଇନାକୁ ଦଣ୍ଡିତ କରିଛନ୍ତି, ସନ୍ଦେହୀମାନେ ଲଜ୍ଜିତ ହୋଇଛନ୍ତି?' ;'ଚାଇନା ପଛକୁ ହଟିଥିବା ସ୍ୱୀକାର କରିଛି, ସେନା ଉପରେ ସନ୍ଦେହ ପ୍ରକଟ କରୁଥିବା ବ୍ୟକ୍ତିମାନେ ଆତ୍ମସମର୍ପଣ କରିବେ କି?' ରିପବ୍ଲିକ ଇଣ୍ଡିଆ କହିଲା:'ପ୍ରଧାନମନ୍ତ୍ରୀ ଆଗରେ ନେତୃତ୍ୱ ନେଉଛନ୍ତି' ; 'ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଢ଼ ନେତୃତ୍ୱ ଚାଇନାକୁ ପଛକୁ ହଟାଇ ଦେଇଛି'। ୨୦୨୦ ଶେଷାର୍ଦ୍ଧରେ ପ୍ରକାଶିତ ଏକ ଅଧ୍ୟୟନରେ ରାଜନୈତିକ ବିଜ୍ଞାନୀ ଖ୍ରୀଷ୍ଟୋଫ ଜାଫ୍ରେଲଟ ଏବଂ ଡାଟା ଆନାଲିଷ୍ଟ ଭିହାଙ୍ଗ ଜୁମଲେ ରିପବ୍ଲିକ୍‌ର ବିଷୟବସ୍ତୁ ଉପରେ ଅନୁଧ୍ୟାନ କରିଥିଲେ। ସେମାନେ କାରଭାନ ମାଗାଜିନରେ ଲେଖିଛନ୍ତି ଯେ, ମେ ୨୦୧୭ରେ ଚ୍ୟାନେଲ ଆରମ୍ଭ ହେବା ପରଠାରୁ ସେମାନେ ଏପ୍ରିଲ ୨୦୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ୧,୭୭୯ଟି ଡିବେଟକୁ ଅଧ୍ୟୟନ କରିଥିଲେ। ସେମାନଙ୍କ ସିଦ୍ଧାନ୍ତ ଥିଲା ସ୍ପଷ୍ଟ। ରିପବ୍ଲିକ ଟିଭିର ବିତର୍କଗୁଡ଼ିକ ମୋଦି ସରକାର ଏବଂ ଏହାର ନୀତି ତଥା ଭାଜପାର ବିଚାରଧାରା ସପକ୍ଷରେ ଲଗାତର ପକ୍ଷପାତିତା ଦେଖାଇଥିଲା। ସବୁଠାରୁ ଖରାପ କଥା ହେଉଛି, ଭାରତୀୟଙ୍କୁ ପ୍ରଭାବିତ କରୁଥିବା ଅର୍ଥ ବ୍ୟବସ୍ଥା, ଶିକ୍ଷା କିମ୍ବା ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏହି ବିତର୍କଗୁଡ଼ିକରେ କ୍ୱଚିତ୍ ଉପସ୍ଥାପନ କରାଯାଇଥିଲା। ଏହା ପରିବର୍ତ୍ତେ, ସରକାରଙ୍କ ବିଚାରଧାରାକୁ ବିରୋଧ କରୁଥିବା ବିରୋଧୀଙ୍କ ସମେତ କୌଣସି ଗୋଷ୍ଠୀ କିମ୍ବା ବ୍ୟକ୍ତିବିଶେଷଙ୍କୁ ଲଗାତର ଆକ୍ରମଣ କରାଯାଇଥିଲା। ରିପବ୍ଲିକ ଟିଭିରେ ପ୍ରାୟ ୫୦% ରାଜନୈତିକ ବିତର୍କ ବିରୋଧୀଙ୍କୁ ସମାଲୋଚନା କରିଛି। ହେଲେ ଏହା ଗୋଟିଏ ବିତର୍କ ମଧ୍ୟ କରି ନାହିଁ ଯାହାକୁ ଆମେ ବିରୋଧୀଙ୍କ ସପକ୍ଷରେ ଶ୍ରେଣୀଭୁକ୍ତ କରିପାରିବା।

ତେବେ କେତେଜଣ ଆଙ୍କର ଏବଂ କିଛି ଟିଭି ସଂସ୍ଥା ସରକାରଙ୍କ ସପକ୍ଷବାଦୀ ଭାବେ କାର୍ଯ୍ୟ କରନ୍ତି ବୋଲି ଆରମ୍ଭରେ ଯେଉଁ ପ୍ରଶ୍ନ କରାଯାଇଛି ତାହାର ପ୍ରମାଣ ଦର୍ଶାଇବାକୁ ପଡ଼ିଲା ଓ ଏହା ସମସ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ସ୍ପଷ୍ଟ। ବିରୋଧୀ ସିଦ୍ଧାନ୍ତ ହେଉଛି, ଗଣମାଧ୍ୟମର ଏକ ବୃହତ୍ ଅଂଶକୁ ଅସାଧୁ ଖେଳ ଖେଳିବାକୁ କୁହାଯାଇଛି ଓ ଏହା ନିରାଟ ସତ। ଏହା ଉପରେ ପ୍ରଶ୍ନ ଉଠିବାର କୌଣସି ଅବକାଶ ନାହିଁ। ଏହି ଅସାଧୁ ଖେଳରେ ଏକ ଅଂଶ ହେବା ଲାଗି ମନା କରିବାକୁ ଗଣମାଧ୍ୟମର ସମସ୍ତ ଅଧିକାର ଅଛି। ଆଶା କରାଯାଏ, ଦେଶକୁ କ୍ଷତି କରିଥିବା ତଥା ଆମ ଜାତୀୟ ଗଣମାଧ୍ୟମକୁ ସଂକ୍ରମିତ ହୋଇଥିବା ପାଗଳପଣକୁ ବିରୋଧୀଙ୍କ ଏହି ପଦକ୍ଷେପ କିଛି ମାତ୍ରାରେ ସୁଧାରିପାରିବ।

Email:aakar.patel@gmail.com

# ଆଇନ୍‌ଷ୍ଟାଇନ୍‌ଙ୍କ ରାଜନୈତିକ ବିଚାର



**ଡ. ଗୌରୀ ଶଙ୍କର ସାହୁ**

''ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀଙ୍କ ତରଫରୁ ଆପଣଙ୍କୁ ଇସ୍ରାଏଲ୍‌ର ରାଷ୍ଟ୍ରପତି ହେବା ପାଇଁ ପ୍ରସ୍ତାବକୁ ପ୍ରସ୍ତୁତ କରୁଛି।'' ୧୭ ନଭେମ୍ବର ୧୯୫୨ରେ ଆମେରିକାରେ ଅବସ୍ଥାପିତ ଇସ୍ରାଏଲ୍‌ର ରାଷ୍ଟ୍ରଦୂତ ଏବା ଇବାନଙ୍କ ପ୍ରସ୍ତାବର ସାରମର୍ମ ପ୍ରାୟ ଏହିପରି ଥିଲା। ବିଶିଷ୍ଟ ବୈଜ୍ଞାନିକ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍ ପ୍ରତ୍ୟୁତ୍ତରରେ ଲେଖିଲେ, ''ଯଦିଓ ଆପଣଙ୍କ ଏ ପ୍ରସ୍ତାବ ମୋତେ ଗଭୀର ଭାବେ ଉଲ୍ଲସିତ କରିଛି, ମୁଁ ଦୁଃଖ ଓ ଲଜ୍ଜାର ସହ ଆମ ଦେଶର ସେବା କରିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରସ୍ତାବକୁ ସ୍ୱୀକାର କରିପାରୁ ନାହିଁ ବୋଲି ଜଣାଉଛି। ଏ ଗୁରୁଦାୟିତ୍ୱ ସମ୍ପାଦନ କରିବା ପାଇଁ ମୋର ସ୍ୱାଭାବିକ ଦକ୍ଷତା ବା ଅଭିଜ୍ଞତା ନାହିଁ।'' ଭାଇ ଭାଇକୁ, ପୁଅ ବାପାଙ୍କୁ ନିର୍ମମ ଭାବେ ହତ୍ୟାକରି ସିଂହାସନ ଲାଭ କରିବାର ମଧ୍ୟଯୁଗୀୟ ଇତିହାସ ଲଜ୍ଜା ଓ ଅନୁଶୋଚନାରେ ମଥାପାତି ଠିଆ ହୋଇଥିବ ଆଇନ୍‌ଷ୍ଟାଇନ୍‌ଙ୍କ ଏହି ଉତ୍ତର ଶୁଣି। ସେତେବେଳକୁ ହାତପାହାନ୍ତାରେ ଥିବା ରାଜନୈତିକ କ୍ଷମତାକୁ ମହାତ୍ମା ଗାନ୍ଧୀ ପ୍ରତ୍ୟାଖ୍ୟାନ କରିସାରିଥିଲେ ଓ ଲୋକନାୟକ ଜୟପ୍ରକାଶ ଏବଂ ନାନାଜୀ ଦେଶମୁଖଙ୍କ କ୍ଷମତା ପ୍ରତି ନିରାସକ୍ତ ଓ ନିର୍ବିକାରଭାବ ଭବିଷ୍ୟତର ବିଷୟ ଥିଲା। ଏ ପୃଷ୍ଠଭୂମିରେ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ କୌଣସି ରାଜନୈତିକ ଦୃଷ୍ଟିଭଙ୍ଗୀ ଥିଲା ନା ନାହିଁ, ତାହା ପ୍ରଣିଧାନଯୋଗ୍ୟ।

୧୯୫୦ରେ ସ୍ୱଲିଖିତ ଏକ ପୁସ୍ତକରେ ଆଇନ୍‌ଷ୍ଟାଇନ୍ ତାଙ୍କ ରାଜନୈତିକ ବିଚାର ପ୍ରକଟ କରିଥିଲେ। ସମ୍ଭବତଃ ଏହା ୧୯୫୨ରେ ଇସ୍ରାଏଲ୍‌ର ପ୍ରଥମ ରାଷ୍ଟ୍ରପତି ୱାଇଜମାନଙ୍କ ଦେହାନ୍ତପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବେନ୍ ଗୁରିଅନ୍‌ଙ୍କୁ ଇସ୍ରାଏଲ୍‌ର ରାଷ୍ଟ୍ରପତି ହେବାପାଇଁ ଆଇନ୍‌ଷ୍ଟାଇନ୍‌ଙ୍କୁ ଅନୁରୋଧ କରିବାପାଇଁ ପ୍ରେରିତ କରିଥିଲା। ଉକ୍ତ ପୁସ୍ତକରେ ଆଇନ୍‌ଷ୍ଟାଇନ୍ ଲେଖିଛନ୍ତି, ''ବିଜ୍ଞାନ ଅତିବେଶୀରେ ଏକ ମାଧ୍ୟମ ହୋଇପାରେ କୌଣସି ଲକ୍ଷ୍ୟ ପୂର୍ତ୍ତି ପାଇଁ। ଲକ୍ଷ୍ୟ କେବେବି ବିଜ୍ଞାନ ଦ୍ୱାରା ସୃଷ୍ଟି ହୋଇ ନଥାଏ। ବରଂ ନୀତିବାନ୍, ଆଦର୍ଶ ବ୍ୟକ୍ତି ବିଶେଷ ଲକ୍ଷ୍ୟ ସୃଷ୍ଟି କରିଥାଆନ୍ତି। ଏହି ବ୍ୟକ୍ତିମାନଙ୍କ ପୁରୁଷାର୍ଥ ଓ ପରାକ୍ରମ ବିଭିନ୍ନ ସମୟରେ ସମାଜର ବିବର୍ତ୍ତନର ଧାରା ନିର୍ଦ୍ଧାରଣ କରିଥାଏ। ତେଣୁ ମଣିଷ ଜାତିର ସାମାଜିକ ସମସ୍ୟା ସମାଧାନରେ ବୈଜ୍ଞାନିକ ପଦ୍ଧତି ଓ ବିଜ୍ଞାନ କେବେ ବି ସମର୍ଥକ ହୋଇପାରି ନାହିଁ।

ମଣିଷ ଏକାଧାରରେ ବ୍ୟକ୍ତିନିଷ୍ଠ ଓ ସାମାଜିକ ପ୍ରାଣୀ। ବ୍ୟକ୍ତିନିଷ୍ଠ ହେବା କାରଣରୁ ସେ ନିଜର ଓ ନିଜ ବନ୍ଧୁ ସହୋଦରମାନଙ୍କ ଅସ୍ତିତ୍ୱର ସୁରକ୍ଷା ପାଇଁ ଚେଷ୍ଟା କରିଥାଏ। ଯାହା ତା'ର ବ୍ୟକ୍ତିଗତ ଆଶା, ଆକାଂକ୍ଷା ପୂର୍ତ୍ତିପାଇଁ ଉଦ୍ଦିଷ୍ଟ। ଅପରପକ୍ଷରେ ସାମାଜିକ ପ୍ରାଣୀ ଭାବେ ସେ ସମାଜର ସ୍ୱୀକୃତି ଓ ସମୁଚ୍ଚୟ ମାନବ ଜାତିର ସ୍ନେହ, ଶ୍ରଦ୍ଧା ପାଇବାପାଇଁ, ସୁଖ ସ୍ୱାଚ୍ଛନ୍ଦ୍ୟ, ଦୁଃଖ ଓ ପୀଡ଼ା ବାଣ୍ଟିବା ପାଇଁ ଇଚ୍ଛା ବ୍ୟକ୍ତ କରିଥାଏ। ବ୍ୟକ୍ତିନିଷ୍ଠତା ଓ ସାମାଜିକ ଦାୟବଦ୍ଧତା ମଧ୍ୟରେ ସନ୍ତୁଳନ ରହିଲେ ଯାଇ ବ୍ୟକ୍ତି ସମାଜର ମଙ୍ଗଳ କରିପାରେ। ବ୍ୟକ୍ତିର ଚିନ୍ତା, ଅନୁଭବ ଓ କାର୍ଯ୍ୟ ସ୍ୱକେନ୍ଦ୍ରିକ। ହେଲେ ସେ ସମାଜ ଉପରେ ମଧ୍ୟ ନିର୍ଭରଶୀଳ ହେବାକୁ ବାଧ୍ୟ ହୋଇଥାଏ; ନିଜର ଶାରୀରିକ, ବୌଦ୍ଧିକ ଓ ଭାବଗତ ଅସ୍ତିତ୍ୱ ଯୋଗୁ। ହେଲେ ପିମ୍ପୁଡ଼ି ଓ ମହୁମାଛିଙ୍କ ପରି ତା'ର ଜୀବନଚକ୍ର ସ୍ଥିର ଓ କଠୋର ହୋଇ ନଥାଏ ବରଂ ପରିବର୍ତ୍ତନଶୀଳ ହୋଇଥାଏ। ଏହା ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ ଓ ପରମ୍ପରାର ପରିପୋଷଣ କରି ମାନବ ସଭ୍ୟତାକୁ ବିକଶିତ କରିଆସିଛି।



ମଣିଷର ଜୈବିକ ଗଠନ ଓ ପ୍ରାକୃତିକ ବାସନା ସ୍ଥିର ଓ ଅପରିବର୍ତ୍ତନୀୟ। ହେଲେ ସାଂସ୍କୃତିକ ସଂରଚନା ସେ ବାସ କରୁଥିବା ସମାଜ ଉପରେ ନିର୍ଭରଶୀଳ। ବ୍ୟକ୍ତି ଓ ସମାଜ ମଧ୍ୟରେ ଆନ୍ତଃ ସମ୍ପର୍କ ମଧ୍ୟ ବ୍ୟକ୍ତିର ସଂସ୍କାର ଓ ସଂସ୍କୃତି ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ସଂସ୍କୃତି ମଧ୍ୟ ପ୍ରଯୁକ୍ତିବିଦ୍ୟା ଓ ଜନସଂଖ୍ୟାର ସାନ୍ଦ୍ରତା ଦ୍ୱାରା ପ୍ରଭାବିତ ହୋଇଥାଏ। ଏଇ ଯେମିତି ଘନ ଜନବସତି ଅଞ୍ଚଳରେ ଶ୍ରମ ବିଭାଜନ ସହ ଅତ୍ୟଧିକ କେନ୍ଦ୍ରିଭୂତ ଉତ୍ପାଦନକ୍ଷମ ଯନ୍ତ୍ରାଂଶ ଆବଶ୍ୟକ ହୋଇଥାଏ, ଯାହା ବିପୁଳ ଦ୍ରବ୍ୟର ବନ୍ୟା ସୃଷ୍ଟି କରିଥାଏ। ବର୍ଦ୍ଧିଷ୍ଣୁ ଶ୍ରମ ବିଭାଜନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ଭାରୀଶିଳ୍ପକୁ ପ୍ରୋତ୍ସାହିତ କରେ। ଏହା ଫଳରେ ପୁଞ୍ଜି ଅଳ୍ପ କିଛି ଦକ୍ଷ ବ୍ୟକ୍ତିଙ୍କ ହାତରେ ପୁଞ୍ଜିଭୂତ ହୁଏ। ଏହି ବ୍ୟକ୍ତିବିଶେଷ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଶିକ୍ଷା, ଗଣମାଧ୍ୟମ ଓ ସୂଚନାର ଉତ୍ସକୁ ନିୟନ୍ତ୍ରିତ କରିଥାଆନ୍ତି। ବ୍ୟବସ୍ଥାପକ ସଭାପାଇଁ ନିର୍ବାଚନରେ ଏଇମାନେ ରାଜନୈତିକ ଦଳଗୁଡ଼ିକୁ ପାଣ୍ଠି ଯୋଗାଇଥାଆନ୍ତି। ଫଳରେ ନିର୍ବାଚିତ ଜନ ପ୍ରତିନିଧିମାନେ ସମାଜର ବଞ୍ଚିତବର୍ଗର ସ୍ୱାର୍ଥ ଓ ଅଧିକାର ରକ୍ଷା କରିବାରେ ସମର୍ଥ ହୋଇପାରନ୍ତି ନାହିଁ, ଯେଉଁ ଅଧିକାର ଓ ପ୍ରାୟ ବିନିମୟରେ ପୁଞ୍ଜିପତିମାନଙ୍କ ପୁଞ୍ଜି ସୃଷ୍ଟି ଓ ବିକଶିତ ହୋଇଥାଏ।

ଭାରୀ ଶିଳ୍ପରେ ଆବଶ୍ୟକତା ନୁହେଁ ବରଂ ଲାଭ ମୁଖ୍ୟ ଉଦ୍ଦେଶ୍ୟ ହୋଇଥାଏ। ତେଣୁ ଏହା ନିଯୁକ୍ତି ପ୍ରଦାନ, ବେକାରି ଦୂରୀକରଣ ପାଇଁ ଅଭିପ୍ରେତ ହୋଇ ନଥାଏ। ପ୍ରଯୁକ୍ତି ବିଦ୍ୟାର ବିକାଶ ସବୁବେଳେ ଛଟେଇ, ନିଯୁକ୍ତି କାଟ ଓ ବେକାରି ବୃଦ୍ଧିର ବାହକ ହୋଇଥାଏ ଓ ପୁଞ୍ଜି ବୃଦ୍ଧିର ଦ୍ୟୋତକ ହୋଇଥାଏ। ଆମ ଶିକ୍ଷା ବ୍ୟବସ୍ଥା ମଧ୍ୟ ମୂଳରୁ ପ୍ରତିଯୋଗିତାମୂଳକ ଭାବନାକୁ ପ୍ରୋତ୍ସାହିତ କରିଥାଏ। ଅତ୍ୟଧିକ ପ୍ରତିଯୋଗିତାମୂଳକ ମନୋବୃତ୍ତି ଆମ ପିଲାମାନଙ୍କୁ ଆବୋରା ଷଣ୍ଢକୁ ରୂପାନ୍ତରିତ କରିଥାଏ ଓ ଭବିଷ୍ୟତରେ କିପରି ଅଧିକରୁ ଅଧିକ ଅର୍ଥ ଓ ପ୍ରତିପତ୍ତି ଆବୋରି ସଫଳ ବ୍ୟକ୍ତି ହେବେ ସେଥିପାଇଁ ସେମାନଙ୍କୁ ପ୍ରେରିତ କରିଥାଏ, ଯାହା ପିଲାମାନଙ୍କ ସାମାଜିକ ଅଙ୍ଗୀକାରକୁ ଧ୍ୱଂସ ବିଧ୍ୱଂସ କରିଥାଏ।

ତେବେ ଯୋଜନାଯୁକ୍ତ ଅର୍ଥନୀତି (ପ୍ଲାନ୍‌ଡ ଇକୋନୋମି) କ'ଣ ଏହାର ସମାଧାନ? ସ୍ଥଳ ବିଶେଷରେ ଯୋଜନାବଦ୍ଧ ଅର୍ଥନୈତିକ ସଂରଚନା ବ୍ୟକ୍ତିକୁ ସମ୍ପୂର୍ଣ୍ଣଭାବେ ଦାସତ୍ୱର ବେଡ଼ିରେ ବାନ୍ଧିଥାଏ। କେନ୍ଦ୍ରୀଭୂତ ରାଜନୈତିକ ଓ ଅର୍ଥନୈତିକ ସଂରଚନା ଉଭୟ ଗଣତାନ୍ତ୍ରିକ ରାଜନୈତିକ ବ୍ୟବସ୍ଥା ଓ ସମାଜବାଦୀ ଅମଲାତାନ୍ତ୍ରିକ ସ୍ୱରୂପରେ ଦେଖାଯାଇଥାଏ। ଏ ଉଭୟ ସଂରଚନା ବ୍ୟକ୍ତିର ଅଧିକାର ସୁନିଶ୍ଚିତ କରିବାପାଇଁ ଅସମର୍ଥ।

ଏହାଛଡ଼ା ପ୍ରଯୁକ୍ତି ବିଦ୍ୟା ନୂତନ ଓ ଅଭିନବ ଧ୍ୱଂସର ମାରଣାସ୍ତ୍ର ସୃଷ୍ଟି କରିଛି। ଏହା ମାନବ ଜାତିର ଅସ୍ତିତ୍ୱ ଓ ସୁରକ୍ଷାକୁ ସଙ୍କଟରେ ପକାଇଛି। ଅପରପକ୍ଷରେ ଅର୍ଥନୈତିକ ଜଟିଳତା ଦେଶମାନଙ୍କୁ ପରସ୍ପର ଉପରେ ଆଶାତୀତ ଭାବେ ନିର୍ଭରଶୀଳ କରିଛି। ଗୋଟିଏ ପଟେ ପୃଥିବୀରେ ଯେତିକି ମାରଣାସ୍ତ୍ର ଅଛି, ନିମିଷକେ ସାରା ପୃଥିବୀକୁ ଧ୍ୱଂସ କରିବାପାଇଁ ସକ୍ଷମ। ଅପରପକ୍ଷରେ ପରସ୍ପର ପ୍ରତି ନିର୍ଭରଶୀଳତା ଦେଶଗୁଡ଼ିକୁ ପରସ୍ପରର ନିକଟତର କରିଛି। ସବୁଦେଶ ମିଶି ଗୋଟିଏ ରାଜନୈତିକ ଅନୁଷ୍ଠାନ ଗଢ଼ି ନିଜ ନିଜର ସାମରିକ, ମାନବ ସମ୍ପଦ ଓ ମାରଣାସ୍ତ୍ରଗୁଡ଼ିକୁ ଏହି ଅନୁଷ୍ଠାନକୁ ସମ୍ପୂର୍ଣ୍ଣଭାବେ ଦେଇଦେଲେ ଯାଇ ବିଶ୍ୱରେ ଶାନ୍ତି ଓ ସଦ୍‌ଭାବ ଆସିପାରିବ। ମିଳିତ ଜାତିସଂଘର ନା ସାମରିକ ସାମର୍ଥ୍ୟ ଅଛି ନା ଆଇନଗତ କ୍ଷମତା ଅଛି ଯେ ସେ ବିଶ୍ୱର ସୁରକ୍ଷାକୁ ସୁନିଶ୍ଚିତ କରିପାରିବ?

ଆଇନ୍‌ଷ୍ଟାଇନ୍ ମହାତ୍ମା ଗାନ୍ଧୀଙ୍କ ବିଷୟରେ ଲେଖିବାକୁ ଯାଇ କହିଛନ୍ତି ଯେ, ''ଯେତେବେଳେ ଆମେ ଶକ୍ତି ଓ ପରାକ୍ରମ ମାଧ୍ୟମରେ ବିଶ୍ୱକୁ ପଦାନତ କରିବା ପାଇଁ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ପ୍ରଚେଷ୍ଟା ଦେଖୁଛେ, ସେତେବେଳେ ନା କୌଣସି ପ୍ରଯୁକ୍ତି ବିଦ୍ୟା ବଳରେ, ନା ସାମରିକ କ୍ଷମତା ଦ୍ୱାରା ବରଂ ନମ୍ରତା, ପ୍ରଜ୍ଞାବଳରେ ନିଜ ଦୁଃସ୍ଥ ଓ ବଞ୍ଚିତ ଜନଗଣଙ୍କ ପାଇଁ ସଂଗ୍ରାମରତ ମଣିଷ କିପରି କ୍ରୂର ୟୁରୋପୀୟ ସାମ୍ରାଜ୍ୟବାଦୀମାନଙ୍କୁ ପରାସ୍ତ କରିପାରିଛି ଦେଖିଲେ ଆଶ୍ଚର୍ଯ୍ୟଲାଗେ। ଆମ ଭବିଷ୍ୟତ ବଂଶଧରମାନେ ଏହା ବିଶ୍ୱାସ କରିପାରିବେ ନାହିଁ ଯେ ରକ୍ତମାଂସଧାରୀ ଏମିତି ଜଣେ ଲୋକ ଆମମାନଙ୍କ ଗହଣରେ ଥିଲେ।''

ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ହିମାଚଳ ପ୍ରଦେଶ, ଧର୍ମଶାଳା
ମୋ: ୭୯୭୮୪୨୧୮୩୫

# ଦୋକାନ ଖୋଲାଅଛି



**ଗଣେଶ୍ୱର ନାୟକ**

ରାଜପଥରେ ଯିବା ସମୟରେ, ପ୍ରାୟତଃ ନିଛାଟିଆ ସ୍ଥାନରେ, କୌଣସି ଗହଳି ଜାଗାରେ ନୁହେଁ, ଦେଖିବାକୁ ପାଇବା ରାସ୍ତା କଡ଼ରେ ଫଳକ, ଯେଉଁଥିରେ ଲେଖାଯାଇଥାଏ 'ଦୋକାନ ଖୋଲାଅଛି'। କିନ୍ତୁ ଚାରିଆଡ଼କୁ ନଜର କଲେ ଦେଖିବେ ଆଖପାଖରେ କୌଣସି ଦୋକାନ ନଥିବ। କୁହାଯାଏ ବୁଝିବା ଲୋକକୁ ଇସାରା ଯଥେଷ୍ଟ। ଲାଗୁଛି, ଯେପରି ସରକାର ଡାଳେ ଡାଳେ ଗଲେ, ଆମେମାନେ ପତ୍ରେପତ୍ରେ ଯାଉଛେ।

ରାଜପଥ କଡ଼େ ଦୋକାନ ଖୋଲାଅଛି, କାହା ଘରକୁ ପୁତ୍ରଶୂନ୍ୟ କରିବାକୁ, କାହା ସଂସାର ଚୂନା କରିବାକୁ, କାହାକୁ ଦୁର୍ଘଟଣା ଘଟାଇ ଜୀବନସାରା ପଙ୍ଗୁ କରିବାକୁ। ସରକାରଙ୍କ ଟିକସ ଦରକାର। ସରକାର ଲୋକଙ୍କ ମଙ୍ଗଳ ଚାହାନ୍ତି, କିନ୍ତୁ ଦୋକାନ ସରକାର ହିଁ ଖୋଲନ୍ତି, ଦିନକୁ ଦିନ ଅଧିକ। ଲୋକେ ଯେତେ ଅଭ୍ୟାସୀ ହେବେ, ସରକାର ସେତେ ଲାଭବାନ୍ ହେବେ। ଆଉ ପୋଲିସବାବୁ ଫୁଙ୍କନଳୀ ଧରି ବସିଛନ୍ତି, ପରୀକ୍ଷା କରି ଜରିମାନା ଆଦାୟ କରିବାକୁ। ଡବଲ ଲାଭ ସରକାର ବାହାଦୁରଙ୍କର। ମାନ୍ୟବର ସଭ୍ୟ ଜଣେ ପଚାରିଦେଲେ ପବିତ୍ର ଗୃହରେ ପ୍ରଶ୍ନଟିଏ। ଉତ୍ତର ଆସିଲା, ରାଜ୍ୟକୁ ଏଥିରୁ ମୁକ୍ତ କରିବା ଦାବି ଅମୂଳକ ଆଉ ନିରାଧାର। ସରକାରଙ୍କ ମଧ୍ୟ ଏପରି ପ୍ରସ୍ତାବ ନାହିଁ। ଆହାଃ କେଡ଼େ ମୂଲ୍ୟବାନ କଥାଟିଏ।

ପରାଧୀନ ଭାରତରେ ଜ୍ଞାନୀଗୁଣୀଜନ ନିଶା ନିବାରଣ ଆନ୍ଦୋଳନକୁ ଆଗେଇ ନେବାକୁ ବାନରସେନା ଗଢ଼ିଥିଲେ। ଏହି ବାନର ସେନାର ଛୋଟ ଛୋଟ ଛୁଆ, ଅଭ୍ୟାସୀ ମଣିଷ ଯେତେବେଳେ ଏହି ଦୋକାନ ପାଖକୁ ଯାଉଥିଲା, ସେମାନଙ୍କ ଗୋଡ଼ଧରି ନେହୁରା ହେଉଥିଲେ ଅଭ୍ୟାସ ନ କରିବାକୁ। ସେତେବେଳର ମଣିଷ ପଶ୍ଚାତ୍ତାପ କରୁଥିଲା, ଛିଃ! ନାତି ବୟସର ପିଲା, ମୋ ଗୋଡ଼ଧରୁଛି, ମୁଁ ଆଉ ଏ ଅଭ୍ୟାସ କରିବି ନାହିଁ। ଏବର ମଣିଷ ସେବେଠାରୁ ଅଧିକ ଜ୍ଞାନୀଗୁଣୀ। ସ୍ୱାଧୀନ ଦେଶର ନାଗରିକ। ଆଉ ଅଧିକ ସଚେତନ ମଧ୍ୟ। ଏବେ କେହି ଯଦି ବାରଣ କରୁଛି, ସଙ୍ଗେ ସଙ୍ଗେ ଉତ୍ତର ଆସୁଛି, ମୁଁ କ'ଣ କାହା ବାପା ପଇସା ଖର୍ଚ୍ଚ କରୁଛି, ମୁଁ ମୋ ପଇସାରେ ତ ନାଗର ଦେଖାଉଛି। ସତରେ ଆମେ କେତେ ସ୍ୱାଭିମାନୀ।




ମଣିଷ ଯେତେ ଅଭ୍ୟାସୀ ହେବ, ମୂଲ୍ୟବୋଧହୀନ ଭୋଟ ସର୍ବସ୍ୱ ରାଜନୀତିରେ ହାତବାରିସି ହେବା ପାଇଁ ସେତେ ସହଜ। ଲୋକଙ୍କୁ ଭୁଆଁ ବୁଲାଇବାକୁ ସହଜ ହେବ। ଏଥିରୁ ନିବୃତ୍ତ ମଣିଷକୁ ମନେଇବା ସହଜ ନୁହେଁ। ସଚେତନ ମଣିଷ ଅନେକ ପ୍ରଶ୍ନ କରିଥାଏ। ପ୍ରଶ୍ନ କରି କରି କ୍ଷମତାର ଚୌକିକୁ ଦୋହଲାଇ ଦେବାରେ ସକ୍ଷମ ମଧ୍ୟ ହୁଏ।

ଖବରକାଗଜର ଖବର, ଦଶ ଟଙ୍କା ପାଇଁ ନିଶାଖୋର ପୁଅ, ମାଆର ଜୀବନ ନେଲା। କେଉଁଠି ନିଶାଖୋର ମଣିଷ ପରିବାରକୁ ମାରି ନିଶ୍ଚିହ୍ନ କରିଦେଉଛି ତ କେଉଠି ନିଶାଖୋର ମଣିଷ ସମାଜରେ ଅନେକ ଅପରାଧ କରୁଛି, କିନ୍ତୁ ଏହି ସରକାରୀ ଦୋକାନ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କର ରାଜସ୍ୱ ବଢ଼ାଇବାରେ ଏହାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। କଥା ଉଠେ ମଣିଷକୁ ଅଧିକରୁ ଅଧିକ ନିଶାଖୋର କରି ରାଜସ୍ୱ ବୃଦ୍ଧି କରିବା ମାନେ କ'ଣ ଗୋଦରା କୋଡ଼େ ଯେତେ, ମାଡ଼େ ସଦୃଶ। ମଝିରେ କଥା ଉଠିଥିଲା, ଯେଉଁ ସରକାରୀ ଦୋକାନ ଅଧିକ ବେପାର କରିବ, ସେ ପୁରସ୍କୃତ ହେବ। ଅର୍ଥାତ୍ ଯେଉଁ ଦୋକାନ ଯେତେ ଅଧିକ ନିଶା ବିକିଯେତେ ଅଧିକ ପରିବାର ଉଜୁଡ଼ାଇବ, ସେ ସେତେ ପାରିବାର। ପୁରସ୍କାର ପାଇବାକୁ ସେତେ ସେ ହକ୍ ଜାହିର କରିବ। କଥାଟା ଲୋକଲୋଚନକୁ ଆସିବା ପରେ ସେହି ଭାବନା ବନ୍ଦ ହେଲା। ମଜାଦାର କଥାଟିଏ ସମସ୍ତେ ଲକ୍ଷ୍ୟ କରିଥିବେ, ଯିଏ ନିଶା ବିକେ, ସେ କିନ୍ତୁ ନିଶାଖୋର ହୁଏ ନାହିଁ, ଦୀକ୍ଷା ନେଇ ସେ ସମାଜରେ ଅଧ୍ୟାତ୍ମବାଦୀ ଭଦ୍ରଲୋକ ହୋଇ ବଞ୍ଚିବାକୁ ଚେଷ୍ଟା କରେ, ତାହାର ପିଲାଛୁଆଙ୍କୁ ଶିକ୍ଷିତ କରିବାକୁ ଚେଷ୍ଟା କରେ। ଆଉ ତାହାରି ଆଖି ଆଗରେ ଅନେକ ସଂସାର ଉଜୁଡ଼ିଯାଏ, ବିଚରାର ବା ଦୋଷ କ'ଣ! ପେଟ ପୋଷ, ନାହିଁ ଦୋଷ ଯେ!

ଥଟ୍ଟାରେ କେହି ଜଣେ କହୁଥିଲେ, ସ୍ୱାଧୀନ ଭାରତରେ ଆଉ ତ ଇଂରେଜ ନାହାନ୍ତି, ଆଉ ଦେଶପ୍ରେମୀ କିପରି ହେବା? ସ୍ୱାଧୀନ ଭାରତରେ ଯେ ଅଧିକ ଟିକସ ସରକାରଙ୍କୁ ଦିଏ, ସିଏ ହିଁ ଦେଶପ୍ରେମୀ। ଆହାଃ ଏଇ ଅଭ୍ୟାସୀମାନେ ହିଁ ଅଧିକ ଟିକସ ଦିଅନ୍ତି, ଆଉ ଏଇମାନେ ହିଁ ଅଧିକ ଦେଶପ୍ରେମୀ ନିଶ୍ଚୟ। ସରକାର ଦୋକାନ ଖୋଲିବା ବନ୍ଦ କରନ୍ତୁ ନ ହେଲେ ନିୟମ କରନ୍ତୁ ପରିବାରର ସମସ୍ତେ ଅଭ୍ୟାସୀ ହୁଅନ୍ତୁ। ସେ ବୁଢ଼ା ହୁଅନ୍ତୁ ବା ଛୁଆ ବା ସ୍ତ୍ରୀଲୋକ। ସମସ୍ତେ ଦେଶପ୍ରେମୀରୁ ବଞ୍ଚିତ ହେବେ କାହିଁକି? ସରକାରୀ ତଥ୍ୟ କହୁଛି ୩୬% ସଡ଼କ ଦୁର୍ଘଟଣା ଏଇଥିପାଇଁ ହେଉଛି। ସର୍ବୋଚ୍ଚ ନ୍ୟାୟାଳୟ କମିଟି କରି ଚେଷ୍ଟା କରୁଛନ୍ତି କିପରି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କମ୍ କରିବେ। କିନ୍ତୁ ଦିନକୁଦିନ ଅଧିକ ଦୋକାନ ଖୋଲି, ସେହି ମହତ୍ ଉଦ୍ଦେଶ୍ୟକୁ ସଫଳ ହେବାକୁ ଦେଉନାହୁଁ। ସମସ୍ତେ ପରିଶ୍ରମ କରି ପ୍ରଗତିର ବେଲୁନ୍‌କୁ ଫୁଙ୍କିବାରେ ଲାଗିଥିବା ବେଳେ ଏ ଦୋକାନ ଖୋଲା ଅଛି, ଏକ କଣ୍ଟା ହୋଇ ଛିଦ୍ର କରି ଫୁରୁସାଇ ଦେବାରେ ବ୍ୟସ୍ତ। ଏ ଦୋକାନଖୋଲା ଫଳକ ହଟା ନ ଗଲେ ସବୁ ପରିଶ୍ରମ ବୃଥାଯିବ।

ଗୋଗଳ, କାଏମା, ଯାଜପୁର
ମୋ: ୯୭୭୭୭୪୯୭୨୭

## ଏଇ ଭାରତରେ

ପାଠ ଚାପରେ କେତେକ ଶିକ୍ଷାର୍ଥୀ ସ୍କୁଲ ଅବା କଲେଜ ଯିବାକୁ ବନ୍ଦ କରନ୍ତି କିମ୍ବା ମିଛ କହନ୍ତି। ମାତ୍ର ଏବେ ପାଠ ଚାପରୁ ମୁକ୍ତି ପାଇଁ ଶିକ୍ଷାର୍ଥୀ ନୂଆ ନୂଆ କୌଶଳ ଆପଣେଇଲେଣି, ଯାହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଗୁଜରାଟରେ। ଗୁଜରାଟର ପପାଟପାରା ଅଞ୍ଚଳର ଜଣେ ୧୦ ବର୍ଷର ଛାତ୍ରୀ ହୋମ୍‌ୱାର୍କ ନ କରି ଟ୍ୟୁଶନ ନ ଯିବା ଲାଗି ଅପହରଣ ନାଟକ ରଚିଛନ୍ତି। ନାବାଳିକା ଜଣକ ତାଙ୍କ ପିତାଙ୍କ ସହ ପ୍ରଦ୍ୟୁମାନ ନଗର ପୋଲିସ ଷ୍ଟେଶନରେ ପହଞ୍ଚି ତାଙ୍କୁ ଅପହରଣ କରାଯାଇଥିଲା ବୋଲି ଅଭିଯୋଗ ଆଣିଥିଲେ। ଏହି ଘଟଣାର ତଦନ୍ତ ପାଇଁ ପୋଲିସର ଏକ ଟିମ୍ ନିୟୋଜିତ କରାଯାଇଥିଲା। ନାବାଳିକା ଜଣକ ପୋଲିସକୁ କହିଥିଲେ ଯେ, ଟ୍ୟୁଶନକୁ ଯାଉଥିବା ବେଳେ ତାଙ୍କୁ ଏକ ଏସ୍‌ୟୁଭିରେ ଅପହରଣ କରାଯାଇଥିଲା। ଅପହରଣକାରୀମାନେ ତାଙ୍କୁ କାର୍‌ରେ ବସାଇବା ସହ ରାସ୍ତାରେ ଅନ୍ୟ ଜଣେ ଝିଅକୁ ମଧ୍ୟ ନେଇଯାଇଥିଲେ। ସେ କହିଥିଲେ ଯେ ସେମାନେ ଅନ୍ୟ ଝିଅଟିକୁ ରେଳ ବ୍ରିଜ୍ ତଳେ ଛାଡ଼ି ଦେଇଥିବା ବେଳେ ତାଙ୍କୁ ରେଳଷ୍ଟେଶନ ଆଡ଼କୁ ନେଇ ଛାଡ଼ିଦେଇଥିଲେ। ପୋଲିସ ସର୍ଚ୍ଚ ଅପରେଶନ ଆରମ୍ଭ କରି ସେହି ଅଞ୍ଚଳର ସିସିଟିଭି ଫୁଟେଜ ସ୍କାନ୍ କରିଥିଲା। ଫୁଟେଜରେ ଝିଅଟି ଚାଲୁଥିବାର ଦେଖାଯାଇଥିଲା, କିନ୍ତୁ ତାଙ୍କ ଚାରିପାଖରେ କୌଣସି ଗାଡି ଦେଖାଯାଇ ନ ଥିଲା। ତା'ପରେ ଝିଅଟି ସତ ସ୍ୱୀକାର କରିଥିଲେ। ଝିଅଟି କହିଥିଲେ, ସେ ଟ୍ୟୁଶନ କ୍ଲାସ୍‌କୁ ଯିବାକୁ ଚାହୁଁନାହାନ୍ତି, କିନ୍ତୁ ତାଙ୍କ ମା' ତାଙ୍କୁ ସବୁବେଳେ ପାଠପଢ଼ିବାକୁ ବାଧ କରୁଥିବାରୁ ସେ ଏଭଳି ଅପହରଣ ନାଟକ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ସେପ୍ଟେମ୍ବର ୧୯୯୮

- ନେପାଳର ଦକ୍ଷିଣାଞ୍ଚଳ ଜିଲାଗୁଡ଼ିକରେ ମସ୍ତିଷ୍କ ଜ୍ୱର ବ୍ୟାପି ଅନ୍ୟୁନ ୭୦ ଜଣଙ୍କ ପ୍ରାଣହାନୀ।
- ହିନ୍ଦୀ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତା, ପ୍ରଯୋଜକ, ନିର୍ଦ୍ଦେଶକ ତଥା ଅଭିନେତ୍ରୀ ଜୀନତ ଅମନ୍‌ଙ୍କର ପୂର୍ବତନ ସ୍ୱାମୀ ମଜହର ଖାଁଙ୍କ ୪୩ ବର୍ଷ ବୟସରେ ପରଲୋକ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | 4 | | | 2 | |
| | | | | | | | | |
| | | | 2 | 7 | | 3 | 5 | |
| 3 | | | 8 | | 9 | | | |
| 8 | 5 | | 7 | 3 | | | | |
| | 6 | 1 | | | | | 9 | |
| 2 | | 6 | | 1 | 3 | | | 4 |
| | 4 | | | | | | | |
| 1 | 9 | | 4 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 5 | 7 | 1 | 2 | 6 | 9 | 8 |
| 2 | 7 | 9 | 6 | 8 | 4 | 3 | 1 | 5 |
| 6 | 1 | 8 | 3 | 9 | 5 | 2 | 7 | 4 |
| 7 | 5 | 1 | 8 | 2 | 3 | 4 | 6 | 9 |
| 4 | 3 | 6 | 5 | 7 | 9 | 8 | 2 | 1 |
| 9 | 8 | 2 | 4 | 6 | 1 | 5 | 3 | 7 |
| 8 | 9 | 4 | 2 | 3 | 7 | 1 | 5 | 6 |
| 1 | 6 | 3 | 9 | 5 | 8 | 7 | 4 | 2 |
| 5 | 2 | 7 | 1 | 4 | 6 | 9 | 8 | 3 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନ କାହାକୁ ଛାଡ଼ିବ ନାହିଁ

ମହାଶୟ,

ଅନ୍ୟାୟ ଅନୀତି, ହିଂସା, ବେଆଇନ ଆନ୍ଦୋଳନ, ଜାତୀୟ ସମ୍ପତ୍ତି କ୍ଷତି କରିବା, ଅତ୍ୟଧିକ ସମ୍ପତ୍ତି ଥାଇ ଗୋଚର, ଦଣ୍ଡା, ପତିତ ଜାଗା ଜମି ଜବରଦଖଲ, ଠାକୁରଙ୍କ ସମ୍ପତ୍ତି ହଡ଼ପ ଓ ଉତ୍କୋଚ ଏସବୁ କାର୍ଯ୍ୟ ଦଣ୍ଡନୀୟ ଅପରାଧ। ଏହା ଜାଣି ମଧ୍ୟ ଏବେ ବହୁ ସରକାରୀ ଅଧିକାରୀ ଓ ପ୍ରତିଷ୍ଠିତ ବ୍ୟକ୍ତି ବେଆଇନ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ଭାରତର ସଂସ୍କୃତି, ପରମ୍ପରା, ନୈତିକତା ଓ ନ୍ୟାୟ ପ୍ରଦାନକୁ ସାରା ବିଶ୍ୱବାସୀ ମାନନ୍ତି। ଭାରତର ସର୍ବଧର୍ମ ସମ୍ମାନକୁ ବିଶ୍ୱ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରେ। କାହିଁକି? ବିଭିନ୍ନ ବ୍ୟକ୍ତି ପରମ୍ପରା (ସାଂସ୍କୃତିକ) କାର୍ଯ୍ୟକ୍ରମ ବଜାୟ ଥିଲେ ବି ଏକତାର ରାହା ଏବଂ ଭାରତର ସମ୍ବିଧାନକୁ ମାନି ସମସ୍ତ ବ୍ୟକ୍ତି ସୁଖ ଶାନ୍ତିରେ ଜୀବନଯାପନ କରନ୍ତି। ଏଣୁ ଦେଶରେ ବେଆଇନ କାର୍ଯ୍ୟକଳାପ, ଅନ୍ୟାୟ, ଅନୀତି କଲେ କିମ୍ବା ଦୁର୍ନୀତି କଲେ, ନାରି ଜାତିକୁ ଅସମ୍ମାନ କଲେ ଆଇନ କୌଣସି ବ୍ୟକ୍ତିଙ୍କୁ ଛାଡ଼ିବ ନାହିଁ। ଦୋଷୀ କଠୋର ଦଣ୍ଡ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରହିବା ଦରକାର। ଏଣୁ ନିଜକୁ ପରିବର୍ତ୍ତନ କରି ବାଟକୁ ଆସ। ନଚେତ୍ କ୍ଷମାର ପ୍ରଶ୍ନ ଉଠୁନାହିଁ।

**—ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

କଠୋର ସତ୍ୟ ଏ ଧରାର ମୁହିଁ ଏକା
ସମ୍ମୁଖେ ତୋର ଦେଲି ବହୁବାର ଦେଖା
ଭୟରେ ମୋ ତହୁଁ କଲୁ ସଦା ପଳାୟନ
କଳ୍ପନା ତଳେ ଲୁଚାଇ ରଖିଲୁ ମନ।
(ଜୀବନର ସ୍ପର୍ଶ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୌମ୍ୟଙ୍କ ନାମରେ ଋଣ ଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ ସଂସ୍ଥାର ମାଲିକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମ୍ପାଦନାରେ ପ୍ରକାଶିତ ଦୈନିକ ଖବରକାଗଜ 'ସମ୍ବାଦ'ରେ କର୍ମଚାରୀଙ୍କୁ ଶୋଷଣ ଏବଂ ସେମାନଙ୍କ ନାମରେ ଜାଲିଆତି କରି ବ୍ୟାଙ୍କରୁ ଋଣ ଉଠାଯାଉଥିବା ଅଭିଯୋଗ ହୋଇଛି। ସମ୍ବାଦର ଜଣେ ପୂର୍ବତନ ଜିଲା ପ୍ରତିନିଧି ଶନିବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ଏହି ଗଣମାଧ୍ୟମ ସଂସ୍ଥା ଦ୍ୱାରା ବ୍ୟାଙ୍କ ଦୁର୍ନୀତି ସାଙ୍ଗକୁ କର୍ମଚାରୀଙ୍କୁ ଶୋଷଣ ଦୀର୍ଘ ବର୍ଷ ଧରି ହୋଇଆସୁଥିଲେ ମଧ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଏନେଇ କେହି ମୁହଁ ଖୋଲୁ ନ ଥିଲେ। ଅଭିଯୋଗ ଆସିବା ପରେ ସମ୍ବାଦ ଓ ଏହାର ସମ୍ପାଦକଙ୍କ ବିଷୟରେ ସୋସିଆଲ ମିଡିଆରେ ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଛି।

ଅଭିଯୋଗକାରୀଙ୍କ ଅନୁସାରେ, ଇଷ୍ଟର୍ଣ୍ଣ ମିଡିଆର ତତ୍କାଳୀନ ଏମ୍‌ଡି ତଥା ବର୍ତ୍ତମାନର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କର୍ମଚାରୀ ଏବଂ ସାମ୍ବାଦିକଙ୍କ ଫେକ୍ ସାଲାରି ସାର୍ଟିଫିକେଟ ଜରିଆରେ ସଂସ୍ଥାର ମାନବ ସମ୍ବଳ ବିଭାଗ ଏବଂ ବିତ୍ତ ବିଭାଗ ବିଭିନ୍ନ ବ୍ୟାଙ୍କରୁ ଋଣ ଉଠାନ୍ତି। ଏହି ଋଣ ଟଙ୍କା ସୌମ୍ୟରଞ୍ଜନ ପଟ୍ଟନାୟକ ହଡ଼ପ କରିନିଅନ୍ତି ବୋଲି ଅଭିଯୋଗ ହୋଇଛି। କର୍ମଚାରୀମାନେ ଋଣ କରିବାକୁ ମନାକଲେ ସେମାନଙ୍କୁ ଚାକିରିରୁ ବହିଷ୍କାର କରିବାକୁ ଧମକ ଦିଆଯାଇଥାଏ ବୋଲି ଅଭିଯୋଗକାରୀ ଇଓଡବ୍ଲ୍ୟୁକୁ ଜଣାଇଛନ୍ତି। ପ୍ରାୟ ୩ଶହରୁ ଅଧିକ କର୍ମଚାରୀଙ୍କ ନାଁରେ ଇଷ୍ଟର୍ଣ୍ଣ ମିଡିଆ ଲିମଟେଡ୍ ୫୦ କୋଟି ଟଙ୍କାରୁ ଅଧିକ ଋଣ କରି ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତି ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଏହି ବ୍ୟାଙ୍କ ମ୍ୟାନେଜରମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ସମ୍ଭବ ହୋଇଥିବା କୁହାଯାଉଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ଜୟଦେବ ବିହାର ଶାଖା, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର କଟକ ମଙ୍ଗଳାବାଗ ଶାଖା, କଟକ ଅରୁଣୋଦୟ ମାର୍କେଟ ଶାଖା, ବ୍ରହ୍ମପୁର ଭାପୁର ଶାଖା, ସମ୍ବଲପୁର ଇଭିନିଂ ଶାଖା, ବାଲେଶ୍ୱର ଶିଳ୍ପାଞ୍ଚଳ ଶାଖା, ଜୟପୁର ଇଭିନିଂ ଶାଖା, ଅନୁଗୋଳ, ରାଉରକେଲା ଶିଳ୍ପାଞ୍ଚଳ ଆଦି ଶାଖାରେ ଏହି ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏପରି କି କଟକ ଅରୁଣୋଦୟ ମାର୍କେଟ ଶାଖାର ଜଣେ ବ୍ୟାଙ୍କ ମ୍ୟାନେଜର ଏହି ଦୁର୍ନୀତି ଲାଗି ଏକ ମାରୁତି ୮୦୦ କାର୍ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କଠାରୁ ନେଇଥିବା ଅଭିଯୋଗ ହୋଇଛି। ଏହି କର୍ମଚାରୀଙ୍କୁ ଲୋନ୍ ଦେବା ପାଇଁ ଇଷ୍ଟର୍ଣ୍ଣ ମିଡିଆ ମାନବ ସମ୍ବଳ ବିଭାଗର ଜଣେ ଅଧିକାରୀ ବାଧ କରିବା ସହ ଚାକିରି ନେଇଯିବାର ଧମକ ଦେଇଥିବା ଭଳି ଅଭିଯୋଗ ହୋଇଛି। ଏଥିରେ ମାନବ ସମ୍ବଳ ବିଭାଗ ଓ ବିତ୍ତ ବିଭାଗର କେତେଜଣ କର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏହି ଅଭିଯୋଗକୁ ଇଓଡବ୍ଲ୍ୟୁ ତଦନ୍ତ ପାଇଁ ଗ୍ରହଣ କରିଥିବା ଜଣାପଡ଼ିଛି। ଇଓଡବ୍ଲ୍ୟୁ ତଦନ୍ତରୁ ତାଙ୍କୁ ନ୍ୟାୟ ମିଳିବ ବୋଲି ଅଭିଯୋଗକାରୀ ଆଶା ରଖିଛନ୍ତି।

ଅଭିଯୋଗକାରୀଙ୍କ କହିଛନ୍ତି, ସେ ୨୦୧୫ରେ ସମ୍ବାଦରେ ଜିଲା ପ୍ରତିନିଧି ଭାବେ ଯୋଗଦେଇଥିଲେ। ସେତେବେଳେ ତାଙ୍କ ଦରମା ଥିଲା ୧୨ ହଜାର ୬୦୦ଟଙ୍କା। ସମ୍ବାଦରେ ଯୋଗଦେବାର ଅଳ୍ପ ଦିନ ଭିତରେ ମାନବ ସମ୍ବଳ ବିଭାଗର ସମ୍ପୃକ୍ତ ଅଧିକାରୀ ତାଙ୍କୁ ଫୋନ୍‌ରେ ଏକ ଲୋନ୍ କରିବା ଲାଗି କହିଲେ। ଏହି ଜିଲା ପ୍ରତିନିଧି ତାଙ୍କର ଲୋନ୍ କରିବା କିଛି ଆବଶ୍ୟକ ନାହିଁ ବୋଲି କହିଥିଲେ। ଫଳରେ ସମ୍ପୃକ୍ତ ଅଧିକାରୀ ତାଙ୍କୁ ଧମକ ଦେଇ କହିଥିଲେ ଯେ, ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ରହିଛି, ଲୋନ କରିବାକୁ ବାଧ। ଲୋନ୍ ନ କଲେ ଚାକିରିରୁ ବିଦା ହେବ। ଏମିତି ଧମକ ପାଇବାପରେ ଅଭିଯୋଗକାରୀ ସମ୍ବାଦରେ ଥିବା ତାଙ୍କ ସହକର୍ମୀଙ୍କ ସହ କଥା ହୋଇ ଜାଣିଥିଲେ ଯେ, ଅଧିକାଂଶଙ୍କୁ ଏଭଳି ଧମକ ଦିଆଯାଇଛି ଓ ସେମାନେ ସବୁ ଭୟରେ ବ୍ୟାଙ୍କରୁ ଋଣ ମଧ୍ୟ କରିଛନ୍ତି। ଏହା ପରେ ମାନବ ସମ୍ବଳ ଅଧିକାରୀ ତାଙ୍କୁ ଭୁବନେଶ୍ୱର ରସୁଲଗଡ଼ରେ ଥିବା ସମ୍ବାଦ ମୁଖ୍ୟ କାର୍ଯ୍ୟାଳୟକୁ ଡାକିଥିଲେ। ସମ୍ବାଦରେ ଜଣେ କର୍ମଚାରୀ ତାଙ୍କୁ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଜୟଦେବ ବିହାର ଶାଖାକୁ ନେଇଯାଇଥିଲେ। ସେଠାରେ ତାଙ୍କ ଅନିଚ୍ଛା ସତ୍ତ୍ୱେ ବିଭିନ୍ନ କାଗଜପତ୍ରରେ ଦସ୍ତଖତ କରିଥିଲେ। ଏପରି କି ଦସ୍ତଖତ ଥିବା ଏସ୍‌ବିଆଇର ୬ଟି ବ୍ଲାଙ୍କ୍ ଚେକ୍ ମଧ୍ୟ ତାଙ୍କଠୁ ସମ୍ପୃକ୍ତ ଖବରକାଗଜ କର୍ମଚାରୀ ନେଇଯାଇଥିଲେ। ଏହାପରେ ଲୋନ୍ ପାସ୍ ହୋଇଥିଲା, ଆଉ ତାଙ୍କୁ ଗୋଟେ ଚେକ୍ ବହି ମଧ୍ୟ ମିଳିଥିଲା ବୋଲି ସେ କହିଛନ୍ତି। ଏହାପରେ ନୂଆ କରି ମିଳିଥିବା ଚେକ୍‌ଗୁଡ଼ିକରେ ତାଙ୍କ ଦସ୍ତଖତ କରାଇ ସାଙ୍ଗରେ ଯାଇଥିବା ସମ୍ପୃକ୍ତ କର୍ମଚାରୀ ନେଇଯାଇଥିଲେ। ତେବେ ତାଙ୍କ ନାଁରେ କେତେ ଟଙ୍କା ଋଣ ହୋଇଛି ଓ ଋଣ ଟଙ୍କା କ'ଣ ହେବ ସେ ସମ୍ପର୍କରେ ଅଭିଯୋଗକାରୀଙ୍କୁ ଅନ୍ଧାରରେ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ନିଜ ଉଦ୍ୟମରେ ବ୍ୟାଙ୍କ କର୍ମଚାରୀଙ୍କଠୁ ସେ ଜାଣିବାକୁ ପାଇଥିଲେ ଯେ, ତାଙ୍କ ନାଁରେ ୫ଲକ୍ଷ ଟଙ୍କାର ଋଣ ହୋଇଛି। ଏହାପରେ ତାଙ୍କୁ ପୁଣି ସମ୍ବାଦ ଅଫିସକୁ ଡକାଇ ଆକାଉଣ୍ଟସ୍ ବିଭାଗର ମୁଖ୍ୟ ୪୦ ହଜାର ଟଙ୍କା ଦେଇଥିଲେ। ଏ ଟଙ୍କା କାହିଁକି ଦିଆଯାଉଛି ବୋଲି ସେ ଜାଣିବାକୁ ଚାହିଁଥିଲେ। ଆକାଉଣ୍ଟସ୍ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ, ଏ ଟଙ୍କାରେ ସେ ଏକ ମୋଟର ସାଇକେଲ କିଣନ୍ତୁ ବୋଲି ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି। ତେବେ ତାଙ୍କର ପୂର୍ବରୁ ମୋଟର ସାଇକେଲ ଅଛି ଓ ସେ ଏ ଟଙ୍କା ଚାହାନ୍ତି ନାହିଁ ବୋଲି କହିଥିଲେ ମଧ୍ୟ ଆକାଉଣ୍ଟସ୍ ବିଭାଗର କେହି କିଛି ଶୁଣି ନ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ମାସିକ ଦରମାରୁ ଋଣ କିସ୍ତି କଟିବା ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ସେ ଜାଣିବାକୁ ଚାହିଁଥିଲେ ମଧ୍ୟ କେହି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ବରଂ ବାରମ୍ବାର ଚାକିରି ହରେଇବାର ଭୟ ଦେଖାଉଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏମିତି ଚାଲିଥିବାବେଳେ ପୁଣି ତାଙ୍କୁ ଆଉ ଏକ ଲୋନ୍ କରିବା ଲାଗି କୁହାଯାଇଥିଲା। ଏଥର ତାଙ୍କୁ ନିଜେ ମାନବ ସମ୍ବଳ ଅଧିକାରୀ ସାଙ୍ଗରେ ନେଇ ଏସ୍‌ବିଆଇର କଟକ ମଙ୍ଗଳାବାଗ ଶାଖାକୁ ଯାଇଥିଲେ। ସେଠାରେ ମଧ୍ୟ ସମାନ ଢଙ୍ଗରେ ଆଉ ଏକ ଋଣ କରାଯାଇଥିଲା। କିନ୍ତୁ ସେ ଜାଣିପାରି ନ ଥିଲେ ଯେ, ତାଙ୍କ ନାଁରେ କେତେ ଟଙ୍କାର ଋଣ କରି ହଡ଼ପ କରାଯାଇଛି। ପରବର୍ତ୍ତୀ ସମୟରେ ବ୍ୟାଙ୍କ କର୍ମଚାରୀଙ୍କ ସୂତ୍ରରୁ ସେ ଜାଣିବାକୁ ପାଇଥିଲେ ଯେ, ଜାଲିଆତି କରି ଲୋନ୍ ଗ୍ରହୀତାଙ୍କ ନାଁ ବଦଳାଯାଇ ଇଷ୍ଟର୍ଣ୍ଣ ମିଡିଆ ବୋଲି କରିଦିଆଯାଇଛି।

## ସଂକ୍ଷେପରେ

### ୨୩ରେ 'ଏକ ଦେଶ ଏକ ନିର୍ବାଚନ' କମିଟି ବୈଠକ: କୋବିନ୍ଦ



**ଭୁବନେଶ୍ୱର,୧୬।୯(ଅନିଲ ଦାସ):** ଏକ ଦେଶ ଏକ ନିର୍ବାଚନ (ୱାନ ନେଶନ, ୱାନ ଇଲେକ୍ସନ)ପାଇଁ ଗଠିତ କମିଟିର ପ୍ରଥମ ବୈଠକ ଆସନ୍ତା ୨୩ରେ ଅନୁଷ୍ଠିତ ହେବ। ଓଡ଼ିଶା ଗସ୍ତରେ ଆସିଥିବା ଥିବା କମିଟିର ମୁଖ୍ୟ ତଥା ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଏକ ଘରୋଇ ଇଞ୍ଜିନିୟରିଂ କଲେଜର କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ଆସିଥିବା କୋବିନ୍ଦ କହିଛନ୍ତି ଯେ, ଗୋଟିଏ ଦେଶ, ଗୋଟିଏ ନିର୍ବାଚନକୁ ନେଇ କେନ୍ଦ୍ର ସରକାର କମିଟି ଗଠନ କରିଛନ୍ତି । ଆସନ୍ତା ୧୮ରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ ବସୁଥିବାରୁ ଏ ସମ୍ପର୍କିତ ବିଲ୍ ଆଗତ ହୋଇପାରେ । ତେବେ ଆସନ୍ତା ୨୩ରେ ଏକ ଦେଶ ଏକ ନିର୍ବାଚନ ନେଇ କମିଟିର ପ୍ରଥମ ବୈଠକ ବସିବ । ଏମିତି ଅନେକ ଥର ବୈଠକ ବସିବ । ପରେ ରିପୋର୍ଟ ପ୍ରସ୍ତୁତ ହୋଇ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ। ଉକ୍ତ ରିପୋର୍ଟକୁ ତର୍ଜମା କରି କେନ୍ଦ୍ର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସେ କୋବିନ୍ଦ କରିଛନ୍ତି ।

ଭୁବନେଶ୍ୱର କାର୍ଯ୍ୟକ୍ରମ ସାରି ପୂର୍ବତନ ରାଷ୍ଟ୍ରପତି ପୁରୀ ଅଭିମୁଖେ ଯାତ୍ରା ଯାଇଥିଲେ । ପ୍ରଥମେ ପୁରୀ ରାଜଭବନରେ ପହଞ୍ଚିବା ପରେ ସେଠାରେ କିଛି ସମୟ ବିଶ୍ରାମ ନେଇଥିଲେ। ଏହା ପରେ ଶ୍ରୀମନ୍ଦିର ଯାଇ ଶ୍ରୀ ଜୀଉଙ୍କୁ ଦର୍ଶନ କରି ଆର୍ଶୀବାଦ ନେବା ସହ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରିଥିଲେ ।

### ବଡ଼ପଡ଼ାରେ ପହଞ୍ଚିଲା ଆଉ ଜଣେ ଦାଦନଙ୍କ ମୃତଦେହ

**ଖଇରପୁଟ,୧୬।୯(ଜଗନ୍ନାଥ ମାଝି):** ମାଲକାନଗିରି ଜିଲା ବଣ୍ଡାଘାଟି ମୁଦୁଲିପଡ଼ା ପଞ୍ଚାୟତ ବଡ଼ପଡ଼ା ଗ୍ରାମରେ ପୁଣି ପହଞ୍ଚିଲା ଜଣେ ଦାଦନ ଶ୍ରମିକ ବଳରାମ ବଡ଼ନାୟକଙ୍କ ମୃତଦେହ। ହାଇଦ୍ରାବାଦରେ ଏକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଗତ ୭ ତାରିଖରେ ସେଣ୍ଟ୍ରିଂ ଭୁଶୁଡ଼ି ପଡ଼ିବାରୁ ସେଠାରେ ୩ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଗୁରୁତର ୩ ଜଣ ସେଠାରେ ଚିକିତ୍ସିତ ହେଉଥିଲେ। ଗୁରୁତରଙ୍କ ମଧ୍ୟରୁ ଶୁକ୍ରବାର ରାତି ପ୍ରାୟ ୨ଟାରେ ସେଠାରେ ବଳରାମଙ୍କର ମୃତ୍ୟୁ ଘଟିଥିଲା। ଶନିବାର ସକାଳ ପ୍ରାୟ ୭ଟାରେ ତାଙ୍କ ମୃତଦେହ ମୁଦୁଲିପଡ଼ା ପଞ୍ଚାୟତ ନିଜ ଗ୍ରାମ ବଡ଼ପଡ଼ାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ତହସିଲଦାର ଲଳିତ ମଣ୍ଡଳ ଓ ଖଇରପୁଟ ପଞ୍ଚାୟତ ସମିତି ଅଧକ୍ଷ ବିମ୍ବ କିର୍ଷାନୀଙ୍କ ଉପସ୍ଥିତିରେ ପ୍ରଶାସନ ତରଫରୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ମଦ ପାଇଁ ଟଙ୍କା ନ ଦେବାରୁ ବାପାଙ୍କୁ ହତ୍ୟା

ବ୍ରହ୍ମପୁର,୧୬।୯(ସୁବାସ ଚନ୍ଦ୍ର ପାଢ଼ୀ)

ମଦ ପିଇବା ପାଇଁ ବାପା ଟଙ୍କା ନ ଦେବାରୁ ପୁଅ ଉତ୍ତ୍ୟକ୍ତ ହୋଇ ଏକ କାଠଫାଳିଆରେ ବାପାଙ୍କୁ ପିଟି ହତ୍ୟା କରିଛନ୍ତି। ଏଭଳି ଏକ ଜଘନ୍ୟ ଘଟଣା ଘଟିଛି ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ କୁମାରପୁର ଗ୍ରାମରେ।

କୁମାରପୁର ଗ୍ରାମର ରମେଶ ପ୍ରଧାନ ଶୁକ୍ରବାର ରାତିରେ ଘରେ ଶୋଇଥିଲେ। ତାଙ୍କ ପୁଅ ଦାମୋଦର ବାପାଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲେ। ରମେଶ ନିଜ ପାଖରେ ଟଙ୍କା ନ ଥିବା କହିଥିଲେ। ଫଳରେ ଦାମୋଦର ବାପାଙ୍କ ସହ ଝଗଡା କରିଥିଲେ। ପରେ ସେ ଉତ୍ତ୍ୟକ୍ତ ହୋଇ ଏକ କାଠଫାଳିଆରେ ରମେଶଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଖବରପାଇ ପୋଲିସ ପହଞ୍ଚି ରମେଶଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଛତ୍ରପୁରରେ ରହୁଥିବା ଝିଅ ନିର୍ମଳା କୁମାରପୁରରେ ପହଞ୍ଚି ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୪୫୯/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ରକ୍ତଭିଜା କାଠଫାଳିଆ ଜବତ କରିଛି। ଦାମୋଦରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।



ଗିରଫ ହତ୍ୟାକାରୀ

# ଗୋପାଳପୁର ବନ୍ଦର ଉନ୍ନତୀକରଣ ପାଇଁ ୧୧୯.୭୧୬ ଏକର ଜମି ହସ୍ତାନ୍ତର




ଭୁବନେଶ୍ୱର, ୧୬।୯(ଅସମାପିକା ସାହୁ)

ଗୋପାଳପୁର ବନ୍ଦରର ଉନ୍ନତୀକରଣ ତଥା ସମ୍ପ୍ରସାରଣ ନିମିତ୍ତ ରାଜ୍ୟ ସରକାର ୧୧୯.୭୧୬ ଏକର ଜମି ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଶନିବାର ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଗୋପାଳପୁର ବନ୍ଦର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପରିବହନ ବିଭାଗ ପକ୍ଷରୁ ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳ ପରିବହନ ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ଏବଂ ଗୋପାଳପୁର ବନ୍ଦର ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜନାର୍ଦ୍ଦନ ରାଓ ଏଥିରେ ସ୍ୱାକ୍ଷର କରିଥିଲେ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ପରିବହନ କମିଶନର ଅମିତାଭ ଠାକୁର, ବିଭାଗୀୟ ସ୍ୱତନ୍ତ୍ର ସଚିବ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପରିବହନ ବିଭାଗ ସହ ଚୁକ୍ତି

ସୂଚନାଯୋଗ୍ୟ, ଗୋପାଳପୁର ବନ୍ଦର ତତ୍କାଳୀନ ଅଣବୃହତ୍ ବନ୍ଦର ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ୧୯୮୬-୮୭ ମସିହାରୁ ପରିଚାଳିତ ହେଉଥିଲା। ଏହି ବନ୍ଦରକୁ ସବୁଦିନିଆ ବନ୍ଦର ରୂପେ ପରିଣତ କରିବା ପାଇଁ ସରକାରୀ-ଘରୋଇ ସହଭାଗିତା(ପିପିପି) ଆଧାରରେ ଗୋପାଳପୁର ବନ୍ଦର ପ୍ରାଇଭେଟ୍ ଲିମିଟେଡ୍‌କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ବନ୍ଦରର ଉନ୍ନତୀକରଣ ନିମିତ୍ତ ରାଜ୍ୟ ସରକାର ଗୋପାଳପୁର ବନ୍ଦର ପ୍ରାଇଭେଟ୍ ଲିମିଟେଡ୍ ସହିତ ୨୦୦୬ ସେପ୍ଟେମ୍ବର ୧୪ରେ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଗୋପାଳପୁର ବନ୍ଦରର ପ୍ରଥମ ପର୍ଯ୍ୟାୟ ବିକାଶ ନିମିତ୍ତ ୩୯୩.୭୮୦ ଏକର ଜମି ଓ ଏବେ ୧୧୯.୭୧୬ ଏକର ଜମି ବନ୍ଦର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି।

# ଅନୁସନ୍ଧାନର ମହତ୍ତ୍ୱ ବୁଝିଲେ ଇଞ୍ଜିନିୟରିଂ ଛାତ୍ରୀଛାତ୍ର




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର,୧୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

### 'ୱାନ୍ ୱିକ୍ ୱାନ୍ ଲାବ୍' ଉଦ୍‌ଯାପିତ

ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ ଚାଲିଥିବା 'ୱାନ୍‌ୱିକ୍‌ୱାନ୍‌ଲାବ୍' କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ରିସର୍ଚ୍ଚ ସ୍କଲାର୍ କନ୍‌କ୍ଲେଭ୍‌ରେ ବିଭିନ୍ନ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨ହଜାର ଛାତ୍ରୀଛାତ୍ର ଯୋଗଦେଇ ଅନୁସନ୍ଧାନର ମହତ୍ତ୍ୱ ବୁଝିଥିଲେ। ଖଣିଜ ପଦାର୍ଥ, ସାମଗ୍ରୀ ଏବଂ ପରିବେଶ ସ୍ଥିରତା ଉପରେ ଉପଲବ୍ଧ ସେବାଗୁଡିକ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ସିଏସ୍‌ଆଇଆର୍-ଆଇଏମ୍‌ଏମଟିର ରିସର୍ଚ୍ଚ ସ୍କଲାରମାନଙ୍କୁ ବିଶେଷ ଭାବରେ ସମ୍ମାନିତ କରାଯାଇଥିଲା।

ମୁଖ୍ୟ ଅତିଥି ଭାବେ ଏସିଏସ୍‌ଆଇର ନିର୍ଦ୍ଦେଶକ ପ୍ରଫେସର ଏମ. କେ. ଧର, ସମ୍ମାନିତ ଅତିଥି ଏନ୍‌ବିଆର୍‌ଆଇ ନିର୍ଦ୍ଦେଶକ ଏ. କେ. ଶଶାନୀ, ଜେଏନ୍‌ଏଆର୍‌ଡିଡିସି ନାଗପୁରର ପ୍ରଫେସର ଅନୁପମ ଅଗ୍ନିହୋତ୍ରୀ, ନାଲକୋର ପୂର୍ବତନ ଇଡି ପ୍ରଫେସର ବି. କେ. ଶତପଥୀ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସିଏସ୍‌ଆଇଆର୍‌ର ଯୁଗ୍ମ ସଚିବ ଏମ୍.କେ. ଗୁପ୍ତା ଓ ସମ୍ମାନିତ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ପ୍ରଫେସର ସିଦ୍ଧାର୍ଥ ଦାସ ଯୋଗଦେଇଥିଲେ। ଏହି ଅବସରରେ ରିସର୍ଚ୍ଚସ୍କଲାରମାନଙ୍କ ଦ୍ୱାରା ଏକ ପୋଷ୍ଟର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ସ୍କଲାରମାନେ ଅତିଥି ଓ ସାଙ୍ଗମାନଙ୍କ ସହିତ ଯୋଗାଯୋଗ କରି ଭବିଷ୍ୟତର ଅନୁସନ୍ଧାନ ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ। ବିଜ୍ଞାନ ଏବଂ ସମାଜ ପାଇଁ ଅନୁସନ୍ଧାନର ମହତ୍ତ୍ୱ ବିଷୟରେ ସ୍କଲାର୍ସ ତଥା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ପଦ୍ମଶ୍ରୀ ପ୍ରଫେସର ଏ. ପି. ଦାଶ ଏବଂ ପ୍ରଫେସର ଏ. କେ. ମହାପାତ୍ରଙ୍କ ଦ୍ୱାରା ବିଶେଷ ଆଲୋଚନା କରାଯାଇଥିଲା ।

# ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୧୪ବର୍ଷ ଜେଲ

**ଭବାନୀପାଟଣା,୧୬।୯(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅଞ୍ଚଳରେ ଗତ ୨୦୧୬ରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଭବାନୀପାଟଣା ଜିଲା ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ) ଶୁଭଞ୍ଜନ ମହାନ୍ତି ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଧର୍ମଗଡ ଥାନା ଟୁରିହଲଦୀ ଗ୍ରାମର ଠଣ ସୁନ୍ଦର ମାଝି (୩୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୪ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହ ୨ଟି ଦଫାରେ ୬୦ହଜାର ଟଙ୍କା ଓ ଜାତିଆଣ ମନୋଭାବ(ପିଓଏ) ଆକ୍ଟରେ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ଜରିମାନା ଅନାଦାୟେ ଆହୁରି ଅଧିକ ୬ ମାସ ଜେଲଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ପୀଡିତାଙ୍କୁ ଉଚିତ କ୍ଷତିପୂରଣ ଦେବାକୁ ଡିଏଲଏସ୍‌ଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୩୦।୬।୨୦୧୬ରେ ପୀଡିତା ଜଣକ ଅଭିଯୁକ୍ତ ଠଣ ସୁନ୍ଦର ତାଙ୍କୁ ବଳାତ୍କାର କରିଥିବା ନେଇ ଧର୍ମଗଡ଼ ଥାନାରେ ଅଭିଯୋଗ କରିଥିଲେ। ପରେ ସ୍ଥାନୀୟ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

# ୨ ଦିନିଆ ଓଡ଼ିଶା ଗସ୍ତରେ ରେଳମନ୍ତ୍ରୀ

**ଭୁବନେଶ୍ୱର,୧୬।୯(ଅଭିଜିତ ଦାସ):** ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨ ଦିନିଆ ଓଡିଶା ଗସ୍ତରେ ଆସିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବା ପରେ କପିଳପ୍ରସାଦ ଅଞ୍ଚଳର କଳାକାର ଓ ହସ୍ତଶିଳ୍ପୀମାନଙ୍କୁ ଭେଟି 'ବିଶ୍ୱକର୍ମା ଯୋଜନା' ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ କେତେକ ହସ୍ତଶିଳ୍ପ ଜିନିଷ କିଣିବା ସହ କୁମ୍ଭାର ଚକରେ ମାଟିର ସାମଗ୍ରୀ ତିଆରି ଶିଖିଛନ୍ତି। ସେହିପରି ରବିବାର ରେଳ ଅଡିଟୋରିୟମରେ 'ବିଶ୍ୱକର୍ମା ଯୋଜନା'ର ଶୁଭାରମ୍ଭ କରିବା ସହ ଭୁବନେଶ୍ୱର ଷ୍ଟେଶନର ନିର୍ମାଣ କାର୍ଯ୍ୟ ତଦାରଖ କରିବେ। ଏଥିସହ ମନ୍ତ୍ରୀ ବୈଷ୍ଣବ ୨ଟା ୩୦ରେ ଲୋକାଲ ଟ୍ରେନ୍‌ରେ କଟକ ଯାଏ ଯାତ୍ରା କରି ଟ୍ରେନ୍‌ର ସ୍ୱଚ୍ଛତାକୁ ପରଖିବା ସହ କଟକ ଷ୍ଟେଶନର ସ୍ୱଚ୍ଛତା କାର୍ଯ୍ୟର ମାନ ଯାଞ୍ଚ କରିବାର କାର୍ଯ୍ୟକ୍ରମ ରହିଛି।

# ଜେଡ୍ ୱାନ୍ ମାଲିକ ତପନ ମହାନ୍ତିଙ୍କୁ ଇଓଡବ୍ଲ୍ୟୁ ଜେରା

ଭୁବନେଶ୍ୱର,୧୬।୯(ସୂର୍ଯ୍ୟକାନ୍ତ ବେହେରା)

ରିୟଲ ଇଷ୍ଟେଟ ବ୍ୟବସାୟୀ ତଥା ଜେଡ୍ ୱାନ୍‌ର ମାଲିକ ତପନ ମହାନ୍ତିଙ୍କୁ ଶନିବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କାର୍ଯ୍ୟାଳୟକୁ ଡାକି ଜେରା କରିଛି। ଇଓଡବ୍ଲ୍ୟୁର ଜଣେ ଡିଏସ୍‌ପି ର୍‍ୟାଙ୍କର ମହିଳା ଅଧିକାରିଣୀ ତାଙ୍କୁ ପଚରାଉଚରା କରିଛନ୍ତି। ତେବେ ଏନେଇ ଇଓଡବ୍ଲ୍ୟୁ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିବାବେଳେ ଅଭିଯୋଗ ଆସିଥିବା ପ୍ରୋଜେକ୍ଟ ସମ୍ପର୍କରେ ପଚରାଉଚରା କରାଯାଇଥିବା ଜଣାପଡିଛି। ପୂର୍ବରୁ ଇଓଡବ୍ଲ୍ୟୁରେ ହାଜର ହେବାକୁ ବ୍ୟବସାୟୀ ତପନଙ୍କୁ ନୋଟିସ କରାଯାଇଥିଲା।

ମିଳିଥିବା ସୂଚନାନୁସାରେ, ଜେଡ୍ ୱାନ୍ କମ୍ପାନୀ ୧୨ ବର୍ଷତଳେ ରଘୁନାଥପୁରଠାରେ ୨୬ ଏକର ଜମିରେ ଏକ ଆପାର୍ଟମେଣ୍ଟ ତିଆରି କରି ଲୋକଙ୍କୁ ଫ୍ଲାଟ୍ ବିକ୍ରି କରିଥିଲା। ହେଲେ ଫ୍ଲାଟ୍ କିଣିଥିବା ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପରବର୍ତ୍ତୀ ସମୟରେ ଆପାର୍ଟମେଣ୍ଟ ଓନର ଆସୋସିଏଶନ ପକ୍ଷରୁ ଜେଡ୍ ୱାନ୍ ମାଲିକ ତପନଙ୍କ ନାଁରେ ଇନ୍‌ଫୋସିଟି ଥାନାରେ ଏତଲା ଦିଆଯାଇଥିଲା। ଆପାର୍ଟମେଣ୍ଟ ନିର୍ମାଣ ବେଳେ ବହୁ ଅନିୟମିତତା ହୋଇଥିବା ଓ କମ୍ପାନୀ ଗ୍ରାହକମାନଙ୍କଠାରୁ କୋଟି କୋଟି ଟଙ୍କା ନେଇଥିଲେ ମଧ୍ୟ ସେଭଳି ସୁବିଧା ଦେଇ ନ ଥିଲା କି ସେବାକରି ଜମା କରି ନ ଥିଲେ। ହେଲେ ଦୀର୍ଘଦିନ ଧରି ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ପରେ ଏନେଇ ଭୁବନେଶ୍ୱର ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ଇଓଡବ୍ଲ୍ୟୁ ଟିମ ଉକ୍ତ ଆପାର୍ଟମେଣ୍ଟର ଯାଞ୍ଚ କରିବା ସହ କମ୍ପାନୀ କର୍ମଚାରୀ ଓ ଆପାର୍ଟମେଣ୍ଟ ବାସିନ୍ଦାଙ୍କୁ ପଚରାଉଚରା କରିଥିଲା।



ଇଓଡବ୍ଲ୍ୟୁ କାର୍ଯ୍ୟାଳୟରେ ତପନ ମହାନ୍ତିଙ୍କୁ ଜଣେ ମହିଳା ଅଧିକାରୀ ପଚରାଉଚରା କରୁଛନ୍ତି।

# ୧୨ବର୍ଷ ପରେ ଘରକୁ ଫେରିଲେ ବୃଦ୍ଧ

ଭୋଗରାଇ, ୧୬।୯(ପ୍ରଦୀପ ଦାସ)

ତାମିଲନାଡୁ ରାଜ୍ୟର ଚେନ୍ନାଇରୁ ନିଖୋଜ ହୋଇଯାଇଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଫୁଲବାଣୀ ଗ୍ରାମର ସୁକୁମାର ଦଳେଇ ନାମକ ବୃଦ୍ଧ ଦୀର୍ଘ ୧୨ବର୍ଷ ପରେ ଘରକୁ ଫେରିଛନ୍ତି। ନିଖୋଜ ବେଳେ ତାଙ୍କୁ ୪୫ ବର୍ଷ ହୋଇଥିଲା। କୋଲକାତାର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାଙ୍କୁ ଉଦ୍ଧାର କରି ଫେସ୍‌ବୁକ ମାଧ୍ୟମରେ ପୋଷ୍ଟ କରିବା ପରେ ପରିବାର ଲୋକେ ଚିହ୍ନଟ କରି ତାଙ୍କୁ ସେଠାରୁ ଆଣିଛନ୍ତି। ଦିନେ ନା ଦିନେ ସେ ଫେରି ଆସିବେ ବୋଲି ପରିବାର ଲୋକେ ଆଶା ବାନ୍ଧିଥିଲେ, ଯାହା ଆଜି ସଫଳ ହୋଇଛି।

ସ୍ୱାମୀ ଫେରିଆସିବା ଆଶାରେ ଭାଗ୍ୟକୁ ଆଦରି ରହିଥିଲେ ସ୍ତ୍ରୀ ଚିନା। ପରଘରେ ମୂଲ ଲାଗି ପରିବାର ପ୍ରତିପୋଷଣ କରିବା ସହିତ ଛୋଟ ଛୋଟ ଦୁଇ ପୁଅ ବିଶଜିତ ଓ ଧନଞ୍ଜୟଙ୍କୁ ପାଠ ପଢାଇ ମଣିଷ କରିଛନ୍ତି। ବଡ ଝିଅକୁ ବିବାହ ମଧ୍ୟ ଦେଇଛନ୍ତି। ବହୁ ଦେବାଦେବୀଙ୍କୁ ମାନସିକ କରି ସୁକୁମାରଙ୍କ ଫେରିବା ବାଟକୁ ଚାହିଁ ବସିଥିଲେ ପୁରା ପରିବାର। ତେବେ ଦୀର୍ଘ ୧୨ ବର୍ଷର ପ୍ରତୀକ୍ଷା ପରେ ସୋସିଆଲ ମିଡିଆରୁ ବାପାଙ୍କୁ ଖୋଜି ପାଇଛନ୍ତି ଦୁଇ ପୁଅ। ମାନସିକ ଭାରସାମ୍ୟ ହରାଇ ସୁକୁମାର କାହାକୁ ଚିହ୍ନି ପାରୁ ନ ଥିଲେ ମଧ୍ୟ ବାପାଙ୍କୁ ଫେରି ପାଇ ଦୁଇ ପୁଅ ଓ ଝିଅ ଆତ୍ମବିଭୋର ହୋଇପଡିଛନ୍ତି। ଅନ୍ୟପକ୍ଷରେ ସ୍ୱାମୀଙ୍କୁ ପାଖରେ ପାଇ ସ୍ତ୍ରୀ ଚିନା ନିଜର ସବୁ ଦୁଃଖକଷ୍ଟକୁ ଭୁଲି ତାଙ୍କ ସେବାରେ ଲାଗିପଡିଛନ୍ତି। ପୂର୍ବରୁ ସୋସିଆଲ ମିଡ଼ିଆ ଫେସବୁକରୁ ସୁକୁମାର କୋଲକାତାରେ ଥିବା ନେଇ ଦୁଇ ପୁଅ ଜାଣିବାକୁ ପାଇଥିଲେ।



ସୁକୁମାରଙ୍କ ଫଟୋ ଦେଖି ଚିନା ତାଙ୍କ ସ୍ୱାମୀଙ୍କୁ ଚିହ୍ନଟ କରିଥିଲେ। କୋଲକାତାର ସ୍ୱେଚ୍ଛାସେବୀ ସଙ୍ଗଠନ ତାଙ୍କୁ ରାସ୍ତାରୁ ଉଦ୍ଧାର କରି ସମସ୍ତ ଚିକିତ୍ସା ସହିତ ସେବା ଯତ୍ନ ଯୋଗାଇ ଦେଇଥିଲେ। ତାଙ୍କୁ ପଚରାଉଚୁରା କରିବା ବେଳେ ସେ ତାଙ୍କର ଠିକଣା ପ୍ରକାଶ କରିପାରି ନ ଥିଲେ ମଧ୍ୟ ଦୀଘା, ବାଲେଶ୍ୱର, ଜଳେଶ୍ୱର, ଭୋଗରାଇ, ଚନ୍ଦନେଶ୍ୱର ଆଦି ସ୍ଥାନର ନାମ କହିଥିଲେ। ପରେ ସମ୍ପୃକ୍ତ ସ୍ୱେଚ୍ଛସେବୀ ସଙ୍ଗଠନ ସୁକୁମାରଙ୍କ ଫଟୋ ସହିତ ବିବରଣୀ ସୋସିଆଲ ମିଡ଼ିଆ ଫେସବୁକରେ ପୋଷ୍ଟ କରିଥିଲେ। ଏଥିରୁ ପରିବାର ଲୋକେ ସୁକୁମାରଙ୍କୁ ଚିହ୍ନଟ କରି ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ସହିତ ଫୋନରେ ଯୋଗାଯୋଗ ପରେ କୋଲକାତା ଯାଇ ସେଠାରୁ ତାଙ୍କୁ ଘରକୁ ନେଇ ଆସିଛନ୍ତି। ସୁକୁମାର ଗାଁରେ ପହଞ୍ଚିବା ପରେ ତାଙ୍କୁ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା। ସେ କାହାକୁ ଚିହ୍ନି ପାରୁ ନ ଥିଲା ବେଳେ ଇଆଡୁ ସେଆଡୁ ବିଭିନ୍ନ ପ୍ରକାର କଥା କହୁଛନ୍ତି। ଉପଯୁକ୍ତ ଚିକିତ୍ସା ପାଇଁ ପରିବାର ଲୋକେ ଶୁକ୍ରବାର ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ୮୫ଜଣଙ୍କୁ ମିଳିଲା 'ରାଷ୍ଟ୍ରପତି ପଦକ'

**ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ**

ଭୁବନେଶ୍ୱର,୧୬ା୯(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ ଶନିବାର ଲୋକସେବା ଭବନ କନ୍‌ଭେନଶନ୍ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆରକ୍ଷୀ ବାହିନୀ ଏବଂ କାରାଗାର ସଂସ୍ଥା ଓ ସଂସ୍କାର ସେବାର ମୋଟ ୮୫ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସେମାନଙ୍କ ସାହସିକତା, ଉଲ୍ଲେଖନୀୟ ତଥା ବିଶିଷ୍ଟ ସେବା ନିମନ୍ତେ 'ରାଷ୍ଟ୍ରପତି ପଦକ' ପ୍ରଦାନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ୨୦୨୧ ମସିହା ସାଧାରଣତନ୍ତ୍ର ଦିବସ ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ରାଜ୍ୟ ଆରକ୍ଷୀ ବାହିନୀର ମୋଟ ୬୭ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ସାହସିକତା ପଦକ ପ୍ରଦାନ କରିଥିଲେ। ସେହିପରି ୨୦୨୧ ମସିହା ସାଧାରଣତନ୍ତ୍ର ଦିବସ ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ରାଜ୍ୟ ଆରକ୍ଷୀ ବାହିନୀର ଦୁଇଜଣ ଅଧିକାରୀଙ୍କୁ ସେମାନଙ୍କର ବିଶିଷ୍ଟ ସେବା ନିମନ୍ତେ ଏବଂ ୧୧ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଥିଲା। ଏଥିସହ ୨୦୨୧ ମସିହା ସାଧାରଣତନ୍ତ୍ର ଦିବସ ଅବସରରେ କାରାଗାର ସଂସ୍ଥା ଓ ସଂସ୍କାର ସେବା ବର୍ଗର ୩ଜଣ ଅଧିକାରୀଙ୍କୁ ସେମାନଙ୍କ ବିଶିଷ୍ଟ ସେବା ନିମନ୍ତେ ଓ ୨ଜଣ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ୍, ରାଜ୍ୟ କାରାଗାର ଓ ସଂସ୍କାର ସେବା ବିଭାଗର ମହାନିର୍ଦ୍ଦେଶକ ଡ. ମନୋଜ କୁମାର ଛାବରାଙ୍କ ସମେତ ଗୃହ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ଲୋକସେବା ଭବନ କନ୍‌ଭେନଶନ୍ ସେଣ୍ଟରଠାରେ ଶନିବାର ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହ ପୁରସ୍କୃତ ପୋଲିସ ଅଧିକାରୀ।

# ୫ ଜଣଙ୍କୁ ୭ବର୍ଷ ଜେଲ

**ଅଜିତ ଖଟାଇ ହତ୍ୟା ମାମଲା**

ଆସିକା,୧୬ା୯ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସହର ଉପକଣ୍ଠ କେ.ନୂଆପଲ୍ଲୀ ଗ୍ରାମ ନିକଟରେ ୨୦୨୦ ନଭେମ୍ବର ୨୬ରେ ପୋଲସରା ଗ୍ରାମର ଅଜିତ ଖଟାଇଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଶନିବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଆସିକାର ଅତିରିକ୍ତ ଜିଲା ଦୌରାଜଜ ପ୍ରବୀର କୁମାର ଚୌଧୁରୀ ମାମଲାର ବିଚାର କରି ୫ଜଣ ଅଭିଯୁକ୍ତଙ୍କୁ ୭ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ଦେବା ସହ ୫ହଜାର ଟଙ୍କା ଲେଖାଏଁ ଜରିମନା ଏବଂ ଅର୍ଥ ଅନାଦେୟ ୪ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ମଦନ ମୋହନ ପୋଲାଇ, ଚନ୍ଦନ ପୋଲାଇ, ସୀମାଞ୍ଚଳ ପୋଲାଇ, ସତ୍ୟନାରାୟଣ ପରିଡା ଓ ପ୍ୟାରିମୋହନ ପରିଡା। ସମସ୍ତ ଅଭିଯୁକ୍ତ ଆସିକା ଏନ୍ଏସି ଅନ୍ତର୍ଗତ ପାକଲାପଲ୍ଲୀ ଗ୍ରାମର । ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ନାବାଳକଙ୍କ ବିଚାର ବ୍ରହ୍ମପୁର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ଚାଲିଥିବା ଜଣାଯାଇଛି।

ପ୍ରକାଶ ଯେ, ୨୦୨୦ ନଭେମ୍ବର ୨୬ ତାରିଖ ଦିନ ୨ଟା ସମୟରେ ପୋଲସରା ଖଣ୍ଡିଆ ସାହିର ବଙ୍ଗାଳି ଖଟେଇଙ୍କ ପୁଅ ଅଜିତ ଏବଂ ତାଙ୍କର ଜଣେ ସହଯୋଗୀ ବାଦଲ ପାତ୍ର କାର୍‌ରେ ପାଇଲିପଡାରୁ ବ୍ରହ୍ମପୁର ଯାଉଥିଲା ବେଳେ କେ.ନୂଆପଲ୍ଲୀ ଗ୍ରାମ ନିକଟରେ ସମ୍ମୁଖରୁ ବାଇକରେ ଆସୁଥିବା ମଦନମୋହନ କୌଣସି ସୂଚନା ନଦେଇ ବାଇକକୁ ରାସ୍ତା ଉପରେ ଅଚାନକ ବୁଲାଇଥିଲେ। ଅଜିତ ଓ ବାଦଲ ଏମିତି ରାସ୍ତା ଉପରେ ଗାଡି ବୁଲାଇବା ଠିକ ନୁହେଁ ବୋଲି ମଦନମୋହନଙ୍କୁ କହିଥିଲେ। ଏହାକୁ କେନ୍ଦ୍ର କରି ଉଭୟଙ୍କ ପକ୍ଷରେ ଯୁକ୍ତିତର୍କ ଓ ହାତାହାତି ହୋଇଥିଲା । ପରେ ମଦନ ତାଙ୍କ ପୁଅ ଓ ଅନ୍ୟମାନଙ୍କୁ ଗାଁରୁ ଡକାଇ ଅଜିତ ଓ ବାଦଲଙ୍କୁ ଗୋଡାଇ ଗୋଡାଇ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଉଭୟ ଚେତାଶୂନ୍ୟ ହୋଇ ବିଲରେ ପଡିଥିଲା ବେଳେ ପୋଲିସ ଖବର ପାଇ ସେମାନଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଥିଲା। ଅଜିତଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଅଜିତଙ୍କ ମୃତ୍ୟୁ ଘଟିଥିଲା। ଅଜିତଙ୍କ ମା' ବଙ୍ଗାଳି ଖଟାଇ ଆସିକା ଥାନାରେ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ କରି ତତ୍କାଳୀନ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରି ଅଦାଲତକୁ ପଠାଇଥିଲେ। ଏହି ମାମଲାରେ ସମୁଦାୟ ୨୦ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ଓ ସହଯୋଗୀ ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରୁଥିଲେ ।

# ଦେଢ଼ କି.ମି. ଚାଲିଲେ ଗର୍ଭବତୀ

ନୀଳଗିରି, ୧୬ା୯(ପ୍ରଶାନ୍ତ ବିଶ୍ୱାଳ)

ରାସ୍ତା ନ ଥିବାରୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ। ପ୍ରାୟ ଦେଢ଼ କି.ମି. ଦୂରରେ ରହିଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଚାଲି ଚାଲି ଆସିଲେ ଗର୍ଭବତୀ। ଏଭଳି ଘଟଣା ଘଟିଛି ନୀଳଗିରି ଥାନା ଅଧିନ ବାଉଁଶବଣିଆ ପଞ୍ଚାୟତ ମହାପାତ୍ରିଆଣି ଗ୍ରାମରେ।

ଉକ୍ତ ଗ୍ରାମର ମହେଶ୍ୱର ବେହେରାଙ୍କ ଝିଅ ସିମା ନାୟକ ଗର୍ଭବତୀ ଅବସ୍ଥାରେ ବାପଘରେ ଥିଲେ। ଶୁକ୍ରବାର ରାତିରେ ତାଙ୍କର ପ୍ରସବଜନିତ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଡାକିଥିଲେ, ହେଲେ ରାସ୍ତାଟି ଅଣଓସାରିଆ ଏବଂ କାଦୁଅ ରାସ୍ତା ହୋଇଥିବାରୁ ଗାଁ ଭିତରକୁ ଆସିପାରି ନ ଥିଲା। ପ୍ରାୟ ଦେଢ଼ କି.ମି. ଦୂରରେ ଆମ୍ବୁଲାନ୍ସ ରହିଥିଲା। ପରିବାର ଲୋକ କୌଣସି ଉପାୟ ନ ପାଇ ବାଧ୍ୟ ହୋଇ ଗର୍ଭବତୀଙ୍କୁ ଦେଢ଼ କି.ମି. ଚଲାଇ ଚଲାଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ପରେ ଆମ୍ବୁଲାନ୍ସରେ ମହିଳା ଜଣକ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଉକ୍ତ ଗ୍ରାମରେ ଏକାଧିକ ପରିବାର ରହୁଥିବା ବେଳେ ଉକ୍ତ ରାସ୍ତା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ଆନ୍ତଃ ଜିଲା ଗଞ୍ଜେଇ ଚାଲାଣ ରର୍ଦ୍ଧାକେଟ ପର୍ଦ୍ଦାଫାଶ

**୪୫ କେଜି ସହ ୨ କାର୍ ଜବତ, ୫ ଗିରଫ**

**ପାରୋଲରେ ଆସିଥିବା କଏଦୀ ଲିପ୍ତଥିଲେ**

ଢେଙ୍କାନାଳ,୧୬ା୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ପୋଲିସ ଶୁକ୍ରବାର ରାତିରେ ଆନ୍ତଃଜିଲା ଗଞ୍ଜେଇ ଚୋରାଚାଲାଣ ର୍ୟାକେଟର ପର୍ଦ୍ଦାଫାଶ କରିଛି। କନ୍ଧମାଳ ଜିଲା ଅଞ୍ଚଳରୁ ଢେଙ୍କାନାଳ ଏବଂ କଟକ ଜିଲାର ଟାଙ୍ଗି ଅଞ୍ଚଳକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ଢେଙ୍କାନାଳ ଜିଲା ସଦର ଥାନା କାଇମାଟି-ବେଲଟିକିରି ରାସ୍ତାରୁ ପୋଲିସ ୨ଟି କାର ସହ ୪୫ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଘଟଣାସ୍ଥଳରୁ ୫ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୪ଜଣ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଓ ନୟାଗଡ ଜିଲା ଗଣିଆ ଥାନା ଅଞ୍ଚଳର ବୋଲି ଜଣାପଡିଛି। ତେବେ ଫୁଲବାଣୀ ଜେଲରେ ଏକ ଆପରାଧିକ ମାମଲାରେ ସଜା କାଟୁଥିବା ଜଣେ କଏଦୀ ପାରୋଲରେ ଘରକୁ ଆସି ଗଞ୍ଜେଇ ଚୋରାଚାଲାଣରେ ସାମିଲ ହୋଇଥିବା ଶନିବାର ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, କନ୍ଧମାଳ ଜିଲାର ବିଭିନ୍ନ ଅଞ୍ଚଳରୁ ଏକ କାର୍‌ରେ ୩ଟି ବସ୍ତାରେ ୪୫କେଜି ଗଞ୍ଜେଇ ଚୋରାଚାଲାଣ କରାଯାଉଥିଲା। ଅନ୍ୟ ଏକ କାର୍ ତାହାକୁ ସୁରକ୍ଷା ଯୋଗାଇ ଦେଉଥିଲା। ଏ ନେଇ ଖବର ମିଳିବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ, ଭାପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ ଓ ସଦର ଥାନା ଏସ୍‌ଆଇ ଅରୁଣ ଦେହୁରୀଙ୍କ ସମେତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ କାଇମାଟି-ବେଲଟିକିରି ରାସ୍ତାରେ ୨ଟି କାର୍ (ନଂ. ଓଆର.୦୨-ବିଟି-୩୩୮, ଓଡି.୦୨-ବିବି-୮୭୫୧) କୁ ଅଟକାଇ ଯାଞ୍ଚ କରିବା ସହ ତାହାକୁ ଜବତ କରିଥିଲେ। ଏଥିସହ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା କାମ୍ବପଡା ଗ୍ରାମର ଅଜୟ ମାଝି(୨୮) ଓ ହାତୀଲାମ୍ବା ଗ୍ରାମର ଅଶୋକ ମଲ୍ଲିକ(୨୪), ନୟାଗଡ ଜିଲା ଗଣିଆ ଥାନା ଆତାପତା ଗ୍ରାମର ଦୁର୍ଗାଚରଣ ଦାସ(୪୨) ଓ ଡୁମାଡା ଗ୍ରାମର ଅନୁଜ ମହାରଣା(୨୪), ଢେଙ୍କାନାଳ ଜିଲା ସଦର ଥାନା ଦୁର୍ଗାପ୍ରସାଦ ଗ୍ରାମର ପି ସୁବାସଚନ୍ଦ୍ର ଦୋରା(୪୦)ଙ୍କୁ ଗିରଫ କରିଥିଲେ। ଫିରିଙ୍ଗିଆ ଥାନା ଆମ୍ବପଡା ଗ୍ରାମର ଅଜୟ ମାଝିଙ୍କ ନାମରେ ବହୁ ଏନ୍‌ଡିପିଏସ୍ ମାମଲା ଫିରିଙ୍ଗିଆ ଥାନାରେ ରହିଛି । ସେ ଜଣେ ପେଷାଦାର ଚୋରା ଗଞ୍ଜେଇ ବ୍ୟବସାୟୀ ବୋଲି ଏସ୍‌ପି କହିଥିଲେ। ସେହିପରି ନୟାଗଡ ଜିଲା ଗଣିଆ ତାନା ଆତାପତା ଗ୍ରାମର ଦୁର୍ଗାଚରଣ ଦାସ ଏକ ଆପରାଧିକ ମାମଲାରେ ଫୁଲବାଣୀ ଜେଲରୁ ପାରୋଲରେ ଆସି ଗଞ୍ଜେଇ ଚୋରାଚାଲାଣରେ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୭୮୪।୨୩ରେ ମାମଲା ରୁଜୁ କରାଯାଇଛି। ଘଟଣାରେ ଅଧିକ ତଦନ୍ତ ଜାରି ରହିଛି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ଓ ଭବାନୀ ଶଙ୍କର ଉଦଗାତା, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ସଦର ଥାନା ଅଧିକାରୀ ପ୍ରଦୀପ ପ୍ରଧାନପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

# ବୁଢ଼ିବିଲ ଗ୍ରାମରେ ହାତୀ ଆତଙ୍କ

**ଦେବଗଡ଼,୧୬ା୯(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ଫରେଷ୍ଟ ସେକ୍ସନ ସୁଗୁଡା ଫରେଷ୍ଟ ବିଟ୍ ଅନ୍ତର୍ଗତ ବୁଢିବିଲ ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଶନିବାର ସନ୍ଧ୍ୟା ସୁଦ୍ଧା ହାତୀ ପଲ ଗାଁ ନିକଟସ୍ଥ ଜଙ୍ଗଲରେ ରହିଥିବାରୁ କ୍ଷୟକ୍ଷତି ବଢିବାର ଆଶଙ୍କା ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାତୀ ପଲ ବୁଢିବିଲ ଗ୍ରାମରେ ପଶିବା ସହ ରାତି ତମାମ ବ୍ୟାପକ ଧାନ ଫସଲ ନଷ୍ଟ କରିଥିଲେ। ହାତୀପଲଙ୍କୁ ଘଉଡାଇବାରେ ବନବିଭାଗ ଫେଲ ମାରିଥିଲା। ତେବେ ଦେବଗଡ଼ ବନଖଣ୍ଡ ଅଧିକାରୀ ହାତୀ ଉପଦ୍ରବରୁ ଗ୍ରାମବାସୀଙ୍କୁ ରକ୍ଷା କରିବାକୁ ସଂପୃକ୍ତ ଅଞ୍ଚଳ ବାସୀ ଦାବି ଜଣାଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ପ୍ରାଥମିକ ସ୍କୁଲରେ ...

ଓ ୨୦୧୭ରୁ ପୁରୁଣା ପେନସନ ଲାଗୁ କରିବା ଆଦି ଦାବିରେ ଗତ ୮ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏଥିରେ ବହୁ ପ୍ରାଥମିକ ଶିକ୍ଷକ ସଂଘ ସାମିଲ ହୋଇ ଏକ ମହାସଂଘ ଗଠନ କରି ଆନ୍ଦୋଳନକୁ ତୀବ୍ର କରିଛନ୍ତି। ତେବେ ଲେଫ୍‌ଟଆଉଟ ଗଣଶିକ୍ଷକ, ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡର) ମହାସଂଘ ଓ ନିଖିଳ ଓଡ଼ିଶା ପ୍ରାଥମିକ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ସଂଘ ଏହି ଆନ୍ଦୋଳନକୁ ସମର୍ଥନ କରୁନାହାଁନ୍ତି। ଏସବୁ ସଂଘର ସଦସ୍ୟମାନେ(ଶିକ୍ଷକମାନେ) ସମୂହ ଛୁଟିରେ ନ ଯାଇ ସ୍କୁଲରେ ନିଜର ଦାୟିତ୍ୱ ତୁଲାଉଛନ୍ତି ବୋଲି ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।

### ଏନ୍‌ଏଚ୍‌ଆର୍‌ସିରେ ମାମଲା

■ **ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ବନ୍ଦ**

**କଟକ,୧୬ା୯ (କାର୍ତ୍ତିକ ସାହୁ):** ବିଭିନ୍ନ ଦାବି ନେଇ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ୯ ଦିନ ହେବ ବିଦ୍ୟାଳୟ ବନ୍ଦ କରି ଭୁବନେଶ୍ୱରଠାରେ ଧାରଣାରେ ବସିଛନ୍ତି। ଏଥିଯୋଗୁ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ହୋଇଯାଇଥିବା ଅଭିଯୋଗ କରି ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଶନିବାର ଜାତୀୟ ମାନବାଧିକାର କମିଶନ୍(ଏନ୍‌ଏଚ୍‌ଆର୍‌ସି)ରେ ମାମଲା ରୁଜୁ କରିଛନ୍ତି। ଏଥିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

ମାମଲାର ବିବରଣୀ ଅନୁସାରେ, ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ସେମାନଙ୍କ ଦାବି ପୂରଣ ପାଇଁ ଦୀର୍ଘଦିନ ହେବ ସରକାରଙ୍କୁ ଜଣାଇ ଆସୁଥିଲେ। ଦାବିଗୁଡ଼ିକ ମଧ୍ୟରେ ଗ୍ରେଡ୍ ପେ' ବୃଦ୍ଧି, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଠିକା ଶିକ୍ଷକ ନିଯୁକ୍ତି ଉଚ୍ଛେଦ, ୨୦୧୭ ମସିହାରୁ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ଆଦି ଅନ୍ତର୍ଭୁକ୍ତ ରହିଛି। ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ରାଜ୍ୟର ୧.୩୦ ଲକ୍ଷ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ସେମାନଙ୍କ ଦାବି ପୂରଣ ପାଇଁ ଗତ ଧାରଣାରେ ବସିଛନ୍ତି। ଏହାଦ୍ୱାରା ରାଜ୍ୟର ପ୍ରାୟ ୪୦ ଲକ୍ଷ ଛାତ୍ରୀଛାତ୍ରଙ୍କର ପାଠପଢ଼ା ବନ୍ଦ ହୋଇଯାଇଛି। ଅନ୍ୟପକ୍ଷରେ ଶିକ୍ଷା ବିଭାଗ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଦାବି ପୂରଣ କରିବା ବଦଳରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚିଠି କରି ନାଲିଆଖି ଦେଖାଇଛି। ଏଥିଯୋଗୁ ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଆନ୍ଦୋଳନ ସାରା ରାଜ୍ୟରେ ତୀବ୍ର ହେବାରେ ଲାଗିଛି। ଏହିଘଟଣାକୁନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏଣୁ ଏନ୍‌ଏଚ୍‌ଆର୍‌ସି ଏହି ଘଟଣାରେ ହସ୍ତକ୍ଷେପ କରି ପଦକ୍ଷେପ ନେବା ପାଇଁ ଆବେଦନକାରୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

## କଟକ ସହର ପାଇ ...

ରୂପାନ୍ତର ଏକ ସମୃଦ୍ଧ ଭବିଷ୍ୟତକୁ ନିର୍ଦ୍ଦେଶ କରୁଛି। ଆପଣମାନଙ୍କ ସହଯୋଗରେ ଏହି ରୂପାନ୍ତର ପ୍ରକ୍ରିୟା ଆହୁରି ଆଗେଇବ। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମିଶନ ଶକ୍ତି କାର୍ଯ୍ୟକ୍ରମ, ୫-ଟି ସ୍କୁଲ ରୂପାନ୍ତରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବସ୍ତିବାସିନ୍ଦାଙ୍କ ପାଇଁ ଜାଗା ମିଶନ ଆଦି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଓ ଯୋଜନା ସାଧାରଣ ଲୋକଙ୍କ ଭିତରେ ଭରସା ସୃଷ୍ଟି କରି କୋଟି କୋଟି ଲୋକଙ୍କ ମୁହଁରେ ହସ ଫୁଟାଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ସହର ପାଇଁ ୯ଟି ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୋଟ ୫୪୧ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବସ୍ ଟର୍ମିନାଲରେ ଡ୍ରାଇଭର ଏବଂ ସହାୟକଙ୍କ ପାଇଁ ବିଶ୍ରାମ ଗୃହ, ଆହାର କେନ୍ଦ୍ର, ମିଶନ ଶକ୍ତି କାଫେ ଓ ବସ୍ ରହଣି ସ୍ଥାନ ରହିଛି। ଯାତ୍ରୀମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ବସ୍ ଟର୍ମିନାଲରେ ୫୨ଟି ଦୂରଗାମୀ ରାତ୍ରିକାଳୀନ ବସ୍, ୨୦ଟି ମୋ' ବସ୍ ସହ ମୋଟ୍ ୧୯୧ଟି ବସ୍ ରହଣି ପାଇଁ ସୁବିଧା ରହିଛି। ଏହି କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏମ୍‌ପି ଭର୍ତ୍ତୃହରି ମହତାବ, ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ବିଧାୟକ ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, କଟକ ମହାନଗର ନିଗମ କମିଶନର ନିଖିଲ ପୱନ କଲ୍ୟାଣଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜମାକାରୀଙ୍କ ଅର୍ଥ ହଡ଼ପ ଅଭିଯୋଗ

ଭୋଗରାଇ, ୧୬ା୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନାଛକସ୍ଥିତ ଦେହୁର୍ଦ୍ଧା ଶ୍ରୀରାମ ଲାଇଫ ଇନ୍ସୁରାନ୍ସ ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥା ଏକାଧିକ ଜମାକାରୀଙ୍କ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏଥିଲାଗି ଜମାକାରୀମାନେ ଉକ୍ତ ସଂସ୍ଥାର ଉଚ୍ଚ ପଦାଧିକାରୀଙ୍କୁ ଜଣାଇ ନିରାଶ ହେବା ପରେ ଗୁରୁବାର ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ ଭୋଗରାଇ ବ୍ଲକ ନିଶନପୁର ଗ୍ରାମର ରିକ୍ସାଚାଳକ ରବୀନ୍ଦ୍ର ଜେନା ଏହି ବେସରକାରୀ ଇନ୍ସୁରାନ୍ସରେ ୧୨।୬।୨୦୧୭ରେ ପ୍ରଥମ କିସ୍ତିରେ ୨୪ ହଜାର ୫୬୨ ଟଙ୍କା ଜମା ରଖିଥିଲେ। ଦ୍ୱିତୀୟ କିସ୍ତିରେ ମଧ୍ୟ ସମାନସଂଖ୍ୟା ଭାବେ ଟଙ୍କା ଜମା ରଖି ସଂସ୍ଥାରୁ ରସିଦ୍‌ପ୍ରାପ୍ତ କରିଥିଲେ। ତୃତୀୟ କିସ୍ତିରେ ୨୪ହଜାର ୫୬୨ ଟଙ୍କା ଜମା କରିବା ପାଇଁ ସଂସ୍ଥାର କ୍ୟାଶିଅର ଅଭିଷେକ ମହାନ୍ତିଙ୍କୁ ଟଙ୍କା ଜମା ଦେଇଥିବା ବେଳେ ତାଙ୍କ ଅଜ୍ଞାତରେ କ୍ୟାଶିୟର ଏକ ଜାଲ୍ ରସିଦ ଦେଇଥିବା ଅଭିଯୋଗ ହୋଇଛି। କୋଭିଡ଼ ସମୟରେ ତାଙ୍କର ବେଉସା ବନ୍ଦ ହେବାରୁ ସେ କାମଧନ୍ଦା ନ ପାଇ ଉକ୍ତ ସଂସ୍ଥାରୁ ବୀମା କର୍ମଚାରୀ ଏଜେଣ୍ଟ ସୁକୁମାର ଜେନାଙ୍କ ମାଧ୍ୟମରେ ଟଙ୍କା ଉଠାଇବାକୁ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତୃତୀୟ କିସ୍ତି ଜମା ହୋଇ ନ ଥିବା ଜଣାପଡିଥିଲା। ଉକ୍ତ ସଂସ୍ଥାରେ ଜମାକାରୀ ସମୁଦାୟ ୭୩ହଜାର ୧୮୬ଟଙ୍କା ଜମା ରଖିଥିବା ବେଳେ ତୃତୀୟ କିସ୍ତି ଜମା ହୋଇ ନ ଥିବାରୁ ପରେ ତାଙ୍କର ସମସ୍ତ ଝାଳବୁହା ଅର୍ଥ ମିଳିବ ନାହିଁ ବୋଲି ଶୁଣି ଜମାକାରୀଙ୍କ ହୋସ୍ ଉଡିଯାଇଥିଲା। ସେମାନେ ଏହି ଘଟଣା ନେଇ ବାରମ୍ବାର ଉଚ୍ଚ ପଦାଧିକାରୀଙ୍କୁ ଜଣାଇଥିଲେ। ପରେ ଏହି ବୀମା କମ୍ପାନୀ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ତଦନ୍ତ କରି ଏକାଧିକ ଜମାକାରୀଙ୍କ ଅର୍ଥ ଜମା ହୋଇ ନ ଥିବା ଜାଣିବା ପରେ ମ୍ୟାନେଜର ପଦ୍ମଲୋଚନ ମଣ୍ଡଳ ଓ କ୍ୟାଶିୟର ଅଭିଷେକ ମହାନ୍ତିଙ୍କୁ ଅର୍ଥ ତୋଷରପାତରେ ତାଙ୍କୁ କମ୍ପାନୀରୁ ବହିଷ୍କାର କରିଥିବା ନୂତନ ମ୍ୟାନେଜର ସୂଚନା ଦେଇଥିଲେ। ଜମାକାରୀଙ୍କ ଟଙ୍କା ତୃତୀୟ କିସ୍ତିରେ ଜମା ହୋଇ ନ ଥିବା ଯୋଗୁ ସେ ଆଉ କଷ୍ଟ ଅର୍ଜିତ ସମସ୍ତ ଅର୍ଥ ଫେରି ନ ପାଇବା ଆଶଙ୍କା କରି ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଉକ୍ତ ସଂସ୍ଥାର ନୂତନ ଭାବେ ନିଯୁକ୍ତି ହୋଇଥିବା ମ୍ୟାନେଜର ବିକାଶ ଚାନ୍ଦ ତାଙ୍କ ପୂର୍ବରୁ ଦୁଇଜଣ ଜମାକାରୀଙ୍କ ଟଙ୍କା ଜମା ହୋଇ ନ ଥିବା ସ୍ୱୀକାର କରିବା ସହିତ ଉଚ୍ଚ ପଦାଧିକାରୀଙ୍କୁ ଜଣାଇଥିବା ସୂଚନା ଦେଇଥିଲେ। ପ୍ରକୃତରେ ଏହି ବୀମା କମ୍ପାନୀ କେତେଜଣ ଜମାକାରୀଙ୍କ ଝାଳବୁହା ଅର୍ଥ ତୋଷାରପାତ କରିଛି, ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ବହୁ ଜମାକାରୀ ଦାବି କରିବା ସହିତ ସେମାନଙ୍କର ଅର୍ଥ ଫେରାଇ ଦିଆଯାଉ ବୋଲି ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି।

# ୩ ଗିରଫ, ୨୪ ବ୍ୟାଟେରି ଜବତ


ଗିରଫ ୩ ଅଭିଯୁକ୍ତ

**ଟାୱାର ବ୍ୟାଟେରି ଚୋରି ମାମଲା**

ବାଲେଶ୍ୱର, ୧୫ା୯ (ମାନସ ବିଶ୍ୱାଳ)

ବାଲେଶ୍ୱର ସହରରେ ଥିବା ଟେଲିଫୋନ୍ ବିଭାଗର ସବ୍-ଡିଭିଜନାଲ ଇଞ୍ଜିନିୟରିଂ ଅଫିସ୍‌ରୁ ବିଟିଏସ୍ ଟାୱାରରୁ ବ୍ୟାଟେରି ଚୋରି ହୋଇଥିବା ନେଇ ଗତ ଅଗଷ୍ଟ ୨୯ ତାରିଖରେ ଉକ୍ତ ଅଫିସ୍‌ର କର୍ମଚାରୀ ଶ୍ରୀକାନ୍ତ ଦତ୍ତ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବାଲେଶ୍ୱର ଟାଉନ୍ ଥାନାରେ ମାମଲା (ନଂ. ୨୩୩/୨୩) ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ପରେ ଉକ୍ତ ମାମଲାରେ ୬ଜଣ ସାମିଲ ଥିବା ଜଣାପଡ଼ିଥିଲା। ଘଟଣାରେ ତଦନ୍ତ ଜାରି ରହିଥିବା ବେଳେ ସେଥିମଧ୍ୟରୁ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ୨୪ ବ୍ୟାଟେରି(ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା) ସହ ଏକ କାର୍, ୨ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଗାୟତ୍ରୀବାଳା ପ୍ରଧାନ, ଟାଉନ ଥାନା ଆଇଆଇସି ବାରିଣୀ ଦାସ ସୂଚନା ଦେଇଛନ୍ତି।

# ଭର୍ଚୁଆଲରେ ହେବ ସାକ୍ଷ୍ୟଗ୍ରହଣ

**ଭିଜିଲାନ୍ସ ନିର୍ଦ୍ଦେଶାଳୟରେ କୋର୍ଟ ରିମୋଟ୍ ପଏଣ୍ଟ ଉଦ୍‌ଘାଟିତ**

କଟକ,୧୬ା୯ (କାର୍ତ୍ତିକ ସାହୁ)

ବିଭିନ୍ନ ଭିଜିଲାନ୍ସ ମାମଲାରେ ସାକ୍ଷୀମାନଙ୍କୁ ଆଉ ସମୟ ଓ ଅର୍ଥ ଖର୍ଚ୍ଚ କରି ମୁଖ୍ୟାଳୟକୁ ଆସିବାକୁ ପଡ଼ିବ ନାହିଁ। ଏଣିକି ସାକ୍ଷୀମାନେ ଭର୍ଚ୍ଚୁଆଲ ମାଧ୍ୟମରେ ନିଜ ଜିଲା ମୁଖ୍ୟାଳୟରେ ଥିବା ଭିଜିଲାନ୍ସ ରିମୋଟ୍ ପଏଣ୍ଟରେ ରହି ସାକ୍ଷ୍ୟ ପ୍ରଦାନ କରିପାରିବେ। ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା କଟକସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ଏହି କୋର୍ଟ ରିମୋଟ୍ ପଏଣ୍ଟକୁ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜେଠୱା କହିଛନ୍ତି, ଏହି ବ୍ୟବସ୍ଥା ଦ୍ୱାରା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ କାର୍ଯ୍ୟ ହେବ। ଫଳରେ ଭିଜିଲାନ୍ସ ମାମଲାଗୁଡ଼ିକର ବିଚାର ପ୍ରକ୍ରିୟା ସହଜ ଓ ଦ୍ରୁତତର ହୋଇପାରିବ। ସେହିପରି ମାମଲା ସହ ଜଡ଼ିତ ଭିଜିଲାନ୍ସ ଅଧିକାରୀ ଓ ସାକ୍ଷୀମାନଙ୍କ ପାଇଁ ଯାତାୟାତଜନିତ ସମୟ ଓ ଆର୍ଥିକ ଖର୍ଚ୍ଚ ବଞ୍ଚିବ। ଓଡ଼ିଶା ହାଇକୋର୍ଟ ନିକଟରେ ରିମୋଟ୍ ପଏଣ୍ଟ ସ୍ଥାପନାକୁ ଅନୁମୋଦନ କରିଥିଲେ। ଯଦ୍ଦ୍ୱାରା ଭିଜିଲାନ୍ସ ମୁଖ୍ୟାଳୟ ସମେତ ଅନ୍ୟ ସ୍ଥାନରେ ଥିବା କାର୍ଯ୍ୟାଳୟରେ ଏହି ରିମୋଟ୍ ପଏଣ୍ଟ ସ୍ଥାପନା ସମ୍ଭବ ହୋଇଛି। ବିଭିନ୍ନ ଜିଲାରେ ଭିଜିଲାନ୍ସର ଡିଭିଜନ ଓ ୟୁନିଟ୍ କାର୍ଯ୍ୟାଳୟରେ ଏଥିପାଇଁ ଡିଜିଟାଲ ଭିତ୍ତିଭୂମି ଯୋଗାଇ ଦିଆଯାଇଛି। ସବୁ କାର୍ଯ୍ୟାଳୟରେ ସ୍ଥାପନା କରାଯାଇଥିବା କମ୍ପ୍ୟୁଟର, ୱେବ୍‌କ୍ୟାମେରା, ସ୍କାନର, ପ୍ରିଣ୍ଟର, ୟୁପିଏସ୍ ସହିତ ହାଇସ୍ପିଡ୍ ଇଣ୍ଟରନେଟ ସଂଯୋଗ ଭିଡିଓ କନ୍‌ଫରେନ୍ସ ବ୍ୟବସ୍ଥାକୁ ସହଜ କରିବ ବୋଲି ଜେଠୱା କହିଥିଲେ। ଏଥିସହ ସେ ଓଡ଼ିଶା ହାଇକୋର୍ଟଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସର ବରିଷ୍ଠ ଅଧିକାରୀ ଅସିତ୍ କୁମାର ପାଣିଗ୍ରାହୀ, ଏସ୍. କେ. କୌଶଳ, ପ୍ରକାଶ ଆର୍, ଏଲ. ଦିବ୍ୟା, ଏମ୍. ରାଧାକ୍ରିଷ୍ଣନ, ଟି. ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ଭିଜିଲାନ୍ସ ନିର୍ଦ୍ଦେଶାଳୟରେ କୋର୍ଟ ରିମୋଟ୍ ପଏଣ୍ଟକୁ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା ଉଦ୍‌ଘାଟନ କରୁଛନ୍ତି।



ଛତିଶଗଡ଼ ବସ୍ତର ଜିଲାର ଜଗଦଲପୁରଠାରେ ଶନିବାର ଏଏପି ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଜନସମାବେଶରେ ବର୍ଷା ଯୋଗୁ ଉପସ୍ଥିତ ଲୋକେ ମୁଣ୍ଡ ଉପରେ ଚେୟାର ଟେକି ଧରିଛନ୍ତି।

# ନୀତୀଶଙ୍କ ପାଇଁ ଭାଜପା ଦ୍ୱାର ବନ୍ଦ: ଶାହା

ପାଟନା, ୧୬।୯



ନୀତୀଶ କୁମାର



ଅମିତ ଶାହା

ଜି-୨୦ ନୈଶ ଭୋଜିରେ ନୀତୀଶ କୁମାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପରେ ବିହାର ରାଜନୀତି ସରଗରମ ହୋଇଉଠିଥିଲା। ଭାଜପା ଏବଂ ନୀତୀଶଙ୍କୁ ନେଇ ଅନେକ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। କିନ୍ତୁ, ଭାଜପା କିମ୍ବା ଜେଡିୟୁ ପକ୍ଷରୁ କେହି ଏ କଳ୍ପନା ଜଳ୍ପନା ସମ୍ପର୍କରେ ସ୍ପଷ୍ଟ ଭାବରେ କହିବା ସ୍ଥିତିରେ ନଥିଲେ। ଯଦିଓ ଭାଜପା ଏମ୍‌ପି ସୁଶୀଲ ମୋଦି ଏହି କଳ୍ପନାଜଳ୍ପନକୁ କିଛି ମାତ୍ରାରେ ଖଣ୍ଡନ କରିବାକୁ ଚେଷ୍ଟା କରିଥିଲେ ମାତ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିହାର ଗସ୍ତ ଉପରେ ସମସ୍ତଙ୍କ ନଜର ରହିଥିଲା। ତେବେ ଶାହାଙ୍କ ଝଂଝାରପୁର ସଭାର ଉଦ୍‌ବୋଧନ ଏସବୁ କଳ୍ପନା ଜଳ୍ପନା ଉପରେ ପୂର୍ଣ୍ଣଚ୍ଛେଦ ଟାଣିଛି। ଶନିବାର ଶାହା ଉକ୍ତ ଏକ ସଭାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ବିହାରର ଦୁଃଖଦ ସ୍ଥିତି ପାଇଁ ନୀତୀଶ ଏବଂ ଲାଲୁ ପ୍ରସାଦ ଯାଦବଙ୍କୁ ସେ ଦାୟୀ କରିଛନ୍ତି। ମୋଦି ସରକାର ଦରଭଙ୍ଗାରେ ଏମ୍ସ ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ନୀତୀଶ ସରକାର ମେଡିକାଲ କଲେଜକୁ ୮୧ ଏକର ଜମି ଦେଇଥିଲେ, କିନ୍ତୁ ପରେ ଏହାକୁ ଫେରାଇ ନେଲେ। ପରେ ସେ ଏଭଳି ଜାଗାରେ ଜମି ଦେଲେ ଯେଉଁଠାରେ କେବଳ ଖାଲଖମା ଅଛି। ଏହି କାରଣରୁ ସେଠାରେ ଏମ୍ସ ନିର୍ମାଣ କରାଯାଉନାହିଁ। ଯଦି ବିହାର ସରକାର ଜମି ଫେରାଇ ନେଇ ନ ଥାନ୍ତେ, ତେବେ ଦରଭଙ୍ଗାଠାରେ ଏମ୍ସ ନିର୍ମାଣ ହୋଇଥାନ୍ତା ଏବଂ ଏଠାକାର ରୋଗୀ ଚିକିତ୍ସା ସୁବିଧା ନିଶ୍ଚିତ ପାଇଥାନ୍ତେ । ତେବେ ଏହାପୂର୍ବରୁ ରାଜ୍ୟରେ ମିଳିତ ମେଣ୍ଟ ଭାଙ୍ଗିବା ପରେ ଅମିତ ଶାହା ନିର୍ବାଚନ ବୈଠକ କରିବାକୁ ବିହାର ଆସିଥିଲେ, ତାଙ୍କର ଲକ୍ଷ୍ୟ ନୀତୀଶ ହିଁ ଥିଲେ। ସେ ତାଙ୍କୁ କଡ଼ା ସମାଲୋଚନା କରିବା ସହିତ କହିଥିଲେ ଥରେ ନୁହଁ ନୀତୀଶ ଦୁଇଥର ଏଭଳି କରିଛନ୍ତି। ତେଣୁ ତାଙ୍କ ପାଇଁ ଭାଜପାର ରାସ୍ତା ସବୁଦିନ ପାଇଁ ବନ୍ଦ ଏବଂ ବର୍ତ୍ତମାନ ଏହା ଆଉ ଖୋଲିବ ନାହିଁ।

# ୩୦ ଜିଲାରେ ମୁଖପାତ୍ର ନିଯୁକ୍ତ କଲା କଂଗ୍ରେସ

ଭୁବନେଶ୍ୱର, ୧୬।୯ (ଅନିଲ ଦାସ)





ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ କଂଗ୍ରେସ ସାଂଗଠନିକ ପୁନର୍ଗଠନ କରିବା ଉପରେ ଗୁରୁତ୍ୱ ଦେଇଛି । ଦଳ ପ୍ରଥମଥର ପାଇଁ ଜିଲାସ୍ତରରେ ମୁଖପାତ୍ରଙ୍କୁ ନିଯୁକ୍ତି ଦେଇଛି । ଶନିବାର ଏନେଇ କଂଗ୍ରେସ ପକ୍ଷରୁ ତାଲିକା ଜାରି କରାଯାଇଛି । ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏହି ମୁଖପାତ୍ରମାନଙ୍କୁ ନିଯୁକ୍ତି ଦେଇଥିବା ଦଳ ପକ୍ଷରୁ କୁହାଯାଇଛି। ଅନୁଗୋଳ ଜିଲା ପାଇଁ ଗୋପାଳ ଚନ୍ଦ୍ର ନାଥଙ୍କୁ ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସୁଧାଂଶୁ ଶେଖର ଜେନା ବାଲେଶ୍ୱର, ଶୁଭେନ୍ଦୁ ରାୟ ମହାପାତ୍ର ଭଦ୍ରକ, ସରୋଜ କୁମାର ଷଡ଼ଙ୍ଗୀ ବରଗଡ଼, ଜୟଶ୍ରୀ ପାତ୍ର ଭୁବନେଶ୍ୱର, ଅଜୟ ବାଲି ବଲାଙ୍ଗୀର, ଶାନ୍ତନୁ କୁମାର ମହାପାତ୍ର ବୌଦ୍ଧ, ଅଶୋକ କୁମାର ସ୍ୱାଇଁ କଟକ, ମାନସ ପରିଡ଼ା କଟକ ସହର, ମଞ୍ଜୁଳ କୁମାର ନାୟକ ଦେବଗଡ଼, ନିର୍ମଳ କୁମାର ମିଶ୍ର ଢେଙ୍କାନାଳ ଏବଂ ଗଜପତି ଜିଲାର ମୁଖପାତ୍ର ଭାବେ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଜଗତ୍‌ସିଂହପୁର ଜିଲା ପାଇଁ ହେମନ୍ତ ରଥଙ୍କୁ ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ବିଭୂତି ଭୂଷଣ ମହାପାତ୍ର ଯାଜପୁର, ସୁବ୍ରତ ପ୍ରଧାନ ଝାରସୁଗୁଡ଼ା, ରଷିକାପୁର ସାହୁ କଳାହାଣ୍ଡି, ଘନ କୁମାର ଶବର କନ୍ଧମାଳ, ସଙ୍ଗୀତା ସିଂ କେନ୍ଦୁଝର, ସୁନୀଲ ରାଉତରାୟ ଖୋର୍ଦ୍ଧା, ରୂପକ ତୁରୁକ କୋରାପୁଟ, ଯୋଗେଶ ଅଗ୍ରୱାଲ ମୟୂରଭଞ୍ଜ, ପର୍ଶୁରାମ ଭକ୍ତ ମାଲକାନଗିରି, ଦେବକାନ୍ତ ପଣ୍ଡା ନବରଙ୍ଗପୁର, ଅଭୟ ଶଙ୍କର ଯୋଶୀ ନୂଆପଡ଼ା, ବୃନ୍ଦାବନ ନାୟକ ନୟାଗଡ଼, ସ୍ୱାଧୀନ କୁମାର ପଣ୍ଡା ପୁରୀ, ଗିରିଜା ଶଙ୍କର ମିଶ୍ର ରାଉରକେଲା, କର୍ମବୀର ଦାସ ସୁନ୍ଦରଗଡ ଜିଲା ମୁଖ୍ୟ ମୁଖପାତ୍ର ଭାବେ ନିଯୁକ୍ତି ପାଇଛନ୍ତି।

# ସିପିଆଇ(ଏମ୍) ନା ଟିଏମ୍‌ସି

## କଂଗ୍ରେସକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପ୍ରଶ୍ନ

କୋଲକାତା, ୧୬।୯

ପଶ୍ଚିମବଙ୍ଗ ରାଜନୀତିରେ କଂଗ୍ରେସ କାହା ସହିତ ରହିବ ସେ ନେଇ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଏକ ବାର୍ତ୍ତା ପଠାଇବାକୁ ନିଷ୍ପତ୍ତି ନେଇଛି। ସିପିଆଇ (ଏମ୍) ଅବା ଆମକୁ କାହାକୁ କଂଗ୍ରେସ ଚୟନ କରିବ ସେନେଇ ଟିଏମ୍‌ସି ପ୍ରଶ୍ନ କରିଛି। ଏନେଇ ଶନିବାର ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ, କଂଗ୍ରେସର ଜାତୀୟ ନେତୃତ୍ୱ ନରମ ହେବା ସତ୍ତ୍ୱେ ଟିଏମ୍‌ସି ଜାତୀୟ ମହାସଚିବ ତଥା ଦଳୀୟ ଏମ୍‌ପି ଅଭିଷେକ ବାନାର୍ଜୀଙ୍କୁ ଟାର୍ଗେଟ କରାଯାଇଥିବାରୁ ଦଳର ଶୀର୍ଷ ନେତୃତ୍ୱ କଂଗ୍ରେସ ଉପରେ ଅସନ୍ତୁଷ୍ଟ ଅଛନ୍ତି। କଂଗ୍ରେସ ନେତା ସି. ବେଣୁଗୋପାଳଙ୍କ ସମେତ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ସହଯୋଗୀମାନେ ଅଭିଷେକଙ୍କ ସହ ଏକତା ପ୍ରକାଶ କରିବା ସତ୍ତ୍ୱେ ରାଜ୍ୟ କଂଗ୍ରେସ ନେତାମାନେ ସମାଲୋଚନା ଜାରି ରଖିଛନ୍ତି। ସିପିଆଇ(ଏମ୍) ନେତାଙ୍କ ପକ୍ଷରୁ ମଧ୍ୟ ଅଭିଷେକଙ୍କୁ ଟାର୍ଗେଟ କରାଯାଇଛି। ଟିଏମ୍‌ସି ସୂଚନା ଅନୁସାରେ ସିପିଆଇ (ଏମ୍)ର ଆମ ସହିତ ରାଜନୈତିକ ସମସ୍ୟା ଅଛି, କିନ୍ତୁ ରାଜ୍ୟ କଂଗ୍ରେସ ନେତାମାନେ କାହିଁକି ଏହି ଧାରା ଅନୁସରଣ କରୁଛନ୍ତି? ତେଣୁ ଏଭଳି ସ୍ଥିତିରେ କଂଗ୍ରେସର ଜାତୀୟ ନେତୃତ୍ୱ ନିଷ୍ପତ୍ତି ନିଅନ୍ତୁ ଯେ, ସେମାନେ ଆମ ସହ କିମ୍ବା ପଶ୍ଚିମବଙ୍ଗର ସିପିଆଇ (ଏମ୍) ସହିତ ଯିବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଆସନ ବଣ୍ଟନ ନେଇ ବାମପନ୍ଥୀ ଦଳ ସହ କୌଣସି ଆଲୋଚନା ନ କରିବାକୁ ଟିଏମ୍‌ସି ନେତୃତ୍ୱ ନିଷ୍ପତ୍ତି ନେଇଛନ୍ତି। ପଶ୍ଚିମବଙ୍ଗରେ ଶାସକ ଦଳ କଂଗ୍ରେସ ନେତୃତ୍ୱକୁ ୪୨ ଲୋକସଭା ଆସନ ମଧ୍ୟରୁ କେତେ ଆସନ ଛାଡ଼ିବ ସେ ବିଷୟରେ ଅବଗତ କରାଇବାକୁ ମଧ୍ୟ ସୂଚନା ଦିଆଯାଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ 'ଇଣ୍ଡିଆ'ମେଣ୍ଟରେ ସାମିଲ ଅଛନ୍ତି।

## ବିଜୁ ଶ୍ରମିକ ସାମ୍ମୁଖ୍ୟ କର୍ମକର୍ତ୍ତା ନିଯୁକ୍ତ

# ପ୍ରଣବ ମୁଖ୍ୟ ଉପଦେଷ୍ଟା, ଦେବାଶିଷ, ପ୍ରଭାସ ଉପଦେଷ୍ଟା

ଭୁବନେଶ୍ୱର, ୧୬।୯ (ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଶ୍ରମିକ ସାମ୍ମୁଖ୍ୟ ପାଇଁ ନୂତନ କର୍ମକର୍ତ୍ତା ନିଯୁକ୍ତ କରିଛନ୍ତି। ଏ ନେଇ ବିଜେଡି ପକ୍ଷରୁ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ପ୍ରଣବ ପ୍ରକାଶ ଦାସଙ୍କୁ ସାମ୍ମୁଖ୍ୟର ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଦେବାଶିଷ ସାମନ୍ତରାୟ, ପ୍ରଭାସ କୁମାର ସିଂଙ୍କୁ ଉପଦେଷ୍ଟା, ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ରାଜ୍ୟ ସଭାପତି ଏବଂ ସୁବାସ ସିଂଙ୍କୁ ସେକ୍ରେଟାରି ଜେନେରାଲ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରୀତିରଞ୍ଜନ ଘଡ଼ାଇ, ପ୍ରଣବ ବଳବନ୍ତରାୟ, ନିରଞ୍ଜନ ବିଶି, ବିକ୍ରମ କୁମାର ପଣ୍ଡା, ଯୁଗଳ କିଶୋର ନାୟକ, ନବ କିଶୋର ମହାନ୍ତି, ପଞ୍ଚାନନ ସେନାପତି, ବୈଦ୍ୟନାଥ ଦାସ, ରାଜୀବ ମହାନ୍ତି ଏବଂ ଜଗଦୀଶ ବିଶ୍ୱାଳଙ୍କୁ ସେଣ୍ଟ୍ରାଲ କୋଅର୍ଡିନେଟର ଭାବେ ନିଯୁକ୍ତି ଦିଆଯାଇଛି।

# ଶିକ୍ଷକଙ୍କ ୩ ଦାବି ପୂରଣ କରିପାରୁନାହାନ୍ତି ସରକାର: ମନମୋହନ

## ଜୟପୁରରେ ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଜୟପୁର, ୧୬।୯ (ପବନ ପାଣିଗ୍ରାହୀ)



ଜୟପୁରଠାରେ ଦଳୀୟ ନେତା ଓ କର୍ମୀଙ୍କ ସହ ଭାଜପା ସଭାପତି ମନମୋହନ ସାମଲ।

କୋରାପୁଟ ଜିଲା ଗସ୍ତରେ ଆସିଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଜୟପୁରରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସହର ନିକଟସ୍ଥ ବାରଣିପୁଟରୁ ବାଇକ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ଆଣି ସହର ପରିକ୍ରମା କରାଯାଇଥିଲା। ଗାନ୍ଧୀ ଛକସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଜୟପୁର ବିଧାନସଭା ମଣ୍ଡଳୀର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଠାରେ ସେ କହିଥିଲେ, ଦୀର୍ଘ ୯ ଦିନ ହେବ ଶିକ୍ଷକମାନଙ୍କ ୩ ଦାବି ପୂରଣ କରିପାରୁନାହିନ୍ତି ସରକାର। ରାଜ୍ୟରେ ବାହାର ଠିକାଦାର କାମ କରୁଥିବା ବେଳେ ଏଠାରେ ଠିକାଦାର କାମ ପାଉନାହାନ୍ତି। ଆଗାମୀ ନିର୍ବାଚନରେ ଭାଜପାକୁ ସରକାରକୁ ଆଣନ୍ତୁ । ଶିକ୍ଷକଙ୍କ ଦାବି ପୂରଣ ହେବା ସହ ଠିକାଦାର କାମ ପାଇବେ ବୋଲି ସାମଲ କହିଥିଲେ। ଏହି ଅବସରରେ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଯାଇନାହାଁନ୍ତି କି ଲୋକଙ୍କ ସମସ୍ୟା ଶୁଣିନାହାନ୍ତି ବୋଲି ଅଭିଯୋଗ କରିଥିଲେ। କେନ୍ଦ୍ର ସରକାର ହଜାର ହଜାର କୋଟି ଟଙ୍କା ପଞ୍ଚାୟତରୁ ରାଜ୍ୟ ଯାଏ ବିକାଶ ପାଇଁ ପ୍ରଦାନ କରୁଛନ୍ତି । ମାତ୍ର ସେସବୁ ବାଟମାରଣା ହେଉଛି ବୋଲି ସେ କହିଥିଲେ। କେନ୍ଦ୍ରର ମୋଦି ସରକାର ଓଡ଼ିଶାର ବିକାଶଧାରା ବଜାୟ ରଖିଥିବା ସୂଚନା ଦେଇ ରେଳବାଇ କ୍ଷେତ୍ର ଅବା ଗମନାଗମନ ପାଇଁ ଭାରତମାଳା ପ୍ରକଳ୍ପ ସମେତ ଜୟପୁର ସହରରେ ଉଡାଣ ଯୋଜନାରେ ଏୟାରପୋର୍ଟ ପ୍ରତିଷ୍ଠା ଏକ ଐତିହାସିକ ପଦକ୍ଷେପ ବୋଲି ସଭାପତି ସାମଲ କହିଥିଲେ। କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝୀ, ଜିଲା ସଭାପତି ସୁମନ୍ତ ପ୍ରଧାନ, ଉପ ସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, କାଳିରାମ ମାଝୀ, ପୂର୍ଣ୍ଣିମା ନାୟକ, ଗୌତମ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।


OFFICE OF THE PANCHAYAT SAMITI POTTANGI, DISTRICT: KORAPUT (ODISHA)

No. 2628/2023 Date: 14.09.2023

TENDER CALL NOTICE

No. i-378: Sealed tenders are invited from the registered contractors for execution of 02 (Two) Nos. of works under Panchayat Samiti, Pottangi, District: Koraput (Odisha). The detailed information of which are available in Koraput District website **http://www.koraput.nic.in** & in DRDA website **http://www.drdakoraput.org**.
The tender documents will be available in the website and can be downloaded from Dt.15.09.2023 to Dt.26.09.2023. Last date of receipt of tender papers is 26.09.2023 (upto 5.00 P.M.) only through Speed Post/ Registered Post.

**Sd./- Block Development Officer, Pottangi**
**OIPR-19019/11/0006/2324**

OFFICE OF THE DEAN & PRINCIPAL
MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR, 760004, GANJAM, ORISSA
Tel: 0680-2292746//email:mkcgmc.bam@gmail.com/
Website: www.mkcgmch.org

No.9185/Welfare/2023/ Dt.14.09.23

WALK IN INTERVIEW

**No.E-418:**Applications are invited for eligible candidates for engagement of **JUNIOR RESIDENT** at MKCG Medical College, Berhampur. Interested candidates fulfilling the eligibility criteria can apply for the above post through the link provided in the website within the stipulated date & time i.e by **23.9.2023 5 PM.** The details are available in the website www.mkcgmch.org. The walk in interview will be held on **25.09.2023 at 11.30 AM.**

**Sd./- Dean & Principal,**
**OIPR-10013/11/0016/2324 M.K.C.G. Medical College, Berhampur**

ODISHA STATE ROAD TRANSPORT CORPORATION, BHUBANESWAR

No. 3250/OSRTC/TOE-190/2023 Dt. 15.09.2023

WALK-IN-INTERVIEW

No. CAD-2105: Odisha State Road Transport Corporation (OSRTC) is looking for professionals with experience in Company Secretary for engagement on short term contract basis. The engagement is purely temporary and contract basis for a period of one year subject to further extension of maximum period of three years of engagement based on performance and requirement by OSRTC.
The details of required qualification, experience, terms and conditions of engagement and application procedure are available in the OSRTC official website i.e. **osrtccorp@gmail.com**
**The last date of application is 25.09.2023**.
Application window shall be opened from 16.09.2023 to 25.09.2023.
Intending eligible candidates are advised to send their updated resumes on **osrtccorp@gmail.com**.
The eligible candidates shall be shortlisted and called for a personal interview for selection.

By Order of the Chairman-cum-Managing Director
**Sd./- General Manager (A), OSRTC**
**OIPR-38002/11/0005/2324**

OFFICE OF THE DEAN & PRINCIPAL
SAHEED RENDO MAJHI MEDICAL COLLEGE & HOSPITAL, BHAWANIPATNA, KALAHANDI
At; Bhangabari, P.O.: Uditnarayanpur, Bhawanipatna, Dist.: Kalahandi, PIN - 766002,
Email: bptmedicalcollege@gmail.com

Advertisement No. 1649 Date: 14.09.2023

Expression of Interest for Supply of Stationary Items/Computer Peripherals/Printing Materials

No. E-419: Sealed Expression of Interests are invited from suppliers/agencies/traders/ persons for supply of **Stationary Items/Computer Peripherals/Printing Materials** to Dean & Principal SRM MCH, Bhawanipatna, Kalahandi for a period of one year on annual rate contract basis. Details regardding supply as per need and term & conditions may be downloaded from the website **https://srmmch.odisha.gov.in/** and **www.kalahandi.nic.in**. The tender should reach the undersigned on or before 25.09.2023 by 05.00 P.M. through Speed Post/Regd. Post/Courier Services only superscribing with "EXPRESSION OF INTEREST FOR SUPPLY OF PRINTING MATERIAL, UNDER IEC/BCC ACTIVITIES". Bid will be opened at 4.00 P.M. on 26.09.2023. The undersigned reserves the right to reject any or all the bids without assigning any reason thereof.

**Sd./- Dean & Principal**
**OIPR-10229/11/0005/2324 SRM MCH Bhawanipatna, Kalahandi**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-2086:

OFFICE OF THE DIVISIONAL HEAD, BCD-1, IDCO, IDCO TOWER, BHUBANESWAR
Bid Identification No. BCD-1/Estt.-24/2023
QCN.No.2446, Dt.12.09.2023

QUOTATION CALL NOTICE THROUGH e-Procurement

1. **Name of the Work:** Supply & Installation of different Godrej make Lab Furniture & Fixtures (Test Bench & Storage Cupboard) for WSC at Mancheswar I.E., Bhubaneswar.
2. Period of Completion: 01 (One) Calendar Month.
3. Availability of tender online for bidding:
I. Start Date: 18.00 Hours of dt.22.09.2023
II. End Date: 15.00 Hours of dt.06.10.2023
III. Opening Date: 16.00 Hours of dt.06.10.2023

Quotation details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./- Divisional Head,**
**OIPR-14003/11/0216/2324 BCD-I, IDCO, Bhubaneswar**

OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION
AT/PO: ATHMALLIK, DIST- ANGUL - 759125
E-mail: dfoathmallikt@gmail.com, Tel: 9437004236
Tender Notice No.5524/1F/ 2023 Date:15.09.2023
Tender Notice No.5525/1F/ 2023 Date: 15.09.2023

**Revised Short Tender Notice for Construction of Forest Guard Quarters at Bipradihi and Dhandatopa under Dhandatopa Range, Athmallik Forest Division.**

**No.MM-160:**Sealed Tender is hereby invited by the undersigned on behalf of the Governor, of Odisha, for the following works from the eligible contractor as detail below.
**1. Name of the work: Construction of Forest Guard Quarter at Bipradihi/ Dhandatopa under Dhandatopa Range, Athmallik Forest Division.**

| Sl No. | Name of Work | Tender Notice No. | Estimated Cost | Plinth Area |
|---|---|---|---|---|
| 1 | Construction of Forest Guard Quarter at Bipradihi | 5524/1F/2023 Dt.15.09.2023 | 16.29 | 626 Sq. Ft. |
| 2 | Construction of Forest Guard Quarter at Dhandatopa | 5525/1F/2023 Dt.15.09.2023 | 16.29 | 626 Sq. Ft. |

2. **Place of Work:** Athmallik Forest Division, 3. **Period of Completion**: 90 Days. 4. Commencement of download RFP document on website: **www.odishaforest.in** Dt. 16.09.2023 Time: 11.00A.M. 5. **Last Date of bid submission (by messenger/courier/post)**: Dt.30.09.2023 up to 01.00 P.M., Office of the Divisional Forest Officer, Athmallik Division, PO/PS-Athmallik, Pin-759125, Dist .Angul. 6. **Date of General & Technical and Financial Bid opening**: Dt.30.09.2023 Time:04.00 P.M. Office of the Divisional Forest Officer, Athmallik Division, PO/PS- Athmallik, Pin759125, Dist.- Angul. 7. **RFP document Cost (Non-refundable):** Rs.1,000/- By DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik for each work. 8. **Address for Bid submission-** Office of DFO, Athmallik Division, PO/PS-Athmallik, Pin-759125, Dist.- Angul. 9. **EMD (Refundable):** Rs. 20,000/- By DD issued by Nationalized Bank in favour of the Divisional forest Officer, Athmallik Division, Payable at Athmallik for each work. 10. **Bid validity period:** 4 Months from the last date of submission of Bid. 11. Latest Tender document and addendum/corrigendum, if any, will be published at the website www.odishaforest.in. 12. **Disclaimer:** Notwithstanding anything else contained to the contrary in this tender document, DFO Athmallik reserves the right to cancel/ withdraw/ modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsoever consequent upon such a decision.

**OIPR-08125/11/0003/2324 Sd./- Divisional Forest Officer, Athmallik Division**

Government of Odisha
Higher Education Department

Timeline for waiting list admission round for B.Ed./ M.Ed. Courses under SAMS for the Academic Session 2023-24

**No.N-72:**Timeline for waiting list admission round for admission into B.Ed./ M.Ed. courses for the Academic year 2023-24 under SAMS is given below. Any change in the timeline will be published on the website https://te.samsodisha.gov.in/.

| Sl# | Activities | Timeline |
|---|---|---|
| 1 | Publication of waiting list applicants in HEI's e-Space (Thirty (30) times the actual vacancy as on 11-09-2023) | 15th-Sep-2023 **(05:00 PM)** |
| 2 | Reporting of waitlisted applicants for submission of CAF along with relevant documents for participating in the waiting list admission round | 18-Sep-2023 **(10:00 AM)** & 21 -Sep-2023 **(05:00 PM)** |
| 3 | Publication of merit list among the reported waitlisted applicants at their Notice Board & inform them via Call/SMS by the HEIs | 23-Sep-2023 **(02:00 PM)** |
| 4 | Reporting of waitlisted applicants to take admission in the one selected HEI, where the admission fees will be deposited directly at the HEIs | 25-Sep-2023 to 27-Sep-2023 **(10.00 AM to 05.00PM)** |
| 5 | Admission Updation of the selected waitlisted student's data by the HEIs in their e-Space | **28-Sep-2023 (Till 09.00 PM)** |

**Important Notice**
- Please go through the detailed guidelines for waiting list admission round for the remaining vacant seats into B.Ed./ M.Ed. Courses available in the SAMS T.E. portal.
- The applicants are also instructed to visit the Notice board of the respective Institutions where they have reported, to know their selection status.

**Sd./- Deputy Director**
**OIPR-11001/11/0034/2324 PTC Section**

See Career Appointment on every Wednesday & Saturday

ODISHA STAFF SELECTION COMMISSION
Unit - II, Bhubaneswar - 751012

No.: OSSC-EXAM-RECRT-0014-2023-3717/OSSC Date: 15.09.2023

Corrigendum to Advertisement No. 3438/OSSC Dated: 23.08.2023

**Subject: Corrigendum to the advertisement for recruitment to the Post of Pharmacist under different Departments/HoDs - 2023.**

No. T-85: Pursuant to the Commission's Advertisement No. 3438/ OSSC dated 23.08.2023, Notice No. 3481/OSSC dated 29.08.2023, the following revision/Corrigendum is made in the below-mentioned Clauses of the Advertisement for information of all concerned relating to the advertisement published for recruitment to the post of Pharmacist under different Departments/HoDs - 2023.

1. Clause - 3(b) (1) - Minimum Educational Qualification (Pharmacist under Directorate of Prisons and Correctional Services, Odisha) of the Advertisement the following clause is inserted:
"Candidates with a Bachelor in Pharmacy (B-Pharm) for the post of Pharmacist are eligible to apply for the post of Pharmacist under Directorate of Prisons and Correctional Services, Odisha".
2. All other terms and conditions of the advertisement remain unaltered.

OSSC-EXAM-RECRT-0014-2023/01/2023

**By Order of the Commission**
**Sd./- Secretary**
**OIPR-09005/11/0068/2324**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଧ୍ରୁବ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚାଇନାକୁ ଫେରିବ ପ୍ରଫେସନାଲ ଟେନିସ

**ସେଣ୍ଟ ପିଟର୍ସବର୍ଗ (ୟୁଏସ୍ଏ), ୧୬।୯ (ଏପି)**

ଚାରିବର୍ଷ ପରେ ଚାଇନାକୁ ଫେରିବ ଏଲିଟ୍ ମହିଳା ଟେନିସ୍। ଓମେନ୍ସ ଟେନିସ ଆସୋସିଏଶନ (ଡବ୍ଲ୍ୟୁଟିଏ) ଏସିଆନ ପର୍ଯ୍ୟାୟ ଟୁର୍‌ର ଅଂଶ ବିଶେଷ ସ୍ୱରୂପ ଆସନ୍ତା ୬ ସପ୍ତାହ ମଧ୍ୟରେ ୭ ଟୁର୍ନାମେଣ୍ଟର ଆୟୋଜନ ହେବ। କୋଭିଡ୍-୧୯ ପାଇଁ ଯାତାୟତ କଟକଣା ଯୋଗୁ ଚାଇନାରେ ଟୁର୍ନାମେଣ୍ଟ ସବୁ ବାତିଲ କରିଦିଆଯାଇଥିଲା। ୨୦୨୧ରେ ଗ୍ରାଣ୍ଡସ୍ଲାମ ଡବଲ୍ସ ଚାମ୍ପିୟନ ପେଙ୍ଗ୍ ଶୁଆଇ ଚାଇନାର ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମକର୍ତ୍ତାଙ୍କ ବିରୋଧରେ ଯୌନନିର୍ଯାତନା ଅଭିଯୋଗ ଆଣିବା ପରେ ନିଖୋଜ ହୋଇଯାଇଥିବା ସୋସିଆଲ ମିଡିଆରେ ପ୍ରସାରିତ ହୋଇଥିଲା। ଏହି ଘଟଣାକୁ ନେଇ ଡବ୍ଲ୍ୟୁଟିଏ ଏହି ଦେଶର ଇଭେଣ୍ଟଗୁଡ଼ିକୁ ସସ୍‌ପେଣ୍ଡ କରିଦେଇଥିଲା। ପେଙ୍ଗଙ୍କ ଜୀବନ ପ୍ରତି ବିପଦ ରହିଥିବା ତାଙ୍କ ସାଥୀ ଟେନିସ ଷ୍ଟାର ଖେଳାଳିମାନେ ଏବଂ ଡବ୍ଲ୍ୟୁଟିଏ ଆଶଙ୍କା ପ୍ରକାଶ କରିଥିଲା। ଡବ୍ଲ୍ୟୁଟିଏ ସେତେବେଳେ କହିଥିଲା ପେଙ୍ଗଙ୍କ ଦ୍ୱାରା ହୋଇଥିବା ଅଭିଯୋଗର ଉପଯୁକ୍ତ ତଦନ୍ତ ଆବଶ୍ୟକ। ଏହାଛଡ଼ା ଡବ୍ଲ୍ୟୁଟିଏର ଜଣେ କର୍ମକର୍ତ୍ତା ପେଙ୍ଗଙ୍କୁ ସାକ୍ଷାତ କରି ଫେରିବା ପରେ ଯାଇ ଚାଇନାରେ ଟୁର୍ନାମେଣ୍ଟ ଖେଳାଯିବା ଲାଗି ଅନୁମତି ମିଳିବ। ଏହି ଦୁଇଟି ସର୍ତ୍ତ ପୂରଣ ହୋଇ ନ ଥିଲେ ମଧ୍ୟ ଏହି ସିଜନରେ ଚାଇନାକୁ ଟେନିସ ଫେରିବ ବୋଲି ଡବ୍ଲ୍ୟୁଟିଏ ଏପ୍ରିଲରେ ଘୋଷଣା କରିଥିଲା। ପେଙ୍ଗ୍ ସୁରକ୍ଷିତ ଅଛନ୍ତି ବୋଲି ତାଙ୍କ ନିକଟତମ ମହଲରୁ ଜଣାପଡ଼ିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଡବ୍ଲ୍ୟୁଟିଏ କହିଥିଲା। ସୂଚନାଯୋଗ୍ୟ, ପେଙ୍ଗ୍ ଡବଲ୍ସରେ ୨୦୧୩ ୱିମ୍ବେଲଡନ ଏବଂ ୨୦୧୪ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଚାମ୍ପିୟନ। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ସିଙ୍ଗଲ୍ସରେ ଶ୍ରେଷ୍ଠ ପ୍ରଦର୍ଶନ କରି ପେଙ୍ଗ୍ ୨୦୧୪ରେ ୟୁଏସ୍ ଓପନ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେ ତାଙ୍କ କ୍ୟାରିୟରରେ ୨୩ ଡବ୍ଲ୍ୟୁଟିଏ ଡବଲ୍ସ ଏବଂ ୨ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଚାଇନା ତରଫରୁ ସେ ତିନୋଟି ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଛନ୍ତି। ଡବ୍ଲ୍ୟୁଟିଏ ଚେୟାରମ୍ୟାନ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଷ୍ଟିଭ୍ ସିମନ ଏପ୍ରିଲରେ କହିଥିଲେ ଖେଳାଳି ଓ ଟୁର୍ନାମେଣ୍ଟ ଅଫିସିଆଲଙ୍କଠାରୁ ଫିଡ୍‌ବ୍ୟାକ ପାଇବା ପରେ ଚାଇନାକୁ ଟେନିସ ଫେରିବା ନେଇ ଆୟୋଜକଗଣ ନିଷ୍ପତ୍ତି ନେଇଥିଲେ।

# ପ୍ରଥମ ରାଉଣ୍ଡରେ ବିପର୍ଯ୍ୟୟ ଘଟାଇଲେ ଅଭିମନ୍ୟୁ

**ବେଲଗ୍ରେଡ୍, ୧୬।୯(ପି.ଟି.)**

### ବିଶ୍ୱ କୁସ୍ତି ଚାମ୍ପିୟନଶିପ୍

ୟୁନାଇଟେଡ୍ ୱାର୍ଲ୍ଡ ରେସ୍ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ବିଶ୍ୱ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ସମସ୍ତ ଭାରତୀୟ ଫ୍ରି-ଷ୍ଟାଇଲ କୁସ୍ତିଯୋଦ୍ଧା ସେମାନଙ୍କ ଲଢେଇରେ ବିଜୟ ହାସଲ କରିଛନ୍ତି। ୭୦କେଜି ଶ୍ରେଣୀ କୁସ୍ତିଯୋଦ୍ଧା ଅଭିମନ୍ୟୁ ବିଶ୍ୱର ୭ନମ୍ବର ୟୁକ୍ରେନ୍‌ର ଇଶୋର ନିକିଫୋରୁକଙ୍କୁ ହରାଇ ଦେଇଛନ୍ତି। ଅଭିମନ୍ୟୁ ଗତ ଜୁନ୍‌ରେ ଅନୁଷ୍ଠିତ ୨୩ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା। ବିଶ୍ୱର ୨୬ତମ ର୍‍ୟାଙ୍କିଙ୍ଗ ଏହି କୁସ୍ତିଯୋଦ୍ଧା ୟୁକ୍ରେନର ଇଶୋରଙ୍କୁ ୧୯-୯ରେ ହରାଇ ଦେଇଛନ୍ତି। ଅଭିମନ୍ୟୁ ଏଥିରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଗୋଟିଏ ସମୟରେ ରେଫରିଙ୍କୁ ଲଢେଇକୁ ରୋକିବାକୁ ପଡ଼ିଥିଲା। ଭାରତୀୟ କୁସ୍ତିଯୋଦ୍ଧା ପ୍ରି-କ୍ୱାର୍ଟରଫାଇନାଲରେ ମୋଲଡୋଭାର ନିକୋଲାଇ ଗ୍ରାହମେଜ୍‌ଙ୍କୁ ଭେଟିବେ। ଆକାଶ ଦହିୟା ମଧ୍ୟ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ସେ ତାଙ୍କ ମୋଲ୍‌ଡୋଭାନ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ୧୦-୫ରେ ବିଜୟ ହାସଲ କରିଛନ୍ତି। ବିଶ୍ୱର ଏହି ୨୧ ନମ୍ବର କୁସ୍ତିଯୋଦ୍ଧା ବର୍ତ୍ତମାନ ଉଜବେକିସ୍ତାନର ଜାହନଗିରମିର୍ଜା ତୁରୋବୋଭ୍‌ଙ୍କୁ ଭେଟିବେ। ତୁରୋବୋଭ୍‌ଙ୍କୁ ଏଠାରେ ୬ଷ୍ଠ ସିଡ୍ ମାନ୍ୟତା ମିଳିଥିବା ବେଳେ ସେ ୨୦୨୧ ଏସିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜେତା ମଧ୍ୟ। ଅନ୍ୟ ଏକ ଓପନିଂ ବାଉଟ୍‌ରେ ୮୬କେଜି କୁସ୍ତିଯୋଦ୍ଧା ସନ୍ଦୀପ ମାନ୍ ନର୍ଥ ମାସିଡୋନିଆର ଦେଜାନ ମିତ୍ରୋଭଙ୍କୁ ଟେକ୍ନିକାଲ ସୁପରିୟରିଟି(୧୦-୦)ରେ ହରାଇ ଦେଇଛନ୍ତି। ଦ୍ୱିତୀୟ କ୍ୱାଲିଫିକେଶନ ରାଉଣ୍ଡରେ ସେ ଚାଇନାର ଲିନ୍ ଜୁଶେନ୍‌ଙ୍କୁ ଭେଟିବେ। ଭାରତର ୧୨୫ କେଜି ଶ୍ରେଣୀ କୁସ୍ତିଯୋଦ୍ଧା ସୁମିତ (୨୯ତମ ର୍‍ୟାଙ୍କିଙ୍ଗ) ବିଶ୍ୱର ୩୦ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଜାପାନର ତାୟିକି ୟାମାମୋତୋଙ୍କୁ ୩-୧ରେ ପରାସ୍ତ କରିଛନ୍ତି। ପ୍ର-କ୍ୱାର୍ଟରରେ ସେ ପୋଲାଣ୍ଡର ରବର୍ଟ ବରାନ୍‌ଙ୍କୁ ଭେଟିବେ। ୭ମ ସିଡ୍ ବରାନ ହେଉଛନ୍ତି ଜଣେ ୟୁରୋପିଆନ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଓ ୨୦୧୬ ରିଓ ଅଲିମ୍ପିକ୍ ଗେମ୍ସ କ୍ୱାର୍ଟରଫାଇନାଲିଷ୍ଟ।



ରାଜ୍ୟସ୍ତରୀୟ ବିଦ୍ୟାଳୟ ଭଲିବଲ ଓ ସଫ୍ଟବଲ୍ ଟୁର୍ନାମେଣ୍ଟ ଫାଇନାଲରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

# ଭଲିବଲରେ କେନ୍ଦ୍ରାପଡ଼ା, ବାଲେଶ୍ୱର ଚାମ୍ପିୟନ

**ବାଲେଶ୍ୱର, ୧୬।୯ (ମାନସ ବିଶ୍ୱାଳ)**

### ରାଜ୍ୟସ୍ତରୀୟ ବିଦ୍ୟାଳୟ ଭଲିବଲ ଓ ସଫ୍ଟବଲ୍

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଭୀମପୁରା ସ୍ପୋର୍ଟ୍ସହଷ୍ଟେଲ ପଡ଼ିଆରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଏବଂ ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଭଲିବଲ୍ ଓ ସଫ୍ଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ବିଭିନ୍ନ ବୟସ ବର୍ଗରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିବା ବେଳେ ୧୭ବର୍ଷରୁ କମ୍ ବାଳିକା, ବାଳକ ଭଲିବଲରେ ଯଥାକ୍ରମେ କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ରାଜ୍ୟର ୨୯ଟି ଜିଲାରୁ ୫୯ଟି ଟିମ୍ ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ୧୭ବର୍ଷରୁ କମ୍ ବାଳିକା ଭଲିବଲ ଫାଇନାଲ ସୁନ୍ଦରଗଡ଼ ଓ କେନ୍ଦ୍ରାପଡ଼ା ମଧ୍ୟରେ ହୋଇଥିଲ। କେନ୍ଦ୍ରାପଡ଼ା ୨-୦ଗେମ୍‌ରେ ଜିତି ଚାମ୍ପିୟନ ହୋଇଥିଲା। ୧୭ବର୍ଷରୁ କମ୍ ବାଳକ ଭଲିବଲ ଫାଇନାଲ ବାଲେଶ୍ୱର ଓ କେନ୍ଦ୍ରାପଡ଼ା ମଧ୍ୟରେ ହୋଇଥିଲା। ବାଲେଶ୍ୱର ୨-୦ ଗେମ୍‌ରେ ଜିତି ଚାମ୍ପିୟନ ହୋଇଥିଲା। ସେହିପରି ୧୭ବର୍ଷରୁ କମ୍ ବାଳିକା ସଫ୍ଟବଲ ଫାଇନାଲ ରାୟଗଡ଼ା ଓ ପୁରୀ ମଧ୍ୟରେ ହୋଇଥିଲା। ରାୟଗଡ଼ା ୧୩-୩ ସ୍କୋର ଜିତି ଚାମ୍ପିୟନ ହୋଇଥିଲା। ୧୭ବର୍ଷରୁ କମ୍ ବାଳକ ସଫ୍ଟବଲ ଫାଇନାଲ ବାଲେଶ୍ୱର ଓ ପୁରୀ ମଧ୍ୟରେ ହେଇଥିଲା। ବାଲେଶ୍ୱର ୪-୨ ସ୍କୋରରେ ଜିତି ଚାମ୍ପିୟନ ହୋଇଥିଲା।

୧୪ବର୍ଷରୁ କମ୍ ବାଳିକା ଭଲିବଲ ଫାଇନାଲ ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ମଧ୍ୟରେ ହୋଇଥିଲା। ଢେଙ୍କାନାଳ ୨-୦ଗେମ୍‌ରେ ଜିତି ଚାମ୍ପିୟନ ହୋଇଥିଲା। ୧୪ବର୍ଷରୁ କମ୍ ବାଳକ ଭଲିବଲରେ ଫାଇନାଲ ଖେଳିଥିଲେ ଢେଙ୍କାନାଳ ଓ ଅନୁଗୋଳ। ଅନୁଗୋଳ ୨-୧ଗେମ୍‌ରେ ଜିତି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର, ସମ୍ମାନିତ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଶାରୀରିକ ଶିକ୍ଷା ସହ-ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ପ୍ରଧାନ, ରାଜ୍ୟ ଭଲିବଲ ଆସୋସିଏଶନର ଯୁଗ୍ମ ସମ୍ପାଦକ ଜଗଦୀଶ ବେହେରା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଯୋଗଦେଇଥିଲେ। ମୁଖ୍ୟଅତିଥି ବିଧାୟକ ପରିଡ଼ାଙ୍କ ଦ୍ୱାରା ପୁରସ୍କାର ପ୍ରଦାନ ଓ କ୍ରୀଡ଼ା ପତାକା ଅବତରଣ କରିଥିଲେ।

### ଆଇସିସି କ୍ରିକେଟ ବିଶ୍ୱକପ୍

# ନସିମ୍ ଶାହାଙ୍କ ଖେଳିବା ନେଇ ସନ୍ଦେହ

**ଦୁବାଇ, ୧୬।୯ (ପି.ଟି.)**

ଆସନ୍ତା ମାସରେ ଭାରତରେ ଖେଳାଯିବାକୁ ଥିବା ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ପାକିସ୍ତାନ ପେସ୍ ବୋଲର ନସିମ ଶାହାଙ୍କ ଅଂଶଗ୍ରହଣ ନେଇ ସନ୍ଦେହ ଦେଖାଦେଇଛି। ୨୦ ବର୍ଷୀୟ ଏହି ପେସ୍ ବୋଲର ଶ୍ରୀଲଙ୍କାରେ ଭାରତ ବିପକ୍ଷ ଏସିଆ କପ୍ ସୁପର-୪ ମ୍ୟାଚରେ ଆଘାତପ୍ରାପ୍ତ ହୋଇଛନ୍ତି। ଭାରତୀୟ ଇନିଂସର ୪୬ତମ ଓଭରରେ ଶାହାଙ୍କ ଡାହାଣ କାନ୍ଧ ମାଂସପେଶୀରେ ଆଘାତ ଲାଗିଥିଲା। ଖବର ଅନୁସାରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଶାହାଙ୍କର ପୂର୍ବରୁ ଦୁବାଇରେ କରାଯାଇଥିବା ସ୍କାନକୁ ବିଶ୍ଳେଷଣ କରିଛି। ଏଥିରୁ ଯାହା ଅନୁମାନ କରାଯାଉଛି ସେ ବର୍ଷର ଅବଶିଷ୍ଟାଂଶ ଖେଳି ନ ପାରନ୍ତି। ପାକିସ୍ତାନ ଡିସେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷରେ ୩ ଟେଷ୍ଟ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ଶାହାଙ୍କର ଏଥରେ ଖେଳିବା ନେଇ ମଧ୍ୟ ସନ୍ଦେହ ରହିଛି। ପିସିବି ସେକେଣ୍ଡାରୀ ସ୍କାନକୁ ଅପେକ୍ଷା କରିଛି। ଆଗାମୀ କିଛିଦିନ ମଧ୍ୟରେ ତାହା ମିଳିଯିବ। ଏସିଆ କପ୍‌ରେ ଶାହାଙ୍କ ସ୍ଥାନରେ ଜମାନ ଖାନ୍‌ଙ୍କୁ ନିଆଯାଇଥିଲା। ପାକିସ୍ତାନ କିନ୍ତୁ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛି।

# କାର୍ଲୋସ ସେଞ୍ଜୀ ଜୁନିୟରଙ୍କୁ ପୋଲ୍ ପୋଜିଶନ


ସିଙ୍ଗାପୁରର ମାରିନା ବେ ସର୍କିଟଠାରେ ଶନିବାର ଅନୁଷ୍ଠିତ ସିଙ୍ଗାପୁର ଫର୍ମୁଲା ୱାନ ଗ୍ରାଁ ପ୍ରିର କ୍ୱାଲିଫାଇଂ ସେସନରେ ଦୁର୍ଘଟଣାଗ୍ରସ୍ତ ଆଷ୍ଟନ ମାର୍ଟିନଙ୍କ କାର୍‌ରୁ ଧୂଆଁ ନିର୍ଗତ ହେଉଥିବା ବେଳେ ନିକଟରେ ମ୍ୟାକଲରେନ ଡ୍ରାଇଭର ଅଷ୍ଟ୍ରେଲିଆର ଓସ୍କାର ପିଆଷ୍ଟ୍ରି ଅତିକ୍ରମ କରୁଛନ୍ତି।

**ସିଙ୍ଗାପୁର, ୧୬।୯ (ଏପି)**

ସିଙ୍ଗାପୁର ଗ୍ରାଁ ପ୍ରି ପାଇଁ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ମର୍ସିଡିଜର ଜର୍ଜ ରସେଲଙ୍କଠାରୁ ୦.୦୭୨ ସେକେଣ୍ଡ ଏବଂ ଫେରାରିର ଚାର୍ଲ୍ସ ଲେକରେକ୍‌ଙ୍କଠାରୁ ୦.୦୦୭ ସେକେଣ୍ଡ ଆଗରେ କାର୍ଲୋସ ସେଞ୍ଜୀ ଜୁନିୟର ପୋଲ ପୋଜିଶନ ହାସଲ କରିଛନ୍ତି। ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ ଏକାଦଶ ସ୍ଥାନରେ ରହିବାରୁ କ୍ରମାଗତ ଐତିହାସିକ ୧୦ ଫର୍ମୁଲା ୱାନ ବିଜୟ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଚଳିତ ସିଜନରେ କ୍ୱାଲିଫାଇଂରେ ଏହା ହେଉଛି ତାଙ୍କର ସବୁଠାରୁ ଖରାପ ପ୍ରଦର୍ଶନ। ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ୍ ସର୍ଗିଓ ପେରେଜ ୧୩ତମ ସ୍ଥାନରେ ରହିଥିଲେ। ଚଳିତ ସିଜନରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଥିବା ରେସ୍‌ଗୁଡ଼ିକୁ ଏହି ଦୁଇ ଡ୍ରାଇଭର ବାଣ୍ଟିକରି ଜିତିଛନ୍ତି। ମ୍ୟାକଲରେନର ଲାଣ୍ଡୋ ନୋରିସ ଚତୁର୍ଥ ଏବଂ ମର୍ସିଡିଜର ଲୁଇସ ହାମିଲଟନ ପଞ୍ଚମ ହୋଇଥିଲେ।


## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ



**୰ବସନ୍ତ କୁମାରୀ ଦାସ**

ସ୍ୱା ୰ବଂଶୀଧର ଦାସ
୩୭, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୪।୦୩।୧୯୩୩
ତିରୋଧାନ: ୦୬।୦୯।୨୦୨୩
ବୋଉ, ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁ ପ୍ରିୟଜନ
ଧ-୭୫୦୩୮

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ପୋଷ୍ଟରୁ ଭୀମରାଜୁ ପାତ୍ର ଏବଂ ୰ପୋଷ୍ଟରୁ ଅନୁସୂୟା ପାତ୍ର**

ଆଜି ଆପଣଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
ପି. ପ୍ରଦୀପ କୁମାର ପାତ୍ର, ପି. ଅନିଲ୍ କୁମାର ପାତ୍ର ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ରାଜଲକ୍ଷ୍ମୀ ଜୁଏଲ୍ ହାଉସ୍
ମହାତ୍ମାଗାନ୍ଧୀ ରୋଡ୍, ଆସିକା
ଧ-୧୩୮୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶାନ୍ତିଲତା ପାଇକରାୟ**

ପିପିଲି, କଣ୍ଟି, ପୁରୀ ମୁକୁନ୍ଦ ନଗର
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ
ଧ-୧୩୩୦

## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

## ମୁଦ୍ରା ଫାଇନାନ୍ସ

PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଟିଂ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday 0674-2580101, 2549949



MATRIMONIAL

GROOM WANTED

Age-39, Divorce Govt. Nurse ଅନାଥ ମାରୱାଡ଼ି ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6371296020. D-1290

Age-62, Pension Holder ଏକାକୀ ରହୁଥିବା Bengali ଯୁବତୀଙ୍କୁ ବାହା ହୋଇ ଘରେ ରହି ପାରୁଥିବା ପୁଅ ଦରକାର। 7749076723. D-1291

Wanted groom for 28 year Karan Civil Engineer girl working in L&T. Contact: 9692289965. D-1328

Beautiful Bengali, (Kayastha) girl, 1992, MBBS, Govt. Doctor. Settled Bhubaneswar, 7008967858. D- 71060



REAL ESTATE

SALE

"Well Designed two Storey 8 BHK House with 4800 Builtup area for sale at- Ratnakar Bag 2, Tankapani road, Bhubaneswar. 9951082666". D-1327

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

Duplex sale at Bhubaneswar @ 57lakhs only. Contact- 9777433701. D-75213

ଭୁବନେଶ୍ୱର କଟକ NH-16 ମଧ୍ୟରେ ଧାକୁଲେଇ ପୀଠ ନିକଟରେ ଘର ଉପଯୋଗୀ ପ୍ଲଟ୍ 30ଫୁଟ୍ ରୋଡ୍, ଇଲେକ୍ଟ୍ରି ଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7978729819, 7008756026. D-1244

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ 30' road, boundary, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। 7894216209. D-75215

Outright and Sharing land available for Duplex/ Apartment Projects around Bhubaneswar/ Cuttack/ Khordha/ Puri. 8984071303. D-1319

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-75039

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

3BHK flat sale Esplanade back side (Rasulgarh) and Kalinga Nagar. 8457092465. D-1324




Newly open SPA positively health benefits with expert therapist. 9938843929. D-75149

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Full body massage in homely atmosphere in all therapy. Mob: 8114881641. D-73443

Body massage by experience, good looking therapist @ 999/-. (Bhubaneswar) 9078484455. D-1215

Body relax/ Mind fresh massage @800/- by trend therapist. 7008773793. D-75148

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75037

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ୬ତମ ଜନ୍ମଦିନ ଶୁଭେଚ୍ଛା



**ଧ୍ରୁବ୍ କୁମାର**
ସମେଇ ଗଡ଼ିଆ, ଭୁବନେଶ୍ୱର
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତମର ସୁସ୍ଥ, ନୀରୋଗ, ନିରାମୟ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ବଡ଼ମା, ଅଜା, ଆଈ, ପରିବାରବର୍ଗ ଓ ଶୁଭେଚ୍ଛୁମାନେ।
ଧ-୧୩୧୭




All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

## AFFIDAVIT

ମୁଁ ଅର୍ଚ୍ଚନା ମହାପାତ୍ର, ସ୍ୱାମୀ- ଉମେଶ କୁମାର ମହାପାତ୍ର, ଦର୍ଜୀସାହି, ପିପିଲି, ପୁରୀ ସତ୍ୟପାଠ ନଂ.- 101/ 06.02.2018 ଅନୁଯାୟୀ ଘୋଷଣା କରୁଛି ଯେ, ମୋର ନାମ ଅର୍ଚ୍ଚନା ନାୟକରୁ ବର୍ତ୍ତମାନ ଠାରୁ ଅର୍ଚ୍ଚନା ମହାପାତ୍ର ଭାବେ ପରିଚିତ ହେବି। ଭବିଷ୍ୟତର ସମସ୍ତ କାର୍ଯ୍ୟରେ ଏହି ନାମ ଉପଯୋଗ ପାଇଁ ଘୋଷଣା କରୁଅଛି। ଧ-୧୩୯୪

By virtue of this Affidavit bearing No. 07 dated 13.9.22, I declare that Sekh Safiul Islam and S.K. Bull, At - Maligram, Paschim Medinipur, West Bengal, Pin – 721140 is myself and one person who is son of Sekh Rahim and S.K. Rahim Box. Henceforth, I shall be known as Sekh Safiul Islam, S/o. Sekh Rahim for all purposes. D-71692

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୭ ସେପ୍ଟେମ୍ବର, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ଭାରତର ପ୍ରଥମ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସ୍କୁଲ୍ ............ ରାଜ୍ୟରେ ପ୍ରତିଷ୍ଠା ହୋଇଛି ?
୨– ସ୍କାର୍ଲେଟ୍ ମକାଉ .......... ଦେଶର ଜାତୀୟ ପକ୍ଷୀ ?
୩– ପୃଥିବୀର ଲୋକପ୍ରିୟ କଫିବ୍ରାଣ୍ଡ ..................... ?
୪– ୨୦୨୨–୨୦୨୩ରେ ............... ରାଜ୍ୟରେ ସର୍ବାଧିକ ବଜ୍ରପାତ ରେକର୍ଡ କରାଯାଇଛି ?
୫– ରେଲୱେ ବୋର୍ଡର ଚେୟାରପର୍ସନ ଭାବେ ନିଯୁକ୍ତି ପାଇଥିବା ପ୍ରଥମ ମହିଳା .......... ?

## ଗତ ଥରର ଉତ୍ତର

୧ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ
୨ ଭାରତ
୩ କର୍ନାଟକ
୪ ୨୦ ବର୍ଷ
୫ ଲାଫିଙ୍ଗ୍ ଗ୍ୟାସ୍

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

### କ୍ୟାରିୟର ଲାଇନ୍

# ଏଗ୍ରିକଲ୍ଚର ଫିଲ୍ଡରେ ଜବ୍



କୃଷି ବା ଏଗ୍ରିକଲ୍ଚର ଫିଲ୍ଡରେ କ୍ୟାରିୟର ଗଡ଼ିବାକୁ ଅଧିକାଂଶ ଯୁବପିଢ଼ି ଆଗ୍ରହୀ ହେଉଥିବାର ଦେଖିବାକୁ ମିଳୁଛି। କାରଣ ଏହି କ୍ଷେତ୍ରରେ ଟେକ୍ନୋଲୋଜିର ବହୁଳ ବ୍ୟବହାର ଦ୍ୱାରା ଭଲ ରୋଜଗାର ମଧ୍ୟ କରାଯାଇପାରୁଛି। ତେଣୁ ଏ ଦିଗରେ ଆଗ୍ରହୀ ଯୁବପିଢ଼ିଙ୍କ ପାଇଁ କ'ଣ ରହିଛି ଅପ୍ସନ ଜାଣିରଖନ୍ତୁ ସେ ସମ୍ପର୍କରେ...

**କୋର୍ସ:** କେତେକ ସ୍ଥାନରେ ସ୍କୁଲ୍ ସମୟରୁ ହିଁ ଏଗ୍ରିକଲ୍ଚରରେ ପାଠପଢ଼ା ଆରମ୍ଭ ହୋଇଯାଇଥାଏ। ଏଥିପାଇଁ ବାୟୋଲୋଜି, କେମେଷ୍ଟ୍ରି ଏବଂ ଏଗ୍ରିକଲ୍ଚର ସବ୍‌ଜେକ୍ଟ ରଖିବାକୁ ହୋଇଥାଏ। ଯୁକ୍ତ ଦୁଇ ପଢ଼ିବା ପରେ ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷା ଦେବାକୁ ହୋଇଥାଏ। ପରେ ଏଥିପାଇଁ ଡିପ୍ଲୋମା, ଡିଗ୍ରୀ, ପିଜି, ପିଏଚ୍‌ଡି ଭଳି କୋର୍ସ କରିବାର ସୁବିଧା ରହିଛି।

**କ୍ୟାରିୟର ଅପ୍ସନ୍:** ଏହି ଫିଲ୍ଡରେ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ବିଭିନ୍ନ ଚାକିରି ମିଳିବାର ସୁଯୋଗ ରହିଛି।

**ସରକାରୀ ସ୍ତରରେ ଚାକିରୀ:**
କୃଷି ପର୍ଯ୍ୟବେକ୍ଷକ: ଏଥିପାଇଁ ଅନ୍ତତଃ ଯୁକ୍ତ ଦୁଇରେ ଏଗ୍ରିକଲ୍ଚର ସବ୍‌ଜେକ୍ଟ ରଖି ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥାଏ। ପ୍ରତି ଦୁଇ–ତିନି ଗ୍ରାମପଞ୍ଚାୟତ ପାଇଁ ଗୋଟିଏ ଲେଖାଏ ଏହି ପୋଷ୍ଟ ରହିଥାଏ। ଏଥିପାଇଁ ମଝିରେ ମଝିରେ ସରକାରୀସ୍ତରରୁ ଚୟନ ପରୀକ୍ଷା କରାଯାଇ ନିଯୁକ୍ତି ଦିଆଯାଇଥାଏ।

**ପ୍ରାଣୀଧନ ସହାୟକ ଅଧିକାରୀ:** ଯୁକ୍ତ ଦୁଇ ପଢ଼ିବା ପରେ ପ୍ରାଣୀଧନ ସହାୟକ ବା ଲାଇଭ୍‌ଷ୍ଟକ୍ ଆସିଷ୍ଟାଣ୍ଟ ଡିପ୍ଲୋମା କରିପାରିବେ। ଏହାପରେ ବିଭିନ୍ନ ପଞ୍ଚାୟତରେ ପ୍ରାଣୀଧନ ସହାୟକ ଅଧିକାରୀ ଭାବେ ସରକାରୀ ଚାକିରି କରିପାରିବେ।

ହର୍ଟିକଲ୍ଚର ସୁପରଭାଇଜର– ଏଗ୍ରିକଲ୍ଚର ଶିକ୍ଷା ଗ୍ରହଣ କରିଥିଲେ ଏ ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ନେଇପାରିବେ। ଆପଣ ଚାହିଁଲେ ନିଜର ନର୍ସରୀ ମଧ୍ୟ ଖୋଲିପାରିବେ। ଯଦି ଏଗ୍ରିକଲ୍ଚରରେ ଡିଗ୍ରୀ କରିଛନ୍ତି, ତେବେ କୃଷିଋଣ ସୁବିଧା ସହ ଅନ୍ୟ କେତେକ ସରକାରୀ ସୁବିଧା ରହିଛି। ଏହା ବ୍ୟତୀତ ଏଗ୍ରିକଲ୍ଚର ଅଫିସର, ଏଗ୍ରିକଲ୍ଚର ଇଞ୍ଜିନିୟର, ଫୁଡ୍ ମାଇକ୍ରୋବାୟୋଲୋଜିଷ୍ଟ, ସାଇଣ୍ଟିଷ୍ଟ, ଏଗ୍ରିକଲ୍ଚର କଲେଜ କିମ୍ବା ୟୁନିଭର୍ସିଟିରେ ଅଧ୍ୟାପନା କ୍ଷେତ୍ରରେ ବି ଜବ୍ କରିପାରିବେ। ଏଗ୍ରିକଲ୍ଚରରେ ରିସର୍ଚ୍ଚ କ୍ଷେତ୍ରରେ ମଧ୍ୟ ଆପଣ ଅନେକ ପ୍ରକାରର ଜବ୍ କରିପାରିବେ।

**ବେସରକାରୀ ସ୍ତରରେ ଚାକିରୀ:** ଏଗ୍ରିକଲ୍ଚର ଡିଗ୍ରୀ ଥିଲେ ପ୍ରାଇଭେଟ୍ ସେକ୍ଟରରେ ମାର୍କେଟିଂ ଅଫିସର, ସେଲ୍ସ ଡେଭେଲପମେଣ୍ଟ ଅଫିସର, ବ୍ୟାଙ୍କ୍‌ରେ ଏଗ୍ରିକଲ୍ଚର ଡେଭେଲପ୍‌ମେଣ୍ଟ ଅଫିସର ଭାବେ କାର୍ଯ୍ୟ କରିପାରିବେ। ଏହାବ୍ୟତୀତ ଫାର୍ମ ମ୍ୟାନେଜର, ଟେକ୍ନିକାଲ୍ ଏଗ୍ରିକଲ୍ଚର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ ବି କରିପାରିବେ। ଏହି ପାଠ ପଢ଼ିଥିଲେ ବିଦେଶୀ କମ୍ପାନୀଗୁଡ଼ିକରେ ମଧ୍ୟ ଅନେକ ଜବ୍ ସୁବିଧା ରହିଛି। ଆପଣ ଚାହିଁଲେ ନିଜର ଷ୍ଟାର୍ଟଅପ୍ ଆରମ୍ଭ କରିପାରିବେ।



# ସାଇଲେଣ୍ଟ କିଲର



ବର୍ତ୍ତମାନ ପ୍ରାୟ ସମସ୍ତଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ଘାରିଛି ମୋବାଇଲ୍ ଫୋନ ନିଶା। ଦିନରୁ ରାତି, ପ୍ରତି ସମୟରେ ପାଖରେ ରହୁଛି ଫୋନ। ତେବେ ଏହି ଆଡିକ୍ସନ ଅଜାଣତରେ ଧୀରେ ଧୀରେ ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ତେଣୁ ବିଜ୍ଞାନର ଏହି ବରଦାନ ଯେପରି ସ୍ୱାସ୍ଥ୍ୟ ପାଇଁ ଅଭିଶାପ ନ ପାଲଟେ, ସେଥିପାଇଁ ସତର୍କ ରହିବା ଆବଶ୍ୟକ...

ବର୍ତ୍ତମାନ ପ୍ରାୟ ସମସ୍ତେ ନିଜର ଅଧିକାଂଶ ସମୟ ସ୍ମାର୍ଟଫୋନ ସହିତ ବିତାଉଛନ୍ତି। ଏହା ଅନେକଙ୍କ ପାଇଁ ଏତେ ଜରୁରୀ ପାଲଟିଛି ଯେ, କିଛି କ୍ଷଣ ଏହାବିନା ରହିବା ଯେମିତି ସେମାନଙ୍କ ପାଇଁ ଅସମ୍ଭବ ମନେହେଉଛି। ଏମିତିକି କେତେଜଣ ରାତିରେ ଶୋଇବା ବେଳେ ମଧ୍ୟ ଏହାକୁ ପାଖରେ ରଖିବାକୁ ଆଦୌ ଭୁଲି ନ ଥା'ନ୍ତି। ହେଲେ ଆପଣ ଜାଣନ୍ତିକି କୌଣସି ଜିନିଷ ଆବଶ୍ୟକତାଠାରୁ ଅଧିକ ହେଲେ ଖରାପ। ଅର୍ଥାତ୍ ଆବଶ୍ୟକତାଠାରୁ ଅଧିକ ସମୟ ମୋବାଇଲ୍‌ରେ ବିତାଇବା ଦ୍ୱାରା ଏହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ସେଥିପାଇଁ ମୋବାଇଲ୍‌କୁ ସାଇଲେଣ୍ଟ କିଲର ବୋଲି ମଧ୍ୟ କୁହାଯାଏ। ତେଣୁ ଅଧିକ ସମୟ ମୋବାଇଲ୍ ଫୋନ୍ ବ୍ୟବହାର କରୁଥିଲେ ସତର୍କ ହୋଇଯାଆନ୍ତୁ, ନଚେତ୍ ଏହା ଆପଣଙ୍କ ପାଇଁ ଘାତକ ସାଜିପାରେ।

**ସମସ୍ୟା:**

● ଚକ୍ଷୁ ବିଶେଷଜ୍ଞଙ୍କ ମତରେ ମୋବାଇଲ୍ ଅଧିକ ସମୟ ଦେଖିବା କାରଣରୁ ଅନେକଙ୍କଠାରେ ବର୍ତ୍ତମାନ ଚକ୍ଷୁ ସମସ୍ୟା ବଢ଼ିବାରେ ଲାଗିଛି।
– ସେହିପରି ଅନେକେ ବସିବା ସମୟରେ ଆରାମ ଲାଗିବା ଆଳରେ ଜାକି ହୋଇ ବସନ୍ତି କିମ୍ବା ସୋଫା, ବେଡ୍ ଆଦି ଉପରେ ଶୋଇ ଘଣ୍ଟା ଘଣ୍ଟା ମୋବାଇଲ୍ ଦେଖନ୍ତି। ହେଲେ ଦୀର୍ଘ ସମୟ ଏପରି ପୋଜିଶନ୍‌ରେ ରହିବା ଦ୍ୱାରା ବେକ, ପିଠି, ଅଣ୍ଟା ଜାକି ହୋଇ ରହିବା ଯୋଗୁ ମେରୁଦଣ୍ଡରେ ଚାପ ପଡ଼ିଥାଏ ଏବଂ ବିନ୍ଧା ହୋଇଥାଏ। କେବଳ ଏତିକି ଅଧିକ ସମୟ ଏପରି ପୋଜିଶନ୍‌ରେ ରହିବା ଯୋଗୁ ସ୍ପଣ୍ଡିଲାଇଟିସ୍ ଭଳି ସମସ୍ୟା ମଧ୍ୟ ଉପୁଜିଥାଏ।





● ବିଶେଷଜ୍ଞଙ୍କ ମତରେ ରାତିରେ ଶୋଇବା ବେଳେ ମୋବାଇଲ୍‌ରେ ଗପିବା, ଚାର୍ଟିଂ କରିବା, ଭିଡିଓ ଦେଖିବା, ଗେମ୍ ଖେଳିବା ହେଉ କିମ୍ବା ପାଖରେ ରଖି ଶୋଇବା ବେଳେ ଆସୁଥିବା ନୋଟିଫିକେଶନ୍ ଯୋଗୁ ବାରମ୍ବାର ନିଦ ଭାଙ୍ଗିବା ଦ୍ୱାରା ନିଦ ସମ୍ପୂର୍ଣ୍ଣ ହୋଇ ନ ଥାଏ। ପ୍ରତିଦିନ ଏଭଳି କାରଣ ଯୋଗୁ ଦିନରେ ନିଦ ଆସିବା, ମୁଣ୍ଡ ବୁଲେଇବା, ଥକାପଣ, ଗ୍ୟାସ୍, ବ୍ଲଡ୍‌ପ୍ରେସର ଭଳି ଅନେକ ନିଦ୍ରାହୀନତାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। କେବଳ ଏତିକି ନୁହେଁ ମାନସିକ ସ୍ତରରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ଷ୍ଟ୍ରେସ୍ ହର୍‌ମୋନ ବଢ଼ିବା ସହ ଇମ୍ୟୁନିଟି ସିଷ୍ଟମ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

● ମୋବାଇଲ୍‌ରେ ଇୟରଫୋନ୍ ଲଗାଇ ଲାଉଡ୍ ମ୍ୟୁଜିକ୍ ଶୁଣିବା ବି ଅନେକଙ୍କୁ ଭାରି ପସନ୍ଦ। ହେଲେ ଦୀର୍ଘ ସମୟ ଧରି ଏହାକୁ ବ୍ୟବହାର କରିବା ଦ୍ୱାରା ଅନେକଙ୍କଠାରେ ଶ୍ରବଣ ସମସ୍ୟା ଦେଖାଦେଉଛି। ଏମିତିକି କାହା କାହାଠାରେ ଅଡିଓ ସେନ୍ସେରି ନର୍ଭସ ସିଷ୍ଟମ ଡ୍ୟାମେଜ ହୋଇ ସମ୍ପୂର୍ଣ୍ଣ ଶ୍ରବଣ ଶକ୍ତି ମଧ୍ୟ ନଷ୍ଟ ହେଇଯାଉଛି।

## ଡିଜିଟାଲ୍ ଡିଟକ୍ସ ଦ୍ୱାରା ହେବେ ଉପକୃତ

ମୋବାଇଲ୍ ଫୋନ୍‌ର ଅଧିକ ବ୍ୟବହାର ଯୋଗୁ ଉପୁଜୁଥିବା ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଅନେକେ ପ୍ରତିଦିନ ଏଥିରୁ କିଛି ସମୟ ଦୂରେଇ ରହିବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ଡିଜିଟାଲ୍ ଡିଟକ୍ସ ବୋଲି କୁହାଯାଉଛି...

⏭ଡିଜିଟାଲ୍ ଡିଟକ୍ସ ଲାଗି ସର୍ବପ୍ରଥମେ ଏଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। କାରଣ ଏହାର ଅର୍ଥ ନୁହେଁ ଯେ, ମାତ୍ର କିଛି ସମୟ ମନକୁ ବୁଝାଇ ରଖିବେ ଏବଂ ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବେ। ଏଥିପାଇଁ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରିବା ଦରକାର। ଧୀରେଧୀରେ ସେହି ସମୟ ଅବଧିକୁ ବଢ଼ାଇବା ଦ୍ୱାରା ଅଧିକ ଉପକୃତ ହୋଇପାରିବେ।

⏭ଏଥିପାଇଁ ଆପଣଙ୍କୁ ନିଜ ମୋବାଇଲ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖିବା ସହ ବିଭିନ୍ନ ଆପ୍ ବିଶେଷକରି ସୋସିଆଲ୍ ସାଇଟ୍ସ ଆପ୍‌ଗୁଡ଼ିକର ନୋଟିଫିକେଶନ ଅଫ୍ କରି ରଖିବାକୁ ହେବ। ତେବେ ଫୋନ୍‌କୁ ପାଖରେ ନ ରଖି ଅନ୍ୟ ରୁମ୍‌ରେ ରଖିଲେ ଆପଣଙ୍କ ଲାଗି ଡିଜିଟାଲ୍ ଡିଟକ୍ସ ଅଧିକ ସହଜ ହୋଇପାରିବ।

⏭ଏଥିରୁ ଆପଣଙ୍କୁ ମିଳୁଥିବା ଫାଙ୍କା ସମୟରେ ଯଦି ପରିବାର ସହ କ୍ୱାଲିଟି ସମୟ ବିତାଇବେ, କିଛି ନୂଆ ଶିଖିବେ, ବୁଲିବାକୁ ଯିବେ, ନିଜ ରୁଚି ଥିବା କାର୍ଯ୍ୟ କରିବେ, ଏକ୍ସରସାଇଜ୍ କରିବେ ; ତେବେ ମାନସିକ ଶାନ୍ତି ମିଳିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ। ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହିବା ଯୋଗୁ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ବି ଦୂର ହୋଇପାରିବ।



## ମନେରଖନ୍ତୁ

⏭ମୋବାଇଲ୍ ବ୍ୟବହାର କରିବା ବେଳେ କମ୍ଫର୍ଟେବଲ୍ ପୋଜିସନ୍‌ରେ ବସନ୍ତୁ ; ଯେପରି ବେକ, ପିଠି, ଅଣ୍ଟା ସିଧା ରହିବ। ଯଦି ବେକ, ଅଣ୍ଟା, ମେରୁଦଣ୍ଡ ଆଦିରେ ଯନ୍ତ୍ରଣା ଆରମ୍ଭ ହୁଏ, ତେବେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ନ ରହି କିଛି ସମୟ ପାଇଁ ନିଜ ଜାଗାରୁ ଉଠି ଚଲାବୁଲା କରନ୍ତୁ।

⏭ପ୍ରତିଦିନ ଯୋଗ କରିବା ଦ୍ୱାରା ମେରୁଦଣ୍ଡରେ ଥିବା ଷ୍ଟିଫ୍‌ନେସ୍ କମ୍ ହୋଇଥାଏ। ବିଶେଷକରି ଶାଲଭାସନ, ବକ୍ରାସନ, ଅର୍ଦ୍ଧଚକ୍ରାସନ, ଧନୁରାସନ, ଶବାସନ ଇତ୍ୟାଦି ବେଶ୍ ଉପକାରୀ। ତେବେ କୌଣସି ଯୋଗ ଟ୍ରେନର, ଫିଜିଓଥେରାପିଷ୍ଟଙ୍କ ପରାମର୍ଶ କ୍ରମେ ଏହାକୁ କରିବା ନିରାପଦ। ବିଭିନ୍ନ ପ୍ରକାରର ନେକ୍ ଷ୍ଟ୍ରେଚ୍ ଏକ୍ସରସାଇଜ୍ କରନ୍ତୁ। ଅନେକେ ରାତିରେ ମୁଣ୍ଡ ପାଖରେ ଫୋନ୍ ରଖି ରାତିସାରା ଚାର୍ଜ କରିଥା'ନ୍ତି। ହେଲେ ଅଧିକ ସମୟ ଚାର୍ଜ ହେବା ଦ୍ୱାରା ମୋବାଇଲ୍ ଗରମ ହୋଇଯାଏ। ଫଳରେ ସେଥିରେ ନିଆଁ ଲାଗିବାର ଆଶଙ୍କା ବୃଦ୍ଧି ପାଇଥାଏ, ଯାହାକି ସଭିଙ୍କ ପାଇଁ ବିପଦପୂର୍ଣ୍ଣ। ତା'ଛଡା ମୋବାଇଲ୍‌ରୁ ବାହାରୁଥିବା ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ୱେଭ୍ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ ଏବଂ ସମ୍ପୂର୍ଣ୍ଣ ଶରୀରକୁ ମଧ୍ୟ କ୍ଷତି ପହଞ୍ଚାଇଥାଏ। ତେଣୁ ରାତିରେ ଫୋନ୍ ଚାର୍ଜ କରୁଥିଲେ ଶୋଇବା ପୂର୍ବରୁ ସ୍ୱିଚ୍ ବନ୍ଦ କରିଦିଅନ୍ତୁ ଏବଂ ଫୋନ୍‌କୁ ନିଜ ପାଖରୁ ଅତିକମ୍‌ରେ ଏକ ମିଟରରୁ ଦୂରରେ ରଖନ୍ତୁ।



### ଜାଣନ୍ତୁ ଦୁନିଆ

# ଇସ୍ରୋ

ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ୍ (ଇସ୍ରୋ) ବା ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ ଗୋଟିଏ ପରେ ଗୋଟିଏ ସଫଳ ପରୀକ୍ଷଣ ଦ୍ୱାରା ସମଗ୍ର ବିଶ୍ୱରେ ଭାରତର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଜାଣିବା ଏହା ସମ୍ପର୍କରେ କିଛି ତଥ୍ୟ...

■ ସର୍ବପ୍ରଥମେ ୧୯୬୨ ମସିହାରେ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ଏବଂ ଅନ୍ତରୀକ୍ଷ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କ ଦ୍ୱାରା 'ଇଣ୍ଡିଆନ୍ ନ୍ୟାଶନାଲ୍ କମିଟି ଫର୍ ସ୍ପେସ୍ ରିସର୍ଚ୍ଚ' ପ୍ରତିଷ୍ଠା କରାଯାଇଥିଲା। ହେଲେ ୧୯୬୯ ମସିହା ସ୍ୱାଧୀନତା ଦିବସ ଅବସରରେ ଏହାର ନାମ ପରିବର୍ତ୍ତନ କରାଯାଇ ଇସ୍ରୋ ରଖାଗଲା, ଯାହାର ମୁଖ୍ୟ କାର୍ଯ୍ୟାଳୟ ରହିଛି କର୍ନାଟକର ବେଙ୍ଗାଲୁରୁ ସହରରେ। ଏହା ସ୍ଥାପନା ହେବାର କିଛି ବର୍ଷ ମଧ୍ୟରେ ଆର୍ଯ୍ୟଭଟ୍ଟ, ଭାସ୍କର, ରୋହିଣୀ ଏବଂ ଆପ୍‌ଲ ସାଟେଲାଇଟର ସଫଳ ଉତ୍କ୍ଷେପଣ କରାଯାଇଥିଲା।

■ ଏହି ସଙ୍ଗଠନକୁ ଅନ୍ତରୀକ୍ଷ ବିଭାଗ ପରିଚାଳନା କରୁଥିବା ବେଳେ ଏଠାକାର ରିସର୍ଚ୍ଚ ରିପୋର୍ଟ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯାଇଥାଏ।

■ ଇସ୍ରୋର ପ୍ରଥମ ସାଟେଲାଇଟ୍ ଆର୍ଯ୍ୟଭଟ୍ଟ ୧୯ ଏପ୍ରିଲ ୧୯୭୫ରେ ରୁଷ ଦେଶର ସହାୟତାରେ ଉତ୍କ୍ଷେପଣ କରାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଇସ୍ରୋ ପକ୍ଷରୁ ୧୫୦ଟି ସାଟେଲାଇଟ୍ ସଫଳତା ପୂର୍ବକ ଲଞ୍ଚ୍ କରାଯାଇଛି।

■ ଆଶ୍ଚର୍ଯ୍ୟର କଥା ହେଉଛି ପ୍ରଥମ ସାଟେଲାଇଟ୍‌ର କେତେକ ପାର୍ଟ୍ସକୁ ସାଇକେଲ୍‌ରେ ନିଆଯାଇଥିବା ବେଳେ ୧୯୮୧ରେ ଆପଲ୍ ସାଟେଲାଇଟ୍‌କୁ ବଳଦଗାଡ଼ି ସାହାଯ୍ୟରେ ନିଆଯାଇଥିଲା।






■ ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଡ. ଏ.ପି.ଜେ. ଅବ୍‌ଦୁଲ୍ କଲାମଙ୍କ ତତ୍ତ୍ୱାବଧାନରେ ଭାରତର ପ୍ରଥମ ସ୍ୱଦେଶୀ ଉପଗ୍ରହ ଏସ୍‌ଏଲ୍‌ଭି–୩ ଲଞ୍ଚ୍ କରାଯାଇଥିଲା।

■ ୨୦୦୮ରେ ଭାରତର ପ୍ରଥମ ଲୁନାର ମିଶନ ଚନ୍ଦ୍ରୟାନ–୧ ଲଞ୍ଚ୍ କରାଯାଇଥିଲା ଏବଂ ଚନ୍ଦ୍ରରେ ନିଜ ଦେଶର ପତାକା ଉଡ଼ାଇବାରେ ଭାରତ ୪ର୍ଥ ଦେଶ ପାଲଟିଥିଲା। ନିକଟରେ ଚନ୍ଦ୍ରୟାନ–୩ ସଫଳତା ପୂର୍ବକ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚାଇବାରେ ଭାରତ ପୃଥିବୀର ପ୍ରଥମ ଦେଶ ପାଲଟିଛି।

■ ସେହିପରି ମଙ୍ଗଳ ଗ୍ରହରେ ପହଞ୍ଚିବାରେ ଆମେରିକା, ରୁଷ ଏବଂ ୟୁରୋପ ପରେ ଭାରତ ଚତୁର୍ଥ ଦେଶ ହୋଇଥିବା ବେଳେ ମାର୍ସ ଅର୍ବିଟ୍ ମିଶନ୍ ବା ପ୍ରଥମ ଚେଷ୍ଟାରେ ମଙ୍ଗଳଗ୍ରହରେ ପହଞ୍ଚି ପାରିଥିବା ପ୍ରଥମ ଦେଶ ହେଉଛି ଭାରତ, ଯାହାକି ଇସ୍ରୋର ଏକ ବଡ ସଫଳତା।

# ଅଷ୍ଟମ ଟାଇଟଲ ଲକ୍ଷ୍ୟରେ ଭାରତ

## ଏସିଆ କପ୍ ଫାଇନାଲ ଆଜି

କଲମ୍ବୋ,୧୬ା୯(ପି.ଟି.)

କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ରବିବାର ଏସିଆ କପ କ୍ରିକେଟ ୨୦୨୩ର ଫାଇନାଲ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିୟନ ଶ୍ରୀଲଙ୍କା ଓ ଭାରତ ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତ ଅଷ୍ଟମ ଟାଇଟଲ ଲକ୍ଷ୍ୟରେ ରହିଛି। ବିଶ୍ୱକପ ପୂର୍ବରୁ ଏହି ଟୁର୍ନାମେଣ୍ଟକୁ ପ୍ରସ୍ତୁତି ଭାବରେ ଗ୍ରହଣ କରାଯାଉଥିବାରୁ ଭାରତୀୟ ଦଳ ଏହାକୁ ଜିତିବାକୁ ପ୍ରୟାସ କରିବ। ବିଗତ ୫ ବର୍ଷ ମଧ୍ୟରେ ଭାରତୀୟ ଦଳ କୌଣସି ଟ୍ରଫି ଜିତି ନ ଥିବା ବେଳେ ଏହାକୁ ଶେଷ କରିବାକୁ ଚାହିଁବ ରୋହିତ ଶର୍ମାଙ୍କ ଦଳ। ଶେଷ ଥର ପାଇଁ ୨୦୧୮ରେ ବାଂଲାଦେଶକୁ ପରାସ୍ତ କରି ଏସିଆ କପ୍ ଟ୍ରଫି ହାସଲ କରିଥିଲା ଭାରତ।

ରବିବାରର ଫାଇନାଲ ପୂର୍ବରୁ ଉଭୟ ଦଳ ପାଇଁ ଆହତ ସମସ୍ୟା ଚିନ୍ତା ବଢାଇଛି। ଆହତ କାରଣରୁ ଶ୍ରୀଲଙ୍କାର ମହୀଷ ଥିକ୍‌ସାନା ଓ ଭାରତର ଅକ୍ଷର ପଟେଲ ବାଦ ପଡିବାର ସମ୍ଭାବନା ଅଧିକ ରହିଛି। ବାଂଲାଦେଶ ବିପକ୍ଷ ମ୍ୟାଚ୍ ପାଇଁ ଭାରତ ଏହାର ୫ ଜଣ ଖେଳାଳିଙ୍କୁ ବିଶ୍ରାମ ଦେଇଥିଲା। ସମସ୍ତ ଖେଳାଳି ଫାଇନାଲ ମ୍ୟାଚ୍ ପାଇଁ ଚୂଡାନ୍ତ ଏକାଦଶକୁ ପ୍ରତ୍ୟାବର୍ତ୍ତନ କରିବେ। ଅନ୍ୟ ପକ୍ଷରେ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ସୁପର୍-୪ ମ୍ୟାଚରେ ମଧ୍ୟ ଭାରତ ବିଜୟୀ ହୋଇଥିଲା। ଫାଇନାଲ ପୂର୍ବରୁ ବାଂଲାଦେଶ ବିପକ୍ଷରେ ଚମତ୍କାର ଶତକ ହାସଲ କରିଛନ୍ତି ଶୁବମନ ଗିଲ୍। ବିରାଟ କୋହଲି ପ୍ରତ୍ୟାବର୍ତ୍ତନ କରିବାକୁ ଥିବାରୁ ଏହା ଭାରତୀୟ ବ୍ୟାଟିଂ ଲାଇନ୍ ଅପ୍‌କୁ ଶକ୍ତିଶାଳୀ କରିବ। ବାଂଲାଦେଶ ବିପକ୍ଷରେ ଭାରତୀୟ ବୋଲର ୫୯ ରନ୍‌ରେ ୪ ଉଇକେଟ ନେଇଥିଲେ ମଧ୍ୟ ଡେଥ୍ ଓଭରରେ ଅଧିକ ରନ୍ ବ୍ୟୟ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ ଓ କୁଲଦୀପ ଯାଦବ ପ୍ରତ୍ୟାବର୍ତ୍ତନ କରୁଥିବାରୁ ଏହି ସମସ୍ୟାର ମଧ୍ୟ ସମାଧାନ ମିଳିବାର ଆଶା ରହିଛି।

ଶ୍ରୀଲଙ୍କା ଦଳ ଘରୋଇ ପରିବେଶର ଫାଇଦା ନେବାକୁ ପ୍ରୟାସ କରିବ। ଚରିଥ୍ ଅସଲଙ୍କା ଓ ସାଦିରା ସମରବିକ୍ରମା ଭଲ ଫର୍ମରେ ରହିଥିବା ବେଳେ କୁଶାଲ ମେଣ୍ଡିସ୍ ପାକିସ୍ତାନ ବିପକ୍ଷରେ ଚମତ୍କାର ବ୍ୟାଟିଂ କରିଥିଲେ। ବୋଲିଂରେ ମଥୀଷା ପଥିରାନା ଓ ଯୁବ ଲେଗ୍ ସ୍ପିନର ଦୁନିଥ୍ ୱେଲାଲାଗେଙ୍କ ଉପରେ ସମସ୍ତଙ୍କ ନଜର ରହିବ।




**ଭେନ୍ୟୁ:**
**ଆର. ପ୍ରେମଦାସା ଷ୍ଟାଡିୟମ, କଲମ୍ବୋ**
**ମ୍ୟାଚ୍ ସମୟ: ଅପରାହ୍ନ ୩.୦୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ୱାଶିଂଟନଙ୍କୁ ଡାକରା

ଅଲରାଉଣ୍ଡର ଅକ୍ଷର ପଟେଲ ଆହତ ଥିବାରୁ ତାଙ୍କ ସ୍ଥାନରେ ୱାଶିଂଟନ୍ ସୁନ୍ଦରଙ୍କୁ ଡାକରା ମିଳିଛି। ବାଂଲାଦେଶ ବିପକ୍ଷ ସୁପର-୪ ମ୍ୟାଚରେ ଅକ୍ଷର ଆହତ ହୋଇଥିଲେ। ଫାଇନାଲ ମ୍ୟାଚ୍ ପୂର୍ବରୁ ୱାଶିଂଟନଙ୍କୁ ଡାକରା ମିଳିଛି। ଭାରତୀୟ ଦଳକୁ ଡାକରା ପାଇଥିବା ୱାଶିଂଟନ୍ ବର୍ତ୍ତମାନ ବେଙ୍ଗାଲୁରୁ ସ୍ଥିତ ଏନ୍‌ସିଏରେ ଅଭ୍ୟାସ ଜାରି ରଖିଛନ୍ତି। ଅଫ୍‌ସ୍ପିନ୍ ବୋଲିଂ କରୁଥିବା ତଥା ନିମ୍ନକ୍ରମରେ ଜଣେ ଉପଯୋଗୀ ବ୍ୟାଟର ୱାଶିଂଟନ୍ ଜାନୁୟାରୀ ମାସରେ ଶେଷ ଥର ପାଇଁ ଭାରତ ପାଇଁ ଦିନିକିଆ କ୍ରିକେଟ ଖେଳିଥିଲେ। ବିଶ୍ୱକପକୁ ମାତ୍ର ୩ ସପ୍ତାହ ରହିଥିବା ବେଳେ ଅକ୍ଷରଙ୍କ ଆଘାତ ସମସ୍ୟା ଟିମ୍ ମ୍ୟାନେଜମେଣ୍ଟକୁ ଚିନ୍ତାରେ ପକାଇଛି।




ଆଇସିସି କ୍ରିକେଟ ବିଶ୍ୱକପ୍ ଟ୍ରଫି ଟୁର୍‌ରେ ବିଶ୍ୱକପ୍ ଟ୍ରଫି ସହ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍।

# ବ୍ରିଜ୍‌ଭୂଷଣଙ୍କୁ ଦୋଷମୁକ୍ତ କରାଯାଇ ନାହିଁ

ନୂଆଦିଲ୍ଲୀ, ୧୬ା୯ (ପି.ଟି.)

ସରକାରଙ୍କ ଦ୍ୱାରା ଗଠିତ ନିରୀକ୍ଷଣ କମିଟି ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ପୂର୍ବତନ ମୁଖ୍ୟ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣଙ୍କୁ ଦୋଷମୁକ୍ତ କରିନାହିଁ ବୋଲି ଦିଲ୍ଲୀ ପୋଲିସ ଶନିବାର ସ୍ଥାନୀୟ ସିଟି କୋର୍ଟରେ କହିଛି। ମହିଳା କୁସ୍ତିଯୋଦ୍ଧା ଯୌନ ଶୋଷଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟାନୁଷ୍ଠାନ ଦାବି କରି କୁସ୍ତିଯୋଦ୍ଧାମାନେ ଧାରଣାରେ ବସିଥିଲେ। କ୍ରୀଡ଼ା ମନ୍ତ୍ରଣାଳୟ ମହିଳା ବକ୍ସିଂ କିମ୍ବଦନ୍ତୀ ଏମ୍.ସି. ମେରୀକମଙ୍କ ନେତୃତ୍ୱରେ ଏକ ନିରୀକ୍ଷଣ କମିଟି ଗଠନ କରିଥିଲା। କମିଟି ଏହାର ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କରି ନ ଥିଲା। କିନ୍ତୁ ଏହାର ଏକ ନକଲ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ କରୁଥିବା ଦିଲ୍ଲୀ ପୋଲିସକୁ ଦେଇଥିଲା। ଦିଲ୍ଲୀ ପୋଲିସ ସେପ୍ଟେମ୍ବର ୨୩ରେ ପୁନର୍ବାର ଏହାର ଜବାବ କୋର୍ଟରେ ଉପସ୍ଥାପନ କରିବ।

# ଟ୍ରାଭିସ୍ ହେଡ୍ ଆହତ

ସେଞ୍ଚୁରିଅନ,୧୬ା୯(ପି.ଟି.)

ଆସନ୍ତା ମାସରେ ହେବାକୁଥିବା ବିଶ୍ୱକପ୍‌ରେ ଟ୍ରାଭିସ ହେଡ୍‌ଙ୍କ ଖେଳିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ବେଳେ ଏହି ଅଷ୍ଟ୍ରେଲୀୟ ଓପନରଙ୍କ ବାମହାତ ହାଡ଼ ଭାଙ୍ଗିଯାଇଛି। ଶୁକ୍ରବାର ଅନୁଷ୍ଠିତ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆର ୭ମ ଓଭରରେ ଦକ୍ଷିଣ ଆଫ୍ରିକା ସିମ୍ ବୋଲର ଜେରାଲ୍ଡ କୋଟ୍‌ଜିଙ୍କ ଏକ ଶର୍ଟ ଡେଲିଭରି ହେଡ୍‌ଙ୍କ ବାମହାତ ଗ୍ଲୋଭ୍ସରେ ବାଜିଥିଲା। ୨୯ ବର୍ଷୀୟ ଖେଳାଳି ଆଉ ୩ଟି ଡେଲିଭରି ସାମ୍ନା କରିପାରିଥିଲେ। କିନ୍ତୁ ସେ ଯନ୍ତ୍ରଣା ଅନୁଭବ କରୁଥିବା ଦେଖିବାକୁ ମିଳିଥିଲା। ସେ ରିଟାର୍ଡ ହର୍ଟ ହେବାକୁ ବାଧ ହୋଇଥିଲେ। ଅଷ୍ଟ୍ରେଲିଆ ଏହି ମ୍ୟାଚ ୧୬୪ରନରେ ଶୋଚନୀୟ ପରାଜୟ ବରଣ କରିଥିଲା। ହେଡ୍‌ଙ୍କର ସ୍କାନ କରାଯାଇଛି। ରିପୋର୍ଟ ଆସିଲେ ତାଙ୍କ ଅବସ୍ଥା ଜାଣିହେବ।

# ଜଗତଜ୍ୟୋତି ଚାମ୍ପିୟନ

## ୧୪ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ୍ ଟେନିସ୍

ଭୁବନେଶ୍ୱର,୧୬ା୯
(ସରୋଜ ଜେନା)

ଖୋର୍ଦ୍ଧାର ବରୁଣେଇ ପରିସରରେ ଥିବା କେ.ଟି ଗ୍ଲୋବାଲ ସ୍କୁଲରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ୍ ଟେନିସରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ଓଡ଼ିଶାର ଜଗତଜ୍ୟୋତି ପତି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ସୁତବ୍ୟ କର୍ମକାରଙ୍କୁ ୬-୪, ୩-୬, ୬-୨ରେ ପରାସ୍ତ କରିଥିଲେ। କଡା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ଟି ଅଢେଇ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜଗତଜ୍ୟୋତି ପତିଙ୍କର ଏହା ପ୍ରଥମ ସିଙ୍ଗଲ୍ସ ଟାଇଟଲ୍ ଅଟେ।




ସୁତବ୍ୟ କର୍ମକାର ଜଗତ୍‌ଜ୍ୟୋତି ପତି




# ୧୯୮୩: ଭାରତକୁ ପ୍ରଥମ ଟାଇଟଲ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ତୃତୀୟ ସଂସ୍କରଣରେ ଇତିହାସ ରଚିଥିଲା କପିଳ ଦେବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ। ପୂର୍ବ ଦୁଇଟି ସଂସ୍କରଣରେ ଭାରତୀୟ ଦଳ ମାତ୍ର ଗୋଟିଏ ବିଜୟ ହାସଲ କରିଥିଲା। ଅନ୍ୟପକ୍ଷରେ ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ ପ୍ରଥମ ଦୁଇ ସଂସ୍କରଣର ଚାମ୍ପିୟନ ହୋଇଥିଲା। କ୍ରିକେଟର ମକ୍କା ଲର୍ଡ୍ସରେ ଭାରତୀୟ ଦଳ ଫାଇନାଲରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିବା ସହ ଇତିହାସ ରଚିଥିଲା। ବିଶ୍ୱକପ୍ ବିଜୟ ସହିତ ଭାରତରେ କ୍ରିକେଟର ଏକ ନୂତନ ମୂଳଦୁଆ ସ୍ଥାପନ ହୋଇଥିଲା। ବିଶ୍ୱକପ୍‌ର ପ୍ରଥମ ଦୁଇ ସଂସ୍କରଣ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯାଇଥିବା ବେଳେ ୧୯୮୩ ବିଶ୍ୱକପ୍ ଡବଲ ରାଉଣ୍ଡ ରବିନ ଲିଗ୍ ଓ ନକ୍‌ଆଉଟ ଫର୍ମାଟରେ ଖେଳାଯାଇଥିଲା। ୮ ଦଳ ଅଂଶଗ୍ରହଣ କରିଥିବା ବେଳେ ସମୁଦାୟ ୨୭ ମ୍ୟାଚ୍ ଖେଳାଯାଇଥିଲା। ଇଂଲଣ୍ଡ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ବେଳେ ୱେଷ୍ଟଇଣ୍ଡିଜ, ଭାରତ, ଅଷ୍ଟ୍ରେଲିଆ ଓ ଜିମ୍ବାୱେ ଗ୍ରୁପ୍ ବି'ରେ ସ୍ଥାନ ପାଇଥିଲେ। ତୃତୀୟ ସଂସ୍କରଣର ବିଶ୍ୱକପ୍ ଅନେକ କାରଣରୁ ଭାରତୀୟ କ୍ରିକେଟ ଫ୍ୟାନ୍‌ଙ୍କ ପାଇଁ ସ୍ୱତନ୍ତ୍ର ରହିଥିଲା।

ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ୍ ନିକଟରୁ ଏକ ଟେଷ୍ଟ ସିରିଜ୍‌ରେ ଦୟନୀୟ ଭାବରେ ପରାଜିତ ହୋଇଥିଲା। ବିଶ୍ୱକପ୍‌ରେ ଭାରତୀୟ ଦଳ ନିକଟରୁ କେହି ବି କିଛି ଆଶା ମଧ୍ୟ ରଖି ନ ଥିଲେ। ତେବେ ଜଣେ ଦୃଢମନା ଅଧିନାୟକଙ୍କ ଇଚ୍ଛାଶକ୍ତି ଭାରତକୁ ଜିତାଇଥିଲା ଏହାର ପ୍ରଥମ କ୍ରିକେଟ ବିଶ୍ୱକପ୍। ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ଭାରତୀୟ ଦଳ ପୂର୍ବ ସଂସ୍କରଣର ଦଳଠାରୁ ଭିନ୍ନ । ଏହାର ପ୍ରମାଣ ପ୍ରଥମ ମ୍ୟାଚରୁ ହିଁ ମିଳି ଯାଇଥିଲା। ପ୍ରଥମ ଲିଗ୍ ମ୍ୟାଚରେ ଦଳ ବିଶ୍ୱ ଚାମ୍ପିୟନ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ସମସ୍ତଙ୍କୁ ଚକିତ କରି ଦେଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଏହା ୱେଷ୍ଟଇଣ୍ଡିଜର ଏକମାତ୍ର ପରାଜୟ ଥିଲା। ଏପରିକି ସମଗ୍ର ଟୁର୍ନାମେଣ୍ଟରେ ୱେଷ୍ଟଇଣ୍ଡିଜ୍ ଦୁଇଟି ମ୍ୟାଚ ହାରିଥିବା ବେଳେ ଉଭୟ ଥର ଭାରତ ବିଜୟୀ ଦଳ ଭାବରେ ଉଭା ହୋଇଥିଲା। ଅଧିନାୟକ କପିଳ ଜିମ୍ବାୱେ ବିପକ୍ଷ ମ୍ୟାଚରେ ୧୭୫ ରନ୍‌ର ଇନିଂସ ଖେଳି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଏହି ବିଶ୍ୱକପ୍‌ରେ ଏକ ଯୁବ ଭାରତୀୟ ଦଳ ଯେଉଁଭଳି ପ୍ରଦର୍ଶନ କରିଥିଲା ତାହା ସମସ୍ତଙ୍କୁ ହତଚକିତ କରିଦେଇଥିଲା। କପିଳ ଦେବ, ମହିନ୍ଦର ଅମରନାଥ ଓ ରୋଜର ବିନ୍ନିଙ୍କ ଅଲରାଉଣ୍ଡ ସଫଳତା ଭାରତକୁ ଏହାର ପ୍ରଥମ ଆଇସିସି ଟ୍ରଫି ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। କପିଳ ସମୁଦାୟ ୩୦୩ ରନ୍ କରିଥିବା ବେଳେ ବୋଲିଂରେ ୧୨ ଉଇକେଟ ନେଇଥିଲେ। ବିନ୍ନି ୭୩ ରନ୍ କରିଥିବା ବେଳେ ଟୁର୍ନାମେଣ୍ଟର ହାଇଏଷ୍ଟ ଉଇକେଟ୍‌ଟେକର ଭାବରେ ନେଇଥିଲେ ୧୮ ଉଇକେଟ। ସେହିପରି ସେମିଫାଇନାଲ ଓ ଫାଇନାଲରେ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପାଇଥିବା ମହିନ୍ଦର ଅମରନାଥ ୨୩୭ ରନ୍ କରିବା ସହିତ ବୋଲିଂରେ ନେଇଥିଲେ ୮ ଉଇକେଟ। ବ୍ୟାଟରଙ୍କ ମଧ୍ୟରେ ଯଶପାଲ ଶର୍ମା ୨୪୦ ରନ୍, ସନ୍ଦୀପ ପାଟିଲ ୨୧୬ ରନ୍ ଓ କ୍ରିଷ୍ଣମଚାରୀ ଶ୍ରୀକାନ୍ତ ୧୫୬ ରନ୍ କରିଥିଲେ। ବୋଲରମାନଙ୍କ ମଧ୍ୟରେ ମଦନ ଲାଲ ୧୭ ଓ ବଲବିନ୍ଦର ସାନ୍ଧୁ ୮ ଉଇକେଟ ନେଇଥିଲେ।

ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ୍ ଦଳରେ ବିଶ୍ୱର ଶ୍ରେଷ୍ଠ ୪ ପେସ୍ ବୋଲର ରହିଥିଲେ। ଆଣ୍ଡି ରବର୍ଟ୍ସ, ମାଲକମ ମାର୍ଶଲ, ଜୋଏଲ ଗାର୍ନର ଓ ମାଇକେଲ ହୋଲ୍ଡିଂଙ୍କ ବୋଲିଂ ବିଶ୍ୱର ଯେ କୌଣସି ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିବା ପାଇଁ ଯଥେଷ୍ଟ। ଏପରି ଦଳ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳି ଭାରତ ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଯଶପାଲ ଶର୍ମାଙ୍କ ୮୯ ରନ୍ ବଳରେ ୮ ଉଇକେଟ ହରାଇ ୨୬୨ ରନ୍ କରିଥିଲା। ଜବାବରେ କ୍ଲାଇଭ୍ ଲଏଡ୍‌ଙ୍କ ୱେଷ୍ଟଇଣ୍ଡିଜ ୨୨୮ ରନ୍‌ରେ ଅଲଆଉଟ ହୋଇଥିଲା। ରବି ଶାସ୍ତ୍ରୀ ଓ ରୋଜର ବିନ୍ନି ୩ଟି ଲେଖାଏ ଉଇକେଟ ନେଇଥିଲେ। ଭାରତ ଲିଗ୍ ପର୍ଯ୍ୟାୟରେ ୬ ମ୍ୟାଚ୍ ଖେଳି ୪ ବିଜୟ ହାସଲ କରିଥିଲା। ଗ୍ରୁପ ଏ'ରୁ ଇଂଲଣ୍ଡ ଓ ପାକିସ୍ତାନ, ଗ୍ରୁପ ବି'ରୁ ୱେଷ୍ଟଇଣ୍ଡିଜ୍ ଓ ଭାରତ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ।

ନକ୍‌ଆଉଟର ହିରୋ ଅମରନାଥ: ସେମିଫାଇନାଲ ଓ ଫାଇନାଲ ମ୍ୟାଚରେ ମହିନ୍ଦର ଅମରନାଥ ଭାରତ ପାଇଁ ହିରୋ ସାଜିଥିଲେ। ସେମିଫାଇନାଲରେ ଭାରତ ଆୟୋଜକ ଇଂଲଣ୍ଡକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୨୧୩ ରନ୍ କରିଥିବା ବେଳେ ବିନ୍ନି ଓ ଅମରନାଥ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ରନ୍ ଚେଜ୍‌ରେ ଯଶପାଲ ଶର୍ମା ୬୧ ଓ ସନ୍ଦୀପ ପାଟିଲ ୫୧ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଅମରନାଥ କରିଥିଲେ ୪୬ ରନ୍। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଅମରନାଥଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

୨୫ ଜୁନ୍ ୧୯୮୩ରେ ଖେଳା ଯାଇଥିଲା ଫାଇନାଲ ମ୍ୟାଚ୍। ୱେଷ୍ଟଇଣ୍ଡିଜ୍ ହ୍ୟାଟ୍ରିକ୍ ଟାଇଟଲ୍ ଲକ୍ଷ୍ୟରେ ଥିବା ବେଳେ ପ୍ରଥମ ଥର ଫାଇନାଲ ଖେଳୁଥିଲା ଭାରତ। ଆଣ୍ଡି ରବର୍ଟ୍ସ, ମାଲକମ ମାର୍ଶଲ, ଜୋଏଲ ଗାର୍ନର ଓ ମାଇକେଲ ହୋଲ୍ଡିଂଙ୍କ ପେସ ଆଗରେ ଭାରତୀୟ ଦଳ ମାତ୍ର ୧୮୩ ରନ୍‌ରେ ଅଲଆଉଟ ହୋଇଥିଲା। କ୍ରିଷ୍ଣମଚାରୀ ଶ୍ରୀକାନ୍ତ ୩୮, ସନ୍ଦୀପ ପାଟିଲ ୨୭ ଓ ମହମ୍ମଦ ଅମରନାଥ ୨୬ ରନ୍ ସ୍କୋର କରିଥିଲେ। ଜବାବରେ ଅମରନାଥ ଓ ସାନ୍ଧୁଙ୍କ ୩ ଉଇକେଟ ସଫଳତା କାରଣରୁ ୱେଷ୍ଟଇଣ୍ଡିଜ ୧୪୦ ରନରେ ଅଲଆଉଟ ହୋଇଥିଲା। କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିଲେ ମହିନ୍ଦର ଅମରନାଥ।

**ଦିନିକିଆ ବିଶ୍ୱକପ**
ICC MEN'S CRICKET WORLD CUP INDIA 2023
**ଆଉ ୧୮ ଦିନ**



ବିଶ୍ୱକପ୍ ଟ୍ରଫି ସହ ଭାରତୀୟ ଅଧିନାୟକ କପିଳ ଦେବ ଓ ମହିନ୍ଦର ଅମରନାଥ।

### ସର୍ବାଧିକ ରନ୍

ଡେଭିଡ୍ ଗାୱାର-୩୮୪ ରନ୍(ଇଂଲଣ୍ଡ)
ଭିଭିଆନ୍ ରିଚାର୍ଡସ-୩୬୭ ରନ୍ (ୱେଷ୍ଟଇଣ୍ଡିଜ୍)
ଗ୍ରାଏମ୍ ଫ୍ଲାୱାର-୩୬୦ ରନ୍(ଇଂଲଣ୍ଡ)
ଜାହିର ଆବାସ-୩୧୩(ପାକିସ୍ତାନ)
କପିଳ ଦେବ-୩୦୩(ଭାରତ)

### ସର୍ବାଧିକ ଉଇକେଟ

ରୋଜର ବିନ୍ନି-୧୮(ଭାରତ)
ଅଶାନ୍ତ ଡି ମେଲ୍-୧୭(ଶ୍ରୀଲଙ୍କା)
ମଦନ ଲାଲ-୧୭(ଭାରତ)
ରିଚାର୍ଡ ହାଡ୍‌ଲୀ-୧୪(ନ୍ୟୁଜିଲାଣ୍ଡ)
ଭିକ୍ ମାର୍କସ-୧୩(ଇଂଲଣ୍ଡ)




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୭/୨୦୨୩ (୧୨+୮= ୨୦ ପୃଷ୍ଠା) Bhubaneswar, Sunday, September 17/2023 Page 20 ₹ 7.00 | SAMBALPUR







**ଆଥଲେଟ୍ସ କମିଟିକୁ ନିର୍ବାଚିତ ହେବେ ସାଇନା**

ଏସିଆନ ଗେମ୍ସ ଆଥଲେଟ୍ସ କମିଟିକୁ ନିର୍ବାଚିତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ। ୦୮

୦୭ **ସନ୍ଦେହରେ ନିକୋଲେଙ୍କ ସମ୍ପର୍କ**

ଏଲନ୍ ମସ୍କଙ୍କ ସହ ସ୍ତ୍ରୀ ନିକୋଲେ ଶନାହନ୍‌ଙ୍କ ସମ୍ପର୍କ ଥିବା ସନ୍ଦେହ କରି ଗୋପନରେ ଛାଡ଼ପତ୍ର ଦେଇଛନ୍ତି ଗୁଗଲ ସହପ୍ରତିଷ୍ଠାତା ସର୍ଗେ ବ୍ରିନ୍।

# ଓଡ଼ିଶାର ଅନ୍ତରୀଣ ଆବେଦନ ଖାରଜ

**ମହାନଦୀ ଜଳ ବିବାଦ**

- ୧୦ ଦିନ ମଧ୍ୟରେ ସାକ୍ଷୀ ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ
- ଅକ୍ଟୋବର ୧୯ରେ ମାମଲାର ପରବର୍ତ୍ତୀ ଶୁଣାଣି

**ନୂଆଦିଲ୍ଲୀ, ୧୬।୯ (କୁଲ୍‌ଦୀପ ସିଂ)**

ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଚାଲିଥିବା ମହାନଦୀ ଜଳ ବିବାଦ ମାମଲାରେ ଶନିବାର ଓଡ଼ିଶାକୁ ଝଟ୍‌କା ଲାଗିଛି। ମାମଲା ଶେଷ ହେବା ପର୍ଯ୍ୟନ୍ତ ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ କରୁଥିବା ନିର୍ମାଣ ରୋକିବା ସହ ଅଣମୌସୁମୀ ସମୟରେ ୧.୭୪ମେଗାୱାଟ ଜଳ ଛାଡ଼ିବା ପାଇଁ ଛତିଶଗଡ଼କୁ ନିର୍ଦ୍ଦେଶ ଦେବାକୁ ଓଡ଼ିଶା କରିଥିବା ଅନ୍ତରୀଣ ଆବେଦନକୁ ଶନିବାର ଟ୍ରିବ୍ୟୁନାଲ ଖାରଜ କରିଛନ୍ତି। ସୁପ୍ରିମ୍‌କୋର୍ଟ ପୂର୍ବତନ ବିଚାରପତି ଏ. ଏମ୍. ଖାନ୍‌ୱିଲ୍‌କରଙ୍କ ନେତୃତ୍ୱରେ ଗଠିତ ଟ୍ରିବ୍ୟୁନାଲର ୩ଜଣିଆ ଖଣ୍ଡପୀଠ ଅନ୍ତରୀଣ ଆବେଦନର ଶୁଣାଣି କରି ଓଡ଼ିଶା ପକ୍ଷରୁ ଯେଉଁ ଆବେଦନ କରାଯାଇଛି, ବର୍ତ୍ତମାନ ସ୍ଥିତିରେ ରାୟ ଦେବାପାଇଁ କୌଣସି ଗମ୍ଭୀର ସ୍ଥିତି ସୃଷ୍ଟି କରିନାହିଁ ବୋଲି ଟିପ୍ପଣୀ ଦେଇଛନ୍ତି। ପରବର୍ତ୍ତୀ ସମୟରେ ଓଡ଼ିଶା ଚାହିଁଲେ ଆଉ ଏକ ସାନି ଆବେଦନ କରିପାରିବ ବୋଲି କହିଛନ୍ତି। ଏଥିସହିତ ଉଭୟ ରାଜ୍ୟକୁ ଆସନ୍ତା ୧୦ଦିନ ମଧ୍ୟରେ ନିଜ ନିଜ ସାକ୍ଷୀଙ୍କ ତାଲିକା ପ୍ରଦାନ କରିବାକୁ ଖଣ୍ଡପୀଠ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୯ରେ ହେବ।

ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୧୮-୧୯ ଏବଂ ୨୦୨୨-୨୩ ମଧ୍ୟରେ ଅଣମୌସୁମୀ ସମୟରେ ଛତିଶଗଡ଼ ସରକାର ହୀରାକୁଦ ଡ୍ୟାମ୍‌କୁ ୧.୩୨୮ ମିଲିୟନ ଏକର ଫୁଟ(ଏମ୍ଏଏଫ) ଜଳ ଛାଡ଼ିଥିଲା। ଏହା ୨୦୦୫-୦୬ ଏବଂ ୨୦୧୫-୧୬ରେ ଛତିଶଗଡ଼ ଛାଡ଼ିଥିବା ଜଳଠାରୁ ୧.୨୫୨ଏମ୍ଏଏଫ୍ ଅଧିକ। ହେଲେ ୨୦୧୫-୧୬, ୨୦୧୬-୧୭ ଏବଂ ୨୦୧୭-୧୮ରେ ଛତିଶଗଡ଼ ସରକାର ଯଥାକ୍ରମେ ୦,୬୮୭ ଏମ୍ଏଏଫ୍, ୦,୭୦୬ ଏମ୍ଏଏଫ୍ ଏବଂ ୦.୭୭୬ ଏମ୍ଏଏଫ୍ ଜଳ ହ୍ରାସ କରାଯାଇଥିଲା। ଫଳରେ ଓଡ଼ିଶା ସରକାର ବାଧ୍ୟ ହୋଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଟ୍ରିବ୍ୟୁନାଲ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ଯଦି ସ୍ଥିତାବସ୍ଥା ଜାରି କରାଯିବା, ତେବେ ମାମଲାର ବିଚାର ସମୟରେ ଛତିଶଗଡ଼ ସର୍ବନିମ୍ନ ୧,୨୫୨ଏମ୍ଏଏଫ୍ ଜଳ ପ୍ରବାହ କରିପାରିବ ବୋଲି ଓଡ଼ିଶା ପକ୍ଷରୁ କୁହାଯାଇଥିଲା। ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦର ପ୍ରଥମ ଶୁଣାଣି ପୂର୍ବରୁ ୨୦୧୮ ଅକ୍ଟୋବର ୯ରେ ମଧ୍ୟ ଓଡ଼ିଶା ସରକାର ଏକ ଅନ୍ତରୀଣ ଆବେଦନ କରିଥିଲେ। ଜଳ ବିବାଦ ମାମଲାର ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଟ୍ରିବ୍ୟୁନାଲଠାରୁ ଅନ୍ତରୀଣ ରହିତାଦେଶ ଓଡ଼ିଶା ସରକାର ଚାହିଁଥିଲେ। ଅଣମୌସୁମୀ ସମୟ(ନଭେମ୍ବରରୁ ମେ' ମାସ) ମଧ୍ୟରେ ଓଡ଼ିଶାର ତଳମୁଣ୍ଡରେ ଜଳ ପ୍ରବାହ ହୋଇ ପାରୁ ନାହିଁ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଛତିଶଗଡ଼ ସରକାର ଏହି ସମୟରେ ୧.୭୪ଏମ୍ଏଏଫ୍ ଜଳ ପ୍ରବାହ ଜାରି ରଖିବାକୁ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଥିଲା। ଉକ୍ତ ଆବେଦନର ଶୁଣାଣିରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଆର୍ଟର୍ନି ଜେନେରାଲ ମୁକୁଲ ରୋହତଗୀ ଯୁକ୍ତି ବାଢ଼ିଥିଲେ। ଏଥିପାଇଁ ଓଡ଼ିଶା ସରକାର ରୋହତଗୀଙ୍କୁ ୧.୧୪କୋଟି ଟଙ୍କା ମଧ୍ୟ ଦେଇଥିଲେ। ୨୦୧୯ ଫେବୃୟାରୀରେ ଟ୍ରିବ୍ୟୁନାଲ ଉକ୍ତ ଆବେଦନର ରାୟକୁ ସଂରକ୍ଷଣ କରିବା ସହ ଉଭୟ ରାଜ୍ୟକୁ ଜଳ ବିବାଦର ଆପୋସ ସମାଧାନ କରିବାକୁ ସମୟ ଦେଇଥିଲେ। ଉଭୟ ରାଜ୍ୟ ମଧ୍ୟରେ କିଛି ମାସ ଧରି ଆଲୋଚନା ହୋଇଥିଲା। ଆଲୋଚନା ସତ୍ତ୍ୱେ କୌଣସି ପକ୍ଷ ଆପୋସ ସମାଧାନ କରି ନ ପାରିବାରୁ ୨୦୨୦ ନଭେମ୍ବରରେ ରୋହତଗୀ ଟ୍ରିବ୍ୟୁନାଲ୍ ନିକଟରେ ରାୟ ପ୍ରକାଶ କରିବାକୁ ଆବେଦନ କରିଥିଲେ। ହେଲେ ଟ୍ରିବ୍ୟୁନାଲ କୌଣସି ରାୟ ପ୍ରକାଶ ନ କରି ତାହାକୁ ସଂରକ୍ଷିତ ରଖିଥିଲେ। ☞ପୃଷ୍ଠା-୭





ହୀରାକୁଦ ଡ୍ୟାମ୍‌ରୁ ଜଳ ନିଷ୍କାସନ ହେଉଛି।

# ହୀରାକୁଦର ୨୬ ଗେଟ୍‌ରେ ଜଳ ନିଷ୍କାସନ

**ସମ୍ବଲପୁର, ୧୬।୯ (ଶୁଭାଶିଷ ପାଢ଼ୀ)**

ଉପରମୁଣ୍ଡରେ ବର୍ଷା ଲାଗିରହିଥିବାରୁ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଡ୍ୟାମ୍‌ରେ ଜଳସ୍ତର ନିୟନ୍ତ୍ରଣ ପାଇଁ ଶନିବାର ୪ ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ମୋଟ ୨୬ ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ମିଳିଥିବା ରିପୋର୍ଟ ଅନୁସାରେ, ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଛି। ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୭.୦୨ଫୁଟ୍ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୪,୫୬,୦୨୪ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ପାୱାର ଚ୍ୟାନେଲ, ଚାଷ, ଶିଳ୍ପ ପାଇଁ ମୋଟ ୪ ଲକ୍ଷ ୨୩ ହଜାର ୫୬୬ କ୍ୟୁସେକ ଜଳ ନିଷ୍କାସନ ହେଉଛି। ତଳମୁଣ୍ଡ ବେଲଗାଁରେ ୪୧ ହଜାର, ପର୍ଥଲାରେ ୧ଲକ୍ଷ ୨୭ ହଜାର ୪୧୧, ଖଇରମାଳରେ ୫ଲକ୍ଷ ୮୩ ହଜାର, ବରମୁଲାରେ ୬ ଲକ୍ଷ ୬୪ ହଜାର, ମୁଣ୍ଡୁଳୀରେ ୬ ଲକ୍ଷ ୮୩ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ, ଉପରମୁଣ୍ଡରେ ବର୍ଷା ଯୋଗୁ ୩ଦିନ ହେଲା ହୀରାକୁଦ ଜଳଭଣ୍ଡାରରୁ ଦ୍ୱିତୀୟ ପର୍ଯ୍ୟାୟରେ ବନ୍ୟାଜଳ ନିଷ୍କାସନ କରାଯାଉଛି। ଗତ ବୁଧବାର ଅପରାହ୍ନ ୪ଟାରେ ଡ୍ୟାମ୍‌ର ୨ ଗେଟ୍ ଖୋଲିଥିଲା। ଏହାପରେ ଗୁରୁବାର ସକାଳୁ ୮ଟି ଓ ଅପରାହ୍ନରେ ଆଉ ୪ ଗେଟ୍ ଖୋଲାଯାଇଥିଲା। ପୁଣି ଶୁକ୍ରବାର ୬ଟି ଗେଟ୍ ଖୋଲାଯିବା ପରେ ଶନିବାର ଆଉ ୬ଟି ଖୋଲାଯାଇଛି।

# ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସିଲା ଫ୍ୟାନ

**ଦିବ୍ୟାଙ୍ଗ ଶିଶୁ ଗୁରୁତର**

**କଣାସ, ୧୬।୯ (ବିଭୂତି ଭୂଷଣ ତ୍ରିପାଠୀ)**



ପୁରୀ ଜିଲା କଣାସ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସା ପାଇଁ ଆସି ଜଣେ ୫ ବର୍ଷୀୟ ଦିବ୍ୟାଙ୍ଗ ଶିଶୁ ଦୁର୍ଘଟଣାର ଶିକାର ହୋଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଫ୍ୟାନ ଖସି ଶିଶୁଙ୍କ ମୁଣ୍ଡରେ ପଡିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଛି। ସୂଚନା ମୁତାବକ, ଅଣ୍ଡାଳସିଂହ ଗ୍ରାମର ଯତୀଶ୍ ମହାପାତ୍ରଙ୍କ ପୁଅ ବିଶ୍ୱଜିତ୍ ତାଙ୍କ ମା'ଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରୀକ୍ଷା ନିରୀକ୍ଷା ପାଇଁ ଆସି ଅପେକ୍ଷା କରି ବସିଥିଲେ। ହଠାତ ବୁଲୁଥିବା ଫ୍ୟାନଟି ଛାତରୁ ଖସି ବିଶ୍ୱଜିତ୍‌ଙ୍କ ମୁଣ୍ଡରେ ପଡ଼ିଥିଲା। ତାଙ୍କୁ ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରାଥମିକ ଚିକିତ୍ସା କରାଯାଇ ପୁରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ତାଙ୍କ ମୁଣ୍ଡରେ ଜୋର ଆଘାତ ଲାଗିଥିବାରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ସ୍କାନିଂ କରାଯାଇ ଚିକିତ୍ସା କରାଯାଉଥିବା ଜଣାପଡିଛି।

# ସରକାରୀ ବିରି ବିହନରେ ଧରୁନି ଫୁଲ

- **କ୍ଷେତରେ ଗୋରୁ ଛାଡ଼ିଦେଲେ ଚାଷୀ**
- **କ୍ଷେତ୍ର ପରିଦର୍ଶନ କଲା କୃଷି ବିଭାଗ ଟିମ୍**
- **ଭୁଲ୍ କିସମ ଯୋଗୁ ଏଭଳି ଅବସ୍ଥା**

**ପାଟଣା, ୧୬।୯ (ବୀରକିଶୋର ଦାଶ)**



କ୍ଷେତରେ ଗୋରୁ ଚରୁଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚାଷୀ ଖରିଫ ଋତୁରେ ବିନା ମୂଲ୍ୟରେ ବିରି ବିହନ ଆଣି ଚାଷ କରିଥିଲେ। ଠିକ୍ ପ୍ରଣାଳୀରେ ଚାଷ କରିବା ସହ ସାର ପ୍ରୟୋଗ ଦ୍ୱାରା ଗଛ ହୃଷ୍ଟପୁଷ୍ଟ ହୋଇଛି। ମାତ୍ର ଫଳ ଧରିବାର ଧାର୍ଯ୍ୟ ସମୟ ପାର ହୋଇଯାଇଥିଲେ ବି ଗଛରେ ଏ ପର୍ଯ୍ୟନ୍ତ ଫୁଲ ଧରୁନାହିଁ। ଫଳରେ ଚାଷୀ ଚିନ୍ତାରେ ଥିବା ବେଳେ କେତେଜଣ ରାଗରେ କ୍ଷେତରେ ଗୋରୁ ଛାଡ଼ିଦେଇଛନ୍ତି। ଏ ନେଇ ଚାଷୀମାନେ ପାଟଣା ବ୍ଲକ୍ କୃଷି ଅଧିକାରୀଙ୍କୁ ଅବଗତ କରିବା ପରେ ଶନିବାର କୃଷି ବିଭାଗର ଏକ ବିଶେଷଜ୍ଞ ଦଳ କ୍ଷେତ୍ର ପରିଦର୍ଶନ କରିଛନ୍ତି।

ସୂଚନା ଅନୁଯାୟୀ, ପାଟଣା ବ୍ଲକ୍‌ର ମାଧପୁର ଓ ସ୍ୱାମ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଚାଷୀ ଖରିଫ ଋତୁରେ ପାଟଣା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ବିରି ବିହନ ଆଣି ଚାଷ କରିଥିଲେ। ୧୦ ହେକ୍ଟର ପରିମିତ ଗୋଡ଼ା ଜମିରେ ବିରି ଚାଷ କରି ହଳ, ସାର, ଅଣୁସାର, ☞ପୃଷ୍ଠା-୭

# ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କୁ ମିଳିବନି ଗହମ

**ଭୁବନେଶ୍ୱର, ୧୬।୯ (ଅନିଲ ଦାସ)**

ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନ୍‌ଏଫ୍‌ଏସ୍‌ଏ)ରେ ହିତାଧିକାରୀଙ୍କୁ ଆଉ ଗହମ ମିଳିବ ନାହିଁ। କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଏ ନେଇ ଜଣାଇ ଦିଆଯାଇଛି। ରାଜ୍ୟର ବଳକା ଚାଉଳକୁ ହିତାଧିକାରୀମାନଙ୍କୁ ଦିଆଯିବ। ରାଜ୍ୟ ସରକାର ବଳକା ଉଷୁନା ଚାଉଳ ନେବାକୁ ବାରମ୍ବାର ଦାବି କରିବା ପରେ କେନ୍ଦ୍ର ସରକାର ଗହମ ବଦଳରେ ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କୁ ଗହମ ବଦଳରେ ଚାଉଳ ଦେବାକୁ ଅନୁମତି ଦେଇଛନ୍ତି। ଏହି ନିଷ୍ପତ୍ତି ଫଳରେ ଗହମ ଉପରେ ନିର୍ଭର କରୁଥିବା ହିତାଧିକାରୀ ନିରାଶ ହୋଇଛନ୍ତି।

ରାଜ୍ୟରେ ଏନ୍‌ଏଫ୍‌ଏସ୍‌ଏରେ ୩.୨୬ କୋଟି ହିତାଧିକାରୀ ରହିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କ ମଧ୍ୟରୁ ୧୪ ପ୍ରତିଶତ ଲୋକ ଗହମ ଏବଂ ୮୬ ପ୍ରତିଶତ ଚାଉଳ ନେଉଥିଲେ। ଏ ବାବଦରେ କେନ୍ଦ୍ର ସରକାର ମାସିକ ୨୪,୭୦୦ ମେଟ୍ରିକ ଟନ ଗହମ ଯୋଗାଇ ଦେଉଥିଲେ।

ରାଜ୍ୟରେ ୨୦୨୨-୨୩ ଆର୍ଥିକ ବର୍ଷରେ ଖରିଫ ଋତୁରେ ୫୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଅର୍ଥାତ୍ ୪୪ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୨୪ ଲକ୍ଷ ମେଟ୍ରିକ୍ ଟନ ଖାଦ୍ୟ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନାରେ ପ୍ରଦାନ କରାଯାଉଛି। ପ୍ରାୟ ୨୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ ରହିଯାଉଛି। ଏହି ଚାଉଳକୁ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ନେଉ ନ ଥିବାରୁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କରି ଆସୁଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରୁ ବଳକା ଉଷୁନା ☞ପୃଷ୍ଠା-୭

# ଓଦା ଗରମ ପୃଥିବୀକୁ ଅଧିକ ଉତ୍ତପ୍ତ କରିବ

**ନୂଆଦିଲ୍ଲୀ, ୧୬।୯**



ଜଳବାୟୁ ପରିବର୍ତ୍ତନ ଯୋଗୁ ଏକ ସମୟରେ ବର୍ଷା ଓ ଗରମ ହେଉଛି। ଏହା ଆଗାମୀ ଦିନରେ ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ତାପମାତ୍ରା ୧ ଡିଗ୍ରୀ ବୃଦ୍ଧି ଘଟିଲେ, ବାୟୁର ଆର୍ଦ୍ରତା ଧାରଣ କ୍ଷମତା ୬ରୁ ୭% ବୃଦ୍ଧି ଘଟିଥାଏ। ଜର୍ନାଲ ଆର୍ଥସ ଫ୍ୟୁଚରରେ ପ୍ରକାଶିତ ତଥ୍ୟ ଅନୁସାରେ ଗରମ ଏବଂ ଆର୍ଦ୍ର ବାୟୁ ଅଧିକ ଜଳ ବର୍ଷା କରାଇବାରେ ସହାୟକ ହୋଇଥାଏ। ଓଦା ଗରମ ସ୍ଥିତି ଯୋଗୁ ବନ୍ୟା ଓ ଭୂସ୍ଖଳନ ଭଳି ଘଟଣା ଆଗାମୀ ଦିନରେ ଅଧିକ ମାତ୍ରାରେ ଦେଖାଦେଇପାରେ। କାରଣ ଗରମ ପବନ ପ୍ରଥମେ ମାଟିକୁ ଶୁଷ୍କ କରିଥାଏ। ପରେ ଏହାର ଜଳ ଶୋଷଣ କ୍ଷମତାକୁ ମଧ୍ୟ ହ୍ରାସ କରିଥାଏ। ଫଳରେ ବର୍ଷା ହେବା ମାତ୍ରେ ଏହା ମାଟିରେ ଶୋଷିତ ହେବା ପରିବର୍ତ୍ତେ ଭୂପୃଷ୍ଠ ଉପରେ ପ୍ରବାହିତ ହୋଇଥାଏ। ଏହି କାରଣରୁ ବନ୍ୟା, ଭୂସ୍ଖଳନ ଘଟିଥାଏ ଏବଂ ଏହା ଫସଲ ଅମଳକୁ ମଧ୍ୟ ପ୍ରଭାବିତ କରିଥାଏ। ଗବେଷକମାନେ ଜଳବାୟୁର ପରିବର୍ତ୍ତନର ବର୍ତ୍ତମାନ ସ୍ଥିତି ଦେଖି ଏକଥା ଆକଳନ କରିଛନ୍ତି, ଦକ୍ଷିଣ ଆଫ୍ରିକା, ଆମାଜନ ଏବଂ ୟୁରୋପର କିଛି ଅଂଶ ଆଗାମୀ ଦିନରେ ଅଧିକ ଶୁଷ୍କ ହେବ। ସେହିପରି ଆମେରିକାର ପୂର୍ବାଞ୍ଚଳ, ଏସିଆର ଦକ୍ଷିଣ ଓ ପୂର୍ବାଞ୍ଚଳ, ଅଷ୍ଟ୍ରେଲିଆ ଓ ଆଫ୍ରିକାର କେନ୍ଦ୍ରାଞ୍ଚଳରେ ବର୍ଷାର ପରିମାଣ ବୃଦ୍ଧି ଘଟିପାରେ। ଚାଇନାର ନର୍ଥ ୱେଷ୍ଟ ଏ ଆଣ୍ଡ୍ ଏଫ୍ ବିଶ୍ୱବିଦ୍ୟାଳୟର ଗବେଷକ ହାଇଜିଆଙ୍ଗ୍ ଉ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ଗତ କିଛି ଦଶନ୍ଧି ହେଲା କୃଷି ଓ ଶିଳ୍ପ କ୍ଷେତ୍ର ଅଧିକ ପ୍ରଭାବିତ ହୋଇଆସିଛି। ଖରାଦିନେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଛି। ଫଳରେ ଏହା ମାଟିକୁ ଅଧିକ ଶୁଷ୍କ କରୁଛି। ଏହାପରେ ପ୍ରବଳବର୍ଷା ହେଉଛି, କିନ୍ତୁ ମାଟିର ଜଳଧାରଣ କ୍ଷମତା ସେତେବେଳେ ନଥିବାରୁ ବର୍ଷା ଜଳ ମାଟି ଭିତରକୁ ଯିବା ବଦଳରେ ମାଟି ଉପରେ ପ୍ରବାହିତ ହୋଇଯାଉଛି। ଫଳରେ ବନ୍ୟା, ଭୂସ୍ଖଳନ ଘଟି ଧନ ଜୀବନ ନଷ୍ଟ ହେଉଛି। ତେଣୁ ଓଦା ଗରମ ପରିସ୍ଥିତି ପାଇଁ ଜଳବାୟୁ ପରିବର୍ତ୍ତନ ଦାୟୀ ବୋଲି କୁହାଯାଉଛି। ଯଦି ଆମେ ଜଳବାୟୁ ପରିବର୍ତ୍ତନର ଏହି ଧାରାକୁ ରୋକି ନ ପାରିବା ତେବେ ଆଗାମୀ ଦିନରେ ଏହା ଜଳ, ଖାଦ୍ୟ, ଶକ୍ତି ସୁରକ୍ଷା କ୍ଷେତ୍ରରେ ଅଧିକ କ୍ଷତି ପହଞ୍ଚାଇବ ବୋଲି ଉ କହିଛନ୍ତି।

# ସମଲେଇ ମନ୍ଦିରରେ ପହଞ୍ଚିଲା ନୂଆଁଧାନ

**ସମ୍ବଲପୁର, ୧୬।୯ (ଶୁଭାଶିଷ ପାଢ଼ୀ)**



ସମଲେଇ ମନ୍ଦିରରେ ନୂଆଁଧାନ।

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ସେପ୍ଟେମ୍ବର ୨୦ରେ ପାଳନ ହେବ। ସେହିଦିନ ପ୍ରଥମେ ମା' ସମଲେଇଙ୍କଠାରେ ନବାନ୍ନ ଲାଗି ହେବା ପରେ ଅନ୍ୟମାନେ ନୂଆଁ ଖାଇବେ। ମା' ସମଲେଇଙ୍କ ନବାନ୍ନ ତିଆରି ପାଇଁ ସମଲେଇ ମନ୍ଦିରରେ ନୂଆଁଧାନ (ସରିଆ) ପହଞ୍ଚିଛି। ଧାନକୁ ପୂଜାର୍ଚ୍ଚନା ପରେ ଅମଳ କରାଯାଇ ମା' ସମଲେଶ୍ୱରୀଙ୍କ ମୁଖ୍ୟ ପୂଜକଙ୍କୁ ଦିଆଯାଇଥାଏ। ପୂଜକ ଅମ୍ବିକା ପ୍ରସାଦ ରାୟ ବଲବସପୁର ଗ୍ରାମର ବସୁଦେବ ବେହେରାଙ୍କଠାରୁ ନୂଆଁଧାନ ଗ୍ରହଣ କରିଥିଲେ। ପୂଜକ ପରିବାର ନୂଆଁଧାନରୁ ଚାଉଳ ବାହାର କରି ମା'ଙ୍କ ପାଇଁ ନବାନ୍ନ ତିଆରି କରିବେ। ମା'ଙ୍କ ପାଇଁ ୬୦ ଦିନରେ ଏହି ଧାନ ଅମଳ କରାଯାଇଥାଏ। ପକ୍ଷୀ କିମ୍ବା କୌଣସି ପ୍ରାଣୀ ଯେପରି ଧାନକୁ ଅଇଁଠା ନ କରିବେ ସେ ଦିଗରେ ମଧ୍ୟ ବିଶେଷ ଦୃଷ୍ଟି ଦିଆଯାଇଥାଏ। ମୁଖ୍ୟ ପୂଜକ ଧାନ ଆଣିବା ପରେ ତାହାକୁ ଶୁଖାଇ ସୁରକ୍ଷିତ ସ୍ଥାନରେ ରଖନ୍ତି। ଧାନରୁ ଚାଉଳ ବାହାର କରି ଭୋଗ ପ୍ରସ୍ତୁତ କରାଯାଇ ନୂଆଁଖାଇ ଦିନ ମା'ଙ୍କଠାରେ ଲାଗି କରାଯାଏ। ବିଗତ କିଛିବର୍ଷ ହେବ ମହାନଗର ନିଗମ ବଲବସପୁର ବାସିନ୍ଦା ବେହେରା ପରିବାର ମା'ଙ୍କ ଭୋଗ ପାଇଁ ଧାନ ଆଣିବାର ସୌଭାଗ୍ୟ ପାଇଛନ୍ତି। ମା' ସମଲେଶ୍ୱରୀଙ୍କର ଏହି ବିଶେଷ ସେବା ପାଇଥିବା କାରଣରୁ ପରିବାର ଲୋକେ ବେଶ୍ ଖୁସି ଅନୁଭବ କରୁଛନ୍ତି। ଯେତେଦିନ ପର୍ଯ୍ୟନ୍ତ ମା'ଙ୍କ ଇଚ୍ଛା ହେବ ସେତେଦିନ ପର୍ଯ୍ୟନ୍ତ ସେ ଏହି ସରିଆ ବା ସାଠିଆ ଧାନ ମା'ଙ୍କ ପାଇଁ ଯୋଗାଇବେ ବୋଲି ବସୁଦେବ କହିଛନ୍ତି। ସୂଚନାଯୋଗ୍ୟ, ପଣ୍ଡିତ ବ୍ରହ୍ମସଭାରେ ନୂଆଁଖାଇ ପାଇଁ ଲଗ୍ନଧାର୍ଯ୍ୟ ହୋଇଥିଲା। ୨୦ ତାରିଖ ପୂର୍ବାହ୍ନ ୧୦ ଘଣ୍ଟା ୨୭ ମିନିଟରୁ ୧୦ ଘଣ୍ଟା ୪୨ ମିନିଟ ମଧ୍ୟରେ ମା'ଙ୍କ ପାଖରେ ନବାନ୍ନ ଲାଗି ପାଇଁ ସମୟ ଧାର୍ଯ୍ୟ ହୋଇଛି।

# କର୍ମକ୍ଷେତ୍ରକୁ ପ୍ରତିପୋଷଣ କରିବାକୁ ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର,୧୬।୯ (ଅଭୟ ଦାଶ)



ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ା ଏବଂ ଲାଞ୍ଜିଗଡ଼ ସମେତ ଛତିଶଗଡ଼ର ବାଲ୍କୋ ୟୁନିଟ୍‌ରେ ମଧ୍ୟ ପାଳନ କରାଯାଇଥିଲା। ବିଶେଷକରି ଭାରତୀୟ ଇଞ୍ଜିନିୟରିଂର ସମୃଦ୍ଧ ଅବଦାନ ପାଇଁ ବିଭିନ୍ନ କାର୍ଯ୍ୟରେ ହଜାର ହଜାର ଉଚ୍ଚ କୁଶଳୀ ଇଞ୍ଜିନିୟରଙ୍କ କର୍ମକ୍ଷେତ୍ରକୁ ପ୍ରତିପୋଷଣ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କମ୍ପାନୀ ପକ୍ଷରୁ ମତବ୍ୟକ୍ତ କରାଯାଇଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଓଓ (ଆଲୁମିନିୟମ ବ୍ୟବସାୟ) ସୁନୀଲ ଗୁପ୍ତା କହିଛନ୍ତି, ଇଞ୍ଜିନିୟର୍ସମାନେ ଆମ ସଙ୍ଗଠନର ଏକ ପ୍ରମୁଖ ମୂଳଦୁଆ। ଏପରିକି ବେଦାନ୍ତ ଆଲୁମିନିୟମରେ ଆମର ନିରନ୍ତର ପ୍ରତିବଦ୍ଧତା ହେଉଛି ଏକ ପରିବେଶ ସୃଷ୍ଟି କରିବା, ଯାହାକି ନୂତନତ୍ୱ ପ୍ରତିପୋଷଣ କରିଥାଏ। ବିଶେଷ କରି ଏହାର ଅବ୍ୟବହୃତ ପ୍ରଗତି ପାଇଁ ଦେଶର ସମ୍ବଳକୁ ଉପଯୋଗ କରିବାରେ ଇଞ୍ଜିନିୟର୍ସମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ସେହିଭଳି ବାଲ୍କୋ ସିଇଓ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ରାଜେଶ କୁମାର କହିଛନ୍ତି, ଇଞ୍ଜିନିୟର୍ସ ସମ୍ପ୍ରଦାୟର ଏକ ଅଂଶ, ଯେଉଁମାନେ ଆମ ଦେଶର ବୈଷୟିକ ପ୍ରଗତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇସାରିଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳରେ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ପଥ ଦ୍ୱରିତ ବିକାଶ ଏବଂ ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ରାସ୍ତା ସୃଷ୍ଟି କରିଛି। ସେହିପରି ବେଦାନ୍ତର ସିଏଚ୍‌ଆର୍‌ଓ ଦିଲୀପ ସିହ୍ନା କହିଛନ୍ତି, ଆମେ ଆମର କର୍ମଚାରୀଙ୍କ ପାଇଁ ନିରନ୍ତର ଉନ୍ନତି ଏବଂ ପ୍ରଶିକ୍ଷଣର ଏକ ସଂସ୍କୃତି ସୃଷ୍ଟି କରିଛୁ, ଯାହାଦ୍ୱାରା ସେମାନେ ଉପଯୁକ୍ତ ଉପକରଣଗୁଡିକ ପାଇପାରିବେ। ସୃଜନଶୀଳ, ବିଶ୍ଳେଷଣାତ୍ମକ ମନକୁ ଉତ୍ସାହିତ କରିବା ଏବଂ କର୍ମଚାରୀ ତଥା ସଙ୍ଗଠନ ପାଇଁ ଚମତ୍କାର ଫଳାଫଳକୁ ଉନ୍ମୋଚନ କରିବା ପାଇଁ ଡିଜାଇନ ହୋଇଥିବା ଲୋକଙ୍କ ନୀତି ମାଧ୍ୟମରେ ଏହା ହାସଲ ହୋଇଥାଏ।

## ପ୍ରି-ଫେଷ୍ଟିଭ୍ ଅଭିଯାନ

ଭୁବନେଶ୍ୱର,୧୬।୯

ଦେଶର ଅଗ୍ରଣୀ ଇ- କର୍ମସ କମ୍ପାନୀ ଆମାଜନ୍ ଇଣ୍ଡିଆର ପ୍ରି-ଫେଷ୍ଟିଭ୍ ଅଭିଯାନ 'ଖୁସିୟାଁ ଅପ୍‌ନୋ କି, ଔର୍ ଅପ୍‌ନି ଭି' ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହି ଅଭିଯାନ ଶନିବାରଠାରୁ ଡିଜିଟାଲ ମାଧ୍ୟମରେ ଆରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ଆମାଜନ୍ ଇଣ୍ଡିଆର ଭାଇସ ପ୍ରେସିଡେଣ୍ଟ ନୁର ପଟେଲ କହିଛନ୍ତି, ଆଜିର ଯୁଗ ଓ ସମୟରେ ଆମେ ଆମର ଯତ୍ନକୁ ସର୍ବଦା ଅଣଦେଖା କରିଥାଉ ଏବଂ ନିଜକୁ ଗୁରୁତ୍ୱ ପ୍ରଦାନ ଉପରେ ଧ୍ୟାନଦେବା ହେଉଛି ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଏହି ଅଭିଯାନ ଅନ୍ତର୍ଗତ ଆମେ ଆମର ପ୍ରିୟଜନମାନଙ୍କର ଆବଶ୍ୟକତା ପୂରଣ କରିବା ସହ ନିଜର ଯତ୍ନ ନେବା ପାଇଁ ଗ୍ରାହକମାନଙ୍କୁ ଅନୁରୋଧ କରୁଛୁ ,ଯଦ୍ଦ୍ୱାରା ଖୁସିକୁ ମିଳିତ ଭାବେ ପାଳନ କରାଯାଇପାରିବ। ସେହିଭଳି ଏହି ଅଭିଯାନ ଜରିଆରେ ବିଜେତାମାନଙ୍କୁ ବିଭିନ୍ନ ପ୍ଲାଟ୍‌ଫର୍ମରେ ପ୍ରକାଶିତ କରାଯିବ।

## ବିଓଏମ୍‌ର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୧୬।୯

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ନୂତନ ଶାଖା (ବୌଦ୍ଧଗଡ଼ ଶାଖା) ବୌଦ୍ଧ ଜିଲାର ବୁଢ଼ୁପାଲି ରୋଡ୍‌ସ୍ଥିତ ଜାମୁ ଛକଠାରେ ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବୌଦ୍ଧ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଜିଲା ପରିଷଦର ସିଡିଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ପ୍ରବନ୍ଧକ ଆଲୋକ କୁମାର ମିଶ୍ର ଏବଂ ବୌଦ୍ଧଗଡ଼ ଶାଖାର ଶାଖା ପ୍ରବନ୍ଧକ ଶୁଭାଶିଷ ପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ ଶାଖା ଜରିଆରେ ଗ୍ରାହକମାନେ ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ କାରବାର ଏବଂ ସେବା ପାଇପାରିବେ। ଏପରିକି ଗ୍ରାହକଙ୍କ ଆବଶ୍ୟକତା ଉପରେ ଶାଖା କାର୍ଯ୍ୟ କରିବ ବୋଲି ବ୍ୟାଙ୍କ ପକ୍ଷରୁ ମତବ୍ୟକ୍ତ କରାଯାଇଛି। ଉକ୍ତ ଶାଖାକୁ ମିଶାଇ ରାଜ୍ୟରେ ବ୍ୟାଙ୍କର ମୋଟ ୪୯ ଶାଖା କାର୍ଯ୍ୟ କରୁଛି।

## ପିଏନ୍‌ବିକୁ ରାଜଭାଷା କୀର୍ତ୍ତି ପୁରସ୍କାର




ଭୁବନେଶ୍ୱର,୧୬।୯

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)କୁ ନିକଟରେ ରାଜଭାଷା କୀର୍ତ୍ତି ପୁରସ୍କାର-୨୦୨୨-୨୩ ମିଳିଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ହିନ୍ଦୀ ଦିବସ ଉପଲକ୍ଷେ ଆୟୋଜିତ ୩ୟ ସର୍ବଭାରତୀୟ କାର୍ଯ୍ୟାଳୟ (ଅଫିସିଆଲ) ଭାଷା ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀ ଅବସରରେ ରାଜଭାଷା କୀର୍ତ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପିଏନ୍‌ବି ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପ୍ରଥମ ବିଜେତା ଭାବେ ଉକ୍ତ ପୁରସ୍କାର ଲାଭ କରିଥିଲାବେଳେ ରାଜଭାଷା କୀର୍ତ୍ତି ପୁରସ୍କାରର ୨ୟ ବିଜେତା ପିଏନ୍‌ବି ପ୍ରତିଭା ମାଗାଜିନ ପାଇଁ ହୋଇଥିଲା। ଏହି ଅବସରରେ ପିଏନ୍‌ବିର ଏମ୍‌ଡି ତଥା ସିଇଓ ଅତୁଲ କୁମାର ଗୋଏଲ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ସ୍ୱରାଷ୍ଟ୍ର ) ଅଜୟ କୁମାର ମିଶ୍ରାଙ୍କଠାରୁ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜଭାଷାର ଉପାଧ୍ୟକ୍ଷ (ଡିସି) ରହିବଂଶ ନାରାୟଣ ସିଂହ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶେଷ କିଷାନ ପାଇବେ ଭାରତ ଗୌରବ ସମ୍ମାନ

**୧୯ରେ ଭାରତ ମସଲାର ପ୍ରତିଷ୍ଠା ଦିବସ**

କଟକ,୧୬।୯



ଦୀର୍ଘ ୨୩ବର୍ଷ ଧରି ନିରନ୍ତର ଭାବେ ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ଭାରତ ମସଲା କମ୍ପାନୀ ଆସନ୍ତା ଗଣେଶ ପୂଜାରେ ୨୪ତମ ପ୍ରତିଷ୍ଠା ଦିବସ ପାଳନ କରିବ। ପୂଜ୍ୟପୂଜା ପରମ୍ପରାକୁ ବଜାୟ ରଖି ଓଡ଼ିଶାର ନାମକୁ ବିଭିନ୍ନ କ୍ଷେତ୍ରରେ ସଫଳତାର ଶୀର୍ଷରେ ପହଞ୍ଚାଇଥିବା ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ମାନିତ କରାଯିବ। ଚଳିତବର୍ଷ ବିଜ୍ଞାନକ୍ଷେତ୍ରରେ ଯୁବ ବୈଜ୍ଞାନିକ ଡ. ଶେଷ କିଷାନଙ୍କୁ ଭାରତ ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ସାହିତ୍ୟ କ୍ଷେତ୍ରରେ ସୁନାମଧନ୍ୟ ଲେଖିକା ବନଜା ଦେବୀଙ୍କୁ କଥା ଭାରତ ସମ୍ମାନ, ସେବା କ୍ଷେତ୍ରରେ ସଦ୍‌ଗୁରୁ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡ. ପ୍ରଦୀପ କୁମାର ମହାନ୍ତିଙ୍କୁ ସେବା ଭାରତ ସମ୍ମାନ, କଳା କ୍ଷେତ୍ରରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କୁ ସଂସ୍କୃତି ଭାରତ ସମ୍ମାନ, ଶିକ୍ଷା କ୍ଷେତ୍ରରେ ସବ୍ୟସାଚୀ ପାତ୍ର, ମିତ୍ରବର ସିଂ ଓ ହିମାଂଶୁ ପାତ୍ରଙ୍କୁ ବିଦ୍ୟା ଭାରତ ସମ୍ମାନରେ ସମ୍ମାନିତ କରାଯିବ। ଏନେଇ ଓସିଏ କନ୍‌ଫରେନ୍ସ ହଲ୍‌ରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାରତ ମସଲା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଭାରତ ମସଲା ଓ ଜୟ ଭାରତ ଫାଉଣ୍ଡେଶନର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଜୟ ଭାରତ ଫାଉଣ୍ଡେସନ ଟ୍ରଷ୍ଟି ପ୍ରଫୁଲ୍ଲ କୁମାର ସିଂହ, ଜିଏମ୍ (ଫାଇନାନ୍ସ) ଅଶ୍ୱିନୀ କୁମାର ଦାଶ, ଭାରତ ମସଲା ଟ୍ରଷ୍ଟି ସୁମନ୍ତ କୁମାର ପଣ୍ଡା, ଜିଏମ୍ (ଅପରେସନ୍) ଅରୁଣ କୁମାର ନାୟକ, ଜିଏମ୍ (ପ୍ରଡକ୍ସନ) ନବକୃଷ୍ଣ ପ୍ରଧାନ, ଭାରତ ମସଲାର ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା ଓ ଆଶୁତୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏମ୍‌ଡିସିକୁ ଏଚ୍‌ଆର୍ ପ୍ରାକ୍ଟିସ ଆୱାର୍ଡ

ଭୁବନେଶ୍ୱର,୧୬।୯




ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି)କୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସମ୍ମାନ (ଆୱାର୍ଡ) ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ବାଙ୍ଗାଲୁରୁଠାରେ ଆୟୋଜିତ ୨୨ତମ ଏସିଆ ପାସିଫିକ ଏଚ୍‌ଆର୍‌ଏମ୍ କଂଗ୍ରେସ ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଏମ୍‌ଡିସିକୁ 'ବେଷ୍ଟ ଅର୍ଗାନାଇଜେଶନ ଉଇଥ୍ ଇନୋଭେଶନ ଏଚ୍‌ଆର୍ ପ୍ରାକ୍ଟିସ' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ଏମ୍‌ଡିସିର ଜିଏମ୍ (ଏଚ୍‌ଆର୍) ଭି. ଶ୍ରୀନିବାସ ଉକ୍ତ ସମ୍ମାନ ଅତିଥିଙ୍କଠାରୁ ଗ୍ରହଣ କରିଥିଲେ। ଏ ସମ୍ପର୍କରେ ଏନ୍‌ଏମ୍‌ଡିସିର ସିଏମ୍‌ଡି( ଅତିରିକ୍ତ ଦାୟିତ୍ୱ) ଅମିତାଭ ମୁଖାର୍ଜୀ କହିଛନ୍ତି, ଦେଶର ସର୍ବବୃହତ୍ ଲୁହା ପଥର ଉତ୍ପାଦକ ଭାବେ ପରିଚିତ ଏନ୍‌ଏମ୍‌ଡିସିରେ ଏକ ପ୍ରଭାବଶାଳୀ ଏଚ୍‌ଆର୍ ଟିମ୍ କାର୍ଯ୍ୟ କରୁଛନ୍ତି। ଏହି ସଫଳତା ଏନ୍‌ଏମ୍‌ଡିସିର ଏଚ୍‌ଆର୍ ଟିମ୍‌କୁ ଦିଆଯାଇଛି। ଆଗାମୀ ଦିନରେ ଏହି ଧାରା ଜାରି ରହିବ ବୋଲି ସେ ମତପ୍ରକାଶ କରିଛନ୍ତି।

**ଫୁର୍‌ସତ୍**

# ଯୌତୁକ ପ୍ରଥାକୁ ବିରୋଧକରି ପର୍ବତ ଚଢ଼ୁଛନ୍ତି

ପୁଣେ

ଯୌତୁକ ପ୍ରଥା ଏକ କୁପ୍ରଥା ହୋଇଥିଲେ ମଧ୍ୟ ଲୋକେ ସେଥିରୁ ନିଜକୁ ନିବୃତ୍ତ ରଖିପାରୁନାହାନ୍ତି। ଅନେକ ସମୟରେ ଏହି ପ୍ରଥା ପାଇଁ ଅନେକଙ୍କ ଜୀବନ ମଧ୍ୟ ଯାଉଛି। ହେଲେ ଲୋକେ ଏଥିପ୍ରତି ସଚେତନ ହେଉନାହାନ୍ତି। ମହାରାଷ୍ଟ୍ର ପୁଣେର ଜଣେ ଯୁବତୀ ଏହାକୁ ଏକ ଭିନ୍ନ ଉପାୟରେ ବିରୋଧ କରୁଛନ୍ତି। ରିପୋର୍ଟ ମୁତାବକ, ପୁଣେର ବାସିନ୍ଦା ସ୍ମିତା ଘୁଗେ ଜଣେ ପର୍ବତାରୋହୀ। ସ୍ମିତାଙ୍କ ଏହି ପର୍ବତାରୋହଣର ଆରମ୍ଭ ଯୌତୁକର ବିରୋଧରୁ ହୋଇଥିଲା। ଯେତେବେଳେ ସେ ଅନୁଭବ କଲେ ଯେ, ବରଘର ପକ୍ଷରୁ ଯୌତୁକ ଦାବି ବନ୍ଦ ହେଉନି, ସେତେବେଳେ ୭ ମହାଦ୍ୱୀପର ୭ ଉଚ୍ଚ ପର୍ବତ ଚଢ଼ି ତାଙ୍କର ବିରୋଧର ଯାତ୍ରା ଆରମ୍ଭ କଲେ। ସ୍ମିତା ଏକ ସାକ୍ଷାତ୍‌କାରରେ କହିଛନ୍ତି, ତାଙ୍କ ବିବାହ ପାଇଁ ବରଘର ପକ୍ଷରୁ ୧୮ ଲକ୍ଷ ଟଙ୍କା ଯୌତୁକ ଦାବି ରହିଥିଲା। ହେଲେ ସ୍ମିତା ସେହି ପୁଅ ସହ ବିବାହ କରିବାକୁ ମନା କରିଦେଲେ। ସେ ଯୌତୁକରେ ଏତେ ଟଙ୍କା ଦେବା ବଦଳରେ ନିଜ ଖୁସି ପାଇଁ ଏଭଳି ଯାତ୍ରା କରିବା ଆରମ୍ଭକଲେ। ନିଜର ସମସ୍ତ ପାଠପଢ଼ା ଶେଷ କଲେ। ହେଲେ ତାଙ୍କର କମ୍ ଉଚ୍ଚତା ପାଇଁ ଅନେକ ପ୍ରସ୍ତାବ ଭାଙ୍ଗିଯାଉଥିଲା। ଏହି ସମୟରେ ତାଙ୍କ ଶିକ୍ଷକଙ୍କ ଉପଦେଶରେ ସେ ନିଜକୁ ଅଧିକ ଭଲ କରିବାକୁ ଚେଷ୍ଟା କଲେ। ନିଜ ବିବାହ ପାଇଁ ରଖାଯାଇଥିବା ସମସ୍ତ ଗହଣା ବିକ୍ରି କରି ସେହି ଟଙ୍କାରେ ସେ ପର୍ବତ ଚଢ଼ିଲେ। ସେ ରୁଷ୍‌ର ମାଉଣ୍ଟ ଏଲ୍‌ବ୍ରୁସ ଏବଂ ଆଫ୍ରିକାର ଉଚ୍ଚ ପର୍ବତ ତାଞ୍ଜାନିଆର ମାଉଣ୍ଟ କିଲମାଞ୍ଜିରୋରେ ମଧ୍ୟ ଚଢ଼ିସାରିଲେଣି। ସ୍ମିତା ଏତେ ଉଚ୍ଚକୁ ଯିବାକୁ ଚାହୁଁଛନ୍ତି, ଯେଉଁଠାକୁ କେହି ଯାଇନାହାନ୍ତି।



# ଡିସେମ୍ବର ୨୨ରେ ଶାହରୁଖ୍‌ଙ୍କ 'ଡଙ୍କି'

**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ଫିଲ୍ମ 'ଜୱାନ' ବର୍ତ୍ତମାନ ବକ୍ସ ଅଫିସ୍‌ରେ ଧମାଲ କରୁଛି। ନିକଟରେ ସିନେମା ୪୦୦ କୋଟି କ୍ଲବରେ ସାମିଲ ହୋଇଛି। ଶାହରୁଖ ତାଙ୍କ ଆଗାମୀ ଫିଲ୍ମ ବାବଦରେ କିଛି ସୂଚନା ଦେଇଛନ୍ତି। ତେବେ ଚଳିତବର୍ଷ ତାଙ୍କର ଫିଲ୍ମ 'ପଠାନ୍' ଏବଂ 'ଜୱାନ' ରିଲିଜ୍ ପରେ ତାଙ୍କ ଆଗାମୀ ଫିଲ୍ମ ଆସନ୍ତା ବର୍ଷ ରିଲିଜ୍ ହେବ ବୋଲି କୁହାଯାଉଥିଲା। ନିର୍ଦ୍ଦେଶକ ରାଜକୁମାର ହିରାନୀଙ୍କ ଫିଲ୍ମ 'ଡଙ୍କି'ରେ ଶାହରୁଖ ନଜରକୁ ଆସୁଥିବାବେଳେ ତାହା ଏହି ବର୍ଷ ଶେଷକୁ ପରଦାକୁ ଆସିବ ବୋଲି ଜଣାପଡ଼ିଛି। ଚଳିତବର୍ଷ ଖ୍ରୀଷ୍ଟମାସ ଅବସରରେ ସିନେମା ରିଲିଜ୍ ହେବ ବୋଲି ଶାହରୁଖ ଘୋଷଣା କରିଛନ୍ତି। ତେବେ ଶାହରୁଖ୍ ତାଙ୍କ ପ୍ରଶଂସକଙ୍କ ପାଇଁ ଶ୍ରେଷ୍ଠ ଅଭିନୟ ଜାରି ରଖିଥିବା କହିଛନ୍ତି। ଡିସେମ୍ବର ୨୨ରେ ଏହା ଦର୍ଶକଙ୍କ ପାଖରେ ପହଞ୍ଚିବ। ଚଳଚ୍ଚିତ୍ରରେ ଶାହରୁଖ୍‌ଙ୍କ ବ୍ୟତୀତ ରାଜକୁମାର ହିରାନୀ, ତାପସୀ ପନ୍ନୁ, ଭିକ୍କି କୌଶଲ, ସତୀଶ ଶାହା, ବୋମାନ ଇରାନୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ମୁଭିଟି କମେଡି ଡ୍ରାମାରେ ଭରି ରହିଛି। ଶାହରୁଖ ୧୯୯୨ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଦର୍ଶକଙ୍କ ପସନ୍ଦ ରହିଆସୁଛନ୍ତି।



# କୁକୁର, କୋକିଶିଆଳିର ମିଶ୍ରଣ 'ଡଗ୍‌କ୍ସିମ୍'



ବ୍ରାସିଲିଆ

ଗୋଟିଏ ପ୍ରଜାତିର ଅନେକ ଜୀବ ଥା'ନ୍ତି। ସେମାନଙ୍କ ରଙ୍ଗ, ଢଙ୍ଗ ମଧ୍ୟ ଅଲଗା ହୋଇଥାଏ। ନିକଟରେ ବ୍ରାଜିଲରେ ଏକ ହାଇବ୍ରିଡ୍ କୁକୁରର ମୃତ୍ୟୁ ଘଟିଛି। ୨୦୨୧ରେ ଏହି ହାଇବ୍ରିଡ୍ କୁକୁରର ସନ୍ଧାନ ମିଳିଥିଲା। ଏକ କାର୍ ଧକ୍କାରେ କୁକୁରଟି ଆଘାତ ପାଇ ବ୍ରାଜିଲର ୟୁନିଭର୍ସିଡେଡ୍ ଫେଡେରାଲ ଡୁ ରିଓ ଗ୍ରେଣ୍ଡ ଡୁ ସଲ ଭେଟେରିନାରି ହସ୍ପିଟାଲରେ ଚିକିତ୍ସିତ ହୋଇଥିଲା। ହେଲେ ସେତେବେଳେ ଏହା କୁକୁର କି ଅନ୍ୟ କିଛି ତାହା ଜଣାପଡ଼ି ନ ଥିଲା। ବୈଜ୍ଞାନିକମାନେ ଏହାର ଜିନୋମର ପରୀକ୍ଷଣ କରିବା ପରେ ତାହା କୁକୁର ଓ କୋକିଶିଆଳିର ହାଇବ୍ରିଡ୍ ବୋଲି ଜଣାପଡ଼ିଥିଲା। ତାହାର ନାମ 'ଡଗ୍‌କ୍ସିମ୍' ରଖାଯାଇଥିଲା। ଡଗ୍‌କ୍ସିମ୍ ଶରୀରରେ ଉଭୟ କୁକୁର ଏବଂ କୋକିଶିଆଳିର ଗୁଣ ରହିଥିଲା। ତା'ର ବଡ଼ କାନ, ଶରୀର ଲୋମଶ, ମୋଟା ଲାଞ୍ଜ ଥିଲା। ହସ୍ପିଟାଲରେ ତା'ର ଦେଖାଶୁଣା କରୁଥିବା ନର୍ସଙ୍କ କହିବା ମୁତାବକ, ଡଗ୍‌ସିମ୍ ବହୁତ ଶାନ୍ତ, ସରଳ ଥିଲା। ତା' ପାଖରେ କୋକିଶିଆଳିର ଗୁଣ ଥିଲେ ବି ସେମାନଙ୍କ ଭଳି କାମୁଡ଼ିବାକୁ ଗୋଡ଼ାଉ ନ ଥିଲା। ସେ ଅନ୍ୟମାନଙ୍କଠାରୁ ଦୂରରେ ରହିବାକୁ ଭଲ ପାଉଥିଲା। ସେ କୁକୁର ଭଳି ଭୁକୁଥିବାବେଳେ କୋକିଶିଆଳି ଭଳି ଚାଲୁଥିଲା। ପରୀକ୍ଷଣରୁ ଏହି ବ୍ରିଡ୍‌ରେ ୭୬ ପ୍ରକାରର କ୍ରୋମୋଜମ୍ ଥିବା ଜଣାପଡ଼ିଥିଲା, ଯାହା ଉଭୟ କୁକୁର ଓ କୋକିଶିଆଳିଙ୍କ ମିଶ୍ରଣ।

# ହାତ ଥିବା ବିଲୁପ୍ତପ୍ରାୟ ମାଛ

କାନବେରା

ପୃଥିବୀରେ ବିଭିନ୍ନ ପ୍ରଜାତିର ଜୀବ ବାସ କରୁଥିବାବେଳେ ଅନେକ ସମୟରେ ନୂଆ କିଛି ଜୀବ ଦୃଷ୍ଟିଗୋଚର ହୋଇଥାନ୍ତି। ନିକଟରେ ଅଷ୍ଟ୍ରେଲିଆ ସମୁଦ୍ର କୂଳରେ ୨୦ ବର୍ଷ ପରେ ଭିନ୍ନ



ଏକ ମାଛ ଦେଖିବାକୁ ମିଳିଛି। ଏହି ମାଛର ପର ସ୍ଥାନରେ ହାତ ରହିଛି। ଏହି ହାତ ସେମାନେ ଚାଲିବାରେ ବ୍ୟବହାର କରିଥାନ୍ତି। ଏହି ପ୍ରଜାତିର ମାଛ ବିଲୁପ୍ତ ପ୍ରାୟ। କେରି ୟାରେ ନାମ୍ନୀ ଜଣେ ଯୁବତୀ ଅଷ୍ଟ୍ରେଲିଆର ତାସ୍‌ମାନିଆର ପ୍ରିମରୋଜ୍ ସ୍ୟାଣ୍ଡ ସମୁଦ୍ର କୂଳରେ ଦୌଡୁଥିବାବେଳେ ଏହି ମାଛକୁ ଦେଖିଥିଲେ। କମନ୍‌ୱେଲ୍ଥ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ଅର୍ଗାନାଇଜେଶନ(ସିଏସ୍‌ଆଇଆର୍‌ଓ)ର ରିପୋର୍ଟ ମୁତାବକ, ଏହି ମାଛ ପ୍ରାୟ ୨୦ ବର୍ଷ ତଳେ ଅର୍ଥାତ୍ ୨୦୦୫ରେ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଏହା ପରଠାରୁ ଏମାନଙ୍କୁ ଆଉ ଦେଖିବାକୁ ମିଳିନି। ସିଏସ୍‌ଆଇଆର୍‌ଓ ବୈଜ୍ଞାନିକଙ୍କ କହିବା ମୁତାବକ, ଦୁନିଆରେ ଏହି ପ୍ରଜାତିର ପ୍ରାୟ ୨ ହଜାର ମାଛ ଅଛନ୍ତି। ୧୯୯୦ ପୂର୍ବରୁ ଏହି ପ୍ରଜାତିର ମାଛଙ୍କୁ ସାଧାରଣ ଭାବେ ଦେଖିବାକୁ ମିଳୁଥିଲା। ହେଲେ ପରେ ଏମାନଙ୍କୁ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଫର୍ କଞ୍ଜରଭେଶନ ଅଫ୍ ନେଚର (ଆଇୟୁସିଏନ୍) ଦ୍ୱାରା ବିଲୁପ୍ତ ପ୍ରାୟ ଘୋଷଣା କରିଦିଆଯାଇଛି।

## ସଂକ୍ଷେପରେ

### କଫ୍ ସିରପ୍ ବିକ୍ରି ଅଭିଯୋଗରେ ଗିରଫ

**ପଦ୍ମପୁର,୧୬।୯(ପ୍ରଦୀପ୍ତ ଦାଶ):** କଫ୍ ସିରପ୍ ବିକ୍ରି ଅଭିଯୋଗରେ ପଦ୍ମପୁର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରଜାପଡାର ଜଗ ବରିହା। ତାଙ୍କଠାରୁ ୫ଲିଟର ଅପମିଶ୍ରିତ କଫ୍ ସିରପ୍, ୨୫ଟି ଏସ୍କଫ୍ ବୋତଲ, ଗୋଟିଏ ଷ୍ଟ୍ରିପ୍ ନାଇଟ୍ରୋସେନ ଟାବଲେଟ ଜବତ ହୋଇଛି। ଏ ନେଇ ପଦ୍ମପୁର ପୋଲିସ ଏକ ମାମଲା (ନଂ.୨୪୦/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### କାଇଁଶିର, ବରଡ଼ୋଲ ବିଜୟୀ

**ବରଗଡ଼,୧୬।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ କାଇଁଶିର ଏବଂ ବରଡ଼ୋଲ ଦଳ ବିଜୟୀ ହୋଇଛନ୍ତି। କାଇଁଶିର ଏବଂ ଡୁମ୍ବେରପାଲି ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚରେ କାଇଁଶିର ଦଳ ବିଜୟୀ ହୋଇଥିଲା। କାଇଁଶିର ଦଳ ପକ୍ଷରୁ ରାଜେଶ ଦେହେରୀ, ଆଶିକ ବିଶି, ସୁମନ ଦେହେରୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସୁନିଲ ବାଗ ମ୍ୟାଚ୍ ପରିଚାଳନା କରିଥିବାବେଳେ ବଷ୍ଟି ପ୍ରଧାନ, ବିଶିକେଶନ ପ୍ରଧାନ ଲାଇନରେ ସହଯୋଗ କରିଥିଲେ। ନୀଳରଞ୍ଜନ ପଣ୍ଡା ଚତୁର୍ଥ ରେଫରୀ ଥିଲେ। ବରଡ଼ୋଲ ଏବଂ ମାଳିପାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ବରଡ଼ୋଲ ୧-୦ ଗୋଲରେ ବିଜୟୀ ହୋଇଥିଲା। ବରଡ଼ୋଲ ଦଳ ପକ୍ଷରୁ ଯତୀନ୍ଦ୍ର ପ୍ରଧାନ ଏକମାତ୍ର ଗୋଲ ସ୍କୋର କରିଥିଲେ। ଶୁଭମ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ସଞ୍ଜୀବ ଭୋଇ ଏବଂ ଶଙ୍କର୍ଷଣ ପ୍ରଧାନ ଲାଇନରେ ସହଯୋଗ କରିଥିଲେ। ନାରାୟଣ ପଣ୍ଡା ଚତୁର୍ଥ ରେଫରୀ ଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ।

### ସରଣ୍ଡାପାଲି ହାଇସ୍କୁଲରେ ହିନ୍ଦୀ ଦିବସ



**ବରପାଲି,୧୬।୯(ଚିତ୍ତରଞ୍ଜନ ସାହୁ):** ବରଗଡ଼ ଜିଲା ବରପାଲି ବ୍ଲକ ସରଣ୍ଡାପାଲି ହାଇସ୍କୁଲରେ ଶନିବାର ବିଦ୍ୟାଳୟସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ହିନ୍ଦୀ ଶିକ୍ଷକ ଧର୍ମପାଳ ସେଠଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଭବାନୀ ଶଙ୍କର ସାହୁ ମୁଖ୍ୟ ଅତିଥି ଓ ସ୍କୁଲ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ସାହୁ, ରମେଶ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବିତା ଆବୃତ୍ତି, ସଙ୍ଗୀତ ଏବଂ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଧର୍ମପାଳ ସେଠ୍ ଛାତ୍ରୀଛାତ୍ରଙ୍କୁ ହିନ୍ଦୀଭାଷାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ସୁନିଲ କୁମାର ନାଏକ, ଶିକ୍ଷୟିତ୍ରୀ ତୃଷ୍ଣା ତ୍ରିପାଠୀ, ସଞ୍ଜୁବାଳା ପୃଷ୍ଟି, ବେବି ମହାକୁର, ସୁନିତୀ ପ୍ରଧାନ ଏବଂ ବବିତା ସେଟ୍ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷକ ପ୍ରକାଶ ଚନ୍ଦ୍ର ବାଞ୍ଛି ଧନ୍ୟବାଦ ଅର୍ପଣ କରିଥିଲେ।

### ନୂଆଁଖାଇର ତିହାରି ହାଟରେ ଗହଳି

**କର୍ଲାମୁଣ୍ଡା,୧୬।୯(ପ୍ରଦୀପ କୁମାର ସାହୁ)** ବୁଧବାର ଗଣପର୍ବ ନୂଆଁଖାଇ। ଏଥିପାଇଁ ଶନିବାର ହେଉଛି ନୂଆଁଖାଇର ତିହାରି ହାଟ। କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ଶନିବାର ବସିଥାଏ ସାପ୍ତାହିକ ହାଟ। ଏହି ହାଟକୁ ନୂଆଁଖାଇ ସାମଗ୍ରୀ କିଣାବିକା କରିବାକୁ ଜନସାଧାରଣ ଆସିଥାନ୍ତି। ନୂଆଁଖାଇ ପୂର୍ବରୁ ଏହି ହାଟ ରହିଥିବାରୁ ଚଳିତବର୍ଷର ନୂଆଁଖାଇ ପାଇଁ ଆବଶ୍ୟକ ସାମଗ୍ରୀ ଯଥା ପନିପରିବା, ପରିବାର ଲୋକଙ୍କ ପାଇଁ ଡ୍ରେସ, ଶାଢ଼ୀ, ଧୋତି, ଦେଶୀ କୁକୁଡ଼ା, ଛେଳି, ମେଣ୍ଢା, ବତକ ପ୍ରଭୃତି ଲୋକେ କିଣି ନେଇଥାନ୍ତି। ବିଶେଷକରି ନୂଆ ଧାନ, ନୂଆ ଚୁଡା ଓ ଶାଳପତ୍ରରେ ତିଆରି ଖଲି ଓ ଦନା ତଥା ମାଟି ସରେଇ ଏହି ହାଟରେ ଉପଲବ୍ଧ ହେଉଥିବାରୁ ତାହା କିଣିବା ପାଇଁ ଭିଡ଼ ହୋଇଥାଏ।



ବରଗଡ ଜିଲା ଅମ୍ବାଭୋନା ବ୍ଲକ ଚିଖିଲି ଗାଁ ମୁଣ୍ଡରେ ବନ୍ୟାଜଳରେ ଡଙ୍ଗା ଭାସୁଛି।

# ଚିଖିଲି ଗାଁ ଛୁଇଁଲା ବନ୍ୟାଜଳ

**ବରଗଡ/ଅମ୍ବାଭୋନା,୧୬।୯ (ପ୍ରେମାନନ୍ଦ ଖମାରୀ/ଛନ୍ଦାଚରଣ ପ୍ରଧାନ)**

ଛତିଶଗଡ଼ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ମହାନଦୀର ଜଳପତନ ବୃଦ୍ଧି ସାଙ୍ଗକୁ ହୀରାକୁଦ ଜଳଭଣ୍ଡାର ଜଳସ୍ତର ବଢ଼ିଛି। ଫଳରେ ହୀରାକୁଦ ଜଳଭଣ୍ଡାରର ପଛୁଆ ପାଣି ବରଗଡ ଜିଲା ଅମ୍ବାଭୋନା ବ୍ଲକର ଚିଖିଲି ଗ୍ରାମରେ ପଶିଛି। ଗ୍ରାମ ସ୍କୁଲ ପାଖକୁ ଶନିବାର ସକାଳ ସୁଦ୍ଧା ବନ୍ୟାଜଳ ପଶି ସାରିଛି। ତେବେ ହୀରାକୁଦ ଜଳଭଣ୍ଡାରର ଅଧିକ ଗେଟ ଖୋଲା ନ ଗଲେ କିମ୍ବା ଉପରମୁଣ୍ଡରେ ଅଧିକ ବର୍ଷା ହେଲେ ଚିଖିଲି ଗ୍ରାମ ଜଳମଗ୍ନ ହେବା ଆଶଙ୍କା ରହିଛି। ଅନ୍ୟପକ୍ଷେ ଚିଖିଲି ସମେତ ଅନ୍ତରାଡି, ବେନିଆପାଲି, ଘୁଘୁରାପାଲି, ବଡମାଲ, ସଉନ୍ତାମାଲ ଆଦି ଗ୍ରାମର ପାଖାପାଖି ୨୫୦ ହେକ୍ଟର ଚାଷଜମିରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଧାନ, ପରିବା ଫସଲ ପ୍ରଭାବିତ ହୋଇଛି। ମତ୍ସ୍ୟଜୀବୀମାନଙ୍କ ଜାଲ, ଡଙ୍ଗା ମଧ ବନ୍ୟାଜଳରେ ଭାସିଯାଇଛି। ବନ୍ୟା ଯୋଗୁ କନ୍ହେଇପାଲି ପୋଲ ଉପରେ ୬ଫୁଟ ବନ୍ୟାଜଳ ଜମି ରହିବାରୁ ଅମ୍ବାଭୋନା ବାଞ୍ଜିପାଲି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଛତିଶଗଡର ସରଗୁଜା, ଗାଙ୍ଗରେଲ, ସାରାଡିହି, କଲାମ ଆଦି ବ୍ୟାରେଜରୁ ମହାନଦୀକୁ ମାତ୍ରାଧିକ ବନ୍ୟାଜଳ ନିଷ୍କାସନ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଜଳସ୍ତର ବଢ଼ି ଚାଲିଥିବାରୁ ଚିଖିଲି ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ହୀରାକୁଦ ଜଳଭଣ୍ଡାରରୁ ଯଦି ଜଳ ନିଷ୍କାସନରେ ବିଳମ୍ବ ହୁଏ, ତେବେ ବନ୍ୟାଜଳ ଉକ୍ତ ଗ୍ରାମଗୁଡିକରେ ବହୁ କ୍ଷତି ଘଟାଇବା ସମ୍ଭାବନା ରହିଛି। ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥିବା ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଣବ କୁମାର ଚାନ୍ଦ ପ୍ରକାଶ କରିଛନ୍ତି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା କରିବା ପାଇଁ ଅମ୍ବାଭୋନା ତହସିଲଦାର ଗଙ୍ଗାରାମ ବୁଡେକ ସମସ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ସାମୂହିକ ବିକାଶ ଉପରେ ଗୁରୁତ୍ୱାରୋପ

**ବରଗଡ଼,୧୬।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶନିବାର ଜିଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋୟଲ ପ୍ରମୁଖ ଯୋଗଦାନ କରିଥିଲେ ।

ବୈଠକ ଆରମ୍ଭରେ ଗ୍ରାମାଞ୍ଚଳରେ ପାନୀୟଜଳ ପ୍ରକଳ୍ପ ବିଭାଗର କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ଜନସାଧାରଣଙ୍କୁ ନିର୍ଦ୍ଦିଷ୍ଟ ସମୟରେ ପାନୀୟଜଳ ଠିକ୍ ଭାବେ ଯୋଗାଇ ଦିଆଯାଉ ନ ଥିବା ଯୋଗୁ ବିଧାୟକ ଆଚାର୍ଯ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାର ସମାଧାନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ବରଗଡ଼ ପୌର ପରିଷଦର କାର୍ଯ୍ୟ ସମୀକ୍ଷାବେଳେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟରେ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ବିଦ୍ୟୁତ ବିଭାଗର କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ଜିଲାରେ ଟ୍ରାନ୍ସଫର୍ମର ଖୋଲା ସ୍ଥାନରେ ଥିବା ଯୋଗୁ ଗୃହପାଳିତ ଜୀବଙ୍କ ମୃତ୍ୟୁ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ।




ଜିଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ ଚାଲିଛି।

**ଜିଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ**

ମଧୁବାବୁ ପେନଶନ ଯୋଜନାରେ ଆଧାର ସଂଯୋଗ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, କୃଷି ବିଭାଗ, ଉଦ୍ୟାନ ବିଭାଗର କାର୍ଯ୍ୟର ଅଗ୍ରଗତି ଉପରେ ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଅବସର ନେଇଥିବା ଶିକ୍ଷକଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି ହେଉ ନ ଥିବା ଯୋଗୁ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଖାଲିଥିବା ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଦାବି ହୋଇଥିଲା। ସେହିପରି ପୁରୁଣା ବିଦ୍ୟାଳୟ ଗୁଡ଼ିକରେ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଶ୍ରେଣୀ କୋଠରୀଗୁଡ଼ିକୁ ତୁରନ୍ତ ମରାମତି ପାଇଁ ଗୃହରେ ଉପସ୍ଥିତ ଜନ ପ୍ରତିନିଧି, ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ଯୋଗାଣ ବିଭାଗର କାର୍ଯ୍ୟ ସମୀକ୍ଷା ସମୟରେ ଚାଷୀଙ୍କୁ ବିକ୍ରିଧାନର ପ୍ରାପ୍ୟ ଠିକ୍ ଭାବେ ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ଏ ନେଇ ଅଭିଯୋଗ ପାଇଲେ ତ୍ୱରିତ୍ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ସେହିପରି ସମନ୍ୱିତ ଶିଶୁ ବିକାଶ ଯୋଜନାର କାର୍ଯ୍ୟ ସମୀକ୍ଷା ବେଳେ ପାଇକମାଲ ବ୍ଲକ୍‌ମୁଣ୍ଡାରେ ଅଙ୍ଗନୱାଡ଼ି କେନ୍ଦ୍ର ନ ଥିବାରୁ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଥିଲା। ସେହିପରି ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଛତୁଆ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଅଭିଯୋଗ କରି ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଉପସ୍ଥିତ ସଭ୍ୟମାନେ ଦାବି କରିଥିଲେ। ଅଭିଯୋଗ ମିଳିଲେ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଥିଲେ ।

ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅନିୟମିତତା ହେଉଥିବା ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି ଅଭିଯୋଗ କରିଥିଲେ। ସେ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଉଠାଜଳସେଚନ ବିଭାଗର କାର୍ଯ୍ୟ ସମୀକ୍ଷା ବେଳେ ଜିଲାରେ ଅନେକ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଉଦବେଗ ପ୍ରକାଶ ପାଇଥିଲା। କଳାକାର ଭତ୍ତା, ନିର୍ମାଣ ଶ୍ରମିକ କାର୍ଡ଼ ପ୍ରଦାନ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୋୟଲ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଣାପ୍ରତାପ ସ୍କୁଲ ରାଜ୍ୟସ୍ତରକୁ ମନୋନୀତ

**ବରଗଡ଼, ୧୬।୯(ପ୍ରେମାନନ୍ଦ ଖମାରୀ)**

**ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା**

ବରଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବିଜ୍ଞାନ କେନ୍ଦ୍ରଠାରେ ଶନିବାର ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ବରଗଡ଼ ରାଣାପ୍ରତାପ ଉଚ୍ଚବିଦ୍ୟାଳୟର ଲୋକନୃତ୍ୟ ଦଳ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଶଙ୍କର ପଟ୍ଟନାୟକ, ପୂର୍ବତନ ଅଧାପକ ସନ୍ତୋଷ ପଣ୍ଡା, ଅଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ଜନତାଙ୍କ ହୃଦୟର ଭାଷା ସାହିତ୍ୟ ଓ ସଂସ୍କୃତି ପରିପ୍ରକାଶର ମାଧ୍ୟମ ହିଁ ଲୋକକଳା ବୋଲି ସେମାନେ ଉଲ୍ଲେଖ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କଳାକାରମାନଙ୍କୁ ମଧ ଉତ୍ସାହିତ କରିଥିଲେ। ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ପ୍ରତିଯୋଗିତାର ନିୟମାବଳୀ ଉପସ୍ଥାପନ କରିଥିବା ବେଳେ ଗୋବିନ୍ଦ ସେଟ ଓ ଗୋପୀନାଥ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଲୋକନୃତ୍ୟ ଦଳ।

# ବ୍ରହ୍ମବୀଣା ବାଦକ ଆନନ୍ଦ ବାଗଙ୍କୁ ଅମୃତ ପୁରସ୍କାର

**ପଦ୍ମପୁର,୧୬।୯(ପ୍ରଦୀପ୍ତ ଦାଶ )**

**ସମ୍ମାନ ପାଇବାରେ ରାଜ୍ୟର ପ୍ରଥମ ଲୋକ କଳାକାର**

ନୂଆଦିଲ୍ଲୀ ସ୍ଥିତ ଭାରତ ସରକାରଙ୍କ କେନ୍ଦ୍ର ନାଟକ ଏକାଡେମୀ ପକ୍ଷରୁ ଶନିବାର ଦେଶର ୭୫ ଜଣ ବରିଷ୍ଠ ଶିଳ୍ପୀଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି। ଏହି ଅବସରରେ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଉପ ରାଷ୍ଟ୍ରପତି ଜଗଦୀପ ଧନଖର ଲୋକବାଦ୍ୟ ବ୍ରହ୍ମବୀଣା ବାଦକ ଆନନ୍ଦ ବାଗଙ୍କୁ ସମ୍ମାନଜନକ ଅମୃତ ପୁରସ୍କାର ପ୍ରଦାନ କରିଛନ୍ତି। ପଦ୍ମପୁର ଉପଖଣ୍ଡ ବିଶିପାଲି ଗ୍ରାମରେ ଏହି ଶିଳ୍ପୀ ସାରା ଜୀବନ ଲୋକବାଦ୍ୟ ବ୍ରହ୍ମବୀଣାର ବାଦନ ଓ ଗାୟନରେ ସମର୍ପିତ ହୋଇଛନ୍ତି। ୮୫ ବର୍ଷ ବୟସରେ ମଧ ଏହି ବରିଷ୍ଠ କଳାକାର ଦେବଗୁନିଆ ସମ୍ପ୍ରଦାୟର କୌଳିକ ଲୋକବାଦ୍ୟ ବ୍ରହ୍ମବୀଣାକୁ ଜାତୀୟ ସ୍ତରରେ ବିଭିନ୍ନ ମଞ୍ଚରେ ପରିବେଷଣ କରି ଅଞ୍ଚଳକୁ ଗୌରବ ଆଣିଛନ୍ତି। ସେ ବୁରୋମୁଣ୍ଡା ଗ୍ରାମରେ ଥିବା କଳାଗ୍ରାମ ବାଦ୍ୟଦଳର ଜଣେ ସକ୍ରୀୟ ସଦସ୍ୟ। ସୂଚନାଯୋଗ୍ୟ, ଆନନ୍ଦ ବାଗ କେନ୍ଦ୍ର ସଙ୍ଗୀତ ଏକାଡେମୀ ପୁରସ୍କାର ପାଇବା କ୍ଷେତ୍ରରେ ରାଜ୍ୟର ପ୍ରଥମ ଲୋକ କଳାକାର। ବାଗ ଅମୃତ ପୁରସ୍କାର ପାଇବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଅନେକ କଳାକାର, ଶୁଭେଚ୍ଛୁ ତାଙ୍କୁ ପ୍ରଶଂସା କରିଛନ୍ତି।




ଉପରାଷ୍ଟ୍ରପତି ଜଗଦୀପ ଧନଖର ଆନନ୍ଦ ବାଗଙ୍କୁ ପୁରସ୍କୃତ କରୁଛନ୍ତି।

### ନୂତନ ଭୋଟର ପଞ୍ଜୀକରଣ ଅଭିଯାନ

**ପଦ୍ମପୁର ୧୬।୯ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନୂତନ ଭୋଟର ଅଭିଯାନ ଅଧକ୍ଷ ଡ. ଲଳିତେନ୍ଦୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଇଲେକ୍ଟୋରାଲ ଲିଟେରାସି କ୍ଲବର ନୋଡାଲ ଅଫିସର ରାଜନୀତି ବିଜ୍ଞାନ ଅଧାପକ ଭୁବନେଶ୍ୱର ବରିହା ନୂତନ ଭୋଟର ପଞ୍ଜୀକରଣ ପ୍ରକ୍ରିୟା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ମୁଁ ବି ମିତା ଓ ଇଏଲ୍‌ସି କ୍ଲବର ସଦସ୍ୟ ତୁଷାର, ମିଲି, ମନୀଷା, ପ୍ରିୟଦର୍ଶିନୀ, ଲୋକେଶ ସହଯୋଗ କରିଥିଲେ। ସମସ୍ତ ଅଧାପିକା ଅଧାପକ ଉପସ୍ଥିତ ଥିଲେ। ଅଭିଯାନରେ ୫୪ଜଣ ଛାତ୍ରୀଛାତ୍ର ନୂତନ ଭୋଟର ଭାବେ ପଞ୍ଜୀକରଣ କରିଥିଲେ। ଇଏଲସି କ୍ଲବର ପରାମର୍ଶଦାତା ରାଜନୀତି ବିଜ୍ଞାନ ଅଧାପକ ପ୍ରଶାନ୍ତ ସିଦାର ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼, ୧୬।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସେପ୍ଟେମ୍ବର ୧୧ରୁ ସ୍କୁଲ ସୁରକ୍ଷା ସପ୍ତାହ ଆରମ୍ଭ ହୋଇ ୧୬ ତାରିଖରେ ସମାପ୍ତ ହୋଇଛି। ରାଣାପ୍ରତାପ ହାଇସ୍କୁଲରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ସ୍କୁଲ ସୁରକ୍ଷା ସଚେତନତା ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ବରଗଡ଼ ଶିକ୍ଷା ଜିଲା ଅଧୀନ ୪ଟି ମନୋନୀତ ସ୍କୁଲ ମଧ୍ୟରେ ରାଣାପ୍ରତାପ ହାଇସ୍କୁଲକୁ ସ୍କୁଲ ସୁରକ୍ଷା କାର୍ଯ୍ୟକ୍ରମରେ ପାଇଲଟ ପ୍ରକଳ୍ପ ଭାବେ ନିଆଯାଇଥିବା ସୂଚନା ପ୍ରଦାନ କରାଯାଇଥିଲା। ସ୍କୁଲ ସୁରକ୍ଷା ଦାୟିତ୍ୱରେ ଥିବା ଶିକ୍ଷକ ଗୋପବନ୍ଧୁ ପୁରୋହିତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରତି କେଉଁ କ୍ଷେତ୍ରରେ ସମ୍ଭାବିତ ବିପଦ ରହିଛି ଏବଂ ତାର କିପରି ପ୍ରତିକାର କରାଯାଇପାରିବ, ସେ ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ସ୍କୁଲ କ୍ୟାମ୍ପସ ଭିତର ଓ ବାହାରେ ବିଦ୍ୟାଳୟ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ପ୍ରତିଟି ଜୀବନ ମୂଲ୍ୟବାନ ହୋଇଥିବାରୁ ସମସ୍ତଙ୍କ ସୁରକ୍ଷିତ ଜୀବନ ମୁଖ୍ୟ ଲକ୍ଷ୍ୟ ବୋଲି ଉଲ୍ଲେଖ କରି ସଚେତନତାରେ ହିଁ ସୁରକ୍ଷା ସମ୍ଭବ ବୋଲି କୁହାଯାଇଛି। ଏହି ଅବସରରେ ସ୍କୁଲ ସୁରକ୍ଷା କମିଟି ଗଠନ ସହିତ ବିଦ୍ୟାଳୟରେ ରହିଥିବା ବିଭିନ୍ନ ବିପଦର ଏକ ତାଲିକା ପ୍ରସ୍ତୁତ ପାଇଁ ପଦକ୍ଷେପ ନିଆଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡତିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, ସଙ୍ଗୀତା ଜାଲ, ନୀଳିମା ପ୍ରଧାନ, ତପସ୍ୱିନୀ ତ୍ରିପାଠୀ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ।

# ବିକାଶରେ ଟ୍ୟାଲେଣ୍ଟ ହଣ୍ଟ୍ କାର୍ଯ୍ୟକ୍ରମ

**ବରଗଡ଼,୧୬।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜ ବାଣିଜ୍ୟ ବିଭାଗ ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀ, ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଶନିବାର ଟ୍ୟାଲେଣ୍ଟ ହଣ୍ଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୩୪ ଛାତ୍ରୀଛାତ୍ର ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଗୀତ, ନୃତ୍ୟ, ଅଭିନୟ ଏବଂ ଆଙ୍କରିଂ ଭଳି ଭିନ୍ନ ଭିନ୍ନ ଶୃଙ୍ଖଳାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ରଙ୍କ ନେତୃତ୍ୱ ଏବଂ ଉପାଧ୍ୟକ୍ଷ ଆର.ଏସ.ଭି କ୍ରୀଷ୍ଣାଙ୍କ ଉପସ୍ଥିତିରେ କୋର୍ଡ଼ିନେଟର ମନ୍ଦରଧର ନାୟକ, ଅଧ୍ୟାପିକା ସୋନୁ ପ୍ରଧାନ ଏବଂ ଅଧ୍ୟାପକ ଯଶ ସୋଧୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଏବଂ ପ୍ରତିଭା ପ୍ରଦର୍ଶନ ପାଇଁ ଟ୍ୟାଲେଣ୍ଟ ହଣ୍ଟ୍ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମତପ୍ରକାଶ କରିଛନ୍ତି।




ବିକାଶ ଛାତ୍ରୀଛାତ୍ର ନିଜ ପ୍ରତିଭା ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ମୁକ୍ତି ସଂଗ୍ରାମୀଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୧୬।୯(ବି.ଶଙ୍କର): ସମ୍ବଲପୁର ମହାନଗର ନିଗମ ଚାଉଁରପୁର ସୁମତି ବେହେରା ହାଇସ୍କୁଲ ସଭାକକ୍ଷରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁକ୍ତି ସଂଗ୍ରାମୀଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧନା, ଚାରା ରୋପଣ ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟଅତିଥି, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ନିଲେନ୍ଦ୍ରୀ ପଣ୍ଡା ମୁଖ୍ୟବକ୍ତା, ସାମାଜିକ କର୍ମୀ ରାମକୃଷ୍ଣ ନାୟକ ସମ୍ମାନିତ ବକ୍ତା ଥିଲେ। ପଲ୍ଲିଶ୍ରୀ କଥା ସାଧାରଣ ସମ୍ପାଦକ ହରି ଶଙ୍କର ମିଶ୍ର ପ୍ରାରମ୍ଭିକ ସୂଚନା, ସହକାରୀ ଶିକ୍ଷକ ନାରାୟଣ ପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସୁମତି ବେହେରା ଉଚ୍ଚ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଯୋଗେନ୍ଦ୍ର ମାଝି ସମ୍ମାନିତ ଅତିଥି ଥିଲେ। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାରାୟଣ ମେହେରଙ୍କ ଦାୟାଦ ତଥା ପୂର୍ବତନ ସେନାକର୍ମୀ ଜନାର୍ଦ୍ଦନ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାରାୟଣ ପତି, ତ୍ରିଲୋଚନ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

### ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ଚୟନ

ସମ୍ବଲପୁର,୧୬।୯(ବି.ଶଙ୍କର): ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ଚୟନ ଶିବିର ସମ୍ବଲପୁରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ୧୭ ବର୍ଷ ବର୍ଗରେ ୧୯, ବାଳିକାରେ ୧୬ ଏବଂ ୧୪ ବର୍ଷ ବାଳିକାରେ ୧୦ ଓ ବାଳକ ବର୍ଗରେ ୧୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଖେଳ ଶିକ୍ଷକ ସତ୍ୟ ରଞ୍ଜନ ପଣ୍ଡା, ତ୍ରିବିକ୍ରମ ରଣା, ପି ସୁଧାଂଶୁ, ମହେଶ୍ୱର ଖଟେଇ, ପ୍ରତାପ ଚନ୍ଦ୍ର ସେନାପତି, ମଣି ବେଜି, ସରସ୍ୱତୀ ସେଠୀ, ସୁମିତ୍ରା ଛତର, ରାଜଶ୍ରୀ ସାହାଣୀ, ସନ୍ତରଣ ପ୍ରଶିକ୍ଷକ ଆଶୁତୋଷ ନାଏକ, ଚିନ୍ତନ ନାଏକ ଇଭେଣ୍ଟ ପରିଚାଳନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ରାଣୀ ସତିଜୀ ମନ୍ଦିରରେ ଭାଦୋ ଅମାବାସ୍ୟା ମେଳା

**ସମ୍ବଲପୁର,୧୬।୯(ବି.ଶଙ୍କର):** ସମ୍ବଲପୁର କ୍ଷେତରାଜପୁରସ୍ଥିତ ରାଣି ସତିଜୀ ମନ୍ଦିରରେ ଶୁକ୍ରବାର ଭାଦୋ ଅମାବାସ୍ୟା ମେଳା ଅନୁଷ୍ଠିତ ହୋଇଥିଲା। କ୍ଷେତରାଜପୁର ଦାଦି ପରିବାର ପକ୍ଷରୁ ରାଣୀ ସତିଜୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ଭଜନ, କୀର୍ତ୍ତନ, ସାମୂହିକ ମଙ୍ଗଳପାଠ, ମହାଆଳତି, ଅଖଣ୍ଡ ଜ୍ୟୋତି, ମେହେନ୍ଦି, ହଳଦୀ ଉତ୍ସବ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ମନ୍ଦିର ପରିସରକୁ ଫୁଲ ଓ ଆଲୋକରେ ସୁସଜ୍ଜିତ କରାଯାଇଥିଲା। କ୍ଷେତରାଜପୁର ଦାଦି ପରିବାର ପକ୍ଷରୁ ଅଶୋକ ଅଗ୍ରୱାଲ, ଡା. ଜଗଦୀଶ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, କୈଳାଶ ଅଗ୍ରୱାଲ, କୁସୁମ ଅଗ୍ରୱାଲ, ଅଞ୍ଜୁ ଜୈନ, ମଧୁ ଅଗ୍ରୱାଲ, ଖୁସବୁ ଅଗ୍ରୱାଲ, ମଧୁ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଯୋରରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ରେଢ଼ାଖୋଲ,୧୬।୯(ଅଚ୍ୟୁତାନନ୍ଦ ପୁରୋହିତ):** ରେଢ଼ାଖୋଲ ଥାନା ମଧୁପୁର ଗ୍ରାମର ନାଗାର୍ଜୁନ ପ୍ରଧାନ (୬୨) ଶନିବାର ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ ଯୋରରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ସୂଚନାମତେ ପୂର୍ବାହ୍ନ ୧୦ଟାରେ ନାଗାର୍ଜୁନ ଗାଈ ଚରାଇବାକୁ ଜଙ୍ଗଲକୁ ଯିବାବେଳେ କେରାଣ୍ଡି ଜୋରରେ ବୁଡ଼ିଯାଇଥିଲେ। ଏହା ଦେଖି ସାଙ୍ଗରେ ଥିବା ତାଙ୍କ ସାନଭାଇ ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ପହଞ୍ଚି ଜୋରରୁ ତାଙ୍କୁ ଉଦ୍ଧାରକରି ରେଢ଼ାଖୋଲ ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେଢାଖୋଲ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୩) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ହାତିବାରୀ ପଥରଖାଦାନ ଉପରେ ଆଖି



ଅନୁମତି ଦିଆଯାଇଥିବା ହାତିବାରୀ ମୌଜାର ପଥରଖାଦାନ ।

■ପାଉଁଶ ପକାଇବା ଅନୁମତି ବାତିଲ ଦାବି
■ଅଧିକାରୀଙ୍କ ସହ ଆଲୋଚନା କଲେ ଜିଲାପରିଷଦ ଉପସଭାପତି

ସମ୍ବଲପୁର,୧୬।୯ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ବଳାରଙ୍ଗା ପଥରଖାଦାନରେ ପାଉଁଶ ପକାଇବା ଯୋଗୁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଜରିମାନା କରିଥିଲା। ଏବେ ଝୁଝୁମୁରା ତହସିଲ ହାତିବାରୀ ମୌଜାରେ ଥିବା ପଥରଖାଦାନ ଉପରେ ଜିଲାର ପାଉଁଶ ଟ୍ରାନ୍ସପୋର୍ଟରଙ୍କ ଆଖି ପଡିଛି। ଏକ କମ୍ପାନୀକୁ ଏ ନେଇ ଅନୁମତି ଦିଆଯାଇଛି। ଏହା ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକେ ଏ ନେଇ ଜିଲାପରିଷଦ ଉପସଭାପତି ମାଧବ ମିର୍ଦ୍ଧାଙ୍କ ପାଖରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଉପସଭାପତି ତଥା ସ୍ଥାନୀୟ ଜିଲାପରିଷଦ ସଭ୍ୟ ମିର୍ଦ୍ଧା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆରଓ ସତ୍ୟନାରାୟଣ ନନ୍ଦ ଓ ଡିଏଫଓ ବିଶ୍ୱନାଥ ନୀଳାମ୍ବରନଙ୍କ ପାଖରେ ଅଭିଯୋଗ କରିଥିଲେ। ସ୍ଥାନୀୟ ଲୋକଙ୍କ ଅଜାଣତରେ କିଭଳି ଅନୁମତି ଦିଆଗଲା ବୋଲି ସେ ପ୍ରଶ୍ନ କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ଜଳସଂରକ୍ଷଣ ସହିତ ଲୋକଙ୍କ ବ୍ୟବହାରରେ ଆସିବା ପାଇଁ ରାଜ୍ୟ ସରକାର ପୋଖରୀ ଖନନ କରୁଛନ୍ତି। ହେଲେ ପଥର ଉତ୍ତୋଳନ ପରେ ସୃଷ୍ଟି ହୋଇଥିବା କୃତ୍ରିମ ଜଳାଶୟକୁ ଏବେ ପାଉଁଶ (ଫ୍ଲାଏଆଶ)ରେ ପୋତିଦେବାକୁ ଅନୁମତି ଦିଆଯାଇଛି। ପୂର୍ବରୁ ହାତିବାରୀ ମୌଜାରେ ଦୁଇଟି ପଥରଖାଦାନରେ ପାଉଁଶ ପକାଇବାକୁ ଟ୍ରାନ୍ସପୋର୍ଟର ଚେଷ୍ଟା କରିଥିଲେ। ବନ ବିଭାଗର ଅନୁମତି ନ ମିଳିବାରୁ ଆବେଦନକୁ ଖାରଜ କରାଯାଇଥିଲା। ଏବେ ଖାତା ନମ୍ବର ୧୬୯, ପ୍ଲଟ ନମ୍ବର ୧୦୪/୨୪୮୧ରେ ୫ ଏକର ୪୦ ଡେସିମିଲରେ ଅନୁମତି ଦିଆଯାଇଛି। ୧୦ ଲକ୍ଷ ୪୦ ହଜାର ମେଟ୍ରିକ୍‌ଟନ୍ ପାଉଁଶ ପକାଇବାକୁ ଅନୁମତି ମିଳିଛି। ଚାଷ ସମୟରେ ଏହି ପଥର ଖାଦାନରୁ ପମ୍ପ ସାହାଯ୍ୟରେ ପାଣି ମଡାଇ ଚାଷ କରାଯାଉଛି। ଲୋକମାନେ ଖରା ଦିନରେ ଗାଧୋଇବା ସହ ଅନ୍ୟ କାମରେ ବ୍ୟବହାର କରୁଛନ୍ତି। ଜଳାଶୟରେ ପାଣି ଥିବାରୁ ନିକଟସ୍ଥ ଜଙ୍ଗଲରୁ ବନ୍ୟପ୍ରାଣୀ ଆସି ତୃଷା ମେଣ୍ଟାଉଛନ୍ତି। ଏବେ ଏହାକୁ ପାଉଁଶରେ ପୋତିଦେବାକୁ ଯୋଜନା କରାଯାଉଛି। ଏଥିରେ ଜିଲା ତଥା ଜିଲା ବାହାର ପାଉଁଶ ଟ୍ରାନ୍ସପୋର୍ଟରଙ୍କ ସମ୍ପୃକ୍ତି ରହିଛି। ଏ ନେଇ ଗ୍ରାମ ସଭା ଓ ପଲ୍ଲିସଭା ମଧ୍ୟ ହୋଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲାପରିଷଦ ଉପସଭାପତି ମିର୍ଦ୍ଧା କହିଛନ୍ତି, ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ଅଧିକାରୀଙ୍କ ସହ ଆଲୋଚନା କରି ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅନୁମତିକୁ ବାତିଲ କରିବାକୁ ଦାବି କରିଛି ବୋଲି କହିଥିଲେ।

## କୁଚିଣ୍ଡାରେ ବିଜେଡି ପକ୍ଷରୁ ରକ୍ତଦାନ ଶିବିର



ରକ୍ତଦାତାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି।

କୁଚିଣ୍ଡା,୧୬।୯(ବିରଞ୍ଚି ଦର୍ଜା)

କୁଚିଣ୍ଡା ଟାଉନ ହଲଠାରେ ବିଜେଡି ପକ୍ଷରୁ ଶନିବାର ନିର୍ବାଚନ ମଣ୍ଡଳୀ ସ୍ତରୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜୋନ ବିଜେଡି ଯୁବ ସାଧାରଣ ସମ୍ପାଦକ ପ୍ରତାପ ଶର୍ମା ଓ ବିକାଶ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଶିବିରକୁ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି, କେନ୍ଦୁପତ୍ର କଲ୍ୟାଣ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ଶୋଭାରାମ ପ୍ରଧାନ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ଉପସଭାପତି ପ୍ରଦୀପ ମିଶ୍ର, ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ପଦ୍ମାବତୀ କିଷାନ, କୀର୍ତ୍ତନ ସେନାପତି, ଭୁବନେଶ୍ୱର ଦ୍ୱିବେଦୀ,ସଞ୍ଜୀବ ସାହୁ, ଦେବାଶିଷ ପରିଡ଼ାଙ୍କ ସମେତ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକ ଏବଂ କୁଚିଣ୍ଡା ଏନ୍‌ଏସିର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଏଥିରେ ୫୨ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ହକି ଟୁର୍ନାମେଣ୍ଟ: ଶଙ୍ଖାଭାଙ୍ଗୁଣୀ ଚାମ୍ପିୟନ

ନାକଟିଦେଉଳ,୧୬।୯(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ପାଣିମୁରା ପଞ୍ଚାୟତର ଶଙ୍ଖାଭାଙ୍ଗୁଣୀ ଗ୍ରାମରେ ଗତ ୧୩ତାରିଖଠାରୁ ଚାଲିଥିବା ଚାର୍ଲସ କପ ହକି ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଶଙ୍ଖାଭାଙ୍ଗୁଣୀ ଓ ଢ଼ାକଢ଼ରୋ ହକି କ୍ଲବ ମଧ୍ୟରେ ହୋଇଥିବା ବେଳେ ୨-୦ ଗୋଲରେ ଶଙ୍ଖାଭାଙ୍ଗୁଣୀ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। କୁଲୁ ଏକ୍କା ଓ ବିନୋଦ ଲାକ୍ରା ରେଫରି ଭାବେ ମ୍ୟାଚ ପରିଚାଳନା କରିଥିଲେ। କଲ୍ୟାଣ ବେଗଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ସମ୍ବଲପୁର ଜିଲା କଂଗ୍ରେସ ସଭାପତି ଆସଫ ଅଲ୍ଲୀ ଖାଁ ମୁଖ୍ୟଅତିଥି ଓ ପାଣିମୁରା ପଞ୍ଚାୟତ ସମିତିସଭ୍ୟ ମାନସ ରଞ୍ଜନ କୁଅଁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଆଶିଷ କୁମାର କୁଅଁର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲିପୁନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କିଶୋର ଖଖୋ, ବିଜୟ ଡୁଙ୍ଗଡୁଙ୍ଗଙ୍କ ସମେତ ଚାର୍ଲସ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ପଞ୍ଚାୟତ ଅଫିସ ଘେରିଲା ଭାଜପା

ନାକଟିଦେଉଳ,୧୬।୯(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଭାଜପା ମଣ୍ଡଳ ପକ୍ଷରୁ ଶନିବାର ସାହେବୀ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଆର୍‌ଏସ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କର୍ମକର୍ତ୍ତା ଅଭିଯୋଗ କରିଥିଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇବାରେ ଚଞ୍ଚକତା କରାଯାଉଥିବାବେଳେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଅନିୟମିତତା ହୋଇଛି। ରାଜ୍ୟ ସରକାର ପ୍ରତି ଗ୍ରା.ପ.କୁ ଉନ୍ନୟନ କାର୍ଯ୍ୟ ପାଇଁ ୫୦ଲକ୍ଷ ଟଙ୍କା ଯୋଗାଇଦେବାକୁ ଘୋଷଣା କରିଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଉଛନ୍ତି। ଭାଜପା ନେତା ଦେବେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ନାକଟିଦେଉଳ ମଣ୍ଡଳ ସଭାପତି ପ୍ରମୋଦ କୁମାର ସାହୁ, କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟାଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।

## ଆଶ୍ରମ ସ୍କୁଲରେ ଅଭିଭାବକ ଆମ ଅଂଶୀଦାର ବୈଠକ





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଜମନକିରା,୧୬।୯ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତ ଜାମୁମାଲ ଆଶ୍ରମ ସ୍କୁଲରେ ଅଭିଭାବକ ଆମ ଅଂଶୀଦାର ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ଧାନ ସଭା ପରିଚାଳନା କରିଥିଲେ। ଆଇଟିଡିଏ କୁଚିଣ୍ଡା ସ୍ପେଶାଲ ଅଫିସର ସୂର୍ଯ୍ୟନାରାୟଣ ତ୍ରିପାଠୀ ମୁଖ୍ୟଅତିଥି, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଅଶ୍ୱର୍ଯ୍ୟ କୁମାର ନାୟକ, ମୋ ବିଦ୍ୟାଳୟ ଅଭିଯାନ ସଭାପତି ବିପିନ ବିହାରୀ ପଟେଲ, ଏସ୍‌ଏମ୍‌ସି ସଭାପତି ପ୍ରଶାନ୍ତ ବରିହା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗୋଲି, ଡ୍ରଇଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ନାଏକ, ସରୋଜ କୁମାର ପଟେଲ, ସୁନୀଲ କୁମାର ନାଗ, ତପସ୍ୱିନି ମାଝି ଏବଂ ବିଦ୍ୟାଳୟ କର୍ମକର୍ତ୍ତା ମହେଶ୍ୱର କାଲୋ, ରୋହିତ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କମ୍ପାନୀ, ସ୍କୁଲରେ ଓଜୋନ ଦିବସ

ସମ୍ବଲପୁର,୧୬।୯ (ଶୁଭାଶିଷ ପାଢ଼ୀ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁର ଆଞ୍ଚଳିକ ଶାଖା ପକ୍ଷରୁ ସ୍କୁଲ ଓ ବିଭିନ୍ନ କମ୍ପାନୀରେ ଓଜୋନ ଦିବସ ପାଳିତ ହୋଇଯାଇଛି। ସେଣ୍ଟ ଯୋଶେଫ କନ୍‌ଭେଣ୍ଟ ସ୍କୁଲରେ ପୋଷ୍ଟର, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆର୍‌ଓ ଡା. ସତ୍ୟନାରାୟଣ ନନ୍ଦ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ହୀରାକୁଦ ହିଣ୍ଡାଲ୍‌କୋ ପ୍ଲାଣ୍ଟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କ୍ଲଷ୍ଟର ମୁଖ୍ୟ କୈଳାଶ ପାଣ୍ଡେ ଜଳବାୟୁ ପରିବର୍ତ୍ତନ ହ୍ରାସ କରିବା ଓ ଓଜୋନ ସ୍ତରକୁ ଠିକ କରିବାକୁ କହିଥିଲେ। ସେହିପରି ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପ୍ଲାଣ୍ଟରେ ମଧ୍ୟ ବିଭିନ୍ନ କର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଉପପରିବେଶ ଯନ୍ତ୍ରୀ ବିଶ୍ୱକାନ୍ତ ପ୍ରଧାନ, ସହକାରୀ ପରିବେଶ ଯନ୍ତ୍ରୀ ରାକେଶ କୁମାର ପଣ୍ଡା ଓ ସହକାରୀ ବିଜ୍ଞାନ ଅଧିକାରୀ ମନୋରଞ୍ଜନ ପ୍ରଧାନ, ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ଭିପି ରଞ୍ଜିତ ଘୋଷ, ପରିବେଶ ବିଭାଗ ମ୍ୟାନେଜର ନିରଞ୍ଜନ ପରିଡା ଉପସ୍ଥିତ ରହି ସଚେତନତାର ବାର୍ତ୍ତା ଦେଇଥିଲେ। ଲପଙ୍ଗା ଆଦିତ୍ୟ ଆଲୁମିନିୟମ ପରିସରରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। କମ୍ପାନୀର ପରିବେଶ ବିଭାଗ ମୁଖ୍ୟ ରଞ୍ଜନ ଜେନା ଓ ଲଳିତ ଶର୍ମା ଉପସ୍ଥିତ ରହିଥିଲେ। ସେହିପରି ଶ୍ୟାମ ମେଟାଲିକ୍ସରେ ମଧ୍ୟ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀମାନେ ଯୋଗ ଦେଇଥିଲେ। ଶ୍ୟାମ ମେଟାଲିକ୍ସ ପ୍ଲାଣ୍ଟ ମୁଖ୍ୟ ଡିକେ ତିୱାରୀ, ମ୍ୟାନେଜର ସୁଜିତ ବଡପଣ୍ଡା ଉପସ୍ଥିତ ଥିଲେ।





ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧିକାରୀମାନେ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ, ଅଭିଭାବକ ସଂଘ ବୈଠକ

ସମ୍ବଲପୁର,୧୬।୯(ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ/ଅଭିଭାବକ ସଂଘର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସଭାପତିତ୍ୱ କରିଥିଲେ। ବୈଠକରେ ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ବିଦ୍ୟାଳୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଅଧ୍ୟକ୍ଷା ପ୍ରଫେସର ବରାଳ ସ୍ୱାଗତ ଭାଷଣ ଦେଇ ଅନୁଷ୍ଠାନରେ ମିଳୁଥିବା ବିଭିନ୍ନ ସୁଯୋଗ ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦିକା ଡ. ଜ୍ୟୋତ୍ସ୍ନାରାଣୀ ସେଠୀ ସଭାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଉମାଶଙ୍କର ଦାଶ ବୈଠକର ଆବଶ୍ୟକତା ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରିଥିଲେ।

## କୁଚିଣ୍ଡା କଲେଜରେ ଗଙ୍ଗାଧର ମେହେର ଜୟନ୍ତୀ



ଜୟନ୍ତୀ ଉତ୍ସବରେ ଅତିଥିମାନେ।

କୁଚିଣ୍ଡା,୧୬।୯(ବିରଞ୍ଚି ଦର୍ଜା)

କୁଚିଣ୍ଡା କଲେଜ ସାଂସ୍କୃତିକ ପରିଷଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ କୁଚିଣ୍ଡା ଉପଜିଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟଅତିଥି, ସର୍ଗିପାଲି ପଞ୍ଚାୟତ କଲେଜ ଅଧ୍ୟାପକ ଡ. ଭଗବାନ ପଟେଲ ମୁଖ୍ୟବକ୍ତା, କୁଚିଣ୍ଡା କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ କବି ମେହେରଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପକ ଡ. ଅମିୟ ପାତ୍ର ସ୍ୱାଗତ ଭାଷଣ, ଅଧ୍ୟାପିକା ରଞ୍ଜନୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ସୁଷମା କର ଧନ୍ୟବାଦ ଅର୍ପଣ କରିଥିଲେ।

## ହୀରାକୁଦ ହିଣ୍ଡାଲ୍‌କୋରେ ସୁରକ୍ଷା ମହୋତ୍ସବ

ସମ୍ବଲପୁର,୧୬।୯(ବି.ଶଙ୍କର)

ହୀରକୁଦ ହିଣ୍ଡାଲ୍‌କୋ ପକ୍ଷରୁ ଶନିବାର ସୁରକ୍ଷା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାରଖାନାର କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା ବଢାଇବା ପାଇଁ କମ୍ପାନୀ ପକ୍ଷରୁ ଏହି ଅଭିନବ ପ୍ରୟାସ କରାଯାଇଛି। ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶନାଥ ପାଣ୍ଡେ ମାର୍ଗଦର୍ଶନ କରିଥିବା ବେଳେ ଯୁଗ୍ମ ସଭାପତି ମାନବ ସମ୍ବଳର କ୍ରିଷ୍ଣା ପାଢ଼ୀ ନେତୃତ୍ୱ ନେଇଥିଲେ। ଦୁଇ ମାସ ବ୍ୟାପୀ ସୁରକ୍ଷା ମହୋତ୍ସବ ପାଳିତ ହୋଇଥିଲା। ବିଭିନ୍ନ ବିଭାଗର କର୍ମଚାରୀ ଓ ଠିକା କର୍ମଚାରୀଙ୍କ ମଧ୍ୟରେ ମକ୍‌ଡ୍ରିଲ, ହୀରା ପ୍ରତିଯୋଗିତା, ସୁରକ୍ଷା ଜନିତ ନୁକଡ ନାଟକ, କବିତା ଓ ବକ୍ତୃତା ପ୍ରତିଯୋଗିତା, ତରଳ ଧାତୁ ସୁରକ୍ଷା ପ୍ରତିଯୋଗିତା ହୋଇଥିଲା। ଉଭୟ ପାୱାର ଓ ସ୍ମେଲଟରରୁ ୩୭୮୯ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ଉମାକାନ୍ତ ସାମନ୍ତରାୟ (ଏଡିଏଫବି), ବରିଷ୍ଠ ଅଧିକାରୀ ବିଶ୍ୱାସ ସିନ୍ଧେ, ଦେବାଶିଷ ମଲ୍ଲିକ, ପ୍ରାଞ୍ଜଳ ପାଠକ, ଅମିତ ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ପୁରୁଣାପାଣିକୁ ପଞ୍ଚାୟତ ମୁଖ୍ୟାଳୟ ଘୋଷଣା ଦାବି

କୁଚିଣ୍ଡା,୧୬।୯(ବିରଞ୍ଚି ଦର୍ଜା)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପୁରୁଣାପାଣି ଗ୍ରାମକୁ ପଞ୍ଚାୟତ ମୁଖ୍ୟାଳୟ ଘୋଷଣା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି ହୋଇଛି। ବିଂଶ ଶତାବ୍ଦୀ ଶେଷ ଭାଗରେ ନୂତନ ପଞ୍ଚାୟତ ଗଠନ ପାଇଁ କିରାଶାସନ, କୁଡ଼ାପଡା ଓ ପୁରୁଣାପାଣି ଗ୍ରାମକୁ ନେଇ ପଞ୍ଚାୟତ ଗଠନ ପାଇଁ ସ୍ଥିର ହୋଇଥିଲା। କୁଡାପଡା ଗ୍ରାମଟି କେନ୍ଦ୍ରସ୍ଥଳ ହୋଇଥିବାରୁ ଏହାକୁ ମୁଖ୍ୟାଳୟ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ତେବେ କିରାଶାସନ ଗ୍ରାମବାସୀ ଏଥିରେ ରାଜି ନ ହେବାରୁ ବୁଦ୍ଧୁଲାପାଲି ଓ ଗୟାମାଲକୁ ନେଇ କୁଡ଼ାପଡା ପଞ୍ଚାୟତ ଗଠନ କରାଗଲା। ଗୟାମାଲ ଗ୍ରାମଟି ନଦୀ ଆର ପଟରେ ଥିଲେ ବି କୁଡାପଡା ପଞ୍ଚାୟତରେ ସାମିଲ କରାଗଲା। ପୁରୁଣାପାଣି ଗ୍ରାମଟି କେନ୍ଦ୍ରସ୍ଥଳ ହୋଇଥିଲେ ମଧ୍ୟ ପଞ୍ଚାୟତ ମୁଖ୍ୟାଳୟ ନ କରି ରାଜସ୍ୱ ଗ୍ରାମ ମାନ୍ୟତା ପାଇ ନ ଥିବା କୁଡ଼ାପଡା ନାମରେ ପଞ୍ଚାୟତ ଗଠନ କରାଗଲା। ଫଳରେ ବୁଦ୍ଧୁଲାପାଲି ଓ ଡୁମାମୁଣ୍ଡା ଗ୍ରାମବାସୀଙ୍କୁ ୬କିମି ଦୂରରେ ଥିବା କୁଡାପଡା ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଅଞ୍ଚଳବାସୀ ମୁଖ୍ୟାଳୟ ପରିବର୍ତ୍ତନ ପାଇଁ ସରକାରଙ୍କୁ ଦାବି ଜଣାଇବା ପରେ ୨୦୦୧ରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସ୍ଥିତି ଅନୁଧ୍ୟାନ ପାଇଁ ଚିଠି କରାଯାଇଥିଲା। ତତ୍‌କାଳୀନ ସରପଞ୍ଚ ଚାପରେ ପଡି କୁଲେଇଗଡ ପଞ୍ଚାୟତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କୁଲେଇଗଡ ପଞ୍ଚାୟତର ମୋଟ ୧୧ ୱାର୍ଡରୁ ପୁରୁଣାପାଣି, ବୁଦ୍ଧୁଲାପାଲି ଓ ଡୁମାମୁଣ୍ଡାରେ ୬ଟି ୱାର୍ଡ ଏବଂ ଜନସଂଖ୍ୟା ଅଧିକ ରହିଛି। ଭୌଗୋଳିକ ସ୍ଥିତି ଅନୁଯାୟୀ ପୁରୁଣାପାଣି ମଝିରେ ରହିଥିବାରୁ ଗତ ଏପ୍ରିଲରେ ଅଞ୍ଚଳବାସୀ ପ୍ରଶାସନ ଓ ପଞ୍ଚାୟତିରାଜ ବିଭାଗକୁ ଚିଠି ଲେଖି ପୁରୁଣାପାଣିରେ ମୁଖ୍ୟାଳୟ କରିବାକୁ ଦାବି କରିଥିଲେ। ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଏସ୍‌ଏଚ୍‌ଜି ମହିଳା ମୃତ

ଲାଠୋର,୧୬।୯(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତୁରେକେଲା ଥାନା ଗଇନ୍ଦିମାଲ ଗ୍ରାମ ନିକଟ ବୁଲାଣିରେ ଏକ ବାଇକକୁ କୌଣସି ଏକ ଗାଡ଼ି ଶନିବାର ଧକା ଦେବାରୁ ବୁଢ଼ିବାହାଲ ଗ୍ରାମର ପ୍ରମିଳା ତାଣ୍ଡି(୩୫)ନାମକ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ପଠାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ସକାଳେ ଜୟ ମା' ତୁଳସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରମିଳା ତାଣ୍ଡି ଏବଂ ସଞ୍ଜୁ ତାଣ୍ଡି ସହାୟତା ରାଶି ବିବାଦ ୫ଲକ୍ଷ ଟଙ୍କାର ଏକ ଚେକ ନେଇ ଏକ ପିକ୍‌ଅପରେ ନିଜ ଗ୍ରାମକୁ ଫେରୁଥିଲେ। ଡ୍ରାଇଭର ଉଭୟ ମହିଳାଙ୍କୁ ତାଙ୍କ ଗ୍ରାମରେ ଓହ୍ଲାଇ ଦେଇଥିବା ବେଳେ ଚେକ ଥିବା ବ୍ୟାଗ ଧରି ଦ୍ରୁତଗତିରେ ଲାଠୋର ପଟକୁ ପଳାଇଥିଲେ। ମହିଳାଦ୍ୱୟ କୌଣସି ଉପାୟ ନପାଇ ଢୋଲମାନ୍ଦଲ ଗ୍ରାମର ଦୁର୍ଗା ଭୋଇଙ୍କ ବାଇକରେ ଉକ୍ତ ପିକଅପକୁ ପିଛା କରିଥିଲେ। ପିଛାକରି ଯାଉଥିବା ବେଳେ ଗଇନ୍ଦିମାଲ ଗ୍ରାମ ନିକଟରେ ଲାଠୋର ପଟୁ ଆସୁଥିବା ଏକ ଗାଡ଼ି ତାଙ୍କୁ ଧକା ଦେଇଥିଲା। ଏଥିରେ ପ୍ରମିଳା ଗୁରୁତର ହୋଇଥିବା ବେଳେ ସଞ୍ଜୁ ସାମାନ୍ୟ ଆହତ ହୋଇଥିଲେ।

### କୃଷି ସଚେତନତା ଶିବିର

ଖପ୍ରାଖୋଲ,୧୬।୯(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି ଓ ପରାମର୍ଶ କେନ୍ଦ୍ର ତାଲିମ ଗୃହରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆମ କୃଷି ସମ୍ପର୍କିତ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଥିଲା। ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ତାଲିମଦାତାଭାବେ ଭୁବନେଶ୍ୱର ଇମେଜର ଆମ କୃଷି କାର୍ଯ୍ୟକ୍ରମ ପ୍ରକଳ୍ପ ସଂଯୋଜକ ତୁଳସୀ ରାମ ନାଏକ, ଆତ୍ମା ସଭାପତି ଯଶୋବନ୍ତ ସାହୁ ଯୋଗଦେଇଥିଲେ। ଆମ କୃଷି କାର୍ଯ୍ୟକ୍ରମ ପାଇଁ ଚାଷୀ ଟୋଲ ଫ୍ରି ନମ୍ବରରେ ଫୋନ କରି କୃଷି, ଉଦ୍ୟାନ କୃଷି, ପ୍ରାଣୀସମ୍ପଦ ପାଳନ, ମତ୍ସ୍ୟ ଚାଷ ସମ୍ପର୍କରେ ବିଭିନ୍ନ ତଥ୍ୟ ମିଳି ପାରିବ ବୋଲି ସେମାନେ କହିଥିଲେ। ଏ ଟି ଏମ ମାନସ ଖମାରୀ, ପରେଶ ମେହେର, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, କୃଷି କର୍ମଚାରୀ, କୃଷକ ସାଥୀ ଏହି ଅବସରରେ ଉପସ୍ଥିତ ଥିଲେ।

### ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା

ମୁରିବାହାଲ, ୧୬।୯(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ତରଫରୁ ଶନିବାର ଧାରଣା ଦିଆଯାଇଥିଲା। ଏଥିରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ସାମିଲ ହୋଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଶିକ୍ଷକମାନଙ୍କ ଦାବିଗୁଡ଼ିକୁ ବିଧାନସଭାରେ ଉପସ୍ଥାପନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ମୋହନ ଚରଣ ସାହୁ, କନିଷ୍ଠ ଶିକ୍ଷକ ସଂଘ ସଭାପତି ସୁବର୍ଣ୍ଣ କୁମାର ହୋତା, ଗଣଶିକ୍ଷକ ସଂଘ ସଭାପତି ଗୋବର୍ଦ୍ଧନ ନାଗ, ଏକ୍ସ କ୍ୟାଡର ସଂଘ ସଭାପତି କୃପାସିନ୍ଧୁ ବାଗ, କାର୍ଯ୍ୟକାରୀ ସମ୍ପାଦକ ନକୁଳ ମାଝି, ଉପଦେଷ୍ଟା ଲଳିତ ବାଗ, ଜିତେନ୍ଦ୍ର ନାଗ, ଚତୁର ବାଗ ପ୍ରମୁଖ ଧାରଣାରେ ସାମିଲ ଥିଲେ।

### ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଗୁଡ଼ଭେଲା,୧୬।୯(ମନୋଜ କୁମାର ଜୈନ)

ଗୁଡ଼ଭେଲା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶନିବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦିଆଯାଇଥିଲା। ପରେ ୩ଦଫା ସମ୍ବଳିତ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ସଂଘ ଉପସଭାପତି ସୁଧାଂଶୁ ପୁଟା, ସମ୍ପାଦକ ହରେକୃଷ୍ଣ ପୋଢ, ପୀତବାସ ମହାଲିଙ୍ଗ, ପୁଷ୍ପାଞ୍ଜଳି ଝାଙ୍କର, ପ୍ରିତିମଞ୍ଜଳି ଦାଶ, ଭାରତୀ ସ୍ୱାଇଁ, ଲଳିତା ସାହୁ ଆଦି ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ବୁଥ୍ ସଂଖ୍ୟା ବଢ଼ାଇବାକୁ ଦାବି

ଟିଟିଲାଗଡ଼,୧୬।୯(ଶରତ ମିଶ୍ର)

ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ପ୍ରାକ ପ୍ରସ୍ତୁତି ଆରମ୍ଭ ହୋଇଛି । ଟିଟିଲାଗଡ଼ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଦୟାମୟ ପାଢ଼ିଙ୍କ ଅଧ୍ୟକ୍ଷତାରେ ଏନେଇ ତାଙ୍କ ସଭା ପ୍ରକୋଷ୍ଠରେ ଉଭୟ ବିଧାନସଭା ମଣ୍ଡଳୀର ବିଭିନ୍ନ ରାଜନୈତିକ ଦଳ ନେତା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କେଉଁ ସ୍ଥାନରେ ପୁଲିଙ୍ଗ ବୁଥ ବ୍ୟବସ୍ଥା ହେବ ସେ ନେଇ ରାଜନୈତିକ ଦଳ ପ୍ରତିନିଧିଙ୍କୁ ନିର୍ବାଚନ ଅଧିକାରୀ ଅବଗତ କରି ୨୫ ତାରିଖ ମଧ୍ୟରେ ଆପତ୍ତି ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଟିଟିଲାଗଡ଼

**ପୁଲିଙ୍ଗ ବୁଥ ନିଶ୍ଚିତ କରିବାକୁ ବୈଠକ**

ନିର୍ବାଚନ ମଣ୍ଡଳୀରେ ୩୦୯ଟି ବୁଥ ଏବଂ କଣ୍ଟାବାଞ୍ଜିରେ ୩୩୪ଟି ବୁଥରେ ଭୋଟଦାନ ବ୍ୟବସ୍ଥା ରହିଛି । ନୂତନ ଭୋଟରଙ୍କୁ ଯୋଡିବା କିମ୍ବା ବିଯୋଗ ପାଇଁ ତା୧୧୦।୨୦୨୩ରିଖ ପର୍ଯ୍ୟନ୍ତ ସମୟ ସୀମା ଧାର୍ଯ୍ୟ ରହିଛି। ଏନେଇ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ରାଜନୈତିକ ଦଳଗୁଡିକୁ ଅବଗତ କରାଯାଇଛି। ଅନ୍ୟପକ୍ଷରେ ୨୦୧୯ ସାଧାରଣ ନିର୍ବାଚନରେ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରେ ୩୩୪ଟି ବୁଥ ପାଇଁ ସେତିକି ସଂଖ୍ୟକ ଇଭିଏମ ମେଶିନ ତଥା ଅତିରିକ୍ତ ୧୫ଟି ମେଶିନକୁ ବାଦ ଦେଇ ଆଉ ୮ଟି ମେଶିନ କୁଆଡୁ ଆସିଲା ସେ ନେଇ ନିର୍ବାଚନ ଅଧିକାରୀ ଅଦ୍ୟାବଧି କୌଣସି ସ୍ପଷ୍ଟ ଉତ୍ତର ରଖି ନ ଥିବା ଗତ ନିର୍ବାଚନରେ କଣ୍ଟାବାଞ୍ଜିରୁ ଭାଜପା ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ ବୈଠକରେ ପ୍ରଶ୍ନ କରିଥିଲେ । ୧୫୦୦ ମତଦାତାଙ୍କ ପାଇଁ ଗୋଟିଏ ବୁଥ ଧାର୍ଯ୍ୟ ରହୁଥିବାରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଭୋଟ ଗ୍ରହଣ ନେଇ ଅନିୟମିତତା ହେବାର ସମ୍ଭାବନା ସର୍ବଦା ରହୁଥିବା ଟିଟିଲାଗଡ଼ ବ୍ଲକ କଂଗ୍ରେସ ସଭାପତି ବିକାଶ ପାଣିଗ୍ରାହୀ କହିଥିଲେ। ଏଣୁ ଏକ ହଜାର ଭୋଟରଙ୍କ ପାଇଁ ଗୋଟିଏ ବୁଥ ସେ ଦାବି କରିଥିଲେ। ଟିଟିଲାଗଡ଼ ସହରରେ ବହୁ ସଂଖ୍ୟାରେ ବାଙ୍ଗଲାଦେଶି ଏବଂ ରୋହିଙ୍ଗିଆ ଅନୁପ୍ରବେଶ କରି ସ୍ଥାୟୀ ଭାବରେ ବସବାସ କଲେଣି। ସେମାନଙ୍କ ନାମ ଯେମିତି ଭୋଟର ତାଲିକାରେ ନ ଆସେ ସେନେଇ ନିର୍ବାଚନ କମିଶନ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଟିଟିଲାଗଡ଼ ଭାଜପା ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ ପ୍ରଶ୍ନ ଉଠାଇଥିଲେ । ଟିଟିଲାଗଡ଼ ତହସିଲଦାର ଡ଼. ଲଳିତ ବାଗ, କଣ୍ଟାବାଞ୍ଜି ତହସିଲଦାର ଅମୃତଲାଲ ବେହେରା, ତୁରେକେଲା ବିଡ଼ିଓ ଦେବାଶିଷ ସାମଲ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ସହାୟକ ଜିଲାପାଳ ଚନ୍ଦ୍ର ପ୍ରକାଶ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁକେଶ ଜୈନ, ସୁରଥ ବେହେରା, ଘିନୁ ଆଡ଼ୟୁଆଡ଼, ଦେବାନନ୍ଦ ବାରିକ ପ୍ରମୁଖ ବିଭିନ୍ନ ରାଜନୈତିକ ଦଳ ନେତା ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ



ଶିଶୁ ମନ୍ଦିର ଛାତ୍ରୀଙ୍କଠାରୁ ପବିତ୍ର ମାଟି ସଂଗ୍ରହ ଅବସରରେ ବିଧାୟକ।

ଲୋଇସିଂହା,୧୬।୯(ସୁଶାନ୍ତ ବାରିକ)

ଭାଜପା ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା ଓ ଆଗଲପୁର ବ୍ଲକରେ ବିଧାୟକ ମୁକେଶ ମହାଲିଙ୍ଗଙ୍କ ନେତୃତ୍ୱରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ଓ ଗୁରୁମା ଗୁରୁଜୀ ଏବଂ ଭାଜପା କର୍ମକର୍ତ୍ତା ଅମୃତ କଳସ ରଥ ଏବଂ ବିଧାୟକ ମହାଲିଙ୍ଗଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀଛାତ୍ରଙ୍କଠାରୁ ମାଟି ସଂଗ୍ରହ ପରେ କଳସ ଯାତ୍ରାର ଶୁଭାରମ୍ଭ ହୋଇଥିଲା। ଲୋଇସିଂହା ଜମିଦାରଙ୍କ ରାଜବାଟି ଏବଂ ବସ୍ତିପରିକ୍ରମା କରି ମାଟି ସଂଗ୍ରହ କରିଥିଲେ। ସେଠାରୁ ଯୋଗୀସର୍ଡା ପଞ୍ଚାୟତ ସଦର ମହକୁମା ଯୋଗୀସର୍ଡା, କେଉଁଟପୋଲି, ବାଦିବାହାଲ ଗସ୍ତ କରି ମାଟି ସଂଗ୍ରହ ହୋଇଥିଲା। ସେହିପରି ଆଗଲପୁର ବ୍ଲକର ବେନ୍ଦ୍ରା, ବକଟି, ପୁଆପାଲି, କୁଟାସିଂହା, ମୁରଶୁଣ୍ଡ,ସାଲେଭାଟ ଆଦି ପଞ୍ଚାୟତର ବିଭିନ୍ନ ଗାଁରୁ ମାଟି ସଂଗ୍ରହ କରାଯାଇଛି। ବିଧାୟକ ମହାଲିଙ୍ଗ ଲୋଇସିଂହା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଏବଂ ଗାଁ ମାନଙ୍କରେ ସାଧାରଣ ସଭାରେ ବକ୍ତବ୍ୟ ରଖିଥିଲେ ।

# ଦୁଗ୍ଧ ଚାଷୀଙ୍କୁ ଗୁହାଳ ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ



ବିଧାୟକ ନରସିଂହ ମିଶ୍ର ଦୁଗ୍ଧ ଚାଷୀଙ୍କୁ ଗୁହାଳ ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

ବଲାଙ୍ଗୀର,୧୬।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁର ଦୁଗ୍ଧଚାଷୀଙ୍କୁ ବିଧାୟକ ନରସିଂହ ମିଶ୍ର ଗୁହାଳ ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ମିଶ୍ର ଏହି ଯୋଜନାର ସୁଫଳ ଚାଷୀଙ୍କ ପାଖରେ ପହଞ୍ଚାଇବା ପାଇଁ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ସମ୍ବେଦନଶୀଳ ହୋଇ କାମ କରନ୍ତୁ ବୋଲି କହିଥିଲେ। ବିଡିଓ ଇପସିତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମିଶ୍ର କହିଥିଲେ ଯେ, ଅନେକ ସମୟରେ ହିତାଧିକାରୀମାନେ ନିର୍ମାଣ ସାରିବା ପରେ ମଧ ଟଙ୍କା ପାଉ ନଥିବା ଅଭିଯୋଗ କରୁଛନ୍ତି। ଯେତେବେଳେ କି ନିୟମ କହୁଛି ଶ୍ରମିକ କାମ କରିସାରିବା ପରେ ତୁରନ୍ତ ତାଙ୍କ ଟଙ୍କା ପାଇବା କଥା। ଏହାକୁ ସୁନିଶ୍ଚିତ କରିବା ବିଭାଗୀୟ ଅଧିକାରୀମାନଙ୍କ ଦାୟିତ୍ୱ । ଏହି ଅଞ୍ଚଳରେ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କ ପାଇଁ କରୁଥିବା କାମ ପ୍ରଶଂସନୀୟ, ସେମାନେ ଚାଷୀଙ୍କ ହିତ ପାଇଁ କରୁଥିବା ଯୋଜନା ଜାରି ରଖିବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦତ୍ତ ଭୋଇ, ସହକାରୀ ଯନ୍ତ୍ରୀ ନେନ୍‌ସି ରାଣୀ ପୂର୍ତ୍ତି, ଓମ୍‌ଫେଡ୍ ଅଧିକାରୀ ରଜନୀକାନ୍ତ ପଣ୍ଡା, ଏପିଓ ରେସ୍‌ମା ବାନୋ ଉପସ୍ଥିତ ଥିଲେ। ଏହି ଶିବିରରେ ଶିକାଛିଡା, ଭୂତିଆରବାହାଲ, ବାରପୁଡୁଗିଆ ଓ ଶିବତଲା ପଞ୍ଚାୟତର ୬୦ ଜଣ ହିତାଧିକାରୀଙ୍କ ଗୁହାଳ ମଞ୍ଜୁର ହୋଇଥିବା ସ୍ଥଳେ ଶିବତଲା ଓ ଭୁତିଆରବାହାଲର ଦୁଗ୍ଧ ଉତ୍ପାଦନକାରି ସମବାୟ ସଂସ୍ଥାର ସମସ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ।

### ବିଧାୟକ ପାଣ୍ଠିରୁ ୧୦.୫ ଲକ୍ଷର କାର୍ଯ୍ୟାଦେଶ ବଣ୍ଟନ

ମୁରିବାହାଲ, ୧୬।୯(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ବିଧାୟକ ସନ୍ତୋଷ ସିଂ ସାଲୁଜା ବିଧାୟକ ପାଣ୍ଠିରୁ ୬ଟି ପ୍ରକଳ୍ପ ପାଇଁ ୧୦ଲକ୍ଷ ୫୦ହଜାର ଟଙ୍କାର କାର୍ଯ୍ୟଦେଶ ବଣ୍ଟନ କରିଥିଲେ। ବିଡିଓ ପୂର୍ଣ୍ଣାନନ୍ଦ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଟାବନ୍ଧ ପଞ୍ଚାୟତ ଜାନୀପଡା ଧରଣୀଖୁଣ୍ଟ ପାଇଁ ୫୦ ହଜାର, ବିଟାବନ୍ଧ ଗ୍ରାମର ରାସ୍ତା ଉନତୀକରଣ ପାଇଁ ୨ଲକ୍ଷ, ମାଲିସିରା ଗାଁର ରାସ୍ତା ଉନ୍ନତୀକରଣ ପାଇଁ ୨ ଲକ୍ଷ, ପଡା ଗ୍ରାମ ପଞ୍ଚାୟତ ସାହାଜପାଣି ଗ୍ରାମ ରାସ୍ତା ଉନ୍ନୀକରଣ ପାଇଁ ୨ ଲକ୍ଷ, ହଳଦୀ ଗ୍ରାମ ପାଞ୍ଚୟତର ପାତଳପଡା ରାସ୍ତା ଉନ୍ନତୀକରଣ ୨ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ଉନୟନ କିରାଣୀ ରମେଶ ଚନ୍ଦ୍ର ଛୁରା, ଏଇଇ ଅବିନାଶ ମୋଦି, ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଫୁଲ୍ଲ ବଘାର, ପୂର୍ବତନ ଜିଲା ପରିଷଦ ସଭ୍ୟ ବେଳାରସେନ ବେହେରା ଉପସ୍ଥିତ ଥିଲେ।

### ଶିକ୍ଷକ ସଂଘର ଧାରଣା

ଦେଓଗାଁ,୧୬।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଅହ୍ୱାନରେ ଶନିବାର ଶିକ୍ଷକ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି। ଶିକ୍ଷକ ସଞ୍ଜୀବ କୁମାର ଷଡଙ୍ଗୀଙ୍କ ପରିଚାଳନାରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ନୂତନ ପେନସନ ଉଚ୍ଛେଦ କରି ପୁରୁଣା ପେନସନ ଲାଗୁ କରିବା, ଶିକ୍ଷକ ଠିକା ନିଯୁକ୍ତିକୁ ଉଚ୍ଛେଦ କରିବା, ୬ବର୍ଷ ନିଯୁକ୍ତି କାଳକୁ ୬ଟି ଇନକ୍ରିମେଣ୍ଟ ପ୍ରଦାନ ଓ ଏକ୍ସ କ୍ୟାଡରମାନଙ୍କୁ କ୍ୟାଡରଭୁକ୍ତ କରିବା ଆଦି ଦାବି କରି ବିଭିନ୍ନ ନାରା ଦେଇଥିଲେ। ଏହି ଧାରଣାରେ ଶିକ୍ଷକ ସମନ୍ୱୟ କମିଟି ସଭାପତି ଗିରିଶ ଚନ୍ଦ୍ର ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି କୈଳାସ କର୍ତ୍ତ, ନୂତନ ପେନସନ ଯୋଜନା ଶିକ୍ଷକ ସଭାପତି ମୋହନ ଦଲାଇ,ସମ୍ପାଦକ ତାରାଚନ୍ଦ୍ର ସାମଲ, ଜୁନିୟର ଶିକ୍ଷକ ସଂଘ ସଭାପତି ରାଏଦତ୍ତ ବିଶ୍ୱାଳ ତଥା ସମନ୍ୱୟ ସଦସ୍ୟ ସୁଶାନ୍ତ କୁମାର ସାହୁ, ଅଜିତ କୁମାର ବାରିକ, ସଞ୍ଜୀବ କର୍ଡ଼ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ଥିଲେ ।

# ବିଇଓ ଅଫିସ ଘେରିଲେ, ଧାରଣା ଦେଲେ



ବିଇଓ ଅଫିସ ସମ୍ମୁଖରେ ଆନ୍ଦୋଳନରତ ଶିକ୍ଷୟିତ୍ରୀଶିକ୍ଷକ।

ବେଲପଡା,୧୬।୯(ମନୋଜ କୁମାର ମିଶ୍ର)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଡାକରାରେ ୩ ଦଫା ଦାବି ନେଇ ବଲାଙ୍ଗୀର ଜିଲା ବେଲପଡା ସଂଘ ଓ ବିଭିନ୍ନ ବର୍ଗ ଶିକ୍ଷକ ଶନିବାର ଗୋଷ୍ଠୀ ଶିକ୍ଷଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଦାବି ପୁରଣ ନ ହେଲେ ଆସନ୍ତା ସୋମବାର ବ୍ଲକର ୧୫୩ ସ୍କୁଲର ୭୧୧ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସମୂହ ଛୁଟିରେ ରହିବା ପାଇଁ ଧମକ ଦେଇଛନ୍ତି। ଧାରଣାସ୍ଥଳକୁ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିନବ ମିଶ୍ର, ଏବିଇଓ ଜଗବନ୍ଧୁ ମାଝି, ଚତୁର୍ଭୁଜ ମିର୍ଦ୍ଧା ଆନ୍ଦୋଳନସ୍ଥଳକୁ ଆସି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍କୁଲକୁ ଫେରି ଶିକ୍ଷାଦାନ ଚାଲୁ ରଖିବା ପାଇଁ କହିଥିଲେ। ଶିକ୍ଷକ ସଂଘ ପକ୍ଷରୁ ବିଇଓ ମିଶ୍ରଙ୍କୁ ୩ଦଫା ଦାବି ପତ୍ର ଦିଆଯାଇଥିଲା । ଦାବି ମଧ୍ୟରେ ଗ୍ରେଡ ପେ ବୃଦ୍ଧି, ଠିକା ଶିକ୍ଷକ ନିଯୁକ୍ତି ଉଚ୍ଛେଦ, ୨୦୧୭ରୁ ପୁରୁଣା ପେନସନ ଲାଗୁ ଅନ୍ତର୍ଭୁକ୍ତ ରହିଥିଲା।

# ୮୩ ଦୁଗ୍ଧଚାଷୀଙ୍କୁ ଗାଈଗୁହାଳ କାର୍ଯ୍ୟାଦେଶ



ଗାଈଗୁହାଳ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ଅଧିକାରୀ।

ମୁରିବାହାଲ, ୧୬।୯(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ୧୦ ପଞ୍ଚାୟତର ୮୩ ଦୁଗ୍ଧଚାଷୀଙ୍କୁ ଗାଈ ଗୁହାଳ କାର୍ଯ୍ୟଦେଶ ବଣ୍ଟନ କରାଯାଇଛି। ବିଡିଓ ପୂର୍ଣ୍ଣାନନ୍ଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ଉପାଧକ୍ଷା ଯାଜ୍ଞସେନୀ ହାତୀ, ଜିଲା ପରିଷଦ ଉପାଧକ୍ଷା ମିଥିଳା ମାଝି, ଏମ୍‌ପି ପ୍ରତିନିଧି ଶ୍ରୀବସ୍ତ ବେହେରା ଯୋଗଦେଇଥିଲେ। ଗୁହାଳ କାମ ଠିକ୍ ସମୟରେ ଶେଷ କରି ଚାଷୀମାନେ ସରକାରଙ୍କ ଯୋଜନାର ଲାଭ ଉଠାଇପାଇଁ ଅତିଥିମାନେ ମତପ୍ରକାଶ କରିଥିଲେ। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପ୍ରତ୍ୟେକଙ୍କୁ ୮୦ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି। କାର୍ଯ୍ୟକ୍ରମକୁ ଏପିଓ ବସନ୍ତ କୁମାର ବଳିଆର ସିଂ ପରିଚାଳନା କରିଥିଲେ।

# ସ୍କୁଲ ପରିସ୍ରାଗାର, ଶୌଚାଳୟ ନିର୍ମାଣ ଦାବି

ଲୋଇସିଂହା,୧୬।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ପରିସ୍ରାଗାର ଓ ଶୌଚାଳୟ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର ହୋଇଛି। ଇତିମଧ୍ୟରେ ୪ମାସ ବିତିଯାଇଥିଲେ ବି କାମ ଅଗ୍ରଗତି ନେଇ ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇନାହିଁ। ଏହାକୁ ନେଇ ଗ୍ରାମବାସୀ ଶନିବାର ବିଡିଓ ଆକାଶ ରଞ୍ଜନ ସାହୁଙ୍କୁ ଭେଟିଥିଲେ। ଅଭିଯୋଗ ପାଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଦକ୍ଷେପ ନେବାକୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ବହୁ ପୁରାତନ ଉକ୍ତ ପ୍ରାଥମିକ ବିଦ୍ୟାଳୟ ଅବହେଳିତ ଅବସ୍ଥାରେ ରହିଛି। ଗ୍ରାମବାସୀଙ୍କ ଦୀର୍ଘ ଦାବି ପରେ ସ୍କୁଲ ମରାମତି ଏବଂ ଛାତ୍ରୀଛତ୍ରଙ୍କ ବ୍ୟବହାର ପାଇଁ ପରିସ୍ରାଗାର ଓ ଶୌଚାଳୟ ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁଦାନ ଯୋଗାଇଛନ୍ତି। ପ୍ରଥମ ଦଫା ଅନୁଦାନରେ ସ୍କୁଲ ମରାମତି କାମ ସରିଛି । ୪ ମାସ ତଳେ ପରିସ୍ରାଗାର ଓ ଶୌଚାଳୟ ନିର୍ମାଣ ପାଇଁ ୬ ଲକ୍ଷ ୨୦ ହଜାର ଅନୁଦାନ ଆସିଛି। ଏଡସହ ସ୍କୁଲ ମରାମତି ପାଇଁ ସାଢେ ୩ ଲକ୍ଷ ମଞ୍ଜୁର ହୋଇଛି। ଅନୁଦାନ ପଡି ରହିଥିଲେ ସୁଦ୍ଧା ପ୍ରକଳ୍ପ ଅଗ୍ରଗତି ହେଉନାହିଁ । ଦୁର୍ବାଦଳ ବାଗ, ସୁଶାନ୍ତ ମିଶ୍ର, ଜିତୁ ତ୍ରିପାଠୀ, ବଇ ମହାକୁର, ବୁଢ଼ି ସାହୁ, ଉପେନ୍ଦ୍ର ମିଶ୍ର, ଅନିରୁଦ୍ଧ ଭୋଇ ପ୍ରମୁଖ ବିଡିଓଙ୍କୁ ଭେଟି ପ୍ରକଳ୍ପ ଅଗ୍ରଗତି କରିବାକୁ ଦାବି ଜଣାଇଥିଲେ ।



ବିଡିଓଙ୍କୁ ଭେଟିଥିବା ଯୋଗୀସର୍ଡା ଗ୍ରାମବାସୀ।

# ଆମେ ଜାଣିବା ଆମେ ଜିତିବା କାର୍ଯ୍ୟକ୍ରମ




ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଗୁଡ଼ଭେଲା,୧୬।୯(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲଶ ବ୍ଲକ ଗୁଡଙ୍ଗାମାଲ ଆଶ୍ରମ ବିଦ୍ୟାଳୟରେ ଶନିବାର ଆମେ ଜାଣିବା ଆମେ ଜିତିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏପରି କାର୍ଯ୍ୟକ୍ରମ ହେବା ଫଳରେ ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ସୁସମ୍ପର୍କ ରହିବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଆହୁରି ଭଲ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ଓମପ୍ରକାଶ ଧରୁଆ ଏଥିରେ ସଭାପତିତ୍ୱ କରିଥିଲେ। ଶରତ ପୁରୋହିତ, ବିକାଶ ପୁରୋହିତ, ରଞ୍ଜନ ବାରିକ, ବାସୁଦେବ ଦାସ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁଡ଼ଭେଲା ଫରେଷ୍ଟର ମଧୁସୂଦନ ଚାନ୍ଦ ଯୋଗଦେଇ ଜଙ୍ଗଲ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ରେଙ୍ଗାଲି, ଚିତ୍ରାଙ୍କନ, ଗୀତ, କୁଇଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୁଧୁବାରିକ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ ଆରୋଗ୍ୟ କମିଟିର ପ୍ରଥମ ବୈଠକ

ଖଡ଼ିଆଳ, ୧୬।୯(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଜନ ଆରୋଗ୍ୟ ପରିଚାଳନା କମିଟି ପ୍ରଥମ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ୩ନମ୍ବର ୱାର୍ଡସଭ୍ୟା ରାଜରାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ରଞ୍ଜିତ ରାଉତ, ଖଡିଆଳ ବିପିଏମ ସରିତା ବାରିକ ଯୋଗ ଦେଇଥିଲେ। ସକାଳ ୮ଟାରୁ ୧୧ଟା ଏବଂ ଅପରାହ୍ନ ୫ଟାରୁ ରାତ୍ର ୮ ଟା ପର୍ଯ୍ୟନ୍ତ ଏହି କେନ୍ଦ୍ରରେ ସମସ୍ତ ପ୍ରକାର ପ୍ରାଥମିକ ଉପଚାର ପ୍ରଦାନ କରଯରଉଛି। ଆୟୁଷ୍ମାନ ଭବ ଯୋଜନାରେ ସମସ୍ତ ବର୍ଗ ନାଗରିକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ସହ ସ୍ୱାସ୍ଥ୍ୟ ପରୀକ୍ଷା, ଦେୟମୁକ୍ତ ଚିକିତ୍ସା ଯୋଗାଇବା ଲକ୍ଷରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଫେବୃଆରୀ ୨୦୨୩ରେ ସ୍ଥାପିତ ହୋଇଛି। ଖଡିଆଳ ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଆରୋଗ୍ୟ କେନ୍ଦ୍ର ସ୍ଥାପିତ ହୋଇଛି।

## ସଂକ୍ଷେପରେ

### ଗ୍ଲୋବାଲ ଗ୍ରୀନ ପକ୍ଷରୁ ମିଲେଟ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୧୬।୯(ପୀତାମ୍ବର ସାହୁ)

ବୀରମହାରାଜପୁର ବ୍ଲକର ଦୁର୍ଜନତୈଳା ଓ ମସନାପାଲିଠାରେ ମିଲେଟ ମଦର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶା ମିଲେଟ ମିଶନ ଅଧୀନରେ କାର୍ଯ୍ୟ କରୁଥିବା ଗ୍ଲୋବାଲ ଗ୍ରୀନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୪୦ ଜଣ ଗର୍ଭବତୀ, ପ୍ରସୂତି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ଚଳିତବର୍ଷକୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବେ ପାଳନ କରାଯାଉଥିବାରୁ ମହିଳାମାନଙ୍କୁ ମାଣ୍ଡିଆ ଜାତୀୟ ଖାଦ୍ୟର ଉପକାରିତା ଉପରେ ଅବଗତ କରାଯିବା ସହ ଏହାର ବହୁଳ ପ୍ରଚାର ପ୍ରସାର ନେଇ ଗୁରୁତ୍ୱ ଆରୋପ କରାଯାଇଥିଲା। କ୍ଲଷ୍ଟର ସ୍ୱାସ୍ଥ୍ୟ ଅଧିକାରୀ ବିଭୁଦେନ୍ଦ୍ର ବିଶାଳ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ପ୍ରିୟବ୍ରତ ଜଗଦଲା ତଥା ଚାଷୀବନ୍ଧୁ କମ୍ପାନୀର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ନାଗ ପ୍ରମୁଖ ଯୋଗଦେଇ ମିଲେଟର ଉପକାରିତା ଉପରେ ଆଲୋଚନା କରିଥିଲେ। ଗ୍ଲୋବାଲ ଗ୍ରୀନର ପ୍ରକଳ୍ପ ସଂଯୋଜକ ବି.ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜେଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଭୈରବ ସାହୁ, ପ୍ରେମାନନ୍ଦ ନାଏକ, ମାନସ ନନ୍ଦ, ପ୍ରଦୀପ ପଧାନ ପ୍ରମୁଖ ସହଯୋଗ କରିଥିଲେ।

### ୩୫ ୟୁନିଟ ରକ୍ତ ସଂଗ୍ରହ

ବିନିକା,୧୬।୯( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ମହୁଲପାଲିଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭରସା ପରିବାର ତରଫରୁ ସ୍ଥାନୀୟ ମହାଦେବ ମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଯୁବ ଉଦ୍ୟୋଗୀ ପ୍ରଶାନ୍ତ ବାବୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୩୫ଜଣ ରକ୍ତଦାନ କରିଥିଲେ। ବୁର୍ଲା ରକ୍ତଭଣ୍ଡାରର ଡା. ମିତା ଚୌଧୁରୀଙ୍କ ନେତୃତ୍ୱରେ ଟେକନିସିଆନ ଦେବାଶିଷ ମିଶ୍ର, ମନ୍ଟୁ ପ୍ରଧାନ, ପାଏନୁ ଭୁଏ, ଜନକ ବେହେରା, ସଞ୍ଜୀବ ଭୋଇ ପ୍ରମୁଖ ସ୍ୱେଚ୍ଛାସେବୀଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଶିବିର ପରିଚାଳନାରେ ଟୁକୁ ସାର, ଲକ୍ଷ୍ମଣ ପାତ୍ର, ଶମ୍ଭୁ ଖମାରୀ, ରଘୁନାଥ ପୁରୋହିତ, ମୁକ୍ତେଶର ଧରୁଆ, ଶ୍ରୀଧର ଦାସ, ମିତ୍ରଭାନୁ ଦନ୍ତା, ଶୁଶିଲ ପ୍ରଧାନ, ବିକାଶ ବଗର୍ତ୍ତି, ସୁନିଲ ଦନ୍ତାଙ୍କ ସମେତ ଭରସା ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ବାଇକ୍‌କୁ ଧକ୍କା ଦେଲା କାର: ଦୁଇ ଗୁରୁତର

ବାଉଁଶୁଣୀ,୧୬।୯(ଦେବାଶିଷ ନେପାକ)

ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ ନଂ ଜାତୀୟ ରାଜପଥର ବାଘ ନଦୀ ବ୍ରିଜ ନିକଟରେ ଶନିବାର ପୂର୍ବାହ୍ନରେ ଏକ କାର ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଫୁଲବାଣୀ ବାନ୍ଧାପଡାର ହେମନ୍ତ ନାଏକ ଓ ଉଲୁଣ୍ଡା ଖଲିଆପାଲି ଗ୍ରାମର ପାଲିଙ୍କି ଭୋଇ ଏକ ବାଇକ୍‌ରେ ସୋନପୁରରୁ ବଘିଆପଡା ଅଭିମୁଖେ ଯାଉଥିଲେ। ବାଇକ୍‌ରେ ପେଟ୍ରୋଲ ସରିଯିବାରୁ ବାଉଁଶୁଣୀ ବାଘ ନଦୀ ବ୍ରିଜ ନିକଟରେ ଥିବା ପେଟ୍ରୋଲ ପମ୍ପକୁ ଯିବା ସମୟରେ ବୌଦ୍ଧରୁ ସୋନପୁରକୁ ଯାଉଥିବା ଏକ କାର ଧକ୍କା ଦେଇ ଫେରାର ମାରିଥିଲା। ଫଳରେ ଉଭୟେ ଦିଅର ଭାଉଜ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଖବରପାଇ ବାଉଁଶୁଣୀ ଦମକଳବାହିନୀ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସୋନପୁର ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବାଉଁଶୁଣୀ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

# ଘରଡିହ ପଟ୍ଟା ପ୍ରଦାନ ପାଇଁ ଜିଲାପାଳଙ୍କ ଠାରେ ଫେରାଦ

ବୌଦ୍ଧ/ବାଉଁଶୁଣୀ,୧୬।୯(ଅଜିତ କୁମାର ବାରିକ/ଦେବାଶିଷ ନେପାକ)


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଇଥିବା ବିସ୍ଥାପିତ ପରିବାରର ମହିଳା ଓ ପୁରୁଷ ।

ବୌଦ୍ଧ ବ୍ଲକ ବହିରା ଗ୍ରାମ ପଞ୍ଚାୟତର କୁମ୍ଭାରପଡା ଗ୍ରାମବାସୀ ଶନିବାର ଦିନ ଘରଡିହ ପଟ୍ଟା ପ୍ରଦାନ ଦାବିରେ ବୌଦ୍ଧ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ବୌଦ୍ଧରେ ୧୯୮୨ ମସିହାରେ ପ୍ରଳୟକାରୀ ବନ୍ୟା ହୋଇଥିଲା। ଏହି ବନ୍ୟାରେ ସମଗ୍ର ବୌଦ୍ଧ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବହୁ ଲୋକଙ୍କ ଘରଦ୍ୱାର ସମ୍ପୂର୍ଣ୍ଣ ଧୋଇ ଯାଇଥିବା ବେଳେ ଅନେକ ନିଜର ଆତ୍ମୀୟ ସ୍ୱଜନନଙ୍କୁ ହରାଇଥିଲେ। ଏପରି ସ୍ଥଳେ ବୌଦ୍ଧ ବ୍ଲକ ବହିରା ପଞ୍ଚାୟତର ତେନ୍ତୁଳିପାଲି ଗ୍ରାମବାସୀଙ୍କ ବ୍ୟାପକ କ୍ଷତି ହୋଇଥିଲା। ବନ୍ୟାରେ ଗ୍ରାମବାସୀ ସର୍ବସ୍ୱ ହରାଇ ଥିଲେ। ତେନ୍ତୁଳିପାଲି ଗ୍ରାମର ଅନେକ ଧନ ଜୀବନ ନଷ୍ଟ ହେବା ଯୋଗୁ ତତ୍କାଳୀନ ଜିଲାପାଳ ବହିରା ମୌଜାର ଗୋଚର ଜମିର ଉଚ୍ଚ ଜାଗାରେ ବନ୍ୟା କ୍ଷତିଗ୍ରସ୍ତ ରହିବାକୁ ଆଦେଶ

**ବିସ୍ଥାପିତଙ୍କ ସହ ସାମିଲ ହେଲେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ**

ଦେଇଥିଲେ। ଫଳରେ କ୍ଷତିଗ୍ରସ୍ତ ପରିବାର ତେନ୍ତୁଳିପାଲି ଗ୍ରାମରେ ଥିବା ବାସଗୃହ ଓ ଘରବାରି ଛାଡି ବହିରା ଗୋଚର ଜମିରେ ବାସଗୃହ ନିର୍ମାଣ କରି ପିଲାଛୁଆଙ୍କୁ ଧରି ରହି ଆସୁଛନ୍ତି। ବିସ୍ଥାପିତମାନେ ବସବାସ କରୁଥିବା କୁମ୍ଭାରପଡାରେ ସରକାରଙ୍କ ପକ୍ଷରୁ ମନ୍ଦିର, ରାସ୍ତା, ନଳକୂପ ଆଦି ନିର୍ମାଣ କରାଯାଇଥିଲେ ହେଁ ସେମାନେ ରହିଥିବା ସ୍ଥାନର ପଟ୍ଟା ପାଇପାରିନାହାନ୍ତି। ଏନେଇ ସେମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଜମିର ପଟ୍ଟା ପ୍ରଦାନ କରାଯାଇ ପାରିନାହିଁ। ତେଣୁ ବିସ୍ଥାପିତମାନଙ୍କୁ ଘରବାରି ପଟ୍ଟା ପ୍ରଦାନ କରିବା ଦାବିରେ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥଙ୍କ ନେତୃତ୍ୱରେ ବିସ୍ଥାପିତ ହୋଇଥିବା ୩୫ ଗୋଟି ପରିବାରର ମହିଳା ଓ ପୁରୁଷ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ବରୁଣ ରଣା, ଚୈତନ୍ୟ ରଣା, ସାବିତ୍ରୀ ରଣା, ଜନକ ରଣା, ଦୁଃଶାସନ ରଣା, ପ୍ରମୋଦ ରଣା, ରଞ୍ଜିତ ରଣା, ଅଖିଲ ରଣାଙ୍କ ସମେତ ସମସ୍ତ ବିସ୍ଥାପିତ ପରିବାର ସାମିଲ ଥିଲେ।

# ସରସରା ହାଇସ୍କୁଲରେ ବିଜ୍ଞାନ ରୋଲପ୍ଲେ ପ୍ରତିଯୋଗିତା

ବୌଦ୍ଧ,୧୬।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସରସରା ଗ୍ରାମରେ ଥିବା ବାବା ବୈଦ୍ୟନାଥ ହାଇସ୍କୁଲଠାରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଜିଲାସ୍ତରୀୟ ବିଜ୍ଞାନ ରୋଲ ପ୍ଲେ ପ୍ରତିଯୋଗିତା ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର ଓ ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ ସଭାପତି ପ୍ରଭାସ ମହାପାତ୍ର ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ ରାମଗଡ ପ୍ରଥମ, ବାବା ବୈଦ୍ୟନାଥ ହାଇସ୍କୁଲ, ସରସରା ଦ୍ୱିତୀୟ ଓ ତୃତୀୟ ସ୍ଥାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ ହାସଲ କରିଥିଲା। ବିଚାରକ ଭାବରେ ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଗାଇଗୌରିଆ, ସହକାରୀ ଶିକ୍ଷକ ଆଶୁତୋଷ ମହାପାତ୍ର ଓ ସହକାରୀ ଶିକ୍ଷକ ମୃତ୍ୟୁଞ୍ଜୟ ସାହୁ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ପ୍ରଭୁଦତ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରତିଯୋଗିତା ଅବସରରେ ବିଚାରକ ଓ ଅନ୍ୟମାନେ।

# ପଥରଘାଟ ନାଳାରୁ ବୃଦ୍ଧଙ୍କ ମୃତଦେହ ଜବତ

ତରଭା,୧୬।୯(ମାନଭଞ୍ଜନ ମିଶ୍ର)

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**


ନରାୟଣ ମେହେର(ଫାଇଲ ଫଟୋ)।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ମରାଡୁଗୁଛା ଗ୍ରାମ ପଞ୍ଚାୟତ ରୁଗୁଡ଼ିପାଲି ଗ୍ରାମର ନାରାୟଣ ମେହେର(୬୧)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ଶନିବାର ରୁଗୁଡ଼ିପାଲି ମରାଡୁଗୋଛା ରାସ୍ତାର ପଥରଘାଟ ନାଳାରୁ ଜବତ ହୋଇଛି। ତାଙ୍କ ପରିବାର ଲୋକେ ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ତରଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ନାରାୟଣ ଗତ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ଚାଷ ଜମି ଆଡେ ଯାଉଛି କହି ଘରୁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ସନ୍ଧାନ ପାଇ ନ ଥିଲେ। ଶେଷରେ ପରିବାର ଲୋକେ ସନ୍ଧ୍ୟାରେ ଥାନାକୁ ଆସି ସେ ନିଖୋଜ ଥିବା ନେଇ ଜଣାଇଥିଲେ। ତଦନୁଯାୟୀ ପୋଲିସ ନଂ.୩୬/୨୩ ରେ ଏକ ମିସିଂ କେସ ଦାଏର କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ଶନିବାର ସକାଳୁ ଘର ଲୋକେ ପୁଣି ଖୋଜିବା ପାଇଁ ଯାଇଥିଲେ। ତେବେ ପଥରଘାଟ ନାଳାରେ ନାରାୟଣଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ତରଭା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ତରଭା ଡାକ୍ତରଖାନା ପଠାଇଥିଲା। ମୃତକଙ୍କ ପୁଅ ଚିତ୍ତରଞ୍ଜନ ମେହେରଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ପୋଲିସ ନଂ ୧୧/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ଘଟଣାର ତଦନ୍ତ କରୁଥିବା ଆଇଆଇସି ଅନିତା କିଡୋ ପ୍ରକାଶ କରିଛନ୍ତି। ପରିବାର ଲୋକେ ନାରାୟଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟ ଜଣାପଡିବ ବୋଲି ପୋଲିସ କହିଛି।

# ମହାବଳୀ ଯାତ୍ରା ପାଇଁ ଶାନ୍ତି କମିଟି ବୈଠକ

ସୋନପୁର,୧୬।୯(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁରର ପ୍ରସିଦ୍ଧ ମହାବଳୀ ଯାତ୍ରା ୨୦୨୩କୁ ସୂଚାରୁ ରୂପେ ସମ୍ପାଦନ ପାଇଁ ସୋନପୁର ଉପ ଜିଲାପାଳ ତଥା ଦେବୋତ୍ତର ଅଧିକାରିଣୀ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମିଶ୍ର କମିଟିର ସମସ୍ତ ସଦସ୍ୟା ସଦସ୍ୟଙ୍କୁ ମହାବଳୀ ଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ତଥା ନିଯୋଜିତ ସେବାୟତ, ବିଭିନ୍ନ ସାମାଜିକ ସଂଘ, ସଂପ୍ରଦାୟଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ମହାବଳୀ ଯାତ୍ରାର ବିଧିବ୍ୟବସ୍ଥାର ସମୟ ନିଘଣ୍ଟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସୋନପୁର ତହସିଲଦାର ନବୀନ କିଶୋର ପାଢୀ, ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶିନୀ କୁମାର ଭୋଇ, ସୋନପୁର ଆଇଆଇସି ପଦ୍ମାସିନୀ ମେହେର, ଆସିଷ୍ଟାଣ୍ଟ କଲେକ୍ଟର ଖଦାଳ ପାତ୍ର, ଦିବ୍ୟଜ୍ୟୋତି ପରିଡା, ସୋନପୁରବଏବିଡିଓ ଶଶି ଭୂଷଣ ପଧାନ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଶ୍ୟାମା ଓମ ପ୍ରସାଦ ମିଶ୍ର, ଖମ୍ବେଶରୀ ମନ୍ଦିର କମିଟି ସଭାପତି ମଧୁସୂଦନ ମେହେର, ଲଡୁକିଶୋର ମଲ୍ଲିକ, ଆନନ୍ଦ ବାରିକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ସଞ୍ଜୀବ ମଲ୍ଲିକ, ଦେବୋତ୍ତର ବିଭାଗର ବରିଷ୍ଠ କିରାଣି ମେଘନାଦ ମନହିରା ପ୍ରମୁଖ ଉପସ୍ଥିତ ଥିଲେ।

# ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ବୌଦ୍ଧ,୧୬।୯( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ସରକାରୀ ହାଇସ୍କୁଲ ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶନିବାର ଦିନ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ୨୦୦୪ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନେସନାଲ ଇନକ୍ରିମେଣ୍ଟ ସହିତ ଛଅ ବର୍ଷର ଚୁକ୍ତି ଅବଧିକୁ ମୂଳ ଚାକିରିରେ ଯୋଗ ଓ ନୂତନ ପେନସନ ଯୋଜନାକୁ ହଟାଇ ପୁରାତନ ପେନସନ ଲାଗୁ କରିବା ଉଲ୍ଲେଖ କରାଯାଇଛି। ଯଦି ସରକାର ଦାବି ପୂରଣ ନ କରନ୍ତି ଆସନ୍ତା ୨୬, ୨୭ ଓ ୨୮ ତାରିଖରେ ରାଜ୍ୟ ସଂଘର ଆହ୍ୱାନ କ୍ରମେ ଆନ୍ଦୋଳନ କରାଯିବ। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି ମାନସ ପୁରୋହିତ,କାର୍ଯ୍ୟକାରୀ ସଭାପତି ନବ କିଶୋର ଦୀପ, ସମ୍ପାଦକ ପ୍ରଫୁଲ୍ଲ ପ୍ରଧାନ, ସାଂଗଠନିକ ସଂପାଦକ ମଞ୍ଜିତ ଚାନ୍ଦ, ଆବାହକ ଅନିଲ ପ୍ରଧାନ, ବାବୁଲାଲ ପ୍ରଧାନ, ପଞ୍ଚାନନ ମହାକୁଡ, ମନୋରଞ୍ଜନ ପ୍ରଧାନ,ସଞ୍ଜୀବ ପ୍ରଧାନ, କୃଷ୍ଣଚନ୍ଦ୍ର ମଲ୍ଲିକ, ସୁଜତା ମାଝି, ସୌଦାମିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ରାଜପଥରେ ଖାଲ: ଲୋକେ ହନ୍ତସନ୍ତ


ଜାତୀୟ ରାଜପଥରେ ସୃଷ୍ଟି ହୋଇଥିବା ଖାଲ।

ବାଉଁଶୁଣୀ,୧୬।୯(ଦେବାଶିଷ ନେପାକ)

ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ ନଂ ଜାତୀୟ ରାଜପଥର ବାଉଁଶୁଣୀ ବାଘ ନଦୀ ପୋଲ ନିକଟ ରାସ୍ତା ନିମ୍ନମାନର କାମ ଯୋଗୁ ନଷ୍ଟ ହୋଇ ଯାଇଥିବା ଦେଖିବାକୁ ମିଳିଛି। ନିର୍ମାଣର ଅଳ୍ପ ଦିନ ମଧ୍ୟରେ ରାସ୍ତା ଦବିଯାଇ ପିଚୁ ଉଠି ଯାଇଥିବା ବେଳେ ଖାଲ ସୃଷ୍ଟି ହେଉଛି। ଫଳରେ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଉକ୍ତ ଜାତୀୟ ରାଜପଥ ଦେଇ ଦୈନିକ ହଜାର ହଜାର ଯାନବାହାନ ଚଳାଚଳ କରିବା ସହ ଛାତ୍ରୀଛାତ୍ରମାନେ ସ୍କୁଲ କଲେଜ ଯିବା ଆସିବା କରୁଛନ୍ତି। ବଡ଼ ବଡ ଖାଲ ଖମା ଯୋଗୁ ବାରମ୍ବାର ସେହି ସ୍ଥାନରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଠିକାସଂସ୍ଥାର ନିମ୍ନମାନର କାର୍ଯ୍ୟ ଯୋଗୁ ଗୋଟିଏ ବର୍ଷ ମଧ୍ୟରେ ରାସ୍ତା ଦବି ଯାଇଥିବା ଅଭିଯୋଗ ହେଉଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି ହେଉଛି। ଦାବି ପୂରଣ ନ ହେଲେ ଅଞ୍ଚଳବାସୀ ରାସ୍ତାରୋକୋ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ବ୍ୟକ୍ତିତ୍ୱ ନିର୍ମାଣ କ୍ଷେତ୍ରରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଅମରପାଲି,୧୬।୯(ପୀତାମ୍ବର ସାହୁ)


ଉତ୍ସବରେ ମଞ୍ଚାସୀନ ଅତିଥି।

**ବୀରମହାରାଜପୁର କଲେଜରେ ଶିକ୍ଷା ବିଭାଗର ସ୍ୱାଗତ ଉତ୍ସବ**

ବ୍ୟକ୍ତିତ୍ୱ ନିର୍ମାଣ କ୍ଷେତ୍ରରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଆବାହମାନ କାଳରୁ ଆଦିମ ଅଧିବାସୀମାନେ ଶିକ୍ଷା ଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରୁଥିଲେ। ପ୍ରାଚୀନ ଭାରତରେ ନାଳନ୍ଦା, ତକ୍ଷଶୀଳା, ବିକ୍ରମଶୀଳା ପ୍ରଭୃତି ସ୍ଥାନରେ ଅନେକ ବିଶ୍ୱବିଦ୍ୟାଳୟ ଗଢି ଉଠିଥିଲା। ଛାତ୍ରୀଛାତ୍ରମାନେ ଉପଯୁକ୍ତ ଶିକ୍ଷା ଲାଭ କରି ଆତ୍ମ ନିର୍ଭରଶୀଳ ହୋଇ ଭାରତର ପ୍ରଗତିରେ ପ୍ରମୁଖ ସହଯୋଗୀ ହେବା ଆବଶ୍ୟକ ବୋଲି ବୀରମହାରାଜପୁର ମହାବିଦ୍ୟାଳୟ ଶିକ୍ଷା ବିଭାଗର ନବଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସ୍ୱାଗତ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦାମ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପରିଚାଳନା ସମିତିର ସଭାପତି ସ୍ୱୟମ୍ଭୁ ନାଥ ଖଣ୍ଡଗିରି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସୁପ୍ରଭା ନନ୍ଦ ସମ୍ମାନିତ ଅତିଥି ଓ ଇତିହାସ ବିଭାଗର ମୁଖ୍ୟ ଡ଼. ହିମାଂଶୁ ଶେଖର ପାଢ଼ୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା ବିଭାଗର ଅଧ୍ୟାପକ ବିଜୟ କୁମାର ପଧାନ, ଡ. ଶିଶିର ବଣିଆ, ହରପ୍ରିୟା ମହାପାତ୍ର ଏବଂ ସୀମାରାଣୀ ବେହେରା ନବଗତମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଭାଗର ଛାତ୍ରୀ ପ୍ରାଚୀ ପ୍ରିୟଦର୍ଶିନୀ ପାତ୍ର ଓ ଝରଣା ମେହେର ସଂଯୋଜନା କରିଥିବା ବେଳେ ପ୍ରତିମା ମେହେର ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ବିଶ୍ୱ କଳ୍ପିତା ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଶ୍ରୀୟା ମଞ୍ଜରୀ ବାଦୀ, ପ୍ରତୀଚୀ ସାହୁ, ଜୟନ୍ତୀ ସାହୁ, ପୂଜାରାଣୀ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଗଞ୍ଜେଇ ସହ ସ୍କୁଟି ଜବତ: ୨ ଗିରଫ

ଅମରପାଲି,୧୬।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ସୋନପୁର ସମ୍ବଲପୁର ମୁଖ୍ୟରାସ୍ତା ଦେଇ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ କର୍ମଚାରୀମାନେ ମେଟାକାନୀ ଛକ ନିକଟରେ ଶନିବାର ଚଢାଉ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ୬ କେଜି ଗଞ୍ଜେଇ ସହ ଚୋରାଚାଲାଣରେ ବ୍ୟବହୃତ ଏକ ସ୍କୁଟି ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା କାଳିନଗର ଗ୍ରାମର ମେଘରାଜ ବେହେରା (୩୩) ଓ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଭାଲୁପାଲି ଅଞ୍ଚଳର ଦିବାକର ପ୍ରଧାନ (୫୭)। ଦୁଇ ଅଭିଯୁକ୍ତ ଏକ ସ୍କୁଟି (ନଂ ଓଡି-୧୫ଭି-୭୧୪୫) ଯୋଗେ ସୋନପୁର ପଟୁ ସମ୍ବଲପୁର ଅଭିମୁଖେ ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ବିଭାଗୀୟ କର୍ମଚାରୀମାନେ ମେଟାକନୀ ଛକ ନିକଟରେ ଚଢାଉ କରି ଦୁହିଁଙ୍କୁ ଧରିଥିଲା। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ସବ୍ ଇନ୍ସପେକ୍ଟର ସୁମିତ୍ରା ବେହେରାଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା।


ଗଞ୍ଜେଇ ସହିତ ଗିରଫ ଅଭିଯୁକ୍ତ।

# ବିଶ୍ୱେଶ୍ୱରାୟା ଥିଲେ ଅର୍ଥନୈତିକ ଯୋଜନାର ଅଗ୍ରଦୂତ

ସୋନପୁର,୧୬।୯(ମୃତ୍ୟୁଞ୍ଜୟ ଶତପଥୀ)



ସଭାରେ ମଞ୍ଚାସୀନ ଅତିଥି ଓ ସଂଘର କର୍ମକର୍ତ୍ତା।

**ସୁବର୍ଣ୍ଣପୁରରେ ଇଞ୍ଜିନିୟର ଦିବସ ପାଳିତ**

ସୁବର୍ଣ୍ଣପୁର ନୂଆ ଟାଉନ ହଲରେ ସୁବର୍ଣ୍ଣପୁର ସରକାରୀ ଇଞ୍ଜିନିୟର ସଂଘ ପକ୍ଷରୁ ଇଞ୍ଜିନିୟର ଦିବସ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଭାରତର ପ୍ରଥମ ଇଞ୍ଜିନିୟର ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟା(ଏମ୍.ଭି.)ଙ୍କ ଜନ୍ମ ଦିବସ ଧୁମ୍‌ଧାମରେ ପାଳନ ହୋଇଥିଲା। ଆୟୋଜିତ ସଭାରେ ବଲାଙ୍ଗୀର ଜଳସେଚନ ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ସଞ୍ଜିବ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଇଞ୍ଜିନିୟରିଂ ଓ ଶିକ୍ଷା କ୍ଷେତ୍ରରେ ଏମ୍ ବିଶ୍ୱେଶ୍ୱରୈୟାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ବ୍ରିଟିଶ ଶାସନରୁ ଭାରତ ସ୍ୱାଧୀନ ହେବା ପରେ ସେ ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଆରମ୍ଭ କରିଥିଲେ। ଭାରତରେ ଅର୍ଥନୈତିକ ଯୋଜନାର ଅଗ୍ରଦୂତ ଏମ୍.ଭି. ଥିଲେ ବୋଲି ଇଂ ତ୍ରିପାଠୀ ମତପ୍ରକାଶ କରିଥିଲେ। ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ତଥା ସୁବର୍ଣ୍ଣପୁର ସରକାରୀ ଇଞ୍ଜିନିୟର ସଂଘର ସଭାପତି ଇଂ ଦାମୋଦର କୈବର୍ତ୍ତ ସଭାରେ ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣପୁର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ପ୍ରାକ୍ତନ ଅଧୀକ୍ଷଣ ଯନ୍ତ୍ରୀ ଇଂ ବିଭୁପ୍ରସାଦ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଦେଶରେ ବିଭିନ୍ନ ଜଳସେଚନ ପ୍ରକଳ୍ପ ନିର୍ମାଣ ଓ ଭିତ୍ତିଭୂମି ବିକାଶ ଉପରେ ଏମ୍.ଭି. ଉଲ୍ଲେଖନୀୟ କାମ କରିଥିଲେ। ତେଣୁ ଦେଶର ପ୍ରଥମ ରାଷ୍ଟ୍ରପତି ଡ.ରାଜେନ୍ଦ୍ର ପ୍ରସାଦ ତାଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ଭାରତ ରତ୍ନ ପ୍ରଦାନ କରିଥିଲେ। ତାଙ୍କ ସଫଳତାକୁ ସ୍ମରଣ କରିବା ତଥା ସେପ୍ଟେମ୍ବର ୧୫ ତାରିଖରେ ସମସ୍ତ ଇଞ୍ଜିନିୟରଙ୍କୁ ସମ୍ମାନିତ କରିବା ଲାଗି ଏହି ଦିବସ ପାଳନ କରାଯାଏ ବୋଲି ଇଂ ପଣ୍ଡା କହିଥିଲେ। ସୁବର୍ଣ୍ଣପୁର ଗ୍ରାମ ଉନ୍ନୟନ ସଂସ୍ଥାର ଅଧୀକ୍ଷଣ ଯନ୍ତ୍ରୀ ଇଂ ନାରାୟଣ ରେଡ୍ଡି, ସୁବର୍ଣ୍ଣପୁର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ସୁକାନ୍ତ ସେଠୀ, ବଲାଙ୍ଗୀର ଜନସ୍ୱାସ୍ଥ୍ୟ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଇଂ ଇନ୍ଦ୍ରଜିତ୍ ସାହୁ, ସୁବର୍ଣ୍ଣପୁର ଟାଟା ପାୱାର ପଶ୍ଚିମ ଓଡିଶା ବିଦ୍ୟୁତ୍ ବିତରଣ ସଂସ୍ଥାର ନିର୍ବାହୀ ଯନ୍ତ୍ରୀ ଇଂ ଆଲୋକ କୁମାର ମିଶ୍ର, ସୁବର୍ଣ୍ଣପୁର ଉଠାଜଳସେଚନ ନିଗମର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଫୁଲ୍ଲ କୁମାର ବେହେରା ଅତିଥି ଭାବରେ ଯୋଗଦେଇ ଦିବସ ପାଳନର ଉଦ୍ଦେଶ୍ୟ ଓ ଇଞ୍ଜିନିୟରିଂ ବିଭାଗର ବୈଷୟିକ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ତଥା ଜିଲା ଇଞ୍ଜିନିୟର ସଂଘର ସମ୍ପାଦକ ଇଂ ଜିତେନ୍ଦ୍ର ପାଢୀ ସଭା ସଂଯୋଜନା କରିଥିଲେ। ପରେ ସୋନପୁର ପଲିଟେକନିକ୍ କଲେଜର ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ସମସ୍ତ ଇଞ୍ଜିନିୟର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଇଂ ସଚ୍ଚିଦାନନ୍ଦ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ବର୍ଷାରେ ଧସିଲା ଘର

ବଡ଼ଗାଁ,୧୬।୯(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ଗ୍ରାମର ଶ୍ରୀବସ୍ତ ତନସନାଙ୍କ ମାଟି ଘର ବର୍ଷା ଯୋଗୁ ଧସି ପଡ଼ିଛି। ଆର୍ଥିକ ମାନଦଣ୍ଡତଳର ଏହି ବ୍ୟକ୍ତି ଦୀର୍ଘବର୍ଷରୁ ଆବାସ ଯୋଜନାରେ ଘର ପାଇଁ ଗୁହାରୀ କରି ନିରାଶ ହୋଇଥିଲେ। ଯାହା ମାଟି ଘର ଖଣ୍ଡେ ଥିଲା ତାହା ଆଜି ମାଟିରେ ମିଶିଛି। ଗତମାସରେ ବର୍ଷା ଯୋଗୁ ଅଞ୍ଚଳର ଶତାଧିକ ଲୋକଙ୍କ ଘର ଧସିଥିଲା।

### ଚୋରି ପାଣି ପମ୍ପ ଜବତ, ଜଣେ ଗିରଫ

**ବଡ଼ଗାଁ, ୧୬।୯ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଭୋଇପାଲି ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା ପାଇଁ ଲଗାଯାଇଥିବା ଆର୍‌ଓ ପ୍ଲାଣ୍ଟରୁ ଗତ ୧୧ରେ ପାଣିପମ୍ପକୁ କେହି ଜଣେ ଦୁର୍ବୃତ୍ତ ଖୋଲି ନେଇଯାଇଥିଲେ। ଏ ନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ମହେଶ୍ୱର ବରିହାଙ୍କୁ ଜଣାଇଥିଲେ। ଏହାପରେ ସରପଞ୍ଚ ଥାନାରେ ଲିଖିତ ଜଣାଇଥିଲେ। ଆଇଆଇସି ବନ୍ଦନା ପାତ୍ରଙ୍କ ସହିତ ଏଏସ୍‌ଆଇ ଅରୁପାନନ୍ଦ ଦାସ, ଗୋପୀନାଥ ଓଝା ତଦନ୍ତ କରି ଡମୁପଡା ଗ୍ରାମର ମଧୁ କିଷାନ (୫୨)ଙ୍କ ଘରୁ ପାଣିପମ୍ପ ଜବତ କରିବା ସହିତ ତାଙ୍କୁ ଗିରିଫ କରି କୋର୍ଟ ଚାଲାଣ କରିଛନ୍ତି।

### ସମସ୍ୟା ଘେରରେ ରୋହିଦାସପଡ଼ା

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

**ବଡ଼ଗାଁ,୧୬।୯( ଅଶୋକ ଷଡ଼ଙ୍ଗୀ)** ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ପାମରା ଗାଁ ନିକଟ ରୋହିଦାସପଡ଼ାକୁ ନାହିଁ ଭଲ ରାସ୍ତା। ଏହା ମାଟି ରାସ୍ତା ହୋଇଥିବାରୁ ବର୍ଷା ହେଲେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। କାଦୁଅ ପଚପଚରେ ଲୋକେ ଯା'ଆସ କରୁଛନ୍ତି। କେବଳ ରାସ୍ତା ସମସ୍ୟା ନୁହେଁ ଅନେକ ସମସ୍ୟା ଏଠି ମୁଣ୍ଡ ଟେକିଛି। ଏହି ପଡ଼ାରେ ୫୦ ପରିବାର ରହୁଥିବାବେଳେ ସମସ୍ତଙ୍କ ପାଇଁ ଗୋଟିଏ ନଳକୂପ ରହିଛି। ନୂଳକୂପ ଖରାପ ହେଲେ ଗ୍ରାମବାସୀଙ୍କୁ ଦେଢ଼ କିଲୋମିଟର ଯିବାକୁ ପଡୁଛି। ସରକାର ସୋଲାର ପମ୍ପ ଦ୍ୱାରା ପାନୀୟ ଜଳ ବ୍ୟବସ୍ଥା କରୁଥିଲେ ମଧ ପଡାବାସୀ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ପରିତାପର ବିଷୟ ଏହି ଗ୍ରାମରେ ମାତ୍ର ୩ ପରିବାରକୁ ଆବାସ ଯୋଜନାରେ ଘର ମିଳିଛି। ତେବେ ପଡ଼ାବାସୀ କୁହନ୍ତି, ସରକାରୀ ବାବୁମାନେ ଆମ ସମସ୍ୟା ବୁଝିବାକୁ କେବେ ଆସିନାହାଁନ୍ତି। ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସୋମାନେ ଦାବି କରିଛନ୍ତି।

### ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ



ଲହୁଣୀପଡ଼ା,୧୬।୯( ଦାଶରଥି ପଣ୍ଡା): ଲହୁଣୀପଡ଼ା ବ୍ଲକ ଖୁଣ୍ଟୁଗାଁ ମଣ୍ଡଳ ସାଧୁବାହାଳଠାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଜୁଏଲ ଓରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ସେବତୀ ନାଏକ, ବରିଷ୍ଠ ଭାଜପା ନେତା ରେଙ୍ଗୁଟ ପ୍ରଧାନ, ଉପେନ୍ଦ୍ର ବେହେରା, ହେମନ୍ତ କୁମାର ସାହୁ, ପ୍ରଦୀପ ସ୍ୱାଇଁ, ଖୁଣ୍ଟୁଗାଁ ମଣ୍ଡଳ ସଭାପତି ଗଙ୍ଗାଧର ମାହାନ୍ତ, ଲହୁଣୀପଡ଼ା ମଣ୍ଡଳ ସଭାପତି ନମିତା ମାହାନ୍ତ, ବଣେଇଁ ମଣ୍ଡଳ ସଭାପତି ମୁକୁନ୍ଦ ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏମ୍‌ପି ଓରାମ କହିଛନ୍ତି, ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକଙ୍କ ଘରୁ ମାଟି ସଂଗ୍ରହ କରି ଦିଲୀର ଅମୃତ ବାଟିକାରେ ବ୍ୟବହାର କରାଯିବ। ତେଣୁ ଆମେ ଘର ଘର ବୁଲି କଳସୀରେ ମାଟି ସଂଗ୍ରହ କରୁଛୁ ଏବଂ ଲୋକମାନେ ମଧ ଆଗ୍ରହ ସହିତ ମାଟି ପ୍ରଦାନ କରୁଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକଙ୍କ ସହିତ ଭାଜପାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଆଭାସି ମାଧ୍ୟମରେ ଭାବ ବିନିମୟ କାର୍ଯ୍ୟକ୍ରମ

**ସୁନ୍ଦରଗଡ, ୧୬।୯(ଜୟ ନାରାୟଣ ମେଣ୍ଡୁଲି)**

ଜିଲା ଓସ୍ୱାନ ହଲଠାରେ ଭିଡିଓ କନଫରେନ୍ସ ମାଧ୍ୟମରେ ୫-ଟି ରୂପାନ୍ତରିକରଣ କାର୍ଯ୍ୟକ୍ରମ ଅଧୀନରେ ହାଇସ୍କୁଲର ରୂପାନ୍ତରଣ ସମ୍ବନ୍ଧରେ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫-ଟି ସଚିବ ଭି. କେ .ପାଣ୍ଡିଆନ ଜିଲାରେ ବିଦ୍ୟାଳୟ ରୂପାନ୍ତରଣ ସମ୍ପର୍କରେ ପ୍ରଶାସନର ପ୍ରସ୍ତୁତି ଉପରେ ସମୀକ୍ଷା କରିଥିଲେ। ଜିଲାରେ ପୂର୍ବରୁ ୩ଟି ପର୍ଯ୍ୟାୟରେ ୨୯୬ଟି ବିଦ୍ୟାଳୟ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ରୂପାନ୍ତରିତ ହୋଇସାରିଥିଲା ବେଳେ ୪ର୍ଥ ପର୍ଯ୍ୟାୟରେ ଅନ୍ୟ ୫୮ଟି ବିଦ୍ୟାଳୟର ରୂପାନ୍ତରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ଅକ୍ଟୋବର ଶେଷ ସୁଦ୍ଧା ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ ଶେଷ ହେବ ଏବଂ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀ ଏହାକୁ ଲୋକାର୍ପଣ କରିବାର ଯୋଜନା ରହିଛି। କାର୍ଯ୍ୟକ୍ରମରେ ସଚିବ ଭି. କେ. ପାଣ୍ଡିଆନ ସମସ୍ତ ରୂପାନ୍ତରିତ ବିଦ୍ୟାଳୟଗୁଡିକୁ ଜମି ଅଧିକାର, ବିଦ୍ୟୁତ୍‌ସେବା, ଇଣ୍ଟରନେଟ୍ ସେବା ଆଦି ସଂଯୋଗ ଏବଂ ଭଲ ରାସ୍ତା ଯୋଗାଇଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରୂପାନ୍ତରିତ ହୋଇଥିବା ବିଦ୍ୟାଳୟଗୁଡ଼ିକର ଭଲ ଭାବରେ ରକ୍ଷଣାବେକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି ମଧ ସୂଚନା ଦେଇଥିଲେ ଯେ, ମୁଖ୍ୟମନ୍ତ୍ରୀ ବ୍ଲକ୍, ମ୍ୟୁନିସିପାଲିଟ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଏବଂ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବର୍ଗରେ ଶିକ୍ଷା ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ସଚିବ ପାଣ୍ଡିଆନ ବିଦ୍ୟାଳୟର ଛାତ୍ରୀଛାତ୍ର, ପଞ୍ଚାୟତରାଜ ଅନୁଷ୍ଠାନର ପ୍ରତିନିଧି, ପୂର୍ବତନ ଛାତ୍ରୀଛାତ୍ର, ସ୍କୁଲ ଶିକ୍ଷକ, ପ୍ରଶାସନିକ ଅଧିକାରୀଙ୍କ ସହ ମଧ ଆଲୋଚନା କରିଥିଲେ। ଛାତ୍ରମାନଙ୍କ ସହିତ କଥାବାର୍ତ୍ତା କରୁଥିବାବେଳେ ସେ ସେମାନଙ୍କର ଆକାଂକ୍ଷା ବିଷୟରେ ଜାଣିବାକୁ ଚାହିଁଥିଲେ ଏବଂ ଛାତ୍ରମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ଉତ୍ସାହିତ କରିଥିଲେ। ସ୍ୱପ୍ନକୁ ସାକାର କରିବା ପାଇଁ ଆନ୍ତରିକ ଉଦ୍ୟମ କରିବା ଉପରେ ଗୁରୁତ୍ୱଆରୋପ କରିଥିଲେ। ଏହି ବୈଠକରେ ଜିଲାପାଳ ଡ.ପରାଗ ହର୍ଷଦ ଗାଭାଲି , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ପରିଷ ମନୋଜ ମହାଜନ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ଜନପ୍ରତିନିଧି, ପ୍ରଧାନ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ପୁରାତନ ଛାତ୍ର ଏବଂ ଅନ୍ୟ ନୋଡାଲ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ସ୍କ୍ରବ୍ ଟାଇଫସ ଉପରେ ସଚେତନତା ଶିବିର

**ସୁନ୍ଦରଗଡ,୧୬।୯(ଜୟ ନାରାୟଣ ମେଣ୍ଡୁଲି)**

ଲେଫ୍ରିପଡା ବନାଞ୍ଚଳ ଅନ୍ତର୍ଗତ କାପୁଟିକ୍ରା ବନ ସୁରକ୍ଷା ସମିତିରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସହଯୋଗୀ ସ୍ୱଚ୍ଛାସେବୀ ଅନୁଷ୍ଠାନ ସେବକ କର୍ମକର୍ତ୍ତା ଓ କ୍ଷେତ୍ର ପରିଚାଳନା କର୍ମକର୍ତ୍ତାଙ୍କ ଦ୍ୱାରା ସ୍କ୍ରବ ଟାଇଫସ ଜନିତ ରୋଗ, ଲକ୍ଷଣ ଓ ତାର ପରିଣାମ ସମ୍ପର୍କରେ ସଚେତନତା ଶିବିର ଓ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମ ଏକ ଆଦିବାସୀ ବହୁଳ ଗ୍ରାମ, ସ୍ୱାକ୍ଷରତା ଦୃଷ୍ଟିରୁ ଅତି କମ, ଅଧିକାଂଶ ଲୋକ ଚାଷ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ହୋଇଥିବାରୁ ତାଙ୍କର ସୁରକ୍ଷାକୁ ନଜରରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ରୋଗର ଲକ୍ଷଣ ଗୁଡିକ ସାଧାରଣତଃ ମୁଣ୍ଡବ୍ୟଥା, ଶରୀର ବ୍ୟଥା, ଦେହସାରା ଲାଲଚିହ୍ନ, ଅଧିକ ତାପମାତ୍ରା ଦେଖିବାକୁ ମିଳିଥାଏ। ଠିକ ସମୟରେ ଚିକିତ୍ସା ନକଲେ ରୋଗୀ ମୃତ୍ୟୁ ମୁଖରେ ପଡିଥାଏ ବୋଲି ଲୋକଙ୍କୁ ବୁଝାଇଥିଲେ। ପରେ ପ୍ଲା କାର୍ଡ ଧରି ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହି ରାଲିରେ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସହଯୋଗୀ ସ୍ୱଚ୍ଛାସେବୀ ଅନୁଷ୍ଠାନ ସେବକ କର୍ମକର୍ତ୍ତା ଓ କ୍ଷେତ୍ର ପରିଚାଳନା କର୍ମକର୍ତ୍ତା ଯୋଗ ଦେଇଥିଲେ। ଘରକୁ ଘର ଯାଇ ବୁଝାଇବା ସହିତ ଲିପଲେଟ ମଧ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତିର ୫୫ ସଦସ୍ୟା ଓ ସଦସ୍ୟ ତଥା ୨ ଜଣ ୱାର୍ଡ ସଭ୍ୟା ଲିଲିମା କିଷାନ ଓ ବିନିତା ମାକର ଏବଂ ଆଙ୍ଗନୱାଡି କର୍ମୀ ଓ ସିଆର୍‌ପି ଉପସ୍ଥିତ ଥିଲେ।

## ଖାଲଖମାରେ ଭର୍ତ୍ତି ରାସ୍ତା, ଅସୁବିଧା ଭୋଗୁଛନ୍ତି ଜନତା

**କୁତ୍ରା,୧୬।୯(ଦେବାଶିଷ ସାହୁ)**



ସୁନ୍ଦରଗଡ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥରୁ ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାଟି ମରଣଜନ୍ତା ପାଲଟିଛି। ରାସ୍ତାଟି ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ବର୍ଷା ଦିନେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶହଶହ ଲୋକ ଯା' ଆସ କରିଥାନ୍ତି। ତହସିଲ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ, ମିଶନ ଶକ୍ତି ଗୃହ, ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ଏହା ଗୋଟେ ମାତ୍ର ରାସ୍ତା। ହେଲେ ଏହି ରାସ୍ତା ପ୍ରତି କାହାର ନଜର ପଡୁନାହିଁ। ଖଣି କମ୍ପାନୀ ଗୁଡିକର ଭାରିଯାନ ଗୁଡିକ ଏହି ରାସ୍ତାଦେଇ ଯାତାୟତ କରୁଥିବାରୁ ରାସ୍ତାର ଅବସ୍ଥା ଏଭଳି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଠାରେ ଅନେକ ଛୋଟ ବଡ ଦୁର୍ଘଟଣା ଘଟୁଥିବା ମଧ ଦେଖିବାକୁ ମିଳିଛି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ନଚେତ୍ ଆଗାମୀ ଦିନରେ ଏହି ରାସ୍ତାରେ ଭାରିଯାନ ଚଳାଇବାକୁ ଦେବେ ନାହିଁ ବୋଲି ସ୍ଥାନୀୟ ଜନସାଧାରଣ ରୋକଠୋକ ଶୁଣାଇଛନ୍ତି। ଏହାକୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ର ସେଠୀଙ୍କୁ ପଚାରିବାରୁ, କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଚିଠି କରିବା ସହିତ ଏହାର ମରାମତି ପାଇଁ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଗଣେଶ ପୂଜା ପାଇଁ ଶାନ୍ତି କମିଟି ବୈଠକ



**ରାଜଗାଙ୍ଗପୁର, ୧୬।୯ (ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଗଣେଶ ପୂଜା ପାଇଁ ଶନିବାର ସନ୍ଧ୍ୟାରେ ସହରର କମ୍ୟୁନିଟି ସେଣ୍ଟରଠାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ମାଝି, ଉପଜିଲାପାଳ ଦାଶରଥି ସରାବୁ, ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ସ୍ଥାନୀୟ ତହସିଲଦାର ଇଜିଡସ ବିନୟ କୁଲ୍ଲୁ, ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ତନସନା, ବିଧାୟକ ଡ. ସିଏସ ରାଜନ ଏକ୍କା, ପୌରାଧକ୍ଷ ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରାଫାନ, ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ବିଭିନ୍ନ ଗଣେଶ ପୂଜା କମିଟି ସଭାପତି ଓ ସଂପାଦକ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳାର ସହ ପୂଜା ଶେଷ କରିବାକୁ ଅନୁରୋଧ କରାଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ତାର କୁପ୍ରଭାବ ସମ୍ବନ୍ଧରେ ମଧ ସୂଚନା ଦିଆଯାଇଥିଲା। ରାତି ୧୦ ଟା ପରେ କୌଣସିପ୍ରକାର ବାଦ୍ୟଯନ୍ତ୍ର ନ ବଜାଇବା ପାଇଁ ଅନୁରୋଧ କରାଯାଇଥିଲା। କୌଣସିପ୍ରକାର ଅପପ୍ରଚାର ନ କରିବା, କୌଣସିପ୍ରକାର ଧାର୍ମିକ ସ୍ଲୋଗାନ ନ ଦେବା ପାଇଁ କୁହାଯାଇଥିଲା। ବିସର୍ଜନ ଶୋଭାଯାତ୍ରା ସହରରୁ ବାହାରି ସୁବାସ ଛକ, ବିଜୁପଟ୍ଟନାୟକ ଛକ, ଓସିଏଲ ରୋଡ ହୋଇ ଲିପଲୋଇରେ ବାହାରି ବିସର୍ଜନ ସ୍ଥଳକୁ ଯିବ ବୋଲି ସୂଚୀତ କରାଯାଇଥିଲା। ବିସର୍ଜନ କାର୍ଯ୍ୟକ୍ରମ ରାତି ୧୦ ସୁଦ୍ଧା ସାରିବା ପାଇଁ କୁହାଯାଇଛି।

## ଆମ୍ବୁଲାନ୍ସ ଡ୍ରାଇଭର ମୃତ, କ୍ଷତିପୂରଣ ଦାବି

**ରାଉରକେଲା,୧୬।୯(ଦିନେଶ ମିଶ୍ର)**

ଆର୍‌ଏସ୍‌ପିର ଏନ୍‌ଏସ୍‌ପିସିଏଲରେ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରୁଥିବା ଠିକା ଶ୍ରମିକ ରାକେଶ କୁମାର ସାହାରେ(୫୧)ଙ୍କ ମୃତ୍ୟୁ ହୋଇଛି। କାମ କରୁଥିବା ସମୟରେ ହଠାତ ସେ ଅସୁସ୍ଥ ହୋଇପଡିଥିଲେ। ସହକର୍ମୀମାନେ ତାଙ୍କୁ ପ୍ରଥମେ ଏନଏସପିସିଏଲରେ ପ୍ରାଥମିକ ଚିକିତ୍ସା ଓ ପରେ ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଟାଙ୍ଗରପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭।୨୩) ରୁଜୁ କରିଛି। ଅନ୍ୟପକ୍ଷେ ମୃତ ଠିକା ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସିଆଇଟିୟୁର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଷ୍ଟିଲ ଏମ୍ପ୍ଲଇଜ ଟ୍ରେଡ୍ ୟୁନିୟନ ସାଧାରଣ ସମ୍ପାଦକ ବସନ୍ତ ନାୟକ ପ୍ରମୁଖ ଦାବି କରିଛନ୍ତି।

## ଡାଲମିଆ କଲେଜରେ ଚାରା ରୋପଣ




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**କୁତ୍ରା,୧୫।୯(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଝାରବେଡା ସ୍ଥିତ ଡାଲମିଆ କଲେଜରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ହିରନ ଲୁଗୁନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚାରା ରୋପଣ ଦ୍ୱାରା ପରିବେଶ ଓ ଜନ ସମାଜକୁ ମିଳୁଥିବା ଉପକାର ନେଇ ବୁଝାଇଥିଲେ। ସମ୍ମାନିତ ଅତିଥିଭାବେ ଶିବା ସିମେଣ୍ଟ ସିଏସଆର ବିଭାଗ ଅଧିକ୍ଷକ ଅଲେଖ କୁମାର ଦଳେଇ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧାପିକା ଡ. ତବସୁମ ବୋନୋ ସମେତ ଅନ୍ୟ ଅଧାପିକା ଅଧାପକ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଚାରା ରୋପଣ ସହ କଲେଜ ପରିସରରେ ସଫେଇ କାର୍ଯ୍ୟକ୍ରମ ମଧ କରିଥିଲେ।

## କ୍ରୀଡ଼ା ସଙ୍ଗଠକଙ୍କ ବିୟୋଗରେ ଶୋକସଭା

**ସୁନ୍ଦରଗଡ,୧୬।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡର ବିଶିଷ୍ଟ କ୍ରୀଡା ସଙ୍ଗଠକ ଅଭୟ ପଟ୍ଟନାୟକଙ୍କ ବିୟୋଗରେ ଜିଲା କ୍ରୀଡା ସଂସଦ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ଶନିବାର ଷ୍ଟାଡିୟମରେ ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଷ୍ଟାଡିୟମର ଉନ୍ନତି କରଣରେ ସ୍ୱର୍ଗତ ପଟ୍ଟନାୟକଙ୍କ ଅତୁଳନୀୟ ଅବଦାନ ରହିଥିଲା ବୋଲି ସଂସଦର କର୍ମକର୍ତ୍ତା ଓ ସଭ୍ୟମାନେ ମତବ୍ୟକ୍ତ କରିଥିଲେ। ତାଙ୍କ ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରି ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏଥିସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି ଶୋକସଭାରେ କ୍ରୀଡା ସଂସଦର ଉପସଭାପତି ଅଶ୍ୱିନୀ ଭୋଳ, କୋଷାଧକ୍ଷ ତଥା ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ, ସହସମ୍ପାଦକ ଜୟଦେବ ପାତ୍ର, ନିତ୍ୟ କୁମାର ବଳ, ପ୍ରଶାନ୍ତ ପଟେଲ, ସୁଶୀଲ ପଟେଲ, ଶ୍ୟାମ ନନ୍ଦନ ସହାୟ, ରୋମାଞ୍ଚ ଭୈଷାଲ, ଆଶିଷ ଦେ, ପ୍ରଶାନ୍ତ ନାଏକ, ଜଗମୋହନ ରାଉତ, ପୂର୍ବତନ ଜାତୀୟ ଖେଳାଳୀ ତାରାକାନ୍ତ ରକସା,ଚିତ୍ତରଞ୍ଜନ ନାଏକ, ରାଜେନ୍ଦ୍ର ମହାନ୍ତି,ରାକେଶ ରଣା, ଦିଲ୍ଲୀପ ମଗର, ରାଜା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ୨୦୧୦ରୁ ୨୦୧୪ ପର୍ଯ୍ୟନ୍ତ ସେ ଫାଓ ଫୁଟ୍‌ବଲ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଥିଲେ। ଜିଲାର ସେ ପ୍ରଥମ ଜାତୀୟ ଫୁଟ୍‌ବଲ ରେଫରୀ ହେବାର ଗୌରବ ଅର୍ଜନ କରିଥିଲେ। ସେ ଜିଲାରେ ବହୁତ ରେଫରୀ ଗଢିଥିଲେ।



ଶୋକସଭାରେ କ୍ରୀଡ଼ା ସଂସଦର କର୍ମକର୍ତ୍ତା।

## ଓଏମ୍‌ସି ଲୌହଖଣିରେ ପରିବହନକୁ ନେଇ ପ୍ରଶାସନିକ ହସ୍ତକ୍ଷେପ

**ବଣାଇଁ,୧୬।୯ (ପ୍ରଦୀପ ତ୍ରିପାଠୀ)**



ବୈଠକରେ ଉପସ୍ଥିତି ମନ୍ତ୍ରୀ ଓ ଅନ୍ୟମାନେ।

- ଗର୍ଜିଲା ଟିପ୍ପର ମାଲିକ ମହାସଂଘ
- ପଦକ୍ଷେପ ପାଇଁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡର ୫ଟି ଟିପ୍ପର ମାଲିକ ଆସୋସିଏଶନ ବଣାଇଁ, ରାଜାମୁଣ୍ଡା, ଲହୁଣିପଡ଼ା, କଳେଇପୋଷ ଓ ବରସୁଆଁ ମାଲିକଙ୍କୁ ନେଇ ମାଲିକ ମହାସଂଘ ଗଠନ କରାଯାଇ ପିଏଆଇଟିଡିଏ ସଭାଗୃହରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଶ୍ରମ ତଥା ଇଏସ୍‌ଆଇ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକର ମୁଖ୍ୟ ଉଦ୍ଦେଶ୍ୟ (ଓଏମସି) ଖଣ୍ଡାଧାର କୁରୁମିତାର ଲୌହ ଖଣିରେ ଆଗରୁ କେବେ ହସ୍ତକ୍ଷେପ କରୁ ନ ଥିବା ପ୍ରଶାସନ ଏବେ କାହା ସ୍ୱାର୍ଥ ପାଇଁ ସ୍ଥାନୀୟ ଗାଡି ମାଲିକଙ୍କ ପେଟରେ ଲାତ ମାରୁଛି ସେ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମନ୍ତ୍ରୀଙ୍କୁ ନିଜ ଦୁରବସ୍ଥା ସମ୍ପର୍କରେ ସୂଚନା ଦେଇ ମାଲିକମାନେ କହିଥିଲେ, ୨୦୦୪ରୁ ୨୦୧୮ ପର୍ଯ୍ୟନ୍ତ ସମ୍ପୃକ୍ତ ଖଣିରେ ୬ ଚକିଆ ଟିପ୍ପର ଓ ଡାଲା ବଡ଼ି ପରିବହନ କରୁଥିଲେ। ପରେ ୧୦,୧୨,୧୪ ଚକିଆ ଗାଡିକିଣି ପରିବହନ କାର୍ଯ୍ୟ କରୁଛନ୍ତି। ଏଥିସହ ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୨୦୧୯ରେ ଥିଲା ୨.୪ ମିଲିୟନ ଟନ। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପ୍ରସାରିତ ହୋଇ ୬ ମିଲିୟନ ଟନକୁ ବୃଦ୍ଧି ପାଇଥିଲା। ବାର୍ଷିକ ୬ ମିଲିୟନ ଟନ ଉତ୍ପାଦନକୁ ହିସାବ କଲେ ମାସିକ ପ୍ରାୟ ୫ ଲକ୍ଷ ଟନ ଓ ଦିନକୁ ପ୍ରାୟ ୨୦ ହଜାର ଟନ ଉତ୍ପାଦିତ ହେଉଛି। ଏହାକୁ ବିଚାରକୁ ନେଲେ ଅଞ୍ଚଳରେ ଥିବା ମାଲିକଙ୍କ ୧୨ ଓ ୧୪ ଚକିଆ ଗାଡିରେ ପ୍ରାୟ ୭୭୦ ଗାଡି ନିୟୋଜିତ ହୋଇପାରିବେ। ଅଞ୍ଚଳରେ ଥିବା ମାଲିକମାନଙ୍କ ପ୍ରାୟ ୫ ଶହ ଗାଡି ଥିବାରୁ ବାହାରୁ ମଧ ପ୍ରତ୍ୟହ ଗାଡି ପରିବହନରେ ନିୟୋଜିତ ହେଉଛି। ହେଲେ ଏବେ ପ୍ରଶାସନ ଏହି ପରିବହନ କ୍ଷେତ୍ରରେ ହସ୍ତକ୍ଷେପ କରି ୧୬ ଚକିଆ ଟ୍ରକକୁ ମାଲ ପରିବହନ କରିବା ପାଇଁ କାହିଁକି ଅଧିକ ଗୁରୁତ୍ୱ ଦେଉଛି ତାହା ସ୍ପଷ୍ଟ ଜଣା ପଡୁନାହିଁ। ପ୍ରଶାସନର ଏଭଳି ପେଟ ମାରଣ ନୀତି ଯୋଗୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୨ହଜାରରୁ ଊର୍ଦ୍ଧ୍ୱ ରୋଜଗାର ହରାଇବା ସହ ମାଲିକ ମାନେ ଋଣ ପରିଶୋଧ କ୍ଷେତ୍ରରେ ବିଫଳ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ପ୍ରକାଶ ଥାଉକି, ଓଏମ୍‌ଏସି ପରିଚାଳିତ ଶୁଆକାଟି (କେନ୍ଦୁଝର), ଗନ୍ଧମାର୍ଦ୍ଦନ (କେନ୍ଦୁଝର), ସୁକିନ୍ଦା କ୍ରୋମାଇଟ ଖଣି (ଯାଜପୁର ) ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ୧୬ ଚକିଆକୁ ନିଷିଦ୍ଧ କରାଯାଇଥିଲେ ମଧ ଏଠାରେ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥକୁ ବଳି ପକାଇ ପ୍ରଶାସନ କାହିଁକି ଏଭଳି କରୁଛି ସେ ନେଇ ମିଳିତ ମାଲିକ ମହାସଂଘର କର୍ମକର୍ତ୍ତା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଏହାକୁ ଗୁରୁତର ସହ ନେଇ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଏହି ବୈଠକର ଅସ୍ଥାୟୀ ସଭାପତି ରମେଶ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ସମବାୟ ସମିତି ସଭାପତି ତଥା ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ଦାସ, ରମେଶ ଚନ୍ଦ୍ର ନାୟକ, ବିଜୟ କୁମାର ଖଟୁଆ ପଙ୍କଜ ରାୟ, ଗଗନ ବିଶ୍ୱାଳ, ପୂର୍ଣ୍ଣ ଓରାମ, ଲିଂଗରାଜ ସାହୁ, ଆଶିଷ ତ୍ରିପାଠୀ ହୃଷିକେଶ ମାହାନ୍ତ, କାଳିଆ ବିଶ୍ୱାଳ ପ୍ରମୁଖ ଶତାଧିକ ଟିପର ମାଲିକ ଉପସ୍ଥିତ ଥିଲେ। ଏ ନେଇ ସ୍ଥାନୀୟ ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### ଅମିତ ଯୁବ କଂଗ୍ରେସ କମିଟି ପ୍ରବକ୍ତା ନିଯୁକ୍ତ

ଲୋଇସିଂହା,୧୬।୯(ସୁଶାନ୍ତ ବାରିକ)

ଆଖିଳ ଭାରତୀୟ ଯୁବ କଂଗ୍ରେସ କମିଟି ସଭାପତି ଶ୍ରୀନିବାସ ବିଭିଙ୍କ ଅନୁମୋଦନକ୍ରମେ ଲୋଇସିଂହା ବିଧାନସଭା ଯୁବ କଂଗ୍ରେସ କମିଟିର ପୂର୍ବତନ ସଭାପତି ତଥା ସାଧରଣ ସମ୍ପାଦକ



ଅମିତ ନାୟକଙ୍କୁ ଯୁବ କଂଗ୍ରେସ କମିଟିର ପ୍ରବକ୍ତା ଭାବେ ନିଯୁକ୍ତ କରାଯାଇଛି । ଅମିତ ଦୀର୍ଘ ବର୍ଷ ହେଲା ଯୁବକଂଗ୍ରେସର ସଂଗଠକ ଓ ସାମାଜିକ କାର୍ଯ୍ୟକର୍ତ୍ତା ହିସାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ଉପରେ ଭରସା କରିଥିବାରୁ ଅମିତ ଅଖିଳ ଭାରତୀୟ ଯୁବ କଂଗ୍ରେସ କମିଟି ସଭାପତିଙ୍କ ସମେତ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଢ଼ି, ସ୍ମୃତିରଞ୍ଜନ ଲେଙ୍କାଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ୩ ଦିନ ପରେ ମିଳିଲା ମୃତଦେହ

**ମାଛ ଧରିବାକୁ ଯାଇ ନିଖୋଜ ଥିଲେ ପ୍ରମୋଦ**

ଲୋଇସିଂହା, ୧୬।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ପିପିଲିପାଲି ଗ୍ରାମର ୩ ଜଣ ବ୍ୟକ୍ତି ଗୁରୁବାର କୁଲାରୀ ନାଳର ରେଢା ଚେକଡ୍ୟାମକୁ ମାଛ ଧରିବାକୁ ଯାଇଥିବେଳେ ପାଣି ସୁଅରେ ଭାସିଯାଇଥିଲେ । ଆଗଲପୁର ଅଗ୍ନିଶମ ବିଭାଗ ଜଣକୁ ମୃତ ଅବସ୍ଥାରେ ଏବଂ ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ତୃତୀୟ ବ୍ୟକ୍ତି ପ୍ରମୋଦ ପୋଢ ନିଖୋଜ ହୋଇଯାଇଥିଲେ। ଘଟଣାସ୍ଥଳର ଶହେମିଟର ଦୂରରେ ଶନିବାର ପ୍ରମୋଦଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସୂଚନା ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

### ନୂଆଁଖାଇର ତିହାରି ହାଟରେ ଗହଳି

କର୍ଲାମୁଣ୍ଡା,୧୬।୯(ପ୍ରଦୀପ କୁମାର ସାହୁ)

ବୁଧବାର ଗଣପର୍ବ ନୂଆଁଖାଇ। ଏଥିପାଇଁ ଶନିବାର ହେଉଛି ନୂଆଁଖାଇର ତିହାରି ହାଟ। କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ଶନିବାର ବସିଥାଏ ସାପ୍ତାହିକ ହାଟ। ଏହି ହାଟକୁ ନୂଆଁଖାଇ ସାମଗ୍ରୀ କିଣାବିକା କରିବାକୁ ଜନସାଧାରଣ ଆସିଥାନ୍ତି। ନୂଆଁଖାଇ ପୂର୍ବରୁ ଏହି ହାଟ ରହିଥିବାରୁ ଚଳିତବର୍ଷର ନୂଆଁଖାଇ ପାଇଁ ଆବଶ୍ୟକ ସାମଗ୍ରୀ ଯଥା ପନିପରିବା, ପରିବାର ଲୋକଙ୍କ ପାଇଁ ଡ୍ରେସ, ଶାଢୀ, ଧୋତି, ଦେଶୀ କୁକୁଡ଼ା, ଛେଳି, ମେଣ୍ଢା, ବତକ ପ୍ରଭୃତି ଲୋକେ କିଣି ନେଇଥାନ୍ତି। ବିଶେଷକରି ନୂଆ ଧାନ, ନୂଆ ଚୁଡା ଓ ଶାଳପତ୍ରରେ ତିଆରି ଖଲି ଓ ଦନା ତଥା ମାଟି ସରେଇ ଏହି ହାଟରେ ଉପଲବ୍ଧ ହେଉଥିବାରୁ ତାହା କିଣିବା ପାଇଁ ଭିଡ଼ ହୋଇଥାଏ।



ଅଖିଳ ଭାରତୀୟ ବହୁଭାଷୀ ନାଟ୍ୟ ମହୋତ୍ସବରେ ଅଂଶଗ୍ରହଣ କରିଥିବା କଳାହାଣ୍ଡି କଳାକାର।

# କମାଲ ଦେଖାଇଲେ କଳାହାଣ୍ଡି କଳାକାର

**ପୁଣି ଚମକିଲେ କଳାହାଣ୍ଡି କଳାକାର**

■ନାଗପୁରରେ ମଞ୍ଚସ୍ଥ ହେଲା ନାଟକ 'ରିନ୍ଦୋ-୧୮୫୫'

ଭବାନୀପାଟଣା,୧୬।୯(ଉତ୍ତମ କୁମାର ଦାଶ)

ରାଜ୍ୟ ବାହାରେ କଳାହାଣ୍ଡିର କଳାକାରମାନଙ୍କ କମାଲ ଦେଖିବାକୁ ମିଳିଛି। ମହାରାଷ୍ଟ୍ରର ନାଗପୁରଠାରେ ସଂସ୍କାର ଭାରତୀ ପକ୍ଷରୁ 'କ୍ରାନ୍ତିଗାଥା' ଶୀର୍ଷକରେ ଅଖିଳ ଭାରତୀୟ ବହୁଭାଷୀ ନାଟ୍ୟ ମହୋତ୍ସବରେ କଳାହାଣ୍ଡିର ନାଟକ 'ରିନ୍ଦୋ-୧୮୫୫' ମଞ୍ଚସ୍ଥ ହୋଇଯାଇଛି। ଓଡ଼ିଶାରୁ ମନୋନୀତ ଏକମାତ୍ର ନାଟକ ଭାବେ ଏହା ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ମହାରାଷ୍ଟ୍ର ସଂସ୍କୃତି ମନ୍ତ୍ରୀ ସୁଧୀରଜି ମୁନଙ୍ଗ ଟିୱାର, ସଂସ୍କାର ଭାରତୀ ଉପାଧ୍ୟକ୍ଷ ତଥା ସିନେ ତାରକା ନୀତିଶ ଭରଦ୍ୱାଜ, ସଙ୍ଗୀତ ନାଟକ ଏକାଡେମୀ ସଚିବ ସନ୍ଧ୍ୟା ପୁରେଚା ପ୍ରମୁଖ ଉଦ୍‌ଘାଟନ କରିବା ସହ ନାଟକଟିକୁ ଉପଭୋଗ କରିଥିଲେ। କବିବର ସୁରେଶ ଭଟ୍ଟ ସଭାଗୃହରେ ଆୟୋଜିତ ଏହି ନାଟକ ଉତ୍କଳ ପଶ୍ଚିମ ପ୍ରାନ୍ତ ଓଡ଼ିଶା ପକ୍ଷରୁ ପ୍ରଯୋଜିତ ହୋଇଥିବାବେଳେ ପରମେଶ୍ୱର ମୁଣ୍ଡ ରଚନାରେ ଯୁବ ନିର୍ଦ୍ଦେଶକ ସୌରଭ ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ। ବିଭିନ୍ନ ଭୂମିକାରେ ମାନସ ପଣ୍ଡା, ରାମେଶ୍ୱର ତ୍ରିପାଠୀ, ତ୍ରିମୋହନ ସାହୁ, ଶୁଭମ ବେହେରା, ଅମରେନ୍ଦ୍ର ମହାନ୍ତି, ଡିଲେଶ୍ୱର ରଣା, ଧନଞ୍ଜୟ ସାହୁ, ଆଲୋକ କୁମାର ସାହୁ, ଅନୀଲ ବୈଠାରୁ, କେ. ଗୋପୀଧର ନାୟର, ସନମତ ପ୍ରଧାନ, ଅବିନାଶ ଅଗସ୍ତି, ମାନସିପ୍ରଭା ନାୟକ, ଶାଳିନୀ ପ୍ରଧାନ ଅଭିନୟ କରିଥିଲେ। କଳାହାଣ୍ଡି କଳାକାରମାନଙ୍କ ଚମତ୍କାର ଅଭିନୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କଳାହାଣ୍ଡିର କଳାକାର ପୁଣି ନିଜର ଚମକ ଦେଖାଇଥିଲେ। ସଙ୍ଗୀତ ପରିଚାଳନା କରିଥିଲେ ଚକ୍ରଧର ମହାରଣା, ପ୍ରେମଲାଲ ନାଏକ ଓ ଲିପ୍ସା ମହାରଣା। ରୂପ ଓ ମଞ୍ଚସଜ୍ଜା ଦାୟିତ୍ୱରେ ଥିଲେ ଗୁରୁ ପ୍ରଭାସଚନ୍ଦ୍ର ମିଶ୍ର। ଏଥିରେ ଭାରତବର୍ଷର ବିଭିନ୍ନ ରାଜ୍ୟରୁ ନାଟକଗୁଡିକ ମଞ୍ଚସ୍ଥ ହୋଇଥିଲା। କଳାହାଣ୍ଡି କଳାକାରଙ୍କ ମଞ୍ଚସ୍ଥ ନାଟକ ସମସ୍ତଙ୍କଠାରୁ ସ୍ୱତନ୍ତ୍ର ହୋଇଥିଲା।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ

ଲାଞ୍ଜିଗଡ଼,୧୬।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ନିକଟସ୍ଥ ଧଅଁରାଭଟାସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶିବାଜୀ ମାଝି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଶରତ ସାହୁ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝୀ, ସମିତିସଦସ୍ୟ ଅଜିତ କୁମାର ପ୍ରଧାନୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରିହର କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବେଦବ୍ୟାସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତ୍ୟୁଷରଞ୍ଜନ ଦାସ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରିହର କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଦିନ ତମାମ ଅଭିଭାବକମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିବାବେଳେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ କୁମାର ବଳିୟାର ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରେମାନନ୍ଦ ବେଶ୍ରା, ଦେବରାଜ ରାଉତ, ଘନଶ୍ୟାମ ସାହୁ, ଚୈତନ୍ୟ ଚଣ୍ଡି, ଶିବପ୍ରସନ୍ନ ବାସୁରୀ, ସୁରେଶ ସାହୁ, ପଦ୍ମମୁଖ ରଣା, ରଶ୍ମିତା ନାଏକ, ରୋଜିସ୍ମିତା ସାହୁ, ଗୀତାଞ୍ଜଳି ରାଉତ, ଅମ୍ବିକା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଯୋଗାଣ ବିଭାଗ, ବନ ବିଭାଗ, ଶିକ୍ଷା ବିଭାଗ, ସାମାଜିକ ସଶକ୍ତିକରଣ ବିଭାଗ, ମିଶନଶକ୍ତି ଆଦି ବିଭାଗ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆକର୍ଷଣୀୟ ପ୍ରଦର୍ଶନୀ ଷ୍ଟଲମାନ ଖୋଲାଯାଇଥିଲା।




ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ମୋଟେରରେ ପହଞ୍ଚିଲା ମାଟି ସଂଗ୍ରହ ଅଭିଯାନ



ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା।

କୋକସରା,୧୬।୯(ଦୁଷ୍ମନ୍ତ କୁମାର ପାଟଯୋଷୀ)

ଆଜାଦି କି ଅମୃତ ମହୋତ୍ସବର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶର ଶହୀଦ ଯବାନଙ୍କ ସ୍ମୃତି ଓ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଦିଲ୍ଲୀରେ ଏକ ଅମୃତ ବାଟିକା ଉଦ୍ୟାନ ନିର୍ମାଣ ହେବ। ଏଥିପାଇଁ ସାରାଦେଶରୁ ମାଟି ସଂଗ୍ରହ କରିବା ପାଇଁ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୋଜିତ ହେଉଥିବା ବେଳେ ମଙ୍ଗଳବାର ଆମପାଣି ବୁଢ଼ାରଜା ମନ୍ଦିରରୁ ପ୍ରଭୂ ବୁଢ଼ାରଜାଙ୍କ ନିକଟରେ ମାଟି କଳସ ପୂଜାର୍ଚ୍ଚନା ପରେ ସେଠାରୁ ମାଟି ସଂଗ୍ରହ କରିବା ଅଭିଯାନ ଆରମ୍ଭ ହୋଇଥିଲା। ଶନିବାର ଏହି ଅଭିଯାନ ମୋଟେର ପଞ୍ଚାୟତରେ ପହଞ୍ଚିଛି। ମୋଟେର ବସଷ୍ଟାଣ୍ଡ ନିକଟରେ ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା ଦଳର ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା ନିଜ ଉଦବୋଧନରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଭାଜପା ନେତ୍ରୀ ତଥା କଳାହାଣ୍ଡି ବିକାଶ ପରିଷଦର ଅଧ୍ୟକ୍ଷା ଡ଼. ସୁନୀତି ମୁଣ୍ଡ, କଳାହାଣ୍ଡି ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିଜୟଦେ ସାହୁ, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ଼ଧଜ ମାଝି, କୋକସରା ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର, ଅପ୍ରେସ ସ୍ୱାଇଁ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଗଣେଶ ନନ୍ଦ, ମୋଟେର ମଣ୍ଡଳ ସଭାପତି ସ୍ୱୟଂବର ବାଗ, ସୁଜିତ ସିଂ ରାଜପୁତ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଟ୍ରେନରେ ଦୁଇଯାତ୍ରୀଙ୍କ ତଣ୍ଟି କଟା ମାମଲା, ୨ଗିରଫ

ଟିଟିଲାଗଡ, ୧୬।୯(ଶରତ ମିଶ୍ର)

ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ ଟ୍ରେନରେ ଗତ ୧୪ ତାରିଖରେ ଦୁଇଜଣ ଯାତ୍ରୀଙ୍କ ଗଳା କାଟି ହତ୍ୟା ଉଦ୍ୟମ ନେଇ ଅଭିଯୁକ୍ତ ଗଞ୍ଜାମ ଜିଲା ଆସ୍କା ଥାନା ଜାନିବିଲ ଗ୍ରାମର ଚଗଲା ନାୟକଙ୍କୁ ଶନିବାର ଟିଟିଲାଗଡ଼ ରେଳବାଇ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଟିଟିଲାଗଡ଼ ଉପକାରରାଗରକୁ ପଠାଇ ଦିଆଯାଇଛି। ସୂଚନା ଯେ ଗତ ୧୪ ତାରିଖରେ ଉକ୍ତ ଟ୍ରେନର ସାଧାରଣ ବଗିରେ ଗଞ୍ଜାମ ଜିଲା ଲକ୍ଷ୍ମୀପୁର ଅଞ୍ଚଳର ବି.ଚନ୍ଦ୍ରଶେଖର ରେଡ୍ଡୀ, ସିକନ୍ଦରାବାଦର ବି.ତ୍ରିନାଥ ଯାତ୍ରା କରୁଥିଲେ। ତେବେ ସିଟ୍‌ରେ ବସିବାକୁ ନେଇ କୁଆଡେ ନିଜ ପତ୍ନୀଙ୍କ ସହ ଉକ୍ତ ଟ୍ରେନରେ ଯାତ୍ରା କରୁଥିବା ଚଗଲା ନାୟକଙ୍କ ସହ ଯାତ୍ରୀ ତ୍ରିନାଥଙ୍କର କଣ୍ଟାବାଞ୍ଜି ଟିଟିଲାଗଡ଼ ରେଳ ଷ୍ଟେଶନରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଚଗଲା ଧାରୁଆ ଅସ୍ତ୍ରରେ ତ୍ରିନାଥଙ୍କ ତଣ୍ଟିରେ ଆକ୍ରମଣ କରିଥିଲେ। ପାଖରେ ଥିବା ଯାତ୍ରୀ ଚନ୍ଦ୍ରଶେଖର ପାଟି କରିବାରୁ ଚଗଲା ତାଙ୍କ ବେକକୁ କରିଥିବା ଅଭିଯୋଗ ହୋଇଥିଲା। ପରେ ଚଗଲା ତାଙ୍କ ସ୍ତ୍ରୀଙ୍କ ପ୍ରତି ଦୁର୍ବ୍ୟବହାର ହେବାରୁ ସେ ଆକ୍ରମଣ କରିଥିଲେ ବୋଲି କହିଥିଲେ। ଟିଟିଲାଗଡ଼ ରେଳ ଜଙ୍କସନରେ ରେଳ ସୁରକ୍ଷା ବଳ ଉଭୟ ଆହତଙ୍କୁ ଡାକ୍ତରଖାନା ପଠାଇଥିଲେ। ଉଭୟ ଆହତ ସୁସ୍ଥ ହୋଇ ଘରକୁ ଚାଲିଯାଇଛନ୍ତି। ଚଗଲା ଜେଲଯାଇଥିବା ବେଳେ ତାଙ୍କ ସ୍ତ୍ରୀଙ୍କୁ ବଲାଙ୍ଗୀର ସଖି ଅନୁଷ୍ଠାନ ହସ୍ତାନ୍ତର କରାଯାଇଛି।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଦେଓଗାଁ,୧୬।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁରେ ଉଦ୍ୟାନ ବିଭାଗ ପକ୍ଷରୁ ଏକଦିବସୀୟ ଉଦ୍ୟାନ କୃଷି କର୍ମଶାଳା ଶନିବାର ଅନଷ୍ଠିତ ହୋଇଯାଇଛି। ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତଙ୍କ ପରିଚାଳନା ତଥା ଉଦ୍ୟାନ ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସ୍ଥାନୀୟ ସରପଞ୍ଚ ରାଜ କିଶୋର ଭୋଇ, ସନସାଇନ କୃଷକ ଉତ୍ପାଦକ ସଂଗଠନ ନିର୍ଦ୍ଦେଶକ ଅଶୋକ କୁମାର ରଣା, ବ୍ଲକ ମତ୍ସ୍ୟ ଅଧିକାରୀ ସ୍ନିଗ୍ଧା କହଁର, ତୁରେକେଲା ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ତିର୍ଯ୍ୟକ ଦାଶ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ସ୍ଥାନୀୟ ସମିତି ସଭ୍ୟା ପ୍ରମୁଖ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଅବଗତ କରିଥିଲେ। ୱାଇସିଡିଏ ଓ ରିଲାଏନ୍ସ ଫାଉଣ୍ଡେସନର ରୁଦ୍ର ବଗର୍ତ୍ତି ସଂଗଠନ ପକ୍ଷରୁ ହାତକୁ ନିଆଯାଇଥିବା କାର୍ଯ୍ୟ ଉପରେ ଅବଗତ କରିଥିଲେ। ଏଫଇଏସ ର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ମୃତ୍ତିକା ପରିଚାଳନା, ସମନିତ ରୋଗ ପୋକ ପରିଚାଳନା, ଜଳ ସଂଚାଳନ ବିଷୟରେ ଚାଷୀଙ୍କୁ ସଚେତନ କରିଥିଲେ। କର୍ମଶାଳାରେ ବିଶେଷ କରି ଆମ୍ବ, ଫୁଲ ଓ ମସଲା ଚାଷକୁ ଏକ ମିଶନ ଭାବେ ନିଆଯାଇଥିବା ଚାଷୀଙ୍କୁ ଅବଗତ କରାଯାଇଥିଲା । ଉଦ୍ୟାନ କର୍ମଚାରୀ ହିମାଂଶୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

## ୨୫୧ ଏସ୍‌ଏଚ୍‌ଜିକୁ ୬କୋଟି ୨୧ଲକ୍ଷ ଟଙ୍କାର ଋଣ ବଣ୍ଟନ

ଦେଓଗାଁ,୧୬।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ଶନିବାର ସ୍ୱୟଂ ସହାୟକ ଦଳକୁ ଋଣ ବଣ୍ଟନ କରାଯାଇଛି । ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ଜରାସିଂହା ଶାଖା ପରିଚାଳକ ଦେବୀଦତ୍ତ ନେଗୀ ପ୍ରମୁଖ ଯୋଗଦେଇ ବ୍ଲକର ୨୫୧ଟି ସ୍ୱୟଂ ସହାୟକ ଦଳର ସଦସ୍ୟାଙ୍କୁ ଚେକ ମାଧ୍ୟମରେ ୬କୋଟି ୨୧ଲକ୍ଷ ୫ହଜାରଟଙ୍କାର ଋଣ ପ୍ରଦାନ କରିଥିଲେ। ମିଶନ ଶକ୍ତିର ବିପିସି ଭକ୍ତି ଭୂଷଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଧାରଣାସ୍ଥଳକୁ ଆସିଲେ ବ୍ଲକ କଂଗ୍ରେସ ସଭାପତି

**ଶିକ୍ଷକ ସଂଘକୁ ସମର୍ଥନ**

କର୍ଲାମୁଣ୍ଡା,୧୬।୯(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାମୂହିକ ଛୁଟି ନେବା ଓ ଗଣଧାରଣାର ଶନିବାର ହେଉଛି ଚତୁର୍ଥ ଦିବସ। ଶନିବାର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଧାରଣା ସ୍ଥଳକୁ କର୍ଲାମୁଣ୍ଡା 'ଖ' ଯୋନ ଜିଲା ପରିଷଦ ସଭ୍ୟ ତଥା କଂଗ୍ରେସ ବ୍ଲକ ସଭାପତି ସୁରେଶ ଚୌଧୁରୀ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉତ୍ସାହିତ କରିବା ସହ ରାଜ୍ୟସରକାରଙ୍କୁ କଡା ସମାଲୋଚନା କରିଥିଲେ। ତେବେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାବିଗୁଡିକୁ ସରକାର କୌଣସି ସମାଧାନ କରୁ ନ ଥିବା ଦୁର୍ଭାଗ୍ୟର ବିଷୟ ବୋଲି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରୋହିତ କୁମାର ରଣା ଓ ସମ୍ପାଦକ ସୁଦର୍ଶନ ସାହୁ କହିଛନ୍ତି। ବ୍ଲକର ୬୨ଟି ବିଦ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଫଳର ଛାତ୍ରୀଛାତ୍ରଙ୍କ ପାଠପଢା ବାଧାପ୍ରାପ୍ତ ହୋଇଛି।



ଶିକ୍ଷକଙ୍କ ଧାରଣାସ୍ଥଳରେ କଂଗ୍ରେସ ବ୍ଲକ ସଭାପତି ସୁରେଶ ଚୌଧୁରୀ।

# ଥୁଆମୂଳ ରାମପୁରରେ କମ୍ପାନୀ ସପକ୍ଷରେ ଶାସକ ଦଳ

ଭବାନୀପାଟଣା,୧୬।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ଗତ ମାର୍ଚ୍ଚ ୨୬ ତାରିଖ ଠାରେ ସାଇନିଂ କଳାହାଣ୍ଡି ପକ୍ଷରୁ ଏକ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡିର ସ୍ଥାନୀୟ ଅନେକ ନେତା,ପଦପଦବୀରେ ଥିବା କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲାର ଜନସ୍ୱାର୍ଥ ଓ ସାମୂହିକ ଦାବିକୁ ଦୃଷ୍ଟିରେ ରଖି ବେଦାନ୍ତକୁ ତୁରନ୍ତ ବକ୍ସାଇଟ ଖଣି ଲିଜରେ ଦିଆଯାଉ ବୋଲି ସାଇନିଂ କଳାହାଣ୍ଡି ପକ୍ଷରୁ ଦାବି କରାଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମ ପରେ ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯିବା ସହ ଆଦିବାସୀ ସଂଘ ପକ୍ଷରୁ ମଧ୍ୟ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଥିଲା। ଏପରିକି ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ କଡା ସମାଲୋଚନା କରାଯାଇଥିଲା। ପରେ ଶାସକ ଦଳ ବିଜେଡି ମଧ୍ୟ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ସାଇନିଂ କଳାହାଣ୍ଡିର ଅଧ୍ୟକ୍ଷ ତଥା ବିଜେଡିର ରାଜ୍ୟ ପରିଷଦ ସଦସ୍ୟ ଡ.ଭବାନୀ ଶଙ୍କର ନିଆଲଙ୍କୁ ଦଳରୁ ବହିଷ୍କାର କରିଥିଲା। ଏହା ସହ ଏକ ଖବରଦାତା ସମ୍ମିଳନୀ କରି ଆଦିବାସୀଙ୍କ ସହ ବିଜେଡି ସବୁବେଳେ ଅଛି ବୋଲି କହିଥିଲା। ଏପରିସ୍ଥଳେ ଶନିବାର ଜିଲାର ଥୁଆମୂଳ ରାମପୁରରେ ସ୍ଥାନୀୟ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ କମ୍ପାନୀ ସପକ୍ଷରେ ବାହାରିବା ଘଟଣା ସାଧାରଣରେ ଏବେ ଚର୍ଚ୍ଚାର ବିଷୟ।

ଏଥିରେ ସ୍ଥାନୀୟ ସିଜିମାଲି ଖଣି ଖନନ କରିବା ପାଇଁ ବେଦାନ୍ତକୁ ଦେଲେ ଅଞ୍ଚଳର ଜନସାଧାରଣଙ୍କ ଉନ୍ନତି ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ସେହିପରି ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ନରେନ୍ଦ୍ର ମହାନ୍ତି ଅଞ୍ଚଳର ଗାଁକୁ ଗାଁ ଯାଇ ଖଣି ଖନନକୁ ବିରୋଧ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ପ୍ରବର୍ତ୍ତାଉଥିବା ଅଭିଯୋଗ କରିଛନ୍ତି। ଭବାନୀପାଟଣା ଖବରଦାତା ସମ୍ମିଳନୀରେ ବିଜେଡି ସବୁବେଳେ ଆଦିବାସୀ ସହ ଅଛି ବୋଲି କହିବା ସହ ଖଣି ଖନନ କାର୍ଯ୍ୟକ୍ରମକୁ ବିରୋଧ କରୁଥିବାବେଳେ ଥୁଆମୂଳ ରାମପୁରରେ କିନ୍ତୁ ଏହାର ଚିତ୍ର ଓଲଟା ଦେଖିବାକୁ ମିଳିଛି। ଲାଞ୍ଜିଗଡ ବ୍ଲକ ଭଳି ଥୁଆମୂଳ ରାମପୁର ବ୍ଲକରେ ମଧ୍ୟ ଆଦିବାସୀ ସମ୍ପ୍ରଦାୟର ଲୋକେ ଅଧିକ ବସବାସ କରୁଥିବାବେଳେ ଏଠାରେ କେମିତି ଦଳର ଭିନ୍ନ ମତ ରହୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଭବାନୀପାଟଣାରେ ରାଜ୍ୟ ପରିଷଦ ସଦସ୍ୟଙ୍କୁ ବହିଷ୍କାର କରାଯାଇଥିବାବେଳେ ଥୁଆମୂଳ ରାମପୁର ଖବରଦାତା ସମ୍ମିଳନୀରେ ନେତୃତ୍ୱ ନେଇଥିବା କର୍ମକର୍ତ୍ତାଙ୍କ ଉପରେ ଦଳ ପକ୍ଷରୁ କି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା। ମିଳିଥିବା




ଥୁଆମୂଳ ରାମପୁରରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

**ଭବାନୀପାଟଣାରେ ଦୁଃଖ ପ୍ରକାଶ ସହ କାର୍ଯ୍ୟାନୁଷ୍ଠାନ**

ସୂଚନା ଅନୁଯାୟୀ,କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଓ ରାୟଗଡା ଜିଲା କାଶୀପୁର ବ୍ଲକ ମଧ୍ୟରେ ଥିବା ଏହି ସିଜିମାଲି ଖଣି ଖନନକୁ ସ୍ଥାନୀୟ ଲୋକେ ବିରୋଧ କରୁଥିବା ଅଭିଯୋଗ ହୋଇଛି। କାରଣ ଏହି ଖଣି ଖନନ ହେଲେ ଅଞ୍ଚଳର ପ୍ରାକୃତିକ ପରିବେଶ ନଷ୍ଟ ହେବା ସହ ସ୍ଥାନୀୟ ଆଦିବାସୀଙ୍କ ଜୀବନ ଜୀବକା ଉପରେ ପ୍ରଭାବ ପଡିବ ବୋଲି ଆଶଙ୍କା କରାଯାଉଛି। ଏହାକୁ ମୈତ୍ରୀ କମ୍ପାନୀ ଖନନ କରି ବେଦାନ୍ତଙ୍କୁ ବକ୍ସାଇଟ ଯୋଗାଇବ ବୋଲି କୁହାଯାଉଛି। ଏ ନେଇ ଭାଜପା ଯୁବ ନେତା ରୋହିତ ଦୁର୍ଗାଙ୍କୁ ପଚାରିବାରୁ ଏହା ବିଜେଡିର ଦୋମୁହାଁ ନୀତି। ଖଣି ଖନନ ହେଲେ ଯଦି ପ୍ରାକୃତିକ ପରିବେଶ ନଷ୍ଟ ହେବ ଓ ଆଦିବାସୀଙ୍କ ଜୀବନଶୈଳୀ ଉପରେ ପ୍ରଭାବ ପକାଇବ ତା'ହେଲେ ଆଗାମୀ ଦିନରେ କମ୍ପାନୀ ବିରୋଧରେ ଏହାର ଉଚିତ ଜବାବ ଦିଆଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ପୋଲିସକୁ ଚକମା ଦେଇ ଅଭିଯୁକ୍ତ ଫେରାର

**ରାଉରକେଲା,୧୬।୯(ଦିନେଶ ମିଶ୍ର):** ଆର୍‌ପିଏଫ୍‌କୁ ଚକମା ଦେଇ ଜଣେ ଅଭିଯୁକ୍ତ ଶନିବାର ଫେରାର ହୋଇଯାଇଛନ୍ତି। ସେ ହେଲେ ପାନପୋଷ ତାରିଣୀ ମନ୍ଦିର ପଛପଟ ବସ୍ତିର ବାବନ ଓରଫ ଏସ୍‌.କେ ଗୁଲଜାର(୩୦) । ଏ ନେଇ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି। ସୂଚନା ଅନୁସାରେ, ବାବନ ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନମ୍ବର ୪ ଓ ୫ରୁ ଗତ ୧୫ ତାରିଖ ରାତିରେ ଯାତ୍ରୀଙ୍କ ମୋବାଇଲ ଚୋରି କରି ଫେରାର ହେଉଥିବା ସମୟରେ ଆରପିଏଫ ତାଙ୍କୁ କାବୁ କରିବା ସହ ତାଙ୍କଠାରୁ ୨ଟି ସ୍ମାର୍ଟଫୋନ ଜବତ କରିଥିଲା। ଏ ନେଇ ଆରପିଏଫ ପୋଲିସ ଏକ ମାମଲା (ନଂ.୧୧୮।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରୁଥିଲେ। କୋର୍ଟ ଯିବାବେଳେ ଭାଟିରୋଡ୍ ଇଦ୍‌ଗା ପଡିଆ ନିକଟରେ ପୋଲିସକୁ ଚକମା ଦେଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

### ଡିଭାଇଡରରେ ପିଟିହୋଇ ବୃଦ୍ଧ ମୃତ

**ରାଉରକେଲା,୧୬।୯(ଦିନେଶ ମିଶ୍ର):** ରାସ୍ତାରେ ପଡିଯିବାରୁ ଶନିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚାମା ଓରାମ(୬୦)। ଏ ନେଇ ରଘୁନାଥପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦୩।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ଚାନ୍ଦିପୋଷ ବୁଲାଇକୁଦା ଗ୍ରାମର ଚାମା ଶନିବାର ସକାଳ ସାଢେ ୯ଟାରେ ଘର ପାଖ ବଜାରକୁ ସାମଗ୍ରୀ କିଣିବାକୁ ଯାଉଥିବାବେଳେ ହଠାତ ତାଙ୍କ ସମ୍ମୁଖକୁ ଏକ ଗାଡି ଆସିଯିବାରୁ ସେ ରାସ୍ତାରେ ପଡିଯାଇଥିଲେ। ତାଙ୍କ ମୁଣ୍ଡ ରାସ୍ତାର ଡିଭାଇଡରରେ ଖୁବ ଜୋରରେ ପିଟି ହୋଇଯାଇଥିଲା। ତାଙ୍କୁ ଚିକିତ୍ସା ଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସରକାରୀ ସ୍ୱୟଂଶାସିତ କଲେଜରେ ଓଜୋନ ଦିବସ

**ରାଉରକେଲା,୧୬।୯(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସହରର ପାନପୋଷସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର ବିଶ୍ୱ ଓଜୋନ ଦିବସ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫେସର ବେହେରା କହିଥିଲେ, ଅତ୍ୟଧିକ ରାସାୟନିକ ପଦାର୍ଥ ବ୍ୟବହାର ତଥା ଅଙ୍ଗାରକାମ୍ଳ ନିର୍ଗମନ ଦ୍ୱାରା ବାୟୁମଣ୍ଡଳର ଉପର ଓ ନିମ୍ନସ୍ତରରେ ଥିବା ଓଜୋନ ସ୍ତରରେ କ୍ଷତି ହେଉଛି। ଓଜୋନ ସ୍ତର ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାକୁ ଅକ୍ଷତ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖକୁ 'ବିଶ୍ୱ ଓଜୋନ ଦିବସ' ଭାବେ ପାଳନ କରାଯାଉଛି। ଓଜୋନ ସ୍ତରର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ଏଥିପ୍ରତି ସଜାଗ ରହିଲେ ଏକ ସୁସ୍ଥ ପୃଥିବୀ ପରବର୍ତ୍ତୀ ପିଢିକୁ ସ୍ୱାଗତ କରିବ ବୋଲି ପ୍ରଫେସର ବେହେରା କହିଥିଲେ। ଏହି ଅବସରରେ ଚଳିତବର୍ଷ ବିଶ୍ୱ ଓଜୋନ ଦିବସର ବାର୍ତ୍ତା 'ଓଜୋନ ସ୍ତରକୁ ସନ୍ତୁଳିତ ରଖିବା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ହ୍ରାସ କରିବା'କୁ ନେଇ ମହାବିଦ୍ୟାଳୟର ଯୁକ୍ତ ୨, ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ଶତାଧିକ ଛାତ୍ରୀଛାତ୍ର ପ୍ରାଚୀରପତ୍ର ପ୍ରସ୍ତୁତି ଓ ପ୍ରଦର୍ଶନ କରିଥିଲେ। ଏହା ମାଧ୍ୟମରେ ଓଜୋନ ସ୍ତର ହ୍ରାସ ସମ୍ପର୍କିତ ବିଭିନ୍ନ ବାର୍ତ୍ତା ଦିଆଯାଇଥିଲା। ପ୍ରାଣୀ ବିଭାଗ ମୁଖ୍ୟ ସମିର ସୌରଭ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଲିପିତା ପାତ୍ରଙ୍କ ସମେତ ଇଂରାଜୀ ଭାଷା ବିଭାଗର ଡ. ସୁରତ ଗିରି ଏବଂ ଇତିହାସ ବିଭାଗର ମୁଖ୍ୟ ବାସନ୍ତି କୁଜୁର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ମନିଷା ନାୟକ, ଶିକ୍ଷା ବିଭାଗର ମୁଖ୍ୟ ଲଳିତା ଏମ୍‌. ବାର୍ଲା ଓ ରସାୟନ ବିଭାଗର ମୁଖ୍ୟ ସସ୍ମିତା ସାମଲ ପ୍ରତିଯୋଗିତାର ବିଚାରକ ଥିଲେ। ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ପାର୍କ ପାଲଟିଛି ଅସାମାଜିକଙ୍କ ଆଡ୍ଡା

**ରାଉରକେଲା,୧୬।୯(ଦିନେଶ ମିଶ୍ର)**




ଆର୍‌ଏମ୍‌ସି ଅଫିସ ସମ୍ମୁଖ ସୁଭାଷ ଚନ୍ଦ୍ର ବୋଷ ପାର୍କ।

ରାଉରକେଲା ସହରବାସୀଙ୍କ ମନୋରଞ୍ଜନ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପାର୍କଗୁଡିକ ବର୍ତ୍ତମାନ ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ହୋଇ ପଡିରହିଛି। ସନ୍ଧ୍ୟା ହେଲେ ପାର୍କ ଭିତରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଏଭଳି ଉଦିତନଗର ସ୍ଥିତ ଆରଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ ନେତାଜୀ ସୁବାଷ ଚନ୍ଦ୍ର ବୋଷ ପାର୍କରେ ଦେଖିବାକୁ ମିଳିଛି।

ରାଉରକେଲା ସ୍ମାର୍ଟସିଟି ପକ୍ଷରୁ ୨୦୧୮ ନଭେମ୍ବର ୪ରେ ଏହି ପାର୍କ ଲୋକାର୍ପିତ ହୋଇଥିଲା। ପାର୍କରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବ୍ୟାୟାମ ଉପକରଣ ସାଙ୍ଗକୁ ଶିଶୁ ଦୋଳି, କୃତ୍ରିମ ବଗିଚା, ସାଂସ୍କୃତିକ ମଣ୍ଡପ, ୱାକିଂ କରିବା ପାଇଁ ଟାଇଲ୍‌ସ ପାଥ୍ ନିର୍ମାଣ କରାଯାଇଥିଲା। ପାର୍କଠାରୁ ମାତ୍ର ଶହେ ମିଟର ଦୂରରେ ଉଦିତନଗର ଥାନା ଥିବାରୁ ଏଠାରେ ବିଶୃଙ୍ଖଳା ପରିସ୍ଥିତପ୍ରି ସୃଷ୍ଟି ହେଉ ନ ଥିଲା। ସନ୍ଧ୍ୟା ହେଲେ ପାର୍କ ଭିତରକୁ ଲୋକେ ପରିବାର ଧରି ଆସୁଥିଲେ। ପାର୍କ ଭିତରେ ଶାନ୍ତିଶୃଙ୍ଖଳା ବଜାଇ ରଖିବା ପାଇଁ ଆରଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ସିକ୍ୟୁରିଟି ବ୍ୟବସ୍ଥା କରାଯାଇଥିଲା। କିନ୍ତୁ କାଳକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ

**ପଡିଛି ମଦ ବୋତଲ ଓ ଆପତ୍ତିଜନକ ସାମଗ୍ରୀ**

ପାର୍କଟି ବନ୍ଦ ହୋଇଯାଇଥିଲା। ପରେ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଏହି ପାର୍କର ଗେଟ୍‌ରେ ଚାବି ପକାଇ ଦେଇଥିଲେ। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେଲେ ପାର୍କ ଖୋଲାଯାଉଥିଲା। ବର୍ତ୍ତମାନ ପାର୍କ ସମ୍ମୁଖ ଗେଟ୍‌ରେ ତାଲା ପଡିଥିବାବେଳେ ପଛପଟ ପାଚେରି ଗେଟ୍ ଖୋଲା ରହିଛି। ଫଳରେ ସନ୍ଧ୍ୟା ହେଲେ ପାର୍କ ଭିତରକୁ ଅସାମାଜିକ ଯୁବକମାନେ ପଶି ମଦ୍ୟପାନ କରିବା ସହ ଅନୈତିକ କାର୍ଯ୍ୟ କରୁଛନ୍ତି। ପାର୍କ ପାଖରେ ଥିବା ଶୀତଳପଡା, ଗଡିଆଟୋଲା ଓ ଓରାମପଡା ବସ୍ତିର କିଛି ଯୁବକ ଉକ୍ତ ପାର୍କରେ ଆଡ୍ଡା ଜମାଉଛନ୍ତି। ବର୍ତ୍ତମାନ ପାର୍କର ବିଭିନ୍ନ ସ୍ଥାନରେ ମଦବୋତଲ ସାଙ୍ଗକୁ ପ୍ଲାଷ୍ଟିକ ଗ୍ଲାସ ପଡିରହିଥିବା ଦେଖିବାକୁ ମିଳୁଛି। ପାର୍କରେ ଥିବା ବ୍ୟାୟାମ ଉପକରଣ ଭାଙ୍ଗି ଯାଇଥିବାବେଳେ ପିଲାଙ୍କ ଦୋଳି ଛିଣ୍ଡି ଯାଇଛି। ଅଧିକାଂଶ ଲାଇଟ ଜଳୁନାହିଁ। ଜନସାଧାରଣଙ୍କ ପାଇଁ ଉକ୍ତ ପାର୍କକୁ ପୁନଃ ଖୋଲାଯିବାକୁ ଦାବି ହୋଇଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ଏହି ପାର୍କର ରକ୍ଷଣାବେକ୍ଷଣ ପାଇଁ ଆମେ ଖୁବ୍‌ଶୀଘ୍ର ସ୍ମାର୍ଟସିଟିକୁ ଅବଗତ କରିବୁ । ଶୀତଦିନ ପୂର୍ବରୁ ପାର୍କଟିକୁ ପୂର୍ବଭଳି ପୁଣି ଚାଲୁ କରାଯିବ। ଏଥିସହ ପାର୍କ ପଛପଟ ପାଚେରି ରାସ୍ତା ଆଗାମୀ ୭ ଦିନ ଭିତରେ ବନ୍ଦ କରାଯିବ। ଫଳରେ ପାର୍କ ଭିତରକୁ ଅସାମାଜିକ ଯୁବକଙ୍କ ପ୍ରବେଶ ବନ୍ଦ ହୋଇଯିବ ବୋଲି ଭୋଇ କହିଥିଲେ।

# ଉଦିତନଗର ସ୍କୁଲରେ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ

**ରାଉରକେଲା,୧୬।୯(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ଉଦିତନଗର ସ୍ଥିତ ସରକାରୀ ବିଦ୍ୟାଳୟରେ ବାର୍ଷିକ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ପ୍ରଗତି ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ସୁନ୍ଦରଗଡ଼ ଜିଲା ବିଶ୍ରା ଓ ଲାଠିକଟା ବ୍ଲକର ୫୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସାରଙ୍ଗଧର ବରିହା ମୁଖ୍ୟଅତିଥି, ଉଦିତନଗର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଗାୟତ୍ରୀ ସେଠୀ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଅଭିନବ ବିଦ୍ରା ଫାଉଣ୍ଡେଶନ ଟ୍ରଷ୍ଟର ପ୍ରକଳ୍ପ ସଂଯୋଜକ ପ୍ରକାଶ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅଭିନବ ବିଦ୍ରା ଫାଉଣ୍ଡେଶନ ଟ୍ରଷ୍ଟର ପ୍ରକଳ୍ପ ସଂଯୋଜକ ଦେବ ପ୍ରକାଶ ସାମନ୍ତରାୟ ଓଭିଇପିର କାର୍ଯ୍ୟ ଯୋଜନା ଏବଂ ରଣନୀତି ଉପରେ ଆଲୋକପାତ କରିଥିଲେ। ଉଦିତନଗର ସରକାରୀ ଉଚ୍ଚବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଆଶିଷ କୁମାର ପ୍ରଧାନ ଚଳିତ ଶିକ୍ଷାବର୍ଷରେ ହୋଇଥିବା କାର୍ଯ୍ୟକ୍ରମ ଉପରେ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ୨୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ମନୋଜ କୁମାର ଆଚାର୍ଯ୍ୟ, ପ୍ରଳୟ ଦାଶ ଓ ଲକ୍ଷ୍ମୀଧର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଅଭିନବ ବିନ୍ଦ୍ରା ଫାଉଣ୍ଡେଶନ ଟ୍ରଷ୍ଟ ଏବଂ ଅନ୍ତର୍ଜାତୀୟ ଅଲମ୍ପିକ କମିଟିର ଓଲିମ୍ପିକ ଫାଉଣ୍ଡେଶନ ଫର୍ କଲଚର ଆଣ୍ଡ୍ ହେରିଟେଜ୍‌ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଶିକ୍ଷୟିତ୍ରୀ ଶିକ୍ଷକ।

# ସ୍ୱାଧୀନତା ପରବର୍ତ୍ତୀ ନାଟ୍ୟ ପରମ୍ପରା ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ରାଉରକେଲା,୧୬।୯(ବିପ୍ଳବ ରଞ୍ଜନ ଦାଶ)**

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜରେ କଳା ଏବଂ ସଂସ୍କୃତି ବିଭାଗର ମୁଖ୍ୟ ସହକାରୀ ପ୍ରାଧ୍ୟାପିକା ରଶ୍ମିପ୍ରଭା ମଥାନଙ୍କ ଆବାହକତ୍ୱରେ 'ସ୍ୱାଧୀନତା ପରବର୍ତ୍ତୀ ନାଟ୍ୟ ପରମ୍ପରା' ଶୀର୍ଷକ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଓଡିଆ ପ୍ରଫେସର ତଥା ବିଶିଷ୍ଟ ନାଟ୍ୟବିତ୍ ଡ. ସମର ମୁଦାଲଇ, ନୀଳଶୈଳ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ସୁଶାନ୍ତ କୁମାର କିଷାନ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ମୁଦାଲି ସ୍ୱାଧୀନତା ପରବର୍ତ୍ତୀ ନାଟ୍ୟ ପରମ୍ପରାର ଆଙ୍ଗିକ ଓ ଆତ୍ମିକ ଦିଗମାନ କିଭଳି ସମାଜିକ କୁରୀତି, କୁସଂସ୍କାର ବିରୋଧୀ ଓ ମାନବିକ ଚେତନା ରୂପକ ମାନବ ସମାଜ ପାଇଁ ଦର୍ପଣ ଭାବେ ପ୍ରଶସ୍ତ ପଥ ପ୍ରଦର୍ଶକ ସାଜେ ତାହା ଉପରେ ଆଲୋକପାତ କରିଥିଲେ। ଓଡିଶାର ବରେଣ୍ୟ ଓ ବରିଷ୍ଠ ନାଟ୍ୟକାରଙ୍କ ପାରମ୍ପରିକ ନାଟ୍ୟଧାରା, ପ୍ରୟାଗବାଦୀ ନବ ନାଟ୍ୟଧାରା ଏବଂ ଉତ୍ତର ଆଧୁନିକ ନାଟ୍ୟ ପରମ୍ପରାଠାରୁ ଆରମ୍ଭ କରି ମୁକ୍ତମଞ୍ଚରୁ ଏକମୁଖି ମଞ୍ଚ ଓ ବେତାର ନାଟକରୁ ମିଥି ନାଟକର ଜୟଯାତ୍ରା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ପରେ ଅଧ୍ୟାପକ କିଷାନ କାଳୀଚରଣ ପଟ୍ଟନାୟକଙ୍କ ରକ୍ତମାଟି ନାଟକରେ ଅନ୍ତର୍ନିହିତ ସାମାଜିକ ଚେତନା ଭାବଧାରାକୁ ପ୍ରାଞ୍ଜଳ ଭାବେ ଆଲୋଚନା କରିଥିଲେ। ଆଲୋଚନାଚକ୍ରର ସଂଯୋଜିକା ଅନିତା ଜଗଦେବ ଭିତ୍ତିପ୍ରବନ୍ଧ ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ସୃଷ୍ଟି ସମୀକ୍ଷା ପାଠ କରିଥିଲେ। କାର୍ଯ୍ୟକ୍ରମରେ ନୀଳଶୈଳ ମହାବିଦ୍ୟାଳୟ, କାଷ୍ଟ ମହାବିଦ୍ୟାଳୟ, ହୃଷୀକେଶରାୟ ମହାବିଦ୍ୟାଳୟ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସହକାରୀ ପ୍ରାଧ୍ୟାପକ ବନବିହାରୀ କିଷାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ କରୁଣାକର ପାଢଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷତିପୂରଣ ମିଳିବା ପରେ ଉଠିଲା ମୃତଦେହ

**ରାଉରକେଲା,୧୬।୯(ଦିନେଶ ମିଶ୍ର)**

ଆର୍‌ଏସ୍‌ପିରେ ଠିକା ଶ୍ରମିକ ଭାବେ କାର୍ଯ୍ୟରତ ଗଙ୍ଗା ବାହାଦୂର ଲାମା(୨୮)ଙ୍କ ମୃତ୍ୟୁକୁ ନେଇ ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ୍) ସମ୍ମୁଖରେ ଗତ ୧୪ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବିଭିନ୍ନ ୟୁନିୟନ କର୍ମକର୍ତ୍ତା ଯୋଗଦେଇ ଠିକା ସଂସ୍ଥା ଓ ଆରଏସ୍‌ପି ପାଖରେ କ୍ଷତିପୂରଣ ପାଇଁ ଦାବି କରିଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ରାକେଶ ନାୟକ ଠିକା ସଂସ୍ଥା ପକ୍ଷରୁ ଶନିବାର ମୃତକଙ୍କ ପରିବାରକୁ ସାଢ଼େ ୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେଥିରୁ ନଗଦ ୫୦ ହଜାର ଟଙ୍କା ମୃତଦେହ ସତ୍କାର ପାଇଁ ଦିଆଯିବା ପରେ ପରିବାର ଲୋକେ ଶନିବାର ମର୍ଗ ହାଉସ୍‌ରୁ ମୃତଦେହ ଉଠାଇଥିଲେ। ଠିକାସଂସ୍ଥା ସହ ଚୁକ୍ତିନାମା ସମୟରେ ମୃତକଙ୍କ ପରିବାର ସମେତ ରାଉରକେଲା ଶ୍ରମିକ ସଂଘର ନିହାର ଦାସ, ରାଉରକେଲା ଇସ୍ପାତ କର୍ମଚାରୀ ସଂଘ ସମ୍ପାଦକ ରମେଶ ସାହୁ, ଗାଙ୍ଗପୁର ଶ୍ରମିକ ସଙ୍ଗଠନର ବରିଷ୍ଠ ସଦସ୍ୟ ଗୋପାଳ ଦାସ, ଠିକାସଂସ୍ଥା ପକ୍ଷରୁ ଗୟାଧର ମଲ୍ଲିକ, ରାଜ କିଶୋର ସାହୁ, ସୁବୋଧ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ନୋଟିସ୍‌ରେ ଉଚ୍ଛେଦ ଅଭିଯୋଗ

**ରାଉରକେଲା,୧୬।୯(ଦିନେଶ ମିଶ୍ର)**

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଶନିବାର ଅମରଭବନ ଲାଇନରେ ଥିବା ତଳି ବସ୍ତିରେ କିଛି ଲୋକଙ୍କ ଘରକୁ ଉଚ୍ଛେଦ କରାଯାଇଥିଲା। ଫଳରେ ସ୍ଥାନୀୟ ବସ୍ତିବାସୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଉକ୍ତ ବସ୍ତିବାସୀଙ୍କୁ ଉଚ୍ଛେଦ ପୂର୍ବରୁ ଆର୍‌ଏମ୍‌ସି କର୍ତ୍ତୃପକ୍ଷ କୌଣସି ନୋଟିସ ଜାରି ନ କରି ଏଭଳି ହଠାତ ଉଚ୍ଛେଦ କରିବାକୁ ବସ୍ତିବାସ ବିରୋଧ କରିଥିଲେ। ଅମର ଭବନ ଲାଇନରେ ତଳିବସ୍ତିରେ ବାସ କରୁଥିବା ଅସମିନା ଖାତୁନ, ମୀନା ଚୌଧୁରୀ ଓ ସୁରଜ ରାମଙ୍କ ଘରକୁ ଆରଏମ୍‌ସି ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଫଳରେ ଉକ୍ତ ପରିବାର ସଦସ୍ୟ ସମାଜସେବୀ ମିନତୀ ଦେବତାଙ୍କ ସହାୟତାରେ ଆରଏମ୍‌ସି କମିଶନରଙ୍କୁ ଭେଟି ଉଚ୍ଛେଦ ପୂର୍ବରୁ ଥଇଥାନ ପାଇଁ ଗୁହାରି କରିଥିଲେ। ଏ ନେଇ କମିଶନର ଡ. ଶୁଭଙ୍କର ମହାପାତ୍ର ବସ୍ତିବାସୀଙ୍କୁ ୧୫ ଦିନ ସମୟ ଦେଇଥିଲେ।



ତଳି ବସ୍ତିରେ ଲୋକଙ୍କ ଘରକୁ ଉଚ୍ଛେଦ କରାଯାଇଛି।

# ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ଦିବସ ପାଳିତ

**ରାଉରକେଲା,୧୬।୯(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ନୟାବଜାର ସ୍ଥିତ ସତ୍‌ସଙ୍ଗ ବିହାରଠାରେ ସ୍ଥାନୀୟ ଉତ୍ସବ କମିଟି ପକ୍ଷରୁ ଶନିବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଶୁଭ ଆବିର୍ଭାବ ଦିବସ ପାଳିତ ହୋଇଯାଇଛି। ସତସଙ୍ଗ ସଭାରେ ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ତଥା ଏସ୍‌ପିଆଇ ଡାକ୍ତର ସୁଶାନ୍ତ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନୁକୂଳ ଚନ୍ଦ୍ରଙ୍କ ଜୀବନଗାଥା ଉପରେ ଆଲୋକପାତ କରି କହିଥିଲେ, ଡାକୁର ମନୁଷ୍ୟ ଜୀବନକୁ ସୁସ୍ଥ, ସୁନ୍ଦର ଓ ଉନ୍ନତତର କରିବା ପାଇଁ ପଞ୍ଚ ମହାବ୍ରତ ପାଳନ କରିବାର ବିଧାନ କରିଛନ୍ତି। ଏହି ମହାବ୍ରତ ପାଳନ କଲେ ମଣିଷକୁ ଅମଅତ ତୁଲ୍ୟ ଜୀବନ ବଞ୍ଚିବାର ଆଶୀର୍ବାଦ ପ୍ରାପ୍ତ ହୁଏ ଏବଂ ଜୀବନ ଭକ୍ତି ଓ ପ୍ରେମମୟ ହୋଇଯାଏ ବୋଲି ଦାସ କହିଥିଲେ। ସହ ପ୍ରତି ଋତ୍ୱିକ ବସନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶାନ୍ତନୁ କୁମାର ନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ପ୍ରତ୍ୟୁଷରେ ବେଦ ମାଙ୍ଗଳିକୀ, ସାହାନାଇ, ଭାଷା କୀର୍ତ୍ତନ, ସମବେତ ପ୍ରାର୍ଥନା, ନାମଜପ ଧ୍ୟାନ ସହିତ ଧର୍ମ ଗ୍ରନ୍ଥ ପଠନ, ସଙ୍ଗୀତାଞ୍ଜଳି ଏବଂ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସହ ପ୍ରତି ଋତ୍ୱିକ ନିମାଇଁ ଚରଣ ଜେନା, ରାଧାକାନ୍ତ ମିଶ୍ର, ନଟବର ଦାସ, ସୁକାନ୍ତ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ଦୀକ୍ଷାପ୍ରାପ୍ତ ବହୁ ଗୁରୁଭ୍ରାତା ଓ ଗୁରୁମା ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।

# ଶେଡ୍‌ରୁ ଗଳୁଛି ବର୍ଷାପାଣି, ଭିଜୁଛନ୍ତି ଯାତ୍ରୀ

**ରାଉରକେଲା,୧୬।୯(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ରେଳଷ୍ଟେଶନ ପ୍ଲାଟଫର୍ମ ନଂ. ୧ ଓ ୫ର ସେଡ୍ ମରାମତି ହେଉନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ପ୍ରତୀକ୍ଷାରତ ରେଳଯାତ୍ରୀ ଏବଂ କୁଲିମାନେ ଭିଜୁଛନ୍ତି। ଶନିବାର ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ହୋଇଥିବା ଲଗାଣ ବର୍ଷାରେ ୧ ଓ ୫ ନମ୍ବର ପ୍ଲାଟଫର୍ମ ସେଡ୍‌ରୁ ବର୍ଷାପାଣି ପଡିବାରୁ ଯାତ୍ରୀ ଓ ରେଳ ଶ୍ରମିକ (କୁଲି) ନାହିଁ ନ ଥିବା ଅସୁବିଧା ଭୋଗିଥିଲେ। ଷ୍ଟେଶନର ଉନ୍ନତୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପ୍ଲାଟଫର୍ମ ସେଡ୍ ମରାମତି ନ ହେବା ପରିତାପର ବିଷୟ ବୋଲି ରେଳଯାତ୍ରୀମାନେ ମତପ୍ରକାଶ କରିଛନ୍ତି। ଏ ନେଇ ରାଉରକେଲା ରେଳଷ୍ଟେଶନ ମ୍ୟାନେଜର ପ୍ରଭାସ ଦାଶଙ୍କୁ ପଚାରିବାରୁ ସେ କହିଲେ, ସେଡ୍‌ରେ ଅଳିଆ ଆବର୍ଜନା ଗଛିତ ହୋଇ ଯାଇଥିବାରୁ ପାଣି ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏଣୁ ସେଡ୍‌ରୁ ପାଣି ଝରୁଛି। ତୁରନ୍ତ ସେଡ୍ ମରାମତି ଏବଂ ସଫେଇ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ବୋଲି ସେ କହିଥିଲେ।

# ବିଦ୍ୟାର୍ଥୀ ଶିକ୍ଷା ସଂସ୍କାରର ସୁଯୋଗ ନେବା ଉଚିତ

**ରାଉରକେଲା,୧୬।୯(ଦିନେଶ ମିଶ୍ର)**

ରାଉରକେଲା ଜେଲ ରୋଡ୍ ସ୍ଥିତ ପଦ୍ମାବତୀ ମେମୋରିଆଲ ହଲ ପରିସରରେ ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ରର ମାସିକ ସାହିତ୍ୟ ଆସର ଶନିବାର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଡକ୍ଟର ଏ. କେ. ପ୍ରହରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ର ପ୍ରାଥମିକ ସ୍ତରରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଅନେକ ସଂସ୍କାର ମୂଳକ କାର୍ଯ୍ୟକ୍ରମ ସୁପାରିଶ ସରକାରଙ୍କ ଦ୍ୱାରା ହୋଇପାରିଛି ଯାହାର ସୁଯୋଗ ବିଭିନ୍ନ ବିଦ୍ୟାର୍ଥୀ ନେବା ଜରୁରୀ ବୋଲି କହିଥିଲେ। କବି ଅଶୋକ ପଟ୍ଟନାୟକ ସମ୍ମାନିତ ଅତିଥି, କବି ଅନୀଲ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଡ. ଉମାକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ଡ. ସୁବାସ ଚନ୍ଦ୍ର ଲେଙ୍କା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ କବି ବଳରାମ ଦାସ, ଦିଲୀପ ଭୋଇ ଜାତୀୟ ଶିକ୍ଷାନୀତି ଉପରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଉର୍ବଶୀ ଦାସ ଓ କୁଞ୍ଜ ବିହାରୀ ଦାଶଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲାର ୩୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସଙ୍ଗୀତ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରୀତି ଝାଙ୍କୁ ପୁରସ୍କୃତ କରାଯାଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଡୁମେରମୁଣ୍ଡା ଗସ୍ତରେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ**

ଲାଞ୍ଜିଗଡ଼,(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକକୁ ଶନିବାର ଦିନିକିଆ ଗସ୍ତ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶିବାଜୀ ମାଝି। ପ୍ରଥମେ ସେ ବିଶ୍ୱନାଥପୁର ନିକଟସ୍ଥ ଡୁମେରମୁଣ୍ଡା ଗସ୍ତ କରିବା ସହିତ ସେଠାକାର ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହା ପରେ ଡୁମେରମୁଣ୍ଡାଠାରେ ଲଗାଣବର୍ଷାରେ ଘର ଭାଙ୍ଗି ମୃତ୍ୟୁବରଣ କରିଥିବା ରକ୍ଷିମଣି ସାହୁଙ୍କ ଘରକୁ ଯାଇ ସମବେଦନା ଜଣାଇଥିଲେ। ସେହିପରି ମାଝି ଧଅଁରାଭଟାସ୍ଥିତ ଏକଲବ୍ୟ ମଡେଲ ସ୍କୁଲରେ ଅନୁଷ୍ଠିତ ଅଭିଭାବକ-ଶିକ୍ଷକ ସମ୍ମିଳନୀରେ ଅତିଥି ଭାବେ ଯୋଗଦେଇଥିଲେ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା



ମୁରିବାହାଲ,୧୬।୯(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଶନିବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଟିଟିଲାଗଡ଼ ଓ ମୁରିବାହାଲ ଉଦ୍ୟାନ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଆତ୍ମା ଅଧ୍ୟକ୍ଷ ସୁରେଶ ଭୋଇ ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ମିଥିଳା ମାଝି, ବ୍ଲକ ଉପାଧ୍ୟକ୍ଷ ଯାଜ୍ଞସେନୀ ହାତୀ, ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ବିପିସି ଉଜ୍ଜ୍ୱଳ ପୁଟେଲ ଉପସ୍ଥିତ ରହି ଉଦ୍ୟାନ କୃଷି ମାଧ୍ୟମରେ ଗ୍ରାମାଞ୍ଚଳରେ କୃଷକଙ୍କ ବିକାଶ ଉପରେ ବକ୍ତବ୍ୟ ରଖିଥଲେ। ମୁରିବାହାଲ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ମିଶନ ଶକ୍ତି ବିଭାଗ କର୍ମକର୍ତ୍ତା, ଚାଷୀଙ୍କୁ ଏହି ଅବସରରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶେଷରେ ମିଶନ ଶକ୍ତି ମହିଳା ଓ ଚାଷୀଙ୍କୁ ଫଳଗଛ ଚାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମୁରିବାହାଲ ସହକାରୀ ଉଦ୍ୟାନ ଅଧିକାରୀ ମନବୋଧ ମାଝି ପରିଚାଳନ କରିଥିଲେ। ବଙ୍ଗୋମୁଣ୍ଡା ସହକାରୀ ଉଦ୍ୟାନ ଅଧିକାରୀ ସୁନୀଲ ମାଝି, ଅଭିନାଶ ପାଣିଗ୍ରାହୀ, ଗୁଲଷଣ କୁମାର ମହନ୍ତ, ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀ ଯଶୋବନ୍ତ ଭୋଇ, ଉଦ୍ୟାନ ସାଥୀ ଅରବିନ୍ଦ ଜାଲ, ତରୁଣ ନାଗ, ଅମିତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ତେନ୍ତୁଳିଖୁଣ୍ଟି ଓଏଭିର ପ୍ରତିଷ୍ଠା ଦିବସ




ଗୁଡ଼ଭେଲା,୧୬।୯(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ ତେନ୍ତୁଳିଖୁଣ୍ଟିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ପ୍ରତିଷ୍ଠା ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶୁଭସ୍ମିତା କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ବେବୀ ଦୋରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ପାଠପଢା ସହ ସୁନାଗରିକ ହେବାକୁ ସେ ତାଙ୍କ ବକ୍ତବ୍ୟରେ ଆହ୍ୱାନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଟୁକୁ ପାଣିଗ୍ରାହୀ ଓ ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ନୃତ୍ୟ, ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଭୂପେନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ଜନଜାତି ବାଳିକା ବିଦ୍ୟାଳୟରେ ପିତାମାତା ସହଭାଗିତା ବୈଠକ

କୋକସରା,୧୬।୯(ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କୋକସରା ବ୍ଲକ କାଶିବାହାଲ ପଞ୍ଚାୟତ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟରେ ପିତାମାତା ସହଭାଗିତା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ନାଏକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ସମ୍ମାନିତ ଅତିଥି ଭାବେ କାଶିବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ସମିତି ସଭ୍ୟ ଗଜାନନ ନିଆଲ, ମତ୍ସ୍ୟ ଅଧିକାରୀ ଲଳିତ କୁମାର ମହାନନ୍ଦ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିଳାମ୍ବର ସତନାମୀ ମଞ୍ଚରେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଶୋକ କୁମାର ସାହୁ ସଂଯୋଜନା କରିଥିଲେ। ସ୍କୁଲର ଶିକ୍ଷକ ସୁରେନ୍ଦ୍ର ନାଏକ, ଲକ୍ଷ୍ମଣ ଶବର, ଯୁଧିଷ୍ଠିର ନାଏକ, ସୁଧୀର ପଣ୍ଡା ଉପସ୍ଥିତ ରହିଥିଲେ। ସୁଧୀର ପଣ୍ଡା ଓ ଲକ୍ଷ୍ମଣ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

# ନ୍ୟାୟ ପାଇଁ ମୃତାଙ୍କ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ

**ଟ୍ରକ୍ ଧକ୍କାରେ ଜବାହରଲାଲ କଲେଜ ଛାତ୍ରୀ ମୃତ୍ୟୁ ଘଟଣା**

- ଦୁର୍ଘଟଣା ଘଟାଇଥିବା ଗାଡିର ଫିଟ୍‌ନେସ ନାହିଁ
- ଗାଡି ମାଲିକଙ୍କୁ ପୋଲିସ ସୁରକ୍ଷା ଦେଉଥିବା ଅଭିଯୋଗ କଲେ



ବଲାଙ୍ଗୀର ଏସ୍‌ପି ଅଫିସରେ ମୃତା ଛାତ୍ରୀଙ୍କ ପରିବାର ଲୋକେ ଦାବିପତ୍ର ଦେଉଛନ୍ତି।

ବଲାଙ୍ଗୀର,୧୬।୯(ବୀରେନ୍ଦ୍ର କୁମାରୀ ଝାଙ୍କର)

ବଲାଙ୍ଗୀର ଜିଲା ପାଟଣାଗଡ ଜବାହାରଲାଲ କଲେଜକୁ ପଢ଼ିବାକୁ ଯାଉଥିବା ଜଣେ ଛାତ୍ରୀଙ୍କୁ ଏକ ମିନିଟ୍ରକ(ଓଆର୦୩ ଏଫ୍-୧୧୩୧) ଧକ୍କା ଦେବାରୁ ଗତ ୧ ତାରିଖ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପାଟଣାଗଡ ପୋଲିସ ମୃତା ଛାତ୍ରୀଙ୍କୁ ନ୍ୟାୟ ଦେବା ବଦଳରେ ଗାଡି ମାଲିକଙ୍କୁ ସୁରକ୍ଷା ଦେଇଥିବା ଅଭିଯୋଗ କରି ମୃତା ଛାତ୍ରୀଙ୍କ ପରିବାର ଲୋକେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏସ୍‌ପି ଅଫିସକୁ ଆସି ନ୍ୟାୟ ପାଇଁ ଲିଖିତ ଅଭିଯୋଗ କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକ ଏବଂ ଡ୍ରାଇଭରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

ଗତ ୧ ତାରିଖ ପୁଇଁତଲା ବ୍ଲକ୍ ଶିରାବାହାଲ ଗ୍ରାମର କଳ୍ପତରୁ ପଧାନଙ୍କ ଝିଅ ସ୍ୱତା ଶୁଭଦର୍ଶନୀ ପାଟଣାଗଡଠାରେ ହଷ୍ଟେଲରୁ ଜବାହାରଲାଲ କଲେଜକୁ ପଢ଼ିବା ପାଇ ଯାଉଥିବାବେଳେ ତାଙ୍କୁ ଉପରୋକ୍ତ ଗାଡି ଧକ୍କା ଦେଇଥିଲା। ଗୁରୁତର ଆହତ ଛାତ୍ରୀ ପଧାନଙ୍କୁ ସେଠାରୁ ପ୍ରଥମେ ପାଟଣାଗଡ ହସ୍ପିଟାଲ ନିଆଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେକ ହସ୍ପିଟାଲ ନିଆଯାଇଥିଲା। ମାତ୍ର ସେଠାରୁ ମଧ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ଆହତ ଛାତ୍ରୀଙ୍କୁ ଏକ ଘରୋଇ ହସ୍ପିଟାଲକୁ ନେଇ ଚିକିତ୍ସା କରୁଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତା ଛାତ୍ରୀ ପଧାନ ଯୁକ୍ତ ୩ଶେଷବର୍ଷ ଛାତ୍ରୀ ଥିଲେ। ପାଟଣାଗଡ ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରି ଡ୍ରାଇଭରକୁ ଛାଡି ଦେଇଥିଲା। ଏହି ଗାଡିର ଫିଟନେସ୍ ନଥିବା ଜଣାପଡିଲା ପରେ ମଧ ଗାଡି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ମୃତା ଛାତ୍ରୀଙ୍କ ପରିବାର ଲୋକଙ୍କୁ ବିଭିନ୍ନ ପ୍ରଶ୍ନ କରୁଥିବା ଏସ୍‌ପି ଅଫିସରେ ଅଭିଯୋଗ କରିଛନ୍ତି। ପାଟଣାଗଡ ପୋଲିସର ଏଭଳି ଆଭିମୁଖ୍ୟକୁ ସମାଲୋଚନା କରି ତୁରନ୍ତ ଦୋଷୀ ଗାଡି ମାଲିକ ଏବଂ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆଡିସନାଲ ଏସ୍‌ପି ସୁରେଶ ନାୟକ ଦାବିପତ୍ର ଗ୍ରହଣ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମନ୍ଦିର ଉନ୍ନତୀକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ

ବଲାଙ୍ଗୀର,୧୬।୯(ବୀରେନ୍ଦ୍ର କୁମାରୀ ଝାଙ୍କର)

**ସିଏନ୍‌ଆଇ ଚର୍ଚ୍ଚ, କୋଶଳ କଳାମଣ୍ଡଳର ପୁନରୁଦ୍ଧାର ହେବ**

ବଲାଙ୍ଗୀର ସହରର ସମଲେଶ୍ୱରୀ, ପାଟଣେଶ୍ୱରୀ, ଗୋପାଳଜୀ ମନ୍ଦିରର ଉନ୍ନତିକରଣ ଏବଂ ସିଏନ୍‌ଆଇ ଚର୍ଚ୍ଚ ଓ କୋଶଳ କଳାମଣ୍ଡଳ ପଡିଆର ପୁନରୁଦ୍ଧାର କାମର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ପୌରାଧ୍ୟକ୍ଷା ଲିକା ସାହୁ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତ ଜୁଲାଇ ୭ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ବଲାଙ୍ଗୀର ଗସ୍ତରେ ଆସି ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରିବା ସହ ବିଭିନ୍ନ ଲୋକଙ୍କଠାରୁ ଅପିଯୋଗ ଗ୍ରହଣ କରିଥିଲେ। ଏହି ଅବସରରେ ବଲାଙ୍ଗୀର ସମଲେଶ୍ୱରୀ, ପାଟଣେଶ୍ୱରୀ, ଗୋପାଳଜୀ ମନ୍ଦିର, ସିଏନ୍‌ଆଇ ଚର୍ଚ୍ଚ, କୋଶଳ କଳାମଣ୍ଡଳ ପଡିଆ ପୁନରୁଦ୍ଧାର ପାଇଁ ଦାବିପତ୍ର ଦିଆଯାଇଥିଲା। ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରି ୫-ଟି ସଚିବ ପାଣ୍ଡିଆନ୍ ଏହି ମନ୍ଦିର ସହ ଅନ୍ୟ ମନ୍ଦିର, କମ୍ୟୁନିଟି ସେଣ୍ଟର ଗୁଡିକର ଉନ୍ନତି କରିବା ଦିଗରେ ପ୍ରତିଶ୍ରୁତି ଦେଇଥିଲେ। ୫-ଟି ସଚିବଙ୍କ ପ୍ରତିଶ୍ରୁତି ପରେ ଏହି ମନ୍ଦିର ଗୁଡିକର ଉନ୍ନତିକରଣ, ପୁନରୁଦ୍ଧାର ଏବଂ ନବୀକରଣ ପାଇଁ ସର୍ଭେ କରାଯାଇଥିଲା। ସର୍ଭେ ପରେ ପ୍ରତିଟି ପ୍ରକଳ୍ପର ବ୍ୟୟ ଅଟକଳ କରାଯାଇଥିଲା। ଇତିମଧ୍ୟରେ ଉପରୋକ୍ତ ପ୍ରକଳ୍ପଗୁଡିକର ବଲାଙ୍ଗୀର ରାସ୍ତା ଓ କୋଠା ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ଟେଣ୍ଡରରେ ବଲାଙ୍ଗୀର ଗୋପାଳଜୀ ମନ୍ଦିର ପାଇଁ ୪.୭୯ କୋଟି, ସମଲେଶ୍ୱରୀ ମନ୍ଦିର ପାଇଁ ୨.୭୩ କୋଟି, ପାଟଣେଶ୍ୱରୀ ମନ୍ଦିର ପାଇଁ ୧.୦୧ କୋଟି, ମିଶନ ପଡିଆ ପାଖ ସିଏନଆଇ ଚର୍ଚ୍ଚ ପାଇଁ ୨.୦୫ କୋଟି, କୋଶଳ କଳାମଣ୍ଡଳର ଉନ୍ନତିକରଣ ପାଇଁ ୩.୩୨ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିବା ପୌରାଧ୍ୟକ୍ଷା ସାହୁ ସୂଚନା ଦେଇଛନ୍ତି। ଜନସାଧାରଣଙ୍କ ଦାବିକୁ ପ୍ରାଥମିକତା ଦେଇ ସମସ୍ତ ପ୍ରକଳ୍ପର ବ୍ୟୟ ଅଟକଳ କରାଯାଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇଥିବାରୁ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ପୌରାଧ୍ୟକ୍ଷା ସାହୁ ଏବଂ ପୌର ପରିଷଦର ସମସ୍ତ କାଉନସିଲର ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଏକଲବ୍ୟ ବିଦ୍ୟାଳୟରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ନୂଆପଡା,୧୬।୯ (ମକାରୁ ବେମାଲ)

ନୂଆପଡା ସଦର ମହକୁମାସ୍ଥିତ ଏକଲବ୍ୟ ବିଦ୍ୟାଳୟରେ ସହଭାଗୀ ରୂପେ ଅଭିଭାବକ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସୁନିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡା ଜିଲା ନିୟୋଜନ ଅଧିକାରୀ ଖଗପତି ମେହେର ମୁଖ୍ୟ ଅତିଥି, ପଲିଟେକ୍ନିକ ଅଧ୍ୟାପକ ଉଦୟ ମେହେର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶିକ୍ଷକ ଓ ଅଭିଭାବକମାନଙ୍କ ମଧ୍ୟରେ ସମନ୍ୱୟ ଠିକ ରହିଲେ ବିଦ୍ୟାଳୟର ଉନ୍ନତି ହେବା ସହ ଛାତ୍ରୀଛାତ୍ରଙ୍କ ମନୋବଳ ବୃଦ୍ଧି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ତା'ସହିତ ସରକାରଙ୍କ ବିଭିନ୍ନ ବିଭାଗର ଯୋଜନା ପଞ୍ଚାୟତରାଜ, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଯୋଗାଣ, ମହିଳା ଓ ଶିଶୁ, ମିଶନ ଶକ୍ତି, ଛାତ୍ରବୃତ୍ତି ପାଠ୍ୟକ୍ରମ ଓ ବିଭିନ୍ନ ସହାୟତା ଆଦି ଉପରେ ଅଭିଭାବକମାନଙ୍କୁ ଜଣାଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅଭିଭାବକମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ମହିଳା ବର୍ଗରେ ରଙ୍ଗୋଲି ପ୍ରତିଯୋଗିତା ହୋଇଥିବାବେଳେ ପୁରୁଷ ବର୍ଗରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ଶିବାନନ୍ଦ ରାଉତରାୟ ମଞ୍ଚ ପରିଚାଳନା କରିଥିବାବେଳେ ତପନ କୁମାର ସାହୁ, ବିକେ ରସ୍ମିତା, ପ୍ରିୟଙ୍କା ସାହୁ, ସୁଜାତା ସ୍ୱାଇଁ, ପଙ୍କଜ ଶୁକ୍ଳା, ସାରଦା ପଟ୍ଟାନାୟକ, ଛବିବାଲା ସାମନ୍ତ, ତୋଫାନ ବଳ, ଦିଲୀପ କୁମାର ମେହେର, ଭୁପେଶ କୁମାର ପଣ୍ଡା, ତପନ ବୈଠାରୁ, ରେଣୁକା ସାହୁ, ରେଣୁକା ମୁଖାର୍ଜୀ, ମୋହନ ନାଏକ, ହୃଦେଶ୍ୱର ଶବର, ନିରଞ୍ଜନ ମଲ୍ଲିକ, ଭାନୁପ୍ରିୟା ମିଶ୍ର, ଦିପ୍ତିକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଭାରତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କ୍ରବ୍ ଟାଇଫସ୍ ପଜିଟିଭ ରୋଗୀ ଚିହ୍ନଟ

ଲାଠୋର, ୧୬।୯(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ପିପଲବାହାଲ ଗ୍ରାମରେ ଜଣେ ମହିଳା ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ୧୦ଦିନ ପୂର୍ବେ ସମ୍ପୃକ୍ତ ମହିଳା ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବାବେଳେ ସେଠାରେ ସ୍କ୍ରବ୍ ଟାଇଫସ୍ କୀଟ କାମୁଡ଼ି ଥିଲା। କାମୁଡ଼ି ଥିବା ସ୍ଥାନ କଳା ପଡ଼ି କୁଣ୍ଡେଇ ହୋଇଥିଲା। ପରେ ଜ୍ୱର ହୋଇଥିଲା। ଔଷଧ ଖାଇଲେ ଜ୍ୱର ଛାଡ଼ି ଯାଉଥିଲା ଓ ପରେ ପୁଣି ଆସୁଥିଲା। ଜ୍ୱର ନଛାଡ଼ିବାରୁ ସେ ପାଟଣାଗଡ଼ ଉପଖଣ୍ଡ ସ୍ତରୀୟ ହସ୍ପିଟାଲକୁ ଯାଇ ପରୀକ୍ଷା କଲା ପରେ ସେ ସ୍କ୍ରବ୍ ଟାଇଫସ୍ ରୋଗରେ ଆକ୍ରାନ୍ତ ହୋଇଥିବା ଜଣା ପଡ଼ିଥିଲା। ଚିକିତ୍ସା ପରେ ଏବେ ସେ ସୁସ୍ଥ ହେବାରେ ଲାଗିଛନ୍ତି। ଖପ୍ରାଖୋଲ ମେଡ଼ିକାଲ ଅଫିସର ଇନଚାର୍ଜ ଡ଼ା.ସୂରଜ କୁମାର ଦୀପଙ୍କୁ ପଚାରିବାରୁ ଠିକଣା ସମୟରେ ଚିକିତ୍ସା କଲେ ରୋଗୀ ଆରୋଗ୍ୟ ହୋଇ ପାରିବ ବୋଲି କହିଥିଲେ। ତେଣୁ ଏଥିରେ ଭୟଭୀତ ନହୋଇ ସଚେତନ ହେବାକୁ ପଡ଼ିବ ବୋଲି କହିଥିଲେ।

## କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ରକ୍ତଦାନ ଶିବିର




ଅନୁଷ୍ଠିତ ରକ୍ତଦାନ ଶିବିରରେ ସାର୍ଟିଫିକେଟ ପ୍ରଦାନ କରାଯାଉଛି।

ଭବାନୀପାଟନା, ୧୬।୯(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଏନଏସ୍‌ଏସ୍ ବ୍ୟୁରୋ ତରଫରୁ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜକ ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ଏହି ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ। ଜୀବନ ଓ ସମାଜରେ ରକ୍ତଦାନର ଆବଶ୍ୟକତା, ମହନୀୟତା ବିଷୟରେ ରକ୍ତଦାତା ଓ ଛାତ୍ରୀଛାତ୍ରଙ୍କୁ ଅଭିଭାଷଣ ଦେଇଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ସିପିଜିସି ନିବେଦିତା ନାଥ ଉପସ୍ଥିତ ରହିବା ସହିତ ନିଜେ ରକ୍ତଦାନ କରିଥିଲେ। ପ୍ରିୟରଞ୍ଜନ ବେହେରା, ଜୟନ୍ତ ଦଣ୍ଡସେନା, ରୋଜ ମେରୀ ଏକ୍କା ପ୍ରମୁଖ କାର୍ଯ୍ୟକ୍ରମ ଅଧିକାରୀଭାବେ ଏହି ଶିବିର ପରିଚାଳନା କରିଥିଲେ। ଭବାନୀପାଟଣା ବ୍ଲଡ ବ୍ୟାଙ୍କ ତରଫରୁ ସିପ୍ରାରାଣୀ ସ୍ୱାଇଁ, ଗିରିଶ ନାୟକ, ଡମ୍ବରୁଧର ସାହୁ, ଅଜିତ କୁମାର ନାୟକ, ସଂଯୋଜକ ମହାଖୁଡ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପରିଚାଳକ ଭାବେ ରକ୍ତଦାନ ସଂଗ୍ରହ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଏହି ରକ୍ତଦାନ ଶିବିରରେ ଅନେକ ଛାତ୍ରୀଛାତ୍ର ଉତ୍ସାହର ସହ ରକ୍ତଦାନ କରିଥିଲେ। ସର୍ବମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାତାମାନଙ୍କୁ ସାର୍ଟିଫିକେଟ ଦିଆଯାଇଥିଲା। ଏହି ଅବସରରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋର ସଂଯୋଜକ ଚିତ୍ତରଞ୍ଜନ ଖୁଣ୍ଟିଆ ସମସ୍ତଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

## ଗୁହାଳ ଯୋଜନାର ଲାଭ ଉଠାନ୍ତୁ ଚାଷୀ

ବଲାଙ୍ଗୀର,୧୬।୯(ବୀରେନ୍ଦ୍ର କୁମାର ଝାଙ୍କର)

**୧୦୦ ଚାଷୀଙ୍କୁ ଗୋରୁ ଗୁହାଳ କାର୍ଯ୍ୟାଦେଶ**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୁଇଁତଲା ବ୍ଲକ ସମ୍ମିଳନୀ କକ୍ଷରେ ଦୁଗ୍ଧଚାଷୀଙ୍କୁ ଶନିବାର ଗୁହାଳ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧୦୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବ୍ଲକ୍ ଅଧ୍ୟକ୍ଷ ପ୍ରଧାନ ଚାଷୀଙ୍କୁ ଗୁହାଳ ଯୋଜନାର ଲାଭ ଉଠାଇବା ସହ କିଭଳି ସେମାନେ ଅଧିକ ଲାଭବାନ ହୋଇ ସ୍ୱାବଲମ୍ବୀ ହେବେ କହିଥିଲେ। ବିଶେଷକରି ପୁଇଁତଲା ବ୍ଲକରେ ଦୁଗ୍ଧ ଉତ୍ପାଦନ କିଭଳି ବୃଦ୍ଧି ପାଇବ ସେସ ଦିଗରେ ଅଧିକ ପ୍ରୟାସ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚାଷୀ କଲ୍ୟାଣକାରୀ ଯୋଜନାର ଲାଭ ଉଠାଇ ଅନ୍ୟ ଚାଷୀଙ୍କୁ ମଧ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଚାଷୀମାନେ ଗୁହାଳ ଯୋଜନାର ଟଙ୍କାକୁ ସଠିକ୍ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବିଡିଓ ଅମରେନ୍ଦ୍ର ସ୍ୱାଇଁ, ମିଶନ୍ ଶକ୍ତି ବିପିଏମ୍ ସୁଜାତା ମଲ୍ଲିକ, ଓଡିଶା ଜୀବିକା ମିଶନ୍‌ର ଦୁର୍ଗା ମିଶ୍ର, ମଲମଣ୍ଡା, ପିପିର୍ଡା, ବହଲପଦର, ସାଉନ୍ତପୁର ଏବଂ ବଇରାସର ଗ୍ରାମପଞ୍ଚାୟତ ସରପଞ୍ଚ ଉପସ୍ଥିତ ଥିଲେ।



ବ୍ଲକ୍ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ ଦୁଗ୍ଧଚାଷୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

# ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘର ଦାବିପତ୍ର




ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଲାଙ୍ଗୀର, ୧୬।୯ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ଶନିବାର ଜିଲାପାଳ କାର୍ଯ୍ୟାଳୟ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨ଦଫା ସମ୍ବଳିତ ଦାବିପତ୍ର ପ୍ରେରଣ କରାଯାଇଛି। ଦାବି ପୂରଣ ସକାଶେ ସଂଘ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କିଛି ମାସ ପୂର୍ବରୁ ଓଡିଶାରୁ ଚୁକ୍ତିଭିତ୍ତିକ ପ୍ରଥାର ଉଚ୍ଛେଦ କରାଯାଇଥିବା ଘୋଷଣା କରାଯାଇଥିଲା। ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧିନରେ ଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି ହୋଇଥିଲା। ୨୦୦୪ରୁ ୨୦୧୩-୧୪ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନେ ଏହି ବିଜ୍ଞପ୍ତି ଅନୁସାରେ କୌଣସି ସୁବିଧା ପାଇବେନି ବୋଲି ସୂଚନା ମିଳିଥିଲା। ୨୦୧୩ ନିଯୁକ୍ତି ନିୟମରେ ଯେଉଁମାନେ ନିଯୁକ୍ତି ପାଇଥିଲେ ସେମାନେ ଚାକିରି ଯୋଗଦାନ କରିଥିବା ପ୍ରଥମ ଦିନରୁ ଚାକିରି ସମୟକୁ ଗଣନା କରାଯିବା ସହ ତାଙ୍କୁ ନ୍ୟାଶନାଲ ଇନକ୍ରିମେଣ୍ଟ କରାଯିବ ବୋଲି କୁହାଯାଇଥିଲା। ଏଭଳି ପାତରଅନ୍ତର ନୀତିକୁ ବିରୋଧ କରି ଏହାର ପୁର୍ନବିଚାର ପାଇଁ ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଥିଲା। ସରକାର ଏହି ଦାବିର କୌଣସି ସମାଧାନ ନ କରିବାରୁ ୨ ଦଫା ଦାବି ନେଇ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିଲେ। ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ନିୟମିତ ଚାକିରି କାର୍ଯ୍ୟ ସମୟ ସହ ଯୋଗ କରିବା ସହ ୬ଟି ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ ଏବଂ ପୁରୁଣା ପେନସନ ପ୍ରଦାନ କରିବା ଆଦି ଦାବି ନେଇ ସେପ୍ଟେମ୍ବର ୨୬ରେ ଭୁବନେଶ୍ୱରରେ ରାଜ୍ୟ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲା ସଂଘ ସଭାପତି ରାଜକୁମାର ଭୋଇ ଓ ସମ୍ପାଦକ ବୀର କିଶୋର ସୁନାଙ୍କ ନେତୃତ୍ୱରେ ଶନିବାର ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଆର୍ଯ୍ୟ ମନ୍ଦିର ସମ୍ମୁଖରୁ ଏକ ଶୋଭାଯାତ୍ରାରେ ଆସି ଜିଲା ଶିକ୍ଷା କାର୍ଯ୍ୟାଳୟକୁ ଯାଇ ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରାରେ ଶିକ୍ଷକ ଶରତ ନାଗ, ନରେଶ ଦ୍ୱାରୀ, ଡୋଲାମଣୀ ସାହୁ, ଦ୍ୱିତି ରଞ୍ଜନ ମହାଲିଙ୍ଗ, ବିନୋଦ ମିଶ୍ର, ସନାତନ ପୁରୋହିତ, ସୁଧାଂଶୁ ବାରିକଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକଯୋଗ ଦେଇଥିଲେ।

## ସଂକ୍ଷେପରେ

### ଜାଳେଣି କାଠ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଛନ୍ତି ଛାତ୍ରୀ

ବିଶ୍ରା,୧୬।୯(ବଟକୃଷ୍ଣ ସ୍ୱାଇଁ):ରାଜ୍ୟରେ ପ୍ରାଥମିକ ଶିକ୍ଷକ ଆନ୍ଦୋଳନ ଜାରି ରହିଥିବା ବେଳେ ବିଦ୍ୟାଳୟ ଗୁଡିକରେ ତାଲା ଝୁଲୁଛି। ଛାତ୍ରୀଛାତ୍ରମାନେ ପାଠପଢ଼ା ଓ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲା ବିଶ୍ରା ବ୍ଲକରେ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ବିଦ୍ୟାଳୟ ବନ୍ଦ ରହିଛି। ଶନିବାର ୨ ଛାତ୍ରୀ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ସାଇକେଲରେ ରଖି ହୋଟେଲ ଓ ଲୋକଙ୍କ ଘରେ ଘରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି।



### ଜିଲାସ୍ତରୀୟ ବିଜ୍ଞାନ ପାଠଚକ୍ର

ଦେବଗଡ଼, ୧୬।୯(ଶଶାଙ୍କ ଶେଖର ଝାଙ୍କର): ଦେବଗଡ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ପରିସରରେ ଶୁକ୍ରବାର ଏକ ଜିଲାସ୍ତରୀୟ ବିଜ୍ଞାନ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଜ୍ଞାନ ଶିକ୍ଷାର ପ୍ରସାର ଶ୍ରେଣୀ ଗୃହରେ ଆବଦ୍ଧ ନ ହୋଇ ସମାଜର ପ୍ରତି କୋଣ ଅନୁକୋଣରେ କିଭଳି ପ୍ରତିଫଳିତ ହୋଇପାରିବ ସେଥିପ୍ରତି ସମସ୍ତ ଛାତ୍ରୀଛାତ୍ର ପ୍ରୟାଶ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଦୁଃଖବନ୍ଧୁ ଭୁକ୍ତା ଅତିଥି ପରିଚୟ ପ୍ରଦାନ କରିବାସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିଯୋଗୀ ଭାବେ ଜିଲାର ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକରୁ ମନୋନୀତ ୯ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି 'ଶ୍ରୀ ଅନ୍ନ ଏକ ମୂଲ୍ୟ ବର୍ଦ୍ଧିତ ପୌଷ୍ଟିକ ବା ଭ୍ରାନ୍ତି ଆହାର' ବିଷୟ ବସ୍ତୁ ଉପରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଚାରକ ଭାବେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ପ୍ରଯୁକ୍ତି ପ୍ରିୟଦର୍ଶିନୀ ସାହୁ ଓ ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ସୁବ୍ରତ କୁମାର ସାମଲ ଯୋଗ ଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ଟୀଙ୍କବୀର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ରୂପେଶ କୁମାର ବେହେରା ପ୍ରଥମ, ବୁଢାପାଳସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ବେବିନା ରାଣି ପ୍ରଧାନ ଦ୍ୱିତୀୟ ଏବଂ ସୁନାମୁଣ୍ଡା ଉନ୍ନିତ ଉଚ୍ଚ ବିଦ୍ୟାଳୟର ଛାତ୍ର ଲିପୁନ ବେହେରା ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷା କାର୍ଯ୍ୟାଳୟର ସହାୟକ ଗୌରହରି ସାହୁ ଓ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

### ୨ ଦଫା ଦାବିରେ ହାଇସ୍କୁଲ ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ



ଦେବଗଡ଼,୧୬।୯(ଶଶାଙ୍କ ଶେଖର ଝାଙ୍କର): ଦବଗଡ ଜିଲା ସରକାରୀ ହାଇସ୍କୁଲ (ମାଧ୍ୟମିକ )ର ନୂତନ ପେନସନ ଯୋଜନା ଭୁକ୍ତ ଶିକ୍ଷକ ସଂଘ ୨ ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏକ ସ୍ମାରକ ପତ୍ର ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ପ୍ରଦାନ କରିଥିଲେ। ଏହା ପୂର୍ବରୁ ସେମାନେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସରକାର ଯଦି ସେମାନଙ୍କର ଦାବି ଉପରେ ବିଚାର ନ କରନ୍ତି ତେବେ ଆଗାମୀ ୨୬ ତାରିଖ ଠାରୁ ସମୂହ ଛୁଟିରେ ଯିବେ ବୋଲି ଲିଖିତ ଚେତାବନୀ ଦେଇଥିଲେ। ସେମାନଙ୍କ ଦାବି ହେଲା ୬ ବର୍ଷ ଚୁକ୍ତି ଅବଧିକୁ ନିୟମିତ ଚାକିରିରେ ଯୋଗ କରି ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ ଓ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ।

# ଓପିଜିସିକୁ ସିଆଇଆଇ ଜାତୀୟ ପୁରସ୍କାର

ସମ୍ବଲପୁର,୧୬।୯(ବି.ଶଙ୍କର)



ଓପିଜିସିକୁ ସିଆଇଆଇ ଜାତୀୟ ପୁରସ୍କାର ପ୍ରଦାନ କରାଯାଉଛି।

ଶକ୍ତି ଦକ୍ଷତା ଓ ସ୍ଥାୟୀ ବ୍ୟବସାୟ ପରିଚାଳନାରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଓଡ଼ିଶା ପାୱାର ଜେନେରେସନ କର୍ପୋରେଶନ ଲିମିଟେଡ (ଓପିଜିସି) ଜାତୀୟ ପୁରସ୍କାର ହାସଲ କରିଛି। ୧୫ ସେପ୍ଟେମ୍ବର ୨୦୨୩ରେ ହାଇଦ୍ରାବାଦଠାରେ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ହୋଇଥିଲା। ୨୪ତମ ଜାତୀୟ ଶକ୍ତି ପୁରସ୍କାର ଇଭେଣ୍ଟରେ କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ଦ୍ୱାରା ପାୱାର ପ୍ଲାଣ୍ଟ ବର୍ଗରେ ଉତ୍କୃଷ୍ଟ ଶକ୍ତି ଦକ୍ଷତା ୟୁନିଟ ଭାବେ ଓପିଜିସିକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ସମଗ୍ର ଭାରତର ବିଭିନ୍ନ ଶିଳ୍ପ କ୍ଷେତ୍ରର ମୋଟ ୧୯୮ କମ୍ପାନୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ କେବଳ ସାତୋଟି କମ୍ପାନୀ (ଶକ୍ତି କ୍ଷେତ୍ରରେ) ମନୋନୀତ ହୋଇଥିଲେ। ପାୱାର ସେକ୍ଟରରେ ଓପିଜିସି ହେଉଛି ଏକମାତ୍ର ଓଡିଶାର କମ୍ପାନୀ ଯିଏକି ଏହି ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଥିଲା। ଏହି ଉଲ୍ଲେଖନୀୟ ସଫଳତା ସକାଶେ ଓପିଜିସିର ନିର୍ଦ୍ଦେଶକ (ଅପରେସନ) ମାନସ ରଞ୍ଜନ ରାଉତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ, ସିଆଇଆଇ ଦ୍ୱାରା ଏକ ଉତ୍କୃଷ୍ଟ ଶକ୍ତି ଦକ୍ଷତା ୟୁନିଟ ଭାବରେ ମାନ୍ୟତା ପାଇ ଆମେ ଗର୍ବିତ। ଏହି ସଫଳତା କର୍ମଚାରୀ ଓ ଅଧିକାରୀମାନଙ୍କ କଠିନ ପରିଶ୍ରମର ପ୍ରମାଣ।

# ପୁରୁଣା ବସ୍‌ଷ୍ଟାଣ୍ଡକୁ ସିଟି ବସ୍‌ଷ୍ଟାଣ୍ଡ କରିବାକୁ ଦାବି

ସମ୍ବଲପୁର,୧୬।୯ (ଶୁଭାଶିଷ ପାଢ଼ୀ)

ଝାରସୁଗୁଡ଼ା ଗାନ୍ଧୀ ଛକ ନିକଟ ପୁରାତନ ବସ୍‌ଷ୍ଟାଣ୍ଡ ପରିସରରେ ଜିଲାର ବିଭିନ୍ନ ସାମାଜିକ ସଂଗଠନ କର୍ମକର୍ତ୍ତା, ସାମାଜିକ କର୍ମୀ, ଶ୍ରମିକ, ବୁଦ୍ଧିଜୀବୀ, ବ୍ୟବସାୟୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୁଣା ବସ୍‌ଷ୍ଟାଣ୍ଡକୁ ସିଟି ବସ୍‌ଷ୍ଟାଣ୍ଡ ଭାବେ ଘୋଷଣା କରି ଏଠାରୁ ଜିଲାର ଅଞ୍ଚଳକୁ ବସ୍ ଚଳାଚଳ ପାଇଁ ଦାବି କରାଯାଇଥିଲା। ବସଷ୍ଟାଣ୍ଡ ବଣିକ ସଂଘ ସଭାପତି ଅର୍ଜୁନ ନାୟକଙ୍କ ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରି ଦାବି ହାସଲ ପାଇଁ ଉଦ୍ୟମ କରାଯିବ ବୋଲି ବକ୍ତାମାନେ ମତ ପୋଷଣ କରିଥିଲେ। ଅଧିବକ୍ତା ସଂଘ ସଭାପତି ତ୍ରିନାଥ ଗୁଆଲ, ସହର ବଣିକ ସଂଘ ସଭାପତି ହିରାଲାଲ ଲୋକ ଚନ୍ଦାନି, ଲୋକମୁକ୍ତି ସଂଗଠନ ଆବାହକ ଅନନ୍ତ ପଣ୍ଡା, ଆଇନଜୀବୀ ସାଧନା ପାଣ୍ଡେ, ଆଇନଜୀବୀ ତଥା ବସଷ୍ଟାଣ୍ଡ ବଣିକ ସଂଘ ଉପଦେଷ୍ଟା ସନ୍ଦୀପ ଅବସ୍ଥି, ଶ୍ରମିକ ନେତା ଗଜେନ୍ଦ୍ର ମାଝି, ସାରଙ୍ଗଧର ମିଶ୍ର, ଗୌରୀ ଶଙ୍କର ପାତ୍ର, କୃଷକ ସଂଗଠନର ସୁରେନ୍ଦ୍ର ସାହୁ, ଆଦିବାସୀ ମହିଳା ନେତ୍ରୀ ସଂଯୁଲତା ନାୟକ, ସମ୍ମିଳିତ ଆଦିବାସୀ ସମାଜ ନେତା ରତ୍ନାକର ପ୍ରଧାନ, ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ଜିଲା ସଭାପତି ପଦ୍ମ ଲୋଚନ ବୁଡୁଲା, ବିଶ୍ୱ ମାନବ ଅଧିକାର ସୁରକ୍ଷା ସଂଗଠନ ସମ୍ପାଦକ ମଦନ ମୋହନ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଶେଷରେ ବିଜୟ ସାକୁନିଆ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗଦେଇଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତା।

# ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ

ଦେବଗଡ଼,୧୬।୯(ଶଶାଙ୍କ ଶେଖର ଝାଙ୍କର )



ଦେବଗଡ ଜିଲା ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଶନିବାର ୨ୟ ପର୍ଯ୍ୟାୟ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରକୋଟ ବ୍ଲକ ଅନ୍ତର୍ଗତ ଡିମିରିପୋଶି ଆଶ୍ରମ ବିଦ୍ୟାଳୟ, ଗୟଳମରା ଆଶ୍ରମ ବିଦ୍ୟାଳୟ ଓ ଝରବାହାଳ ଆଶ୍ରମ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡିମିରିପୋଶି ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଦେହୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ଭାବଗ୍ରାହୀ କିଷାନ ଓ ବାରକୋଟ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ଯୋଗଦେଇଥିଲେ। ଗୟଳମରା ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବିଜୟ କିଷାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି ଯୋଗଦେଇଥିଲେ। ସେହିପରି ଝରବାହାଳ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତିଲୋତମା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପାଉଡି ଭୂୟାଁ, ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ରାଜେନ୍ଦ୍ର ବାନରା ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିମାନେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରି ପ୍ୟାରେଣ୍ଟ୍ସ ଏକ୍ ପାର୍ଟନର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ବନ୍ଧରେ ଉପସ୍ଥିତ ଅଭିଭାବକଙ୍କୁ ବୁଝାଇଥିଲେ। ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ତଥା ଛାତ୍ରାବାସ ଗୁଡିକରେ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଏବଂ ବିଭିନ୍ନ ଲାଇନ ବିଭାଗର ଯୋଜନା ଗୁଡିକ ଉପରେ ଆଲୋକପାତ କରାଯାଇଥିଲା। ଶେଷରେ ସମ୍ପୃକ୍ତ ବିଦ୍ୟାଳୟ ଗୁଡିକର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ମତ୍ସ୍ୟ ବିଭାଗ , ମହିଳା ଓ ଶିଶୁ ବିକାଶ ବିଭାଗ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ଖୋଲା ଯାଇଥିଲା।

### ଅନ୍ୱେଷା ଛାତ୍ରାବାସରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ

ଦେବଗଡ଼,୧୬।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ମଙ୍ଗଳ ବିଭାଗ ଆନୁକୂଲ୍ୟରେ ନୂଆଁବାଲିରୋଇ ସ୍ଥିତ ଅନ୍ୱେଷା ଛାତ୍ରାବାସରେ ୨ୟ ପର୍ଯ୍ୟାୟ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରାବାସର ଅଧିକ୍ଷକ ଲକ୍ଷ୍ମୀକାନ୍ତ ସୁନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଇଟିଡିଏର ପ୍ରକଳ୍ପ ପ୍ରଶାସିକା ସଧାରାଣୀ ମାଝି ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରି ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ବନ୍ଧରେ ଉପସ୍ଥିତ ଅଭିଭାବକଙ୍କୁ ବୁଝାଇଥିଲେ। ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ତଥା ଛାତ୍ରାବାସ ଗୁଡିକରେ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଏବଂ ବିଭିନ୍ନ ଲାଇନ ବିଭାଗର ଯୋଜନା ଗୁଡିକ ଉପରେ ଆଲୋକପାତ କରାଯାଇଥିଲା। ଶେଷରେ ସମ୍ପୃକ୍ତ ବିଦ୍ୟାଳୟ ଗୁଡିକର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ମତ୍ସ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ଖୋଲା ଯାଇଥିଲା ।

# ସରକାରୀ କଲେଜରେ ଗଙ୍ଗାଧର ମେହେର ଜୟନ୍ତୀ

ସୁନ୍ଦରଗଡ,୧୬।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ କଲେଜରେ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଅଧକ୍ଷ ଡ.ଲଳିତ ରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଗଙ୍ଗାଧରଙ୍କ କବିତ୍ୱ ଓ ଆଧାତ୍ମିକ ଚେତନା ଉପରେ ଆଲୋକପାତ କରିଥିଲେ। ଡୁଡୁକା ଭେଷଜ ପଟେଲ କଲେଜ ପ୍ରାଧ୍ୟପିକା ମିନତୀ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟରେ ନାରୀ ଚରିତ୍ରର ମହନୀୟତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦର୍ଲିପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ହେମନ୍ତ କୁମାର ପଟେଲ ସମ୍ମାନିତ ବକ୍ତାଭାବେ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସରକାରୀ କଲେଜର ଇଂରାଜୀ ବିଭାଗର ପ୍ରାଧ୍ୟାପକ ବୀରେନ୍ଦ୍ର କୁମାର ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗଙ୍ଗାଧର ଓ ୱାର୍ଡସ ୱାର୍ଥଙ୍କ କବିତାରେ ଥିବା ପ୍ରକୃତି ଚିତ୍ରଣଗତ ସମାନତା ଉପରେ ଏକ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ପ୍ରଧାପକ ଡ.କୁଳମଣି ବେହେରା ଗଙ୍ଗାଧରଙ୍କ ଜୀବନୀ ଓ କୃତୀ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ.ସୁବାଷ ଚନ୍ଦ୍ରବେହେରା, ଅଧ୍ୟାପିକା ଡ.ପଲିମର ଦାଶ, ଅନିତା ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ନୂତନ ଖମାରୀ ଅତିଥି ପରିଚୟ ପ୍ରଦାନ, କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

# ପଞ୍ଚଦିବସୀୟ ଆନ୍ତଃ ଜିଲା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ



ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳୀ ଓ ଅନ୍ୟମାନେ ।

ଦେବଗଡ଼୧୬।୯(ଶଶାଙ୍କ ଶେଖର ଝାଙ୍କର )

**ବୁଢାରଜା ଫୁଟ୍‌ବଲ ଦଳ ଚାମ୍ପିୟନ**

ସୁନ୍ଦରଗଡ଼ ଜିଲା ବାରକୋଟ ବ୍ଲକ ବଳମ ପଞ୍ଚାୟତ ନୂଆଗାଁ ଗ୍ରାମରେ ଦୋଳଗୋବିନ୍ଦ କ୍ଲବ ଆନୁକୂଲ୍ୟରେ ଗତ ୧୨ ତାରିଖଠାରୁ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୁଗୁଡା ରମ୍ଭାଦେବୀ ଫଟ୍‌ବଲ ଦଳକୁ ୨-୦ ଗୋଲରେ ପରାସ୍ତ କରି ସମ୍ବଲପୁରର ବୁଢାରଜା ଫୁଟ୍‌ବଲ ଦଳ ବିଜୟୀ ହୋଇଥିଲା । ଫାଇନାଲ ମ୍ୟାଚକୁ ରେଫରୀ ଭାବେ ପଦ୍ମଚରଣ ଗୁରୁ, ସୁଜିତ ବାରିକ, ଯଶୋବନ୍ତ ପ୍ରଧାନ, ଗୋଲେଖ ନାୟକ ଓ ପ୍ରଶାନ୍ତ ମୁଣ୍ଡା ପରିଚାଳନା କରିଥିଲେ। ଅପରାହ୍ନରେ କ୍ଲବ ସଭାପତି ସୁଜ୍ଞାନୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଳମ ଗ୍ରାମର ଯୁବନେତା ଗଜାନନ ବେହେରା ଓ ସମ୍ମାନିତ ଅତିଥିଭାବେ ବନ୍ଧୁରାମ ସାହୁ ଯୋଗଦେଇ ଚାମ୍ପିୟନ ବୁଢାରଜା ଫୁଟ୍‌ବଲ ଦଳ ଓ ରନର୍ସ ଅପ୍ ରମ୍ଭାଦେବୀ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସଦସ୍ୟ ଲିପନ, ପ୍ରଦୀପ, ପ୍ରଶାନ୍ତ, ଚୈତନ୍ୟ, ବଳରାମ, ଅଜୟ , ଅମର, ସଞ୍ଜୀବ, ଝୁଲୁ, ସୁବାସ, ଆଲୋକ, ରିଙ୍କୁ ଓ ପିଙ୍କୁ ସମେତ ବହୁ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ କ୍ଲବ ସମ୍ପାଦକ ଶୁକଦେବ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

ରାଉରକେଲା,୧୬।୯(ଦିନେଶ ମିଶ୍ର): ଆରଜିଏଚ୍ ପରିସରରେ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହକୁ ରଘୁନାଥପାଲି ପୋଲିସ ଜବତ କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦୪।୨୩) ରୁଜୁ କରି ତଦନ୍ତ ଚଳାଇଛି। ମୃତ ବୃଦ୍ଧଙ୍କ ବୟସ ପାଖାପାଖି ୬୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ଶନିବାର ସକାଳ ସମୟରେ ଆରଜିଏଚ ପରିସରରେ ଜଣେ ବୃଦ୍ଧଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ (ରାତି ୯ଟା) ମୃତକଙ୍କ ପରିଚୟ ମିଳିନାହିଁ। ଆରଜିଏଚ ମର୍ଗ ହାଉସ୍‌ରେ ମୃତଦେହକୁ ରଖାଯାଇଛି।

### ୫ ଦିନିଆ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ, କେନ୍ଦୁଛାପଲ ଚାମ୍ପିୟନ

ଦେବଗଡ଼,୧୬।୯(ଶଶାଙ୍କ ଶେଖର ଝାଙ୍କର ): ତିଲେଇବଣି ବ୍ଲକ ପ୍ରଭାସୁଣୀ ଗ୍ରାମରେ ଚାଲିଥିବା ୫ ଦିନିଆ ହକି ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗଙ୍ଗାଧର ମେହେର କ୍ଲବ ପକ୍ଷରୁ ୩୬ଟି ହକି ଦଳକୁ ନେଇ ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ହଦମୁଣ୍ଡା ହକି ଦଳକୁ ପରାସ୍ତ କରି କେନ୍ଦୁଛାପଲ ହକିଦଳ ଚାମ୍ପିୟନ ହୋଇଥିଲା। ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ କମିଟି ସଭାପତି ସେମ୍ ହେମ୍ବ୍ରମ, ସମ୍ମାନୀତ ଅତିଥିଭାବେ ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧକ୍ଷା ଆରତୀ ପ୍ରଧାନ, ସରପଞ୍ଚ ସସ୍ମିତା ଏକ୍କା, ସମିତିସଭ୍ୟ ଶୁକ୍ରୁ ମିଞ୍ଜ, ନାଏବ ସରପଞ୍ଚ ଟିକେଶ୍ୱର କିଷାନ ଏବଂ ପୂର୍ବତନ ଜିଲା ପରିଷଦ ସଭ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିବା ସହ ବିଜେତା ଏବଂ ଉପବିଜେତା ଦଳକୁ ଖାସି ଏଂ ବୋଦା ପୁରସ୍କାର ପ୍ରଦାନ କରିଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ

କୁଆଁରମୁଣ୍ଡା,୧୬।୯(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ନିକଟସ୍ଥ ସତ୍‌ସଙ୍ଗ କେନ୍ଦ୍ରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏନେଇ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟ ପ୍ରବଚକଭାବେ ବଣେଇଁ ଅଞ୍ଚଳର ସହ ପ୍ରତିରିତିକ ଏକାଦଶୀ ପ୍ରଧାନ ଯୋଗଦେଇ ପ୍ରଭୁ ଶ୍ରୀରାମ ଚନ୍ଦ୍ର, ଶ୍ରୀକୃଷ୍ଣ ଯେଉଁଭଳିଭାବେ ଜୀବଜଗତକୁ ସ୍ନେହ, ଶ୍ରଦ୍ଧା କରୁଥିଲେ ଠିକ୍ ସେହିଭଳିଭାବେ ଠାକୁର ଅନୁକୂଳ ଚନ୍ଦ୍ର ସମାଜକୁ ଭଲ ପାଉଥିଲେ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜକ ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେଇଥିଲେ। କୁଶଳ ଓରାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରତ୍ନାକର ଧଳ ପରିଚାଳନା କରିଥିଲେ। କରୁଣାକର ଦାସ, ମାଧୁରୀ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।



ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ ପାଳନ କରାଯାଉଛି।

# ଦକ୍ଷତା ବୃଦ୍ଧି ତାଲିମ, ପ୍ରୋତ୍ସାହନ ଦ୍ୱାରା ଜୈବିକ କୃଷି ଉଦ୍ୟୋଗୀ ସୃଷ୍ଟି ସମ୍ଭବ

ସୁନ୍ଦରଗଡ,୧୬।୯(ଜୟ ନାରାୟଣ ମେଣ୍ଡୁଲି)




ଉଦ୍ୟୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ଜୈବିକ କୃଷି ଉପରେ ଦକ୍ଷତା ବୃଦ୍ଧି ତାଲିମ ଶିବିର**

କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୫ ଦିନିଆ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ଓଡିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ବାଡସି)ଙ୍କ ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଗତ ୧୧ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୫ ତାରିଖରେ ଶେଷ ହୋଇଛି। ଏହି ଶିବିରରେ ଜିଲାର ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୨୦ ମହିଳା ଓ ପୁରୁଷଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଜୈବିକ କୃଷି ଉପରେ ତାଲିମ୍ ଦିଆଯାଇଥିଲା। ଗ୍ରାମୀଣ ଶିକ୍ଷିତ ଯୁବତୀ ଯୁବକଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଜୈବିକ କୃଷିକୁ ଗ୍ରହଣ କରିବା ଲକ୍ଷ୍ୟ ତଥା ମନୁଷ୍ୟ ସ୍ୱାସ୍ଥ୍ୟ ଓ ପରିବେଶର ଉନ୍ନତି ଏବଂ ବିଷମୁକ୍ତ ନେଇ ଏହି ତାଲିମ୍ ଶିବିର ଆୟୋଜନ କରାଯାଇଥିଲା। ପ୍ରଶୀକ୍ଷାର୍ଥୀଙ୍କୁ ଜୈବିକ ଚାଷର ବିଭିନ୍ନ ଉପାଦାନ ବିଷୟରେ ତାଲିମ୍ ପ୍ରଦାନ କରାଯିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ବିଭିନ୍ନ ପତ୍ର ଯଥା-ନିମ୍ବ, କରଞ୍ଜ, ଭାଙ୍ଗପତ୍ର, ଗୋମୂତ୍ର, କଞ୍ଚାଲଙ୍କା, ରସୁଣ ଇତ୍ୟାଦିରୁ ପ୍ରସ୍ତୁତ ଜୈବିକ ପଦାର୍ଥ କୌଶଳକୁ ପ୍ରଦର୍ଶନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ବୈଜ୍ଞାନିକ ଡଃ. ଦିବେନ୍ଦୁ ମଣ୍ଡଳ ମୁଖ୍ୟ ପ୍ରଶିକ୍ଷକ ଭାବେ ତାଲିମ୍ ପ୍ରଦାନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ, ଡ. ମନୋଜ ଜେନା, ଡ. ସଞ୍ଜୀବ ବିଶ୍ୱାସୀ ଓ ଆଶିଷ କୁମାର ମହାନ୍ତି ପ୍ରମୁଖ ତାଲିମ୍ ପ୍ରଦାନ କରିଥିଲେ। କୁତ୍ରା ବ୍ଲକର ରାଜାବସାଟାରେ ଅମୂଲ୍ୟ ପ୍ରତାପ ଲାକ୍ରାଙ୍କ ଜୈବିକ ଏବଂ ପ୍ରାକୃତିକ କୃଷି କ୍ଷେତ୍ରକୁ ଜିଲାର ବିଭିନ୍ନ କୃଷି ଉଦ୍ୟୋଗୀ ଓ ଅନ୍ୟାନ୍ୟ ଚାଷୀ ପରିଭ୍ରମଣରେ ଯାଇ ପ୍ରତ୍ୟକ୍ଷ ଜ୍ଞାନ କୌଶଳ ଆହରଣ କରିଥିଲେ। ଶେଷଦିନରେ ମୁଖ୍ୟ ଅତିଥିଭାବେ ସଦର ବ୍ଲକ କୃଷି ଅଧିକରୀ ଉଦିତ କୁମାର ନାଏକ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଶିକ୍ଷଣ ଶେଷରେ ପ୍ରଶିକ୍ଷାର୍ଥୀଙ୍କ ମୂଲ୍ୟାୟନ କରାଯାଇ ଜୈବିକ କୃଷି ସଂକ୍ରାନ୍ତ ତାଲିମ୍ ପୁସ୍ତିକା ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ୍ ଶିବିରକୁ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଅରୁଣ କୁମାର ମିଶ୍ର, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, ଷ୍ଟେନୋ କମଳ ଲୋଚନ ମହାନ୍ତ, କର୍ମଚାରୀ ଜିତେନ୍ଦ୍ର ସେଠୀ, ଭ୍ରମରବର ସା, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ ।



ନିକୋଲେ ସନାହନ



ଏଲନ ମସ୍କ



ଶେରଗେ ବ୍ରିନ୍

# ସନ୍ଦେହରେ ନିକୋଲେଙ୍କ ସମ୍ପର୍କ

## ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଲେ ଗୁଗୁଲ ସହ ପ୍ରତିଷ୍ଠାତା

ୱାଶିଂଟନ,୧୬।୯

ଏଲନ୍ ମସ୍କଙ୍କ ସହ ପ୍ରେମ ସମ୍ପର୍କ ଅଭିଯୋଗରେ ଗୁଗଲର ସହ ପ୍ରତିଷ୍ଠାତା ଶେରଗେ ବ୍ରିନ୍ ତାଙ୍କ ସ୍ତ୍ରୀ ନିକୋଲେ ସନାହନଙ୍କୁ ଛାଡ଼ପତ୍ର ଦେଇଛନ୍ତି। କୋର୍ଟର ଦସ୍ତାବିଜ ଅନୁସାରେ ଦମ୍ପତିଙ୍କ ଛାଡ଼ପତ୍ର ମେ ୨୬ ହୋଇଥିଲା। ଉଭୟ ବର୍ତ୍ତମାନ ସେମାନଙ୍କ ୪ ବର୍ଷର ଝିଅ ପାଇଁ କୋର୍ଟର ଆଶ୍ରୟ ନେଇଛନ୍ତି। ଯଦିଓ ସନାହନ ଛାଡ଼ପତ୍ରକୁ ବିରୋଧ କରିନାହାନ୍ତି, କିନ୍ତୁ ସେ ତାଙ୍କ ସ୍ୱାମୀଙ୍କଠାରୁ ସମସ୍ତ ପ୍ରକାର ସହାୟତା ଆଶା କରୁଛନ୍ତି ବୋଲି କୋର୍ଟଙ୍କୁ କହିଛନ୍ତି। ଏହା ସହିତ ଗୋପନୀୟ ଭାବେ ଓକିଲଙ୍କ ଫି' ଓ ସମ୍ପତ୍ତି ଭାଗବଣ୍ଟା ମଧ୍ୟ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୫ରେ ବ୍ରିନ୍ ଓ ସନାହନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେହିବର୍ଷ ବ୍ରିନ୍ ତାଙ୍କ ପ୍ରଥମ ସ୍ତ୍ରୀ ଏନି ବୋଜସ୍କିଙ୍କୁ ଛାଡ଼ପତ୍ର ଦେଇଥିଲେ। ପରେ ୨୦୧୮ରେ ସନାହନଙ୍କୁ ବିବାହ କରିଥିଲେ। ତେବେ ମନୋମାଳିନ୍ୟ ଯୋଗୁ ୨୦୨୧ରୁ ଦୁହେଁ ଅଲଗା ରହୁଥିଲେ। ଏହାପରେ ବ୍ରିନ୍ ୨୦୨୨ରେ ଛାଡ଼ପତ୍ର ପାଇଁ କୋର୍ଟରେ ଅପିଲ କରିଥିଲେ। ତେବେ ଏଲନ୍ ମସ୍କଙ୍କ ସହ ତାଙ୍କ ସ୍ତ୍ରୀଙ୍କ ସମ୍ପର୍କ ରହିଥିବାର ଜଣାପଡ଼ିବା ପରେ ବ୍ରିନ୍ ଛାଡ଼ପତ୍ର ପାଇଁ ଅପିଲ୍ କରିଥିଲେ ବୋଲି ନ୍ୟୁୟର୍କ ପୋଷ୍ଟରେ ପ୍ରକାଶିତ ଏକ ଖବରରେ କୁହାଯାଇଛି।

# ଚାକିରି ନାମରେ ଟଙ୍କା ଲୁଟ୍, ୬ ଗିରଫ

## ଏକେ ଆସୋସିଏଟ୍ ନାମରେ ଖୋଲିଥିଲା ସଂସ୍ଥା



**କେବଳ ଝାରସୁଗୁଡ଼ାରେ ୧୬୫ରୁ ଊର୍ଦ୍ଧ୍ୱ ପିଲା**

ସମ୍ବଲପୁର,୧୬।୯ (ଶୁଭାଶିଷ ପାଢ଼ୀ)

ଝାରସୁଗୁଡ଼ା ଜିଲ୍ଲା ଏଚ୍ କଟାପାଲିରେ ଏକେ ଆସୋସିଏଟ୍ ନାମରେ ଅଫିସ ଖୋଲି ଚାକିରି ଓ ତାଲିମ ଦେବା ନାମରେ ଟଙ୍କା ଲୁଟ୍ କରୁଥିବା ଏକ ରାକେଟର ୬ ଜଣଙ୍କୁ ପୋଲିସ ଶନିବାର ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗର କୁବେରକାନ୍ତ ପରିଡା, ଝାରସୁଗୁଡ଼ା ଜିଲ୍ଲା ବିଜୟନଗରର ଶୁଭେନ୍ଦୁ ଥଉଟି, ଧୁସୁରି ସତ୍ୟଜିତ ରଥ, ଚନ୍ଦନ ରଥ, ଭଦ୍ରକ ସୁଲିଦିଆପଡାର ସନ୍ତୋଷ ଦାସ ଓ ଦେବାଶିଷ କାଣ୍ଡି। ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ କମ୍ପ୍ୟୁଟର, ମୋବାଇଲ, କଲର ପ୍ରିଣ୍ଟର, ୧୫୦ ହାତଲେଖା ନିଯୁକ୍ତିପତ୍ର, ୫୫୦ ଜଣ ପଞ୍ଜୀକୃତ କରିଥିବା ତାଲିକା ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଅତିରିକ୍ତ ଏସ୍‌ପି ନାରାୟଣ ଚନ୍ଦ୍ର ବାରିକ ସୂଚନା ଦେଇଛନ୍ତି।

ସେ ଆହୁରି କହିଥିଲେ, କିଛିବର୍ଷ ହେବ ଅଭିଯୁକ୍ତମାନେ ୩ ସ୍ଥାନରେ ଭଡାଘର ନେଇଥିଲେ। ସେଠାରେ ସେମାନେ ଅଫିସ ଖୋଲିବା ସହ ବିଭିନ୍ନ ଅଞ୍ଚଳର ଯୁବବର୍ଗଙ୍କୁ ତାଲିମ ଦେବାକୁ କହି ଅଫିସକୁ ଡକାଇ ପ୍ରଥମେ ଟଙ୍କା ନେଉଥିଲେ। ପରେ ଚାକିରି ଦେବା ନାମରେ ଅଧିକ ଟଙ୍କା ଦାବି କରୁଥିଲେ। ମାଲକାନଗିରି ଜିଲ୍ଲା ଅଟଲଗଡର ନିରଞ୍ଜନ ଖେର ଏହି ଠକାମିର ଶିକାର ହୋଇଥିଲେ। ତାଲିମ କେନ୍ଦ୍ରରୁ ସେ ଖସିଆସି ପୋଲିସ ପାଖରେ ଗତ ୧୩ ତାରିଖ ରାତି ୧୦ଟାରେ ଅଭିଯୋଗ କରିଥିଲେ। ଏସ୍‌ଡିପିଓ ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ସଦର ଥାନା ଅଧିକାରିଣୀ ସ୍ୱପ୍ନାରାଣୀ ଗୋଛାୟତଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ତଦନ୍ତ କରିବା ପରେ ଏକେ ଆସୋସିଏଟ୍ ନାମରେ ସଂସ୍ଥା ବେଆଇନ କାମ କରୁଥିବା ସ୍ପଷ୍ଟ ହୋଇଥିଲା। ପିଲାଙ୍କୁ ଉଦ୍ଧାର କରାଯିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। କେବଳ ଝାରସୁଗୁଡା ଜିଲ୍ଲାର ୧୬୫ ଜଣ ପିଲା ତାଲିମ କେନ୍ଦ୍ରରେ ଥିବା ଜଣାପଡିଥିଲା। ଅଭିଯୁକ୍ତମାନେ ନିରୀହ ଯୁବତୀଯୁବକଙ୍କୁ ତାଲିମ ଦେଇ ବିଭିନ୍ନ ପ୍ଲାଷ୍ଟିକ, କେମିକାଲ ଓ ଝାରସୁଗୁଡାର କମ୍ପାନୀରେ ଚାକିରି ଦେବାକୁ କହି ଜଣଙ୍କ ପିଛା ୬ରୁ ୧୨ ହଜାର ପର୍ଯ୍ୟନ୍ତ ଟଙ୍କା ନେଉଥିଲେ। ପରେ ଟଙ୍କା ପରିମାଣ ବଢାଉଥିଲେ। ଏହି ରାକେଟର ଚେର କେବଳ ଝାରସୁଗୁଡା ନୁହେଁ, ସମଗ୍ର ରାଜ୍ୟକୁ ଲମ୍ବିଛି ବୋଲି ଏଏସ୍‌ପି ବାରିକ ସୂଚନା ଦେଇଥିଲେ।

# ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆର୍‌ଆଇ



ଆର୍‌ଆଇ ରମାକାନ୍ତ ବେହେରା

ଜଗତ୍‌ସିଂହପୁର, ୧୬।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲ୍ଲା ବାଲିକୁଦା ତହସିଲ ଅନ୍ତର୍ଗତ ବାହାରଣା ଆର୍‌ଆଇ (ରାଜସ୍ୱ ନିରୀକ୍ଷକ) ରମାକାନ୍ତ ବେହେରା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ବାଲିକୁଦା ଥାନା ସରଣା ଗ୍ରାମର ନିକୁଞ୍ଜ କିଶୋର ସ୍ୱାଇଁଙ୍କଠାରୁ ଜମି ପଟ୍ଟା ବାବଦରେ ତଦନ୍ତ ରିପୋର୍ଟ ଦେବା ପାଇଁ ୪ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶନିବାର ସ୍ୱାଇଁ ଏହି ଟଙ୍କା ଆର୍‌ଆଇଙ୍କୁ ଦେଲାବେଳେ ଭିଜିଲାନ୍ସ ଟିମ୍ ଧରିଛି। ଏନେଇ କଟକ ଭିଜିଲାନ୍ସ ପକ୍ଷରୁ ମାମଲା (ନଂ. ୩୦/୨୩) ରୁଜୁ କରାଯାଇ ବେହେରାଙ୍କୁ ଗିରଫ ପରେ କୋର୍ଟ ଚାଲାଣ

## ତଦନ୍ତ ରିପୋର୍ଟ ପାଇଁ ୪ ହଜାର ଟଙ୍କା ନେଉଥିଲେ

କରାଯାଇଛି। ଭିଜିଲାନ୍ସ ପକ୍ଷରୁ କୁହାଯାଇଛି, ସ୍ୱାଇଁ ତାଙ୍କ ଭାଇମାନଙ୍କ ପୃଥକ୍ ପଟ୍ଟା ପାଇଁ ପାର୍ଟିଶନ୍ ଶୁଟ୍ କରିଥିଲେ। ଏହି ମୁତାବକ ଆର୍‌ଆଇ ବେହେରା ତଦନ୍ତ ରିପୋର୍ଟ ଦେବା କଥା। କିନ୍ତୁ ସେ ତଦନ୍ତ ରିପୋର୍ଟ ଦେବା ପାଇଁ ଲାଞ୍ଚ ମାଗିଥିଲେ। ଏ ପରିସ୍ଥିତିରେ ଅଭିଯୋଗକାରୀ ଅଡୁଆରେ ପଡ଼ିଯାଇଥିଲେ। ସେ କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଏସ୍‌ପି ଏଲ୍. ଦିବ୍ୟାଙ୍କ ନିର୍ଦ୍ଦେଶକ୍ରମେ ଗତ ୧୫ ତାରିଖରେ ମାମଲା ରୁଜୁ ହୋଇଥିଲା। ଏଥିସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ଭିଜିଲାନ୍ସ ପକ୍ଷରୁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଯୋଜନାବଦ୍ଧ ଭାବେ ଅଭିଯୋଗକାରୀ ଆର୍‌ଆଇ ବେହେରାଙ୍କ କାର୍ଯ୍ୟାଳୟରେ ପହଞ୍ଚି ୪ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ମୁତାବକ ଅପେକ୍ଷାରତ ଭିଜିଲାନ୍ସ କର୍ମଚାରୀମାନେ ବେହେରାଙ୍କୁ ଗିରଫ କରିଥିଲେ। ଏହାପରେ ବେହେରାଙ୍କ ନିଜ ଘର କଣ୍ଟିଲୋ, କଟକ ଜିଲ୍ଲା କିଶୋରନଗର ଥାନା ବାଲିଶୁକୁରୀସ୍ଥିତ ଭଡ଼ାଘର ଓ ତାଙ୍କ କାର୍ଯ୍ୟାଳୟରେ ଚଢାଉ କରାଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଚାନ୍ଦାମଗାରୁ ଗଣ୍ଡଗୋଳ: ସଂଘବଦ୍ଧ ଆକ୍ରମଣ କରି ହତ୍ୟା



ଗ୍ରାମରେ ପୋଲିସ ତଦନ୍ତ କରୁଛି।

## ୫ ଅଟକ, ଗ୍ରାମରେ ଉତ୍ତେଜନା

ସମ୍ବଲପୁର,୧୬।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା କଟପାଲି ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଚାନ୍ଦାମଗାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଶେଷରେ ସଂଘବଦ୍ଧ ଆକ୍ରମଣ କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ଗ୍ରାମର କ୍ଷୀରୋଦ ତାଣ୍ଡି (୩୦)। ଆକ୍ରମଣରେ ଦୁଇଜଣ ଆହତ ହୋଇ ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଓ ସାଇଣ୍ଟିଫିକ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗିରହିଛି। ଭୟରେ କେତେଜଣ ଯୁବକ ଗ୍ରାମ ଛାଡି ଚାଲିଯାଇଛନ୍ତି। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ ରହିଛନ୍ତି। ସୂଚନା ଅନୁସାରେ, ଗଣେଶ ପୂଜା ଚାନ୍ଦା ମାଗିବାକୁ ନେଇ କ୍ଷୀରୋଦ ଓ ଅନ୍ୟ ଗୋଷ୍ଠୀଙ୍କ ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଥିଲା। ଶନିବାର ଘଟଣାର ପୁନରାବୃତ୍ତି ଘଟି ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟ ଗୋଷ୍ଠୀ ଯୁବକମାନେ କ୍ଷୀରୋଦଙ୍କୁ କାଠଫାଳିଆ, ଇଟାରେ ବାଡେଇ ହତ୍ୟା କରିଥିଲେ। ଗାଁ ଦାଣ୍ଡରେ କ୍ଷିରୋଦଙ୍କ ମୃତଦେହ ପଡିଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ହୀରାକୁଦ ଏସ୍‌ଡିପିଓ ସତ୍ୟବ୍ରତ ଦାସ କହିଛନ୍ତି, ଘଟଣାରେ ୫ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ମୁଖ୍ୟ ଅଭିଯୁକ୍ତ ଚିହ୍ନଟ ହୋଇଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ। ଗୋଷ୍ଠୀ ସଂଘର୍ଷରୁ ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି ବୋଲି ସେ କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କୁ...

ଚାଉଳ ଉଠାଇବା ପାଇଁ ୨୦୨୩ ମାର୍ଚ୍ଚ ୨୮ ତାରିଖରେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ଏଥିସହିତ ବିଭିନ୍ନ ସମୟରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ବିଜେଡି ଏମ୍‌ପିମାନେ ମଧ୍ୟ ବଳକା ଉଷୁନା ଚାଉଳ ଉଠାଇବା ନେଇ ପାର୍ଲାମେଣ୍ଟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟର ଦାବିକୁ ଦେଖି କେନ୍ଦ୍ର ସରକାର ଓଡ଼ିଶାକୁ ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ଯୋଗାଣକୁ ବନ୍ଦ କରିଛନ୍ତି।

ଅନ୍ୟପକ୍ଷରେ ବଜାରରେ ଆବଶ୍ୟକ ପରିମାଣର ଗହମ ମିଳୁ ନ ଥିବାରୁ ରାଜ୍ୟରେ ଥିବା ଅଟା ମିଲରମାନେ ମଧ୍ୟ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ଗହମ ଅଭାବରୁ ଅନେକ ମିଲର ହାତବାନ୍ଧି ବସିଛନ୍ତି। ବର୍ଷେ ହେବ ଗହମ ଅଭାବ ଦେଖାଦେବା ସହ ଦର ବୃଦ୍ଧି ହୋଇଛି। ଏଥିଯୋଗୁ ଅଟା, ମଇଦା, ସୁଜି ସମେତ ଗହମରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଦର ବଢ଼ିଯାଇଛି। ପ୍ରତ୍ୟେକ ସାମଗ୍ରୀରେ କିଲୋ ପ୍ରତି ୫ରୁ ୬ ଟଙ୍କା ଟଙ୍କା ବୃଦ୍ଧି ହୋଇଛି। ଏହାର ସିଧା ସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡୁଛି।

ବଜାରରେ ଗହମରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଦର ସନ୍ତୁଳନ ରଖିବାକୁ କେନ୍ଦ୍ର ସରକାର ଖୋଲା ବଜାର ବିକ୍ରି (ଓପନ ମାର୍କେଟ ସେଲ) କାର୍ଯ୍ୟକାରୀ କରୁଛନ୍ତି। ଏହି ସ୍କିମ୍ ଜରିଆରେ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ମିଲରମାନଙ୍କୁ ସୁଲଭ ମୂଲ୍ୟରେ ଗହମ ଯୋଗାଇ ଦେଇଥାଏ। ମାତ୍ର ଗତ ଫେବୃୟାରୀରୁ ଏଫ୍‌ସିଆଇ ଓଏମ୍‌ଏସ୍ ଜରିଆରେ ଆଉ ଗହମ ଯୋଗାଇ ଦେଉନାହାନ୍ତି। ଗହମ ଅଭାବରୁ ଏହି ଯୋଜନା ଚଳିତ ବର୍ଷ ବନ୍ଦ ହୋଇଯାଇଥିବା ଏଫ୍‌ସିଆଇ ପକ୍ଷରୁ କୁହାଯାଉଛି। ମାତ୍ର ଖୁଚୁରା ବଜାରରେ ଥିବା ବହୁରାଷ୍ଟ୍ରୀୟ କମ୍ପାନୀମାନେ ଗହମକୁ ନିଜ କବ୍‌ଜାକୁ ନେଇ ଚଡ଼ାଦରରେ ବିକ୍ରି କରୁଛନ୍ତି। ଘରୋଇ କମ୍ପାନୀଗୁଡ଼ିକୁ ଅନୁକମ୍ପା ଦେଖାଇ ଏଫ୍‌ସିଆଇ ଓଏମ୍‌ଏସ୍ ବନ୍ଦ କରିବା ନେଇ ବ୍ୟବସାୟୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟକୁ ମାସିକ ୧୭ ହଜାର ଟନ୍ ଗହମ ଆବଶ୍ୟକ ହୋଇଥାଏ। ଏଫ୍‌ସିଆଇରୁ ମିଲରମାନେ ଗହମ କ୍ରୟ କରି ଅଟା, ମଇଦା, ସୁଜି ଆଦି ସୁଲଭ ଦରରେ ଯୋଗାଇ ଦିଅନ୍ତି। ଏଫ୍‌ସିଆଇରୁ ଗହମ କୁଇଣ୍ଟାଲ ପିଛା ୨୨୦୦ରୁ ୨୪୦୦ ଟଙ୍କାରେ ମିଳୁଥିବା ବେଳେ ଗହମ ଅଭାବ ଯୋଗୁ କୁଇଣ୍ଟାଲ ଦର ୨୯୦୦ରୁ ୩,୫୦୦ଟଙ୍କା ହୋଇଛି। ଲୋକମାନେ ଚଡା ଦରରେ ଅଟା କିଣି ଖାଇବାକୁ ବାଧ ହେଉଛନ୍ତି। ଏନ୍‌ଏଫ୍‌ଏସ୍‌ଏରେ ଗହମ ନେଉଥିବା ଭୁବନେଶ୍ୱର ହିତାଧିକାରୀ ଟୁକୁନା ନାୟକ କହିଛନ୍ତି ଯେ ଆଜିକାଲି ପ୍ରାୟ ଅଧିକାଂଶ ଲୋକ ମଧୁମେହ ରୋଗରେ ପୀଡିତ। ରୁଟି ଖାଇବା ଜରୁରୀ ହୋଇ ପଡ଼ିଲାଣି। ଗହମ ମିଳୁ ନ ଥିବାରୁ ଉଚ୍ଚ ଦରରେ ବଜାରରୁ ଅଟା କିଣି ଖାଇବା କଷ୍ଟକର ହେଉଛି। ସମସ୍ତଙ୍କୁ ଚାଉଳ ନେବାକୁ ବାଧ କରିବା ଠିକ୍ ନୁହେଁ। ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାଜ୍ୟରେ ବଳକା ଚାଉଳ ଏଫ୍‌ସିଆଇ ନେଉ ନ ଥିବାରୁ ଏହାକୁ ହିତାଧିକାରୀମାନଙ୍କ ମଧ୍ୟରେ ବଣ୍ଟନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ଚାଷୀମାନେ ଉପକୃତ ହୋଇ ପାରିବେ।



କୃଷି ବିଭାଗର ବିଶେଷଜ୍ଞ ଦଳ ଚାଷ ଦେଖୁଛନ୍ତି।

## ସରକାରୀ ବିରି...

ଜିଙ୍କ୍ ଓ ମୂଳ ମଜୁରି ଖର୍ଚ୍ଚ କରି ବେଉଷଣ କରି ଗଛକୁ ବଢ଼ାଇଥିଲେ। ୮୫ ଦିନ ପରେ ବି ଗୋଟିଏ ହେଲେ ଗଛରେ ଫଳ ହେବା ତ ଦୂରର କଥା ଗୋଟିଏ ଫୁଲ ବି ଧରିନାହିଁ। ଗଛଗୁଡ଼ିକ ୫ ଫୁଟ୍‌ରୁ ଊର୍ଦ୍ଧ୍ୱ ଲମ୍ବ ହୋଇଥିଲେ ହେଁ ଫୁଲ ନ ଧରିବାରୁ କେତେଜଣ ଚାଷୀ ବାଧ ହୋଇ ବିରି ଗୋଡ଼ାରେ ଗୋରୁ ଛାଡ଼ି ଦେଇଛନ୍ତି। ଏ ନେଇ ପାଟଣା ବ୍ଲକ୍ କୃଷି ଅଧିକାରୀ ପରେଶ କୁମାର ଦାଶଙ୍କ ନିର୍ଦ୍ଦେଶକ୍ରମେ ଘଟଗାଁ କୃଷି ଜିଲ୍ଲା ଅଧିକାରୀ ସୁଧୀର ରଞ୍ଜନ ଦେହୁରୀଙ୍କ ନେତୃତ୍ୱରେ କେନ୍ଦୁଝରର କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ପ୍ରଶାନ୍ତ କୁମାର ମାଝି ଓ ନିଗମାନନ୍ଦ ବେହେରା ମାଧପୁର ଗ୍ରାମକୁ ଯାଇ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ଚାଷୀ ଟୁନି ମହାନ୍ତ, ବାଙ୍କୁ ମହାନ୍ତ, ରବି ମହାନ୍ତ, ଅନାମ ମହାନ୍ତ ପ୍ରମୁଖ ଅଧିକାରୀମାନଙ୍କୁ ଅନ୍ତତଃ ସେମାନଙ୍କ ମୂଳ ମଜୁରି, ସାର, ହଳ ଖର୍ଚ୍ଚ ସରକାର ଯୋଗାଇଦିଅନ୍ତୁ ବୋଲି ଦାବି କରିଛନ୍ତି। ପରେ ଖବରଦାତାଙ୍କ ପ୍ରଶ୍ନରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ କହିଛନ୍ତି, ପାଟଣା ବ୍ଲକ୍‌ର ବିରି ଚାଷ ସମସ୍ୟା ଦେଖିଛନ୍ତି। ଚାଷୀମାନେ ବେଉଷଣରେ ନ୍ୟୁଟ୍ରିଶନ ମ୍ୟାନେଜମେଣ୍ଟ ଠିକ୍ କରିଛନ୍ତି। ମାତ୍ର ଏହି ବିରି ବିହନ ବିୟୁଟେନ ଭେରାଇଟିର। ଏଭଳି ବିହନ ଅଧିକ ଶୀତପ୍ରବଣ ଅଞ୍ଚଳ ଜମ୍ମୁ କଶ୍ମୀର ଓ ହିମାଚଳ ପ୍ରଦେଶ ଅଞ୍ଚଳ ପାଇଁ ପ୍ରଯୁଜ୍ୟ। ଏଣୁ ଗଛରେ ଫୁଲ ଧରୁନାହିଁ। ଏହା ନ ଯୋଗାଇବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯିବ।

ଘଟଗାଁ କୃଷି ଜିଲ୍ଲା ଅଧିକାରୀ ଦେହୁରୀ କହିଛନ୍ତି, ପାଟଣା ସମେତ ଚମ୍ପୁଆ ବ୍ଲକ୍‌ରେ ମଧ୍ୟ ଚାଷୀ ହେକ୍ଟର ଜମିରେ ଉକ୍ତ ବିହନ ଚାଷ କରି ସମାନ ଦଶାରେ ପଡ଼ିଛନ୍ତି। ପ୍ରଭାବିତ ଚାଷୀମାନେ କିଭଳି କ୍ଷତିପୂରଣ ପାଇବେ ସେ ନେଇ ସରକାରଙ୍କୁ ଅବଗତ କରାଯିବ। ଆସନ୍ତା ବର୍ଷ ଉକ୍ତ ଗାଁକୁ ପ୍ରାଥମିକତା ଭିତ୍ତିରେ ଉତ୍କୃଷ୍ଟ କିସମର ବିହନ ଯୋଗାଇ ଦିଆଯିବ। ଟିମ୍‌ରେ ପାଟଣା ବ୍ଲକ୍ କୃଷି ଅଧିକାରୀ ପରେଶ କୁମାର ଦାଶ, ବର୍ଷା ବୈଶାଳୀ, କୃଷି ଅଧିଦର୍ଶକ ଅଭୟ କୁମାର ରାଉତ, ବୀରଭଦ୍ର ନାଏକ ଓ ଜଳବାୟୁ ସ୍ଥିର କୃଷି ଯୋଜନା ଅଧିକାରୀ ବଂଶୀଧର ମହାନ୍ତ ପ୍ରମୁଖ ସାମିଲ ଥିଲେ।

## ଓଡ଼ିଶାର ଅନ୍ତରୀଣ...

ତେବେ ଶନିବାର ଟ୍ରିବ୍ୟୁନାଲ ଓଡ଼ିଶାର ଅନ୍ତରୀଣ ଆବେଦନକୁ ଖାରଜ କରିଛନ୍ତି। ଏଥିସହ ମାମଲାରେ କମନ୍ ଫର୍ମାଟ ଇନ୍‌ଫର୍ମେଶନ(ସିଏଫ୍‌ଆଇ) ପାଇଁ ୧୨ ସପ୍ତାହ, ସାକ୍ଷୀମାନଙ୍କ ବୟାନ ଦାଖଲ ପାଇଁ ୧୬ସପ୍ତାହ ଏବଂ ସାକ୍ଷୀମାନଙ୍କୁ ଜେରାପାଇଁ ୨୨ସପ୍ତାହ ସମୟ ପ୍ରଦାନ କରିବାକୁ ଉଭୟ ରାଜ୍ୟ ପକ୍ଷରୁ କରାଯାଇଥିବା ପ୍ରାର୍ଥନାକୁ ମଧ୍ୟ କୋର୍ଟ ଖାରଜ କରିଦେଇଛନ୍ତି। ୪ସପ୍ତାହ ମଧ୍ୟରେ ସିଏଫ୍‌ଆଇର ଅବଶିଷ୍ଟ ଅନୁକ୍ରମଣିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚୂଡ଼ାନ୍ତ ସିଏଫ୍‌ଆଇ ଦାଖଲ ହେବା ପରେ ଟ୍ରିବ୍ୟୁନାଲ ମାମଲାର ପରବର୍ତ୍ତୀ ନିର୍ଦ୍ଦେଶ ଦେବେ। ପୂର୍ବରୁ ଦାଖଲ ହୋଇଥିବା ଅନୁକ୍ରମଣିକା ଏବଂ ଅବଶିଷ୍ଟ ଅନୁକ୍ରମଣିକାକୁ ଭିତ୍ତି କରି ଟ୍ରିବ୍ୟୁନାଲ ବିଚାର କରିବେ ବୋଲି କହିଛନ୍ତି।

## ଭରିଲା ନିଅଣ୍ଟିଆ, ୨୬ ଜିଲାରେ ସ୍ୱାଭାବିକ ବର୍ଷା

ଭୁବନେଶ୍ୱର,୧୬।୯(ଅନିଲ ଦାସ)

ରାଜ୍ୟରେ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ଜୁଲାଇ ଏବଂ ଅଗଷ୍ଟରେ ହୋଇଥିବା ନିଅଣ୍ଟିଆ ବର୍ଷାର କିଛିମାତ୍ରାରେ ଭରଣା ହୋଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ରାଜ୍ୟରେ ଜୁନ୍ ପହିଲାରୁ ସେପ୍ଟେମ୍ବର ୧୬ ମଧ୍ୟରେ ସ୍ୱାଭାବିକ ଭାବେ ୧୦୫୯.୪ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୦୦୫.୯ ମିଲିମିଟର। ୩୦ ଜିଲାରୁ ୨୪ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୨ ଜିଲାରେ ୨୨% ଅଧିକ ବର୍ଷା ହୋଇଛି। ଆସନ୍ତା ୧୮ରୁ ପୁଣି ବର୍ଷାର ପରିମାଣ ବଢିବାକୁ ଅନୁମାନ କରାଯାଉଛି।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/ E-Tender/76,ତା.08.09.2023ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ.etendernorthkur-231-2023,ତା.06.09.2023ରିଖ

**ବିବରଣୀ:** ସହାୟକ ମଣ୍ଡଳ ଯନ୍ତ୍ରୀ/କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ Ex ଗୋଆଲଡିହ (GADH) ଠାରୁ ସୀତାବିଞ୍ଜ (STBJ) ଷ୍ଟେସନ ମଧ୍ୟରେ କି.ମି.45/2-85/30 ଏବଂ Ex ଜାରୋଲି (JRLI) ଠାରୁ ଗୋଆଲଡିହ (GADH) ଷ୍ଟେସନ ମଧ୍ୟରେ କି.ମି.17/13-42/30 ପର୍ଯ୍ୟନ୍ତ ସାଇଡ୍ ଡ୍ରେନ୍‌ଗୁଡ଼ିକର ମରାମତି ଏବଂ ଉପରକୁ ଉଠାଇବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 268.01 ଲକ୍ଷ, EMD(₹): 2,84,000/-।

(2) ଟେଣ୍ଡର ବିଜ୍ଞପ୍ତି ସଂ.etendernorthkur-232-2023,ତା.06.09.2023ରିଖ

**ବିବରଣୀ:** ସହାୟକ ମଣ୍ଡଳ ଯନ୍ତ୍ରୀ/କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ ସୀତାବିଞ୍ଜ(STBJ) ଠାରୁ ହରିଚନ୍ଦନପୁର (HCNR) ଷ୍ଟେସନ ମଧ୍ୟରେ କି.ମି.90/24-106/2 ଏବଂ ହରିଚନ୍ଦନପୁର (HCNR) ଠାରୁ ଟାଙ୍ଗିରିଆପାଳ (TGRL) ଷ୍ଟେସନ ମଧ୍ୟରେ କି.ମି.108/3-143/11 ପର୍ଯ୍ୟନ୍ତ ସାଇଡ୍ ଡ୍ରେନ୍‌ଗୁଡ଼ିକର ମରାମତି ଏବଂ ଉପରକୁ ଉଠାଇବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 299.31 ଲକ୍ଷ, EMD(₹) : 2,99,700/-।

ଶେଷ ହେବା ଅବଧି: 12 (ବାର) ମାସ (ଉଭୟ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.29.09.2023 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ୍

PR-585/O/23-24

**OFFICE OF THE REVENUE DIVISIONAL COMMISSIONER**
**NORTHERN DIVISION, ODISHA, SAMBALPUR**
e-Mail Id- rdcsbp@nic.in

File No.XV-II/2022 No.9306/Estt.(A) Dated: 15.09.2023

**Advertisement for Engagement of Retired Govt. Servant from among the Ministerial Officers**

Applications are invited from the willing retired ministerial officers in the enclosed format for re-engagement in the Office of the RDC, (ND), Sambalpur as OSD against 05 (Five) numbers of vacant post of Junior Assistants on contractual basis for a period of one year or till the vacancies are filled up, whichever is earlier. The candidates interested to be re-engaged shall apply to the Office of the RDC, ND, Sambalpur on or before 30.09.2023. The application forms, detailed postal address, related Govt. guidelines etc. will be available in the office website : https://rdcsambalpur.nic.in till 30.09.2023.

Sd./- RDC, ND, Sambalpur

**ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼**

**ନିର୍ବାଚନ ବିଜ୍ଞାପନ**

ବିଜ୍ଞାପନ ସଂଖ୍ୟା: ୧ ତାରିଖ: ୧୫।୦୯।୨୦୨୩

୧. ୧୯୫୬ ମସିହା ଓଡ଼ିଶା କୃଷିଜାତ ଦ୍ରବ୍ୟ ବିପଣନ ଧାରା ୬ ଓ ୧୯୫୮ ମସିହା ଓଡ଼ିଶା କୃଷିଜାତ ଦ୍ରବ୍ୟ ବିପଣନ ନିୟମ ୫ (୧, ୨ ଏବଂ ୩) ଏବଂ ଆଇନ୍ – ୬ ଅନୁଯାୟୀ ଜିଲ୍ଲାପାଳ, ବରଗଡ଼ଙ୍କ ଆଦେଶ ସଂଖ୍ୟା ୫୬୪୧, ତାରିଖ: ୧୮।୦୪।୨୦୨୩ ଦ୍ୱାରା କ୍ଷମତାପ୍ରାପ୍ତ, ଆମ୍ଭେ ଶ୍ରୀ ତୃପ୍ତି କଲ୍ୟାଣ ସେଠୀ, ଉପ ନିବନ୍ଧକ, ସମବାୟ ସମିତି ସମୂହ, ବରଗଡ଼ ବିଭାଜନ, ବରଗଡ଼ ତଥା ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ନିର୍ବାଚନ ଅଧିକାରୀ ଭାବରେ ଏତଦ୍ୱାରା ଘୋଷଣା କରୁଅଛୁ ଯେ, ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ପରିଚାଳନା ପରିଷଦର ସଭ୍ୟ ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କୃଷକ ସଂଗଠନ ନିର୍ବାଚନମଣ୍ଡଳୀରୁ ୮ (ଆଠ) ଜଣ, ବ୍ୟବସାୟୀ ନିର୍ବାଚନମଣ୍ଡଳୀରୁ ୪ (ଚାରି) ଜଣ ଓ ସ୍ଥାନୀୟ ପ୍ରାଧିକାରୀ ଯଥା ବିଜ୍ଞାପିତ ଅଞ୍ଚଳ ପରିଷଦର ୧ (ଏକ) ଜଣ ଏବଂ ଗ୍ରାମପଞ୍ଚାୟତ ନିର୍ବାଚନ ମଣ୍ଡଳୀରୁ ୧ (ଏକ) ଜଣ, ଏହିପରି ସମୁଦାୟ ୧୪ (ଚଉଦ) ଜଣ ନିର୍ବାଚିତ ହେବେ।

୨. ଅତଏବ, ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ପରିସୀମା ଭୁକ୍ତ, ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କୃଷକ ସଂଗଠନ ସେମାନଙ୍କର ତାଲିକା ଭୁକ୍ତ ସଦସ୍ୟମାନଙ୍କର ନାମ, ପିତା କିମ୍ବା ସ୍ୱାମୀଙ୍କ ନାମ, ବୟସ ଓ ସମ୍ପୂର୍ଣ୍ଣ ଠିକଣା ସହ, ଉକ୍ତ ସଂଗଠନର ସ୍ୱୀକୃତିପ୍ରାପ୍ତ ଆଦେଶନାମାର ପ୍ରମାଣପତ୍ରର ନକଲ (ଗେଜେଟେଡ ଅଧିକାରୀଙ୍କ ଦ୍ୱାରା ଆଟେଷ୍ଟେଡ କରାଯାଇଥିବା ସହ) ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼, ଜିଲ୍ଲା: ବରଗଡ଼ଙ୍କଠାରେ ତାରିଖ ୧୦।୧୦।୨୦୨୩ ମଧ୍ୟରେ ପହଞ୍ଚିବା ଆବଶ୍ୟକ।

୩. (କ) ବରଗଡ଼ ପୌରପରିଷଦ/ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲରମାନଙ୍କ ମଧ୍ୟରୁ ପରିଷଦ ସଭାରେ ବଛାଯାଇଥିବା ୧ଜଣ କାଉନସିଲରଙ୍କ ନାମ, ପିତା କିମ୍ବା ସ୍ୱାମୀଙ୍କ ନାମ, ବୟସ ଓ ସମ୍ପୂର୍ଣ୍ଣ ଠିକଣା ସହ ଉକ୍ତ ପ୍ରାଧିକାରୀ ସଂସ୍ଥାର ମୋହର, ସ୍ୱାକ୍ଷର ତଥା ପୌରପରିଷଦ/ବିଜ୍ଞାପିତ ଅଞ୍ଚଳ ପରିଷଦର ସଭାରେ ଗୃହୀତ ପ୍ରସ୍ତାବର ନକଲ ତାରିଖ ୧୦।୧୦।୨୦୨୩ ମଧ୍ୟରେ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼, ଜିଲ୍ଲା ବରଗଡ଼ଙ୍କଠାରେ ପହଞ୍ଚିବା ଆବଶ୍ୟକ।

(ଖ) ବରଗଡ଼ ନିୟନ୍ତ୍ରିତ ବଜାର କମିଟି ପରିସୀମା ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମପଞ୍ଚାୟତରୁ ୩ଜଣ ବଛା ଯାଇଥିବା ସଭ୍ୟଙ୍କ ନାମ, ପିତା କିମ୍ବା ସ୍ୱାମୀଙ୍କ ନାମ, ବୟସ ଓ ସମ୍ପୂର୍ଣ୍ଣ ଠିକଣା, ଗ୍ରାମପଞ୍ଚାୟତର ମୋହର, ଗ୍ରା.ପ. ନିର୍ବାହୀ ଅଧିକାରୀଙ୍କ ସ୍ୱାକ୍ଷର ତଥା ଗ୍ରାମପଞ୍ଚାୟତର ସଭାରେ ଗୃହୀତ ପ୍ରସ୍ତାବ ସହ ସଭା ବିବରଣୀର ନକଲ ତାରିଖ ୧୦।୧୦।୨୦୨୩ ମଧ୍ୟରେ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼, ଜିଲ୍ଲା: ବରଗଡ଼ଙ୍କଠାରେ ପହଞ୍ଚିବା ଆବଶ୍ୟକ।

୪. ବ୍ୟବସାୟୀ ନିର୍ବାଚନ ମଣ୍ଡଳୀ ନିମନ୍ତେ ୨୦୨୨–୨୩ (ତାରିଖ: ୦୧।୧୧।୨୦୨୨ରୁ ୩୧।୧୦।୨୦୨୩) କୃଷି ବିପଣନ ବର୍ଷ ଅବଧି ନିମନ୍ତେ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀଙ୍କ ନାମ, ଲାଇସେନ୍ସ ନମ୍ବର, ସମ୍ପୂର୍ଣ୍ଣ ଠିକଣା ଓ ସମ୍ପୂର୍ଣ୍ଣ ତଥ୍ୟ ସହ ତାରିଖ ୧୦।୧୦।୨୦୨୩ ମଧ୍ୟରେ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼ ପ୍ରସ୍ତୁତ କରିବେ। ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼ ସମସ୍ତ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାର ନକଲ ନିର୍ବାଚନ ଅଧିକାରୀଙ୍କୁ ତାରିଖ ୧୫।୧୦।୨୦୨୩ ସୁଦ୍ଧା ଦାଖଲ ଦେବେ।

୫. ପ୍ରକଶ ଥାଉକି, ପ୍ରାଥମିକ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ, ଉପରୋକ୍ତ ତାଲିକା ଓ ଅନ୍ୟାନ୍ୟ ପ୍ରମାଣ ଧାର୍ଯ୍ୟ ସମୟ ମଧ୍ୟରେ ପହଞ୍ଚି ନ ପାରିଲେ, ତାହା ଗ୍ରହଣ ଯୋଗ୍ୟ ହେବ ନାହିଁ। ନିର୍ବାଚନ ସମ୍ବନ୍ଧୀୟ ସବିଶେଷ ବିଜ୍ଞପ୍ତି ଯଥା ସମୟରେ ପ୍ରକାଶନ କରାଯିବ।

ସ୍ୱା./– (ଶ୍ରୀ ତୃପ୍ତି କଲ୍ୟାଣ ସେଠୀ)
ଉପ ନିବନ୍ଧକ, ସମବାୟ ସମିତି ସମୂହ, ବରଗଡ଼ ତଥା
ନିର୍ବାଚନ ଅଧିକାରୀ, ବରଗଡ଼ ନିୟନ୍ତ୍ରିତ ବଜାର କମିଟି



ଚାଇନାର ହାଙ୍ଗଝୋଠାରେ ଏସିଆନ ଗେମ୍ସ ଭିଲେଜରେ ପ୍ରବେଶ ପରେ ଭାରତୀୟ ରୋଇଂ ଦଳ।

# ହାଙ୍ଗଝୋ ଏସିଆନ୍ ଗେମ୍ସ ଭିଲେଜ୍ ଉଦ୍‌ଘାଟିତ

**ହାଙ୍ଗଝୋ,୧୬।୯(ପି.ଟି.)**

ଏସିଆନ୍ ଗେମ୍ସ ୨୦୨୩ ପୂର୍ବରୁ ଉଦଘାଟିତ ହୋଇ ଯାଇଛି ଗେମ୍ସ ଭିଲେଜ୍ (କ୍ରୀଡା ଗ୍ରାମ)। ଶନିବାର ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆର ଡିରେକ୍ଟର ଜେନେରାଲ୍ ବିନୋଦ କୁମାର ତିୱାରୀ ଏହାର ଉଦ୍‌ଘାଟନ କରିଥିଲେ। ଗେମ୍ସ ଭିଲେଜକୁ ତିୱାରୀ ସୁନ୍ଦର ଓ ଚମତ୍କାର ସ୍ଥାପତ୍ୟ ଭାବରେ ବର୍ଣ୍ଣନା କରିଥିଲେ। ବିଗତ ୮ ବର୍ଷ ହେଲାଣି ଏହାର ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏସିଆନ୍ ଗେମ୍ସର ୧୯ ତମ ସଂସ୍କରଣ ପାଇଁ ପ୍ରସ୍ତୁତ ଗେମ୍ସ ଭିଲେଜର ନିର୍ମାଣ ଶୈଳୀ ଦ୍ୱାରା ସେ ବେଶ ପ୍ରଭାବିତ ବୋଲି କହିଛନ୍ତି। ୩ କମ୍ୟୁନିଟିର ୨୦ ହଜାର ବ୍ୟକ୍ତିଙ୍କ ପାଇଁ ଏହା ନିର୍ମିତ। ଆଥଲେଟ୍ ଭିଲେଜ୍, ମେଡିଆ ଭିଲେଜ୍ ଓ ଟେକ୍ନିକାଲ୍ ଅଫିସିଆଲ୍ସ ଭିଲେଜ ଭାବେ ୩ଟି ବର୍ଗରେ ଏହାକୁ ବିଭକ୍ତ କରାଯାଇଛି। ଏସିଆରେ ଅଲିମ୍ପିକ୍ସ ଭଳି ଏକତା ଆଣିବାରେ ଏସିଆନ୍ ଗେମ୍ସ ତଥା ଗେମ୍ସ ଭିଲେଜ ବଡ ଭୂମିକା ଗ୍ରହଣ କରିବ। ଏସିଆନ୍ ଗେମ୍ସ ୨୦୨୩ ସୁରୁଖୁରୁରେ ହେବା ନେଇ ସେ ଆଶା ପ୍ରକାଶ କରିଛନ୍ତି।

ଶନିବାର ଏସିଆନ୍ ଗେମ୍ସ ଆୟୋଜକ କମିଟି ସଦସ୍ୟ, ହାଙ୍ଗଝୋ ମେୟର ତଥା ଆୟୋଜକ କମିଟି ଉପସଭାପତି ୟାଓ ଗାଓୟୁଆଁ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଲି ହୁଓଲିନ୍ ଓ କାର୍ଯ୍ୟନିର୍ବାହୀ ମେୟର ସନ୍ ସୁଡୋଙ୍ଗ ଉପସ୍ଥିତ ଥିଲେ। ଶନିବାର ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ପ୍ରଥମ ଦଳ ଭାବରେ ଚାଇନା ଗେମ୍ସ ଭିଲେଜରେ ପ୍ରବେଶ କରିଛି। ଆସନ୍ତା ସେପ୍ଟେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଏହି ଉଦ୍‌ଘାଟନୀ ସମାରୋହ ଜାରି ରହିବ। ଆଥଲେଟ ମାନଙ୍କୁ ଫଟୋ ଓ ଫୁଲତୋଡା ସହିତ ସ୍ୱାଗତ କରାଯାଇଥିଲା। ବିଭିନ୍ନ ସ୍କୁଲର ଛାତ୍ରୀ ଛାତ୍ରଙ୍କ ଦ୍ୱାରା ଉଦ୍‌ଘାଟନୀ ସମାରୋହରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

## ଚେଷ୍ଟା ହିଁ ସଫଳତା ପ୍ରଦାନ କରେ: ଉଷା

**ନୂଆଦିଲ୍ଲୀ,୧୬।୯(ପି.ଟି.):** ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ ମୁଖ୍ୟ ପି.ଟି. ଉଷା ଏସିଆନ୍ ଗେମ୍ସ ୨୦୨୩ ପୂର୍ବରୁ ଆଥଲେଟ ମାନଙ୍କୁ ସଫଳତାର ମନ୍ତ୍ର ପଦାନ କରିଛନ୍ତି। ଟୁଇଟରରେ ଏକ ଭିଡିଓ ମେସେଜ ମାଧ୍ୟମରେ ଉଷା ଖେଳାଳି ମାନଙ୍କୁ ଏଭଳି କହିଛନ୍ତି। ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବାକୁ ଯାଉଥିବା ସମସ୍ତ ପ୍ରତିଯୋଗୀଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା। ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦ୍ୱାରା ଆପଣମାନେ ଦେଶକୁ ଗର୍ବିତ କରନ୍ତୁ। ଆପଣ ମାନଙ୍କ ପ୍ରୟାସକୁ ସର୍ବଦା ମନେ ରଖାଯିବ ପଦକକୁ ନୁହେଁ ବୋଲି ଉଷା ଭିଡିଓ ମେସେଜ ଜରିଆରେ କହିଛନ୍ତି। ଭାରତର ୬୫୫ ଜଣ ଆଥଲେଟ୍ ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ୨୬୦ ଜଣ କୋଚ୍‌ଙ୍କୁ ମିଶାଇଲେ ଭାରତୀୟ ଦଳର ସଦସ୍ୟଙ୍କ ସଂଖ୍ୟା ୯୨୧ରେ ପହଞ୍ଚିବ।

# ମୁକୁନ୍ଦ ହାରିଲେ, ନାଗାଲ ଜିତିଲେ

**ଡେଭିସ୍ କପ୍ ଟେନିସ**

ଲକ୍ଷ୍ନୌ, ୧୬।୯ (ପି.ଟି.)

ମରକ୍କୋ ବିପକ୍ଷରେ ଶନିବାରଠାରୁ ଆରମ୍ଭ ହୋଇଥିବା ଡେଭିସ୍‌କପ୍ ୱାର୍ଲ୍ଡ ଗ୍ରୁପ୍-୨ ମୁକାବିଲାର ପ୍ରଥମ ମ୍ୟାଚରେ ଭାରତର ଶଶିକୁମାର ମୁକୁନ୍ଦ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ତେବେ ପରେ ଅନୁଷ୍ଠିତ ଦ୍ୱିତୀୟ ସିଙ୍ଗଲ୍ସରେ ସୁମିତ ନାଗାଲ ବିଜୟ ଲାଭ କରି ମୁକବିଲାକୁ ୧-୧ ସ୍ତରକୁ ନେଇ ଆସିଛନ୍ତି।

ପ୍ରଥମ ମ୍ୟାଚରେ ଆର୍ଦ୍ର ପରିବେଶ ସହ ଖାପ ଖୁଆଇ ନ ପାରି ମୁକୁନ୍ଦ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଥିଲା। ୟାସିନ ଡ୍ଲିମି ବିପକ୍ଷ ମ୍ୟାଚର ତୃତୀୟ ସେଟ୍‌ରେ ସ୍କୋର ଲାଇନ୍ ୭-୬ (୪), ୫-୭, ୧-୪ ରହିଥିବା ବେଳେ ସେ ମେଡିକାଲ ଟାଇମ ଆଉଟ ନେବା ସହ ଶେଷରେ ଓହରିଯାଇଥିଲେ। ର୍‍ୟାଙ୍କିଙ୍ଗ ତାଲିକାରେ ଡ୍ଲିମିଙ୍କଠାରୁ ୧୯୨ ସ୍ଥାନ ଉପରେ ୩୬୫ ସ୍ଥାନରେ ଅଛନ୍ତି। ଭାରତୀୟ ଖେଳାଳିଙ୍କ ପାଇଁ ଏହି ମ୍ୟାଚ ସହଜ ହେବ ବୋଲି ମନେ କରାଯାଉଥିଲା। ମାତ୍ର ତାହା ଭୁଲ ପ୍ରମାଣିତ ହୋଇଥିଲା। ସୂଚନାଯୋଗ୍ୟ ମୁକୁନ୍ଦ କ୍ରମାଗତ ଚତୁର୍ଥ ଥର ପ୍ରଥମ ରାଉଣ୍ଡ ମୁକାବିଲାରେ ପରାସ୍ତ ହୋଇଛନ୍ତି। ଏକ ଏଟିପି ୧୦୦୦ଇଭେଣ୍ଟ ସମେତ ଏସବୁ ଉଚ୍ଚସ୍ତରର ଟୁର୍ନାମେଣ୍ଟ। ପରେ ଏଟିପି ସିଙ୍ଗଲ୍ସ ତାଲିକାର ୧୫୬ତମ ସ୍ଥାନରେ ରହିଥିବା ନାଗାଲ ୭୭୯ ର୍‍ୟାଙ୍କିଙ୍ଗପ୍ରାପ୍ତ ଆଡାମ ମୋନ୍ଦିରଙ୍କ ବିପକ୍ଷ ମ୍ୟାଚ ୬-୩, ୬-୩ରେ ସହଜରେ ଜିତି ନେଇଥିଲେ।

# ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହେବେ ସାଇନା

**ହାଙ୍ଗଝୋ,୧୬।୯(ପି.ଟି.)**



ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ଆସନ୍ତା ଏସିଆନ୍ ଗେମ୍ସର ଆଟଲେଟିକ୍ସ ପୋଲ୍ କମିଟିକୁ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହେବାକୁ ଯାଉଛନ୍ତି। ଦକ୍ଷିଣ ଏସୀୟ ଜୋନ୍‌ରୁ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ସାଇନା ନିର୍ବାଚିତ ହେବାକୁ ଯାଉଛନ୍ତି। ପ୍ରଥମଥର ପାଇଁ ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆ ପକ୍ଷରୁ ଏହାର ଆଥଲେଟିକ୍ସ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୧୦ ପଦ ପାଇଁ ସମୁଦାୟ ୨୬ ନାମାଙ୍କନ ଦାଖଲ କରାଯାଇଥିବା ବେଳେ ସାଇନାଙ୍କ ବିପକ୍ଷରେ କେହି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି। ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆର ୫ଟି ଜୋନ୍ ରହିଥିବା ବେଳେ ପ୍ରତି ଜୋନ୍‌ରୁ ଜଣେ ଲେଖାଏ ପୁରୁଷ ଓ ମହିଳା ଆଥଲେଟ ସ୍ଥାନ ପାଇବେ। ଅନ୍ୟ ପଦ ଗୁଡିକ ପାଇଁ ଏସିଆନ୍ ଗେମ୍ସ ସମୟରେ ଭୋଟିଂ ହେବ। ଏହାର ଫଳାଫଳ ଆସନ୍ତା ୭ ତାରିଖରେ ପ୍ରକାଶ ପାଇବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ